...मुनिन्द्र कलिन्दजेन्द्र नीलाचलाधर शिरो मुकुटायमानं जलज—नाभिरभूषण विग्रहो जलज—ना जनि दर्शन कारणो
...दलिताञ्जन पुञ्जमञ्जु नीलाम्बरानुजमजं शरणंव्रजामः जलज—सम्भव राजदनु मदः जलज—नाभिरभीति करोत्वुनः

पठाणी सामन्त (सिद्धान्त दर्पण)



# ପ୍ରସଙ୍ଗ କ୍ରମେ

ତୁମେ କଣ ସେଇ ଯମୁନା କୂଳର
ଗୋପୀ ମନ ଚୋର, ଗୋକୁଳଚନ୍ଦ୍ର ନନ୍ଦ ବଳା ?
ତୁମେ କଣ ସେଇ ମୟୂରଚୂଳିଆ ପୀତ ଦୁକୂଳୀୟା
ବନ ଫୁଲମାଳ, ଧୂଳିଧୂସରିଆ
ମୁରଲୀଧର, ଚିକ୍କଣ କଳା ?

ତୁମେ କଣ ସେଇ
ଯଶୋଦା ମାୟୀର ଗେଲବସରିଆ ଲବଣୀ ଖିଆ ?
ଇନ୍ଦ୍ର ବ୍ରହ୍ମାଙ୍କ ଗର୍ବ ହର
ପୂତନା ଧାଈର ପରାଣ ପିଆ

ଗୋରୁ ଗୋପାଳଙ୍କ ପରାଣ ଧନ
ନିଆଁ ଗିଳା ସେଇ ଗଉଡ଼ ପିଲ୍ ?
ବକା ଧେନୁକାର କଲିଜା ଚିରା ?
ତୁମେ କଣ ସେଇ ରସିକ ଶେଖର ପରମ କାରୁଣ
ଶ୍ରୀରାଧା ମଧୁର ଅଧର ପିଆ ?



ତୁମେ କଣ ସେଇ ପଦ୍ମ ପଳାଶଲୋଚନ କୃଷ୍ଣ ଦ୍ୱାରକାଧୀଶ ?
ସୁଦାମାର ମିତ, ଖୁଦ ରଙ୍କୁଣା କମଳା ଈଶ ?
ବିଦୁର କୁଟୀରେ ଶାଗ ଭଜା ସଙ୍ଗେ ପଖାଳ ଖିଆ ।
ପାଣ୍ଡବ ସଖା, ଧର୍ମ ରକ୍ଷଣେ
ଯୁଗେ ଯୁଗେ ତୁମ ଅବତାରିଆ ?

କୁରୁ ସଭାତଳେ କୃଷ୍ଣାର ଲଜ୍ଜ୍ୟା
ନିବାରଣ କଲ ତୁମେ ନା ସତେ ?
ଚକ୍ର ଉଞ୍ଚାଳି ଭରଡିଆଟିକୁ
ଅଭୟ ଦେଇଛ ତୁମେ ନା ସତେ ?

ତୁମେ ନା ସତେ ?
ଯୁଧିଷ୍ଠିର ରାଜ ଧର୍ମ ଯାଗେ
ଅତିଥିଙ୍କ ପାଦ ଧୋଇ ଦେଉଥିଲ
ଅଇଣ୍ଠା ହାତେ ?
ଧର୍ମ ଯୁଦ୍ଧେ ଅସ୍ତ୍ର ନ ଧରି
ସାରଥି ହୋଇଲ ପାର୍ଥ ଭଣେ ?

ତୁମେ କଣ ସେହି ଦଶରଥ ସୁତ
ତ୍ରିଜଗ ରାଜୀବଲୋଚନ ରାମ ?
କଅଁଳ ଶ୍ୟାମଳ ଛନ ଛନ ଘାସ
ବରନ ତୁମରି ଦେହର ଠାମ ।



ପିତାର ସତ୍ୟ ରକ୍ଷଣେ ତୁମେ
ବକଳ ବସନେ ଗମିଲ ବନ,
ଭରତକୁ ଦେଇ ସତ୍ୟର ଷର
ଜଟାଧାରୀ ହୋଇ କାଟିଲ ଦିନ ?

ତୁମକୁ ଦେଖିଣ ଦଣ୍ଡକ ବନେ
ମୁନି ଋଷିଙ୍କର ଟଳିଲ ମନ
କାମିନୀ [illegible] ରମଣ ମାଗିଲେ
ତୁମେ ନା ସତେ ସେ ପୁରୁଷୋତ୍ତମ ?

ନୟନାଭିରାମ ହୃଦୟାଭିରାମ
ଯଜ୍ଞପାଳକ ହେ ଅରିଦମ ?
ଦିବ୍ୟପୁରୁଷ ରମଣ ଲାଳସା
ସୂର୍ପଣଖାର କାଟିଲ ନାକ ଓ କାଟିଲ କାନ ।

ପ୍ରଜା ରଞ୍ଜନ ଲାଗି ପୁଣି ଆହେ ନିଠୁର ଚିତ୍ତ
ସୀତାରେ କରିଲ ବିସର୍ଜନ ;
ଜୀବନଟା ସାରା ବେଦନା ଦଗ୍ଧ
କରି ଆପିଲ ସଂସାର ଧର୍ମ !!!



ତୁମେ କଣ ସେଇ କପିଳବାସ୍ତୁ ମାୟାଦେବୀ ସୁତ ଶାକ୍ୟମୁନି
ନାବର କଣରେ ବିଚକିତ ପ୍ରାପ୍ତ, ଶୁଦ୍ଧ ବୁଦ୍ଧ କରୁଣା ଋଷି ?



ତୁମେ କଣ ସେଇ ଆଦି ଅନାଦିର ଅସୀମ ସୀମା ?
ଶୂନ୍ୟ ପୁରୁଷ ଅଲେଖ ବ୍ରହ୍ମ ଅଜନାଜନା—
ଅଖିଳ ଭୂମା—
ଅଛି ନା'ଅଛିର ଚରମ ସୀମା ?

ଅଛି କିନ୍ତୁ ଏତ ଦାରୁଭୂତ ରୂପ ଦେଖିଲା ଯାକି
ହସ ମାଡୁଛି କି କାନ୍ଦ ମାଡୁଛି ମୁଁ ନପାରେ ଜାଣି ।
ବୁଝି ପାରୁନାହିଁ ଟିକିଏ ତୁମକୁ
ଏମିତି କିଏ ସେ କାହିଁକି କଲା ?
ଅଥବା କାହାର ଗର୍ବ ନିବାରି
ଅନନ୍ତରେ ତୋର ତତ୍ତ୍ୱ ହେଲା ?
ଦେଖିଲୁ ଲୋକକୁ ହାତଗୋଡ଼ ନାହିଁ
ଲକ୍ଷଣ ଚିହ୍ନ ।
ତଥାପି କେମିତି କୋଟିକୋଟି ଆଖି
ଅପଲକ ହୋଇ ଚାହିଁଛି ଭଲା ?
କିଏ ସେ କାହାର ଦୁହାରି ଶୁଣିବ
ତାହାର ଲକ୍ଷଣ ପାରିବ ଚେଖି—
ଯେବଣା ଏହାର ହାତଗୋଡ଼ ନାହିଁ ଦେଖି
ବୁଝା ପଡୁଅଛି—ଏ ଭବେ ହାଲ !!
କିଏ ଅବା କା'ର କରିବ କଅଣ
ମାଦଳା ଠାକୁର, ମାଦଳା ଭୂତ
ଅପଣାକୁ ଆପେ ରଖି ପାରିବାତ
ଏହାର ହୋଇଛି ସାଧ୍ୟାତୀତ ।
ଏ ପୁଣି କୁହାଏ ଜଗତ ନାଥ !!
କେଜାଣି ସେକଥା ମିଛ କ ସତ ।
ସାଧୁ ସୁଜନଙ୍କ ସେଇଆ ମତ ।
କିଏ ପୁଣି କହେ କାଳିଆ ଭୂତ—
ପାଦ ନାହିଁ ବୋଲି ବସିଛି ରଥ ।
ଏ ଭୂତ ସାଙ୍ଗରେ ଭେଟଣା ହେଲେ—
ଜ୍ଞାନ ଛଢ଼ିଯିବ ହେବ ଅଚେତ
ଜ୍ଞାନୀ ଭକତଙ୍କ ସେଇଆ ମତ ।
ମତେ ମିଛ ହେଲେ ତୁମକୁ ସତ ।





ଏତିକି ମାତର ମନେ ମୁଁ ଭାବୁଛି
କାଳିଆରେ ତତେ କି ଯାଦୁ ଜଣା ?
ଥରେ ତୋ' ଆଖିରେ ଆଖି ମିଳିଗଲେ
ଆଖିର ପଲକ ନପଡ଼େ ଜମା ।
ଦେଖଲେ ଥାଆନ୍ତି ରଥରେ ଥାଆ ତୁ
ମାଦଳାରେ ତୋତେ ଚାହିଁଲି ରହି—
ଅକାରଣ କୋହେ ଛାତି ଫାଟିଯାଏ
ଆଖିରୁ ବୁହଇ ଅସର ପାଣି ।
ମନହୁଏ ତୋତେ କୁଣ୍ଢାଇ ଧରିବି
ଜୀବନଟା ସାରୁ ବୁହାନ୍ତି ଲୁହ—
ଦୁଃଖିର ଧନ ତୁ ରଙ୍କ ରତନରେ
ନିରିମାଖୀ ପୁଅ, ମାଦଳା ଦିଅଁ ।
ଧରିଲେତ ତୋତେ ହାତ ଛାଡୁନାହିଁ
ମନ ବଳୁନାହିଁ, ପଳାଇ ଦେଖି—
ଝୁରିପଡେ ତୋର ତତଲୁ ଲୁହର
ଅଥଳ ଉଠେ
ଦୁଃଖିଧନ କାଳେ ଯିବୁ ତୁ ଛୁଟି !!



ପୁରୀର ପ୍ରଖ୍ୟାତ ଶିବ ମନ୍ଦିର ଶ୍ରୀଲୋକନାଥ



ନାଟକୁଣ୍ଡ ଆଗମନ ଅନାଇ

ନନ୍ଦୀ ବସିଛି ଅବା ଧ୍ୟାନରେ ବୁଡ଼ି

# ଏ କମ୍ବୁକଟକ ରାଜା ସ୍ୱୟଂ ଜଗନ୍ନାଥ

ଉପେନ୍ଦ୍ର ଭଞ୍ଜ



ଶୁଣ କୋବିଦେ ଭାରତଖଣ୍ଡେ ପୁଣ୍ୟଧାମ
ଯେଣୁ ନାରାୟଣ ଦେହୀ, ତେଣୁ ସେହି ନାମ । ଯେ

ଯେ ବ୍ରହ୍ମହତ୍ୟା—ପାତକ—ନିପାତକ ମହୀ
କପାଳ-ମୋଚନ ତ୍ରିଲୋଚନ ସାକ୍ଷୀ ସେହି । ଯେ

ଶାର୍ଣ୍ଣଶ (୧) ମତେ ନିର୍ବାଣ ସାରୂପ୍ୟକୁ ଦେଇ
ସାକ୍ଷୀ ପକ୍ଷୀ (୨) କରଟ ପ୍ରତିମା ରୂପେ ଥାଇ । ଯେ

ଅଧ କାଶୀଶ୍ୱର ବାସ କଲେ ଏହା ଜାଣି
ଅନ୍ୟକ୍ଷେତ୍ର ସମସ୍ତଙ୍କ ଏ ମସ୍ତକ ମଣି । ଯେ

ଶ୍ରୀମହାପ୍ରସାଦ ଗଦଗଦ ଘଣ୍ଟ ଘୋଷ
ଉଷସେ, ଶ୍ରବଣେ ଯେ କଳିବିଷ—ବିଷ—ନାଶ । ଯେ

ଉନ୍ନତ ପ୍ରାସାଦ ଶତପତାକା ଉଡ଼ାଇ
ଏ ପ୍ରଦେଶେ ସମବର୍ତ୍ତୀ ପଶେ ନାହିଁ କେହି । ଯେ

ସେ ଦୁର୍ଗ-ପରିଖା ତୀର୍ଥଶତ (୩) ଗର୍ଭ କରେ
କରେ—ଅବଗାହ ପାପବ୍ୟୂହ ଦହନରେ । ଯେ

ବହିଃଶତ୍ରୁ ବାଡବରେ (୪) ଦେବ ଏ ପକାଇ
ଏ ଦରଶନରୁ (୫) ଦୂରୁ ଦୁରିତ ପଳାଇ । ଯେ

ସେ କମ୍ବୁକଟକ (୬) ରାଜା ସ୍ୱୟଂ ଜଗନ୍ନାଥ

ସୁରିତର୍ଣ୍ଣେ ଚତୁର୍ବର୍ଗ (୭) ଦେବାକୁ ସମର୍ଥ । ଯେ
ପାଦେ ବନ୍ଦେ ସାର୍ବଭୌମ (୮) ବୋଲିବା କି ଯଶ

ସିଂହାସନଙ୍କର (୯) ଶିର କାଟିବାକୁ ଆଶ । ଯେ
ଯାହା କଟାକ୍ଷ—କୁଠାର ପତନ ମାତରେ

ଅନେକ ଦୁଃଖ ଅନୋକହକୁ(୧୦) ଛେଦି ପାରେ । ଯେ
ଭଗୋଳରେ ଅଛନ୍ତି ଦୂର ଦେଖୁଁ ପ୍ରାଣୀ

ଆରତ ଭଞ୍ଜନ ଦୀନବନ୍ଧୁ ନାମ ଶୁଣି । ଯେ
କରଯୋଡ଼ି ସାମ୍ନାରେ ଜଣାଏ ପକ୍ଷୀଧବ (୧୧)

ଅର୍ଜ୍ଜନ ଗୁହାରୀ କି ସାବଧାନ ହେବ । ଯେ
ସ୍ନାନ ଗୁଣ୍ଡିଚ୍ଚ ଏ ବେନି ସ୍ୱୟଂ ଲୀଳା ଯାର

ପତିତପାବନ ଅର୍ଥେ ପ୍ରାସାଦୁଁ ବାହାର । ଯେ
ସ୍ୱସାକ୍ଷୁ ଏ ବର୍ଣ୍ଣନା କାରକ ମୁଁ ଯେ ହେଲି

ପୁଲକିତ ଶରୀରେ ହରିରେ ସ୍ତୁତିକଲି । ଯେ
ଅରି–ଦର-କର (୧୨) ବିଶ୍ୱେ । ଅରି-ଦର-ଭର(୧୩)

ଯୁଗେ ଯୁଗେ ଧର ନାନାବିଧ ଅବତାର । ଯେ
ଭବ ବିରଂଚି ପୂଜିତ ହେ ଭବ ବିରଞ୍ଚି

ଶ୍ରୁତିଜନକ (୧୪) ସଦାନନ୍ଦ ସଦାସ୍ତୁତି । ଯେ
ଭକ୍ତି ଉପଲବ୍ଧ ତବ କୃପାରେ ହୋଇଛି

ଏଥେ ମନୋରଥ ସାର୍ଥେ କି ସଂଶୟ ଅଛି ? ଯେ

---

(୧) ଦେବତା, (୨) ଭୂଚକ୍ରଚାକ, (୩) ସମୁଦ୍ର, (୪) ସମୁଦ୍ର ଭିତରେ ଅଗ୍ନି, (୫) ଭୟ, (୬) ଶଙ୍ଖକ୍ଷେତ୍ର, (୭) ଧର୍ମ, ଅର୍ଥ, କାମ, ମୋକ୍ଷ, (୮) ଗଜପତି ସମ୍ରାଟ ଓ ଯମଦେବ, (୯) ଦେବରାଜ ଇନ୍ଦ୍ର, (୧୦) ବୃକ୍ଷ, (୧୧) ଗରୁଡ଼, (୧୨) ଶଙ୍ଖ, ଚକ୍ର ଗଦାଧାରୀ, (୧୩) ଶତ୍ରୁଭୟ, ବିମର୍ଦ୍ଦନ କାରୀ, (୧୪) ଅଗ୍ନିଜନକ, (ଶ୍ରୀକୃଷ୍ଣ ଅବତାରରେ ନିଆଁ ଗିଳିଥିଲେ) ।

# ତ୍ରିମୂର୍ତ୍ତି ଓ ତ୍ରିରଥ ବର୍ଣ୍ଣନା





ଅତି ବିପୁଳ ପ୍ରଳମ୍ବ ହାତ    ଦେବରାଜ ଏ ଶ୍ରୀଜଗନ୍ନାଥ
ଫୁଟିଲା ପଦ୍ମ ପ୍ରାୟ ବିସ୍ତାର ଯାହାର ଆଖି ଗୋ

ବଡ଼ ରସିକ ନାଗର ବର    ନାଗରୀ ନାରୀ ଧଇର୍ଯ୍ୟ ହର
ଶ୍ରୀନନ୍ଦିଘୋଷ ରଥ ରଥୀ ଏ ରଥାଙ୍ଗଧର ଗୋ

ଏହାଙ୍କୁ ଏବେ ଦର୍ଶନ କର    ହୋଇ ଅଶେଷ ଦୁରିତ ହର
ଶୁଣି ସୁନ୍ଦରୀ ଶିରେ ସୁଧୀରେ ଯୋଡ଼ିଲା କର ସେ
ପୁଣି ନେଇ ଦେଖାଇ ଶିର ପାଟିକି ସେ
ମହା ପ୍ରବଳ ମତ୍ତ ସିଂହ ଠାଣି କି ସେ ।

( କବି ଦୀନକୃଷ୍ଣ )



ଶ୍ରୀଜଗନ୍ନାଥଙ୍କ ରଥଙ୍କ ନାମ ନନ୍ଦିଘୋଷ—ଏହା ଇନ୍ଦ୍ରଙ୍କ ପ୍ରଦତ୍ତ । ଉଚ୍ଚତା ୪୫ ହାତ ପାଞ୍ଚ ଆଙ୍ଗୁଳି । ୮୩୨ ଖଣ୍ଡ କାଠରେ ନିର୍ମିତ—୧୬ଟି ଚକ—ଏହାର ରକ୍ଷକ ସ୍ୱୟଂ ଗରୁଡ଼—ଧ୍ୱଜାରେ ହନୁମାନଜୀ ବିରାଜମାନ କରନ୍ତି—ଆୟୁଧ ଚକ୍ର ଓ ଶଙ୍ଖ । ରଥର ଆବରଣ ରକ୍ତପୀତ—ରଥ ଶିରରେ ଅବସ୍ଥିତ ଦେବତା—କଲ୍ୟାଣ ସୁନ୍ଦର—ଶକ୍ତି ବିମଳା ଓ ବିରଜା । ରଥର ଚତୁଃପାର୍ଶ୍ୱରେ ନବ ଦେବତା ବିଦ୍ୟମାନ ଯଥା—ହନୁମାନ, ରାମ, ଲକ୍ଷ୍ମଣ, ନାରାୟଣ, କୃଷ୍ଣ, ଗୋବର୍ଦ୍ଧନ ଧାରଣ, ଚିନ୍ତାମଣି, ରାଘବ ଓ ନୃସିଂହ । ରଥର ଅଶ୍ୱମାନେ ହେଲେ ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦାଶ୍ୱ । ସାରଥୀଙ୍କ ନାମ ଦାରୁକ—ରଥର ରଜ୍ଜୁ ହେଲେ ଶଙ୍ଖଚୂଡ଼ ନାମ୍ନୀ ନାଗୁଣୀ । ରଥର ମୁଖ ହେଲେ ନନ୍ଦୀମୁଖ । ରଥର ଦେବୀ ହେଉଛନ୍ତି ଯୋଗମାୟା । ରଥଭୈରବ—ଏକପାଦ । ନନ୍ଦ ଓ କୁବେର ସ୍ମରଣ—ରଥ ଯକ୍ଷ ହେଲେ ହର୍ଯାକ୍ଷ—ରଥ ଅଧିଷ୍ଠାତ୍ରୀ ହେଉଛନ୍ତି ହିରଣ୍ୟଗର୍ଭା—ରଥଶକ୍ତି ହେଲେ ବିମଳା । ଚଉଷଠୀ—କ୍ରିୟା, ଯୋଗା, ଆଜ୍ଞା, ଅନୁଜ୍ଞା, ପ୍ରଜ୍ଞା ଓ ମେଧା । ରଥ ଉପରେ ନାରଦ, ଦେବଳ, ବ୍ୟାସ, ଶୁକ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର, ରୁଦ୍ର ଆଦି ଅଷ୍ଟ ଋଷି ବିଦ୍ୟମାନ । ରଥ କୁମ୍ଭର ନାମ ହିରଣ୍ମୟ । ଦ୍ୱାରପାଳ ହେଲେ ଜୟ ଓ ବିଜୟ । ନେତର ନାମ ତ୍ରୈଲୋକ୍ୟ ମୋହିନୀ । ରଥର ଅଧିଷ୍ଠାତା—ଶ୍ରୀଜଗନ୍ନାଥ ।



ଶରଦ ପର୍ବ ଶର୍ବରୀ ପତି        ଗର୍ବ ଗଞ୍ଜାଇ ଶ୍ରୀମୁଖ ଜ୍ୟୋତି
ବଳଭଦ୍ର ଏ ରେବତୀ-ପ୍ରାଣ ମଣିର ମଣି ଗୋ ।

କୁନ୍ଦ କୁମୁଦ ଚନ୍ଦ୍ରମାକର        ଚନ୍ଦ୍ରମାକର କନ୍ଦୁ ତୋଷାର
ହାର ତୁଷାର ହିଣ୍ଡୀର ଛାର କରେ ଶ୍ରୀଅଙ୍ଗ ଗୋ ।

ତରୁଣ ସୁଧା ପ୍ରିୟ ଏ ସହୁଁ        ଅରୁଣ ନେତ୍ର ଅରୁଣ ତହୁଁ
ଅରୁଣ ମହା ଅରୁଣପଦ୍ମ ପ୍ରାୟ ସୁରଙ୍ଗ ଗୋ ।

ଶରେ ସପତ ଫଣି ମଣି ବିରାଜେ ଗୋ
ଶିବ ବ୍ରହ୍ମା ସହିତେ ଏହାଙ୍କୁ ଭଜେ ଗୋ

ଅନନ୍ତ ଏହାଙ୍କର ମହିମା        ଅଶେଷ କୋଟି ବ୍ରହ୍ମାଣ୍ଡ ସୀମା
ନକରି ଆକଳନା କହନ୍ତି ଆପଣା ତେଜେ ଗୋ

ବଳଭଦ୍ରଙ୍କ ରଥ ନାମ ତାଳଧ୍ୱଜ । ଏହାକୁ ଦେବତାମାନେ ତାଳବନରେ ପ୍ରଦାନ କରିଥିଲେ । ଏହାର ଉଚ୍ଚତା ୩୨ ହାତ ୧୦ ଅଙ୍ଗୁଳି । ୭୬୩ଟି କାଠ ଦ୍ୱାରା ନିର୍ମିତ । ଏ ରଥର ୧୪ଟି ଚକ । ରଥ ରକ୍ଷକ ସ୍ୱୟଂ ବାସୁଦେବ । ଆୟୁଧ ହେଲା ହଳ ଓ ମୁଷଳ । ଭଦ୍ରପୀଠ ଅଷ୍ଟଦଳ ପଦ୍ମ ନିର୍ମିତ । ରଥର ଆବରଣ ରକ୍ତନୀଳ । ରଥର ଶିରରେ ଅନନ୍ତନାଗ ରହିଛନ୍ତି । ଏ ରଥର ପାର୍ଶ୍ୱ ଦେବତାମାନେ ହେଲେ— ପ୍ରଲମ୍ବାରୀ, ହତାନ୍ତକାରୀ, ହରିହର, ତ୍ରୈମ୍ବକ, ବାସୁଦେବ, ନାଟାମ୍ବର, ଅଘୋର, ତ୍ରିପୁର ବିଜିତ । ସାରଥୀଙ୍କ ନାମ ମାତଳୀ । ରଥ ରକ୍ଷକ ହେଲେ ଭସ୍କର । ଅଶ୍ୱମାନେ ହେଲେ ତୀବ୍ର, ଘୋର, ଦୀର୍ଘ, ଶ୍ରମ ଓ ସ୍ୱର୍ଣ୍ଣନାଭ । ସ୍ୱୟଂ ବାସୁକୀ ଏହାର ରଜ୍ଜୁ ରୂପରେ ବିରାଜିତ । ରଥମୂର୍ତ୍ତି— ଭେଟୁଭଦ୍ରା । ତତ୍ତ୍ୱ ଦେବତା ବ୍ରହ୍ମା ଓ ଶିବ । ରଥର ଭୈରବ ହେଲେ କ୍ଷେତ୍ରପାଳ । ଗନ୍ଧର୍ବଙ୍କ ନାମ ହୁ ହୁ । ରକ୍ଷୁଣ୍ଡଦ୍ୱୟ ମହାସିଦ୍ଧ ଓ ରଚେମା । ଗର୍ଭାଧୀଶ୍ୱରୀ ଶକ୍ତି—ତୁଙ୍ଗା, ତୁଙ୍ଗଭଦ୍ରା, ପ୍ରଭା, ସୁପ୍ରଭା, ଧାତ୍ରୀ, ବିଧାତ୍ରୀ ନନ୍ଦା, ସୁନନ୍ଦା । ରଥପତାରେ ଅଙ୍ଗିରା, ପୌଲସ୍ତ୍ୟ, ପୁଲହ, ଅଗସ୍ତି, କୃଷ୍ଣ, ମୁଦ୍‌ଗଲ, ଅତ୍ରେୟ ଓ କାଶ୍ୟପ ଏହି ଅଷ୍ଟଋଷି ବିରାଜମାନ କରିଛନ୍ତି । ରଥକୁମ୍ଭର ନାମ ଭୁବନ, ବିଧୁ, ପୃଥିବୀ, ବଜ୍ରାୟୁଧ, ହୁଁ ବାଜ । ଦ୍ୱାରପାଳ ହେଲେ ନନ୍ଦ ଓ ସୁନନ୍ଦା। ନେତର ନାମ ଉନାନି ।





ଦେଖ ସୁଭଦ୍ରା ଭଦ୍ରଦାୟିନୀ　　ଭୃତ୍ୟବତ୍ସଳା ଭୟଭଞ୍ଜନୀ
ହସିଲୁ ହେମ ଶତପତ୍ରକୁ ହସେ ଶ୍ରୀମୁଖ ଗୋ ।

ଅବଲୋକନ କରିବା ମାତ୍ରେ　ଅଶେଷ ଦୁଃଖ ନଶନ୍ତେ ଗାତ୍ରେ
ପରମାନନ୍ଦ ସେହି ବିଚିତ୍ର ପରମ ସୁଖ ଗୋ ।

..　　..　　..　　..

ବିର କର ଦର୍ଶନ ସୁଦର୍ଶନ ଗୋ
ଟ୍ରକୋଟି କୋଟି ତପନ କରେ ଶୋଭନ ଗୋ

ଏମନ୍ତ ଯହିଁ ସେ ଅନୁରାଗେ　ଆନନ୍ଦ ଅଶ୍ରୁ ପୁଲକ ଯୋଗେ
ବୋଲେ ଶ୍ରୀନନ୍ଦିଘୋଷ ଏ ଯହିଁ ଗରୁଡ଼ ଚିହ୍ନ ଗୋ ।



ସୁଭଦ୍ରାଙ୍କ ରଥ ଦର୍ପଦଳନ ଦେବତାଙ୍କ ପ୍ରଦତ୍ତ । ଏହାର ଉଚ୍ଚତା ୩୧ ହାତ । ୫୯୩ ଖଣ୍ଡ କାଷ୍ଠରେ ନିର୍ମିତ । ୧୨ଟି ଚକ । ଏହାର ରକ୍ଷକ ଜୟଦୁର୍ଗା । ଧ୍ୱଜାରେ ତ୍ରିପୁର ସୁନ୍ଦରୀ ବିରାଜମାନା । ଆୟୁଧ—ପଦ୍ମକହ୍ଲାର । ରଥର ଆବରଣ କୃଷ୍ଣଲୋହିତ । ରଥଶିରର ଦେବତା ହେଲେ ଭକ୍ତିସୁମେଧ । ରଥର ସେବା କରନ୍ତି ସୁମେଧା ଦେବୀ । ଏ ରଥର ପାର୍ଶ୍ୱ ଦେବତାମାନେ ହେଲେ ବିମଳା, ଚାମୁଣ୍ଡା, ଭଦ୍ରକାଳୀ, ହରଚଣ୍ଡିକା, ମଙ୍ଗଳା, ବାରାହୀ, କାତ୍ୟାୟିନୀ, ଜୟଦୁର୍ଗା, କାଳୀ । ସାରଥୀଙ୍କ ନାମ ଅର୍ଜ୍ଜୁନ । ଉଗ୍ରଚଣ୍ଡା ଏ ରଥକୁ ରକ୍ଷା କରନ୍ତି । ଏ ରଥର ୪ ଟି ଅଶ୍ୱ ହେଲେ ରୋଚିକା, ମୋଚିକା, ଜିତା ଓ ଅପରାଜିତା । ସ୍ୱର୍ଣ୍ଣଚୂଡ଼ ନାମକ ନାଗ ଏ ରଥର ରଜ୍ଜୁ ହୋଇଛନ୍ତି । ରଥର ମୁଖ ହେଲା ବ୍ରହ୍ମବର୍ତ୍ତା । ରଥର ଦେବୀ ଶ୍ରୀ, ଭୂ । ଏହାର ଗନ୍ଧର୍ବଙ୍କ ନାମ ହା ହା—ରଥଚାରଣଙ୍କ ନାମ ମହାଙ୍କର । ଯକ୍ଷଙ୍କ ନାମ ହେଉଛି—କିଙ୍କିଣିକା । ରଥଗର୍ଭର ଅଧିଶ୍ୱରୀ ହେଲେ—ଶକ୍ତିଶ୍ରଦ୍ଧା, ଜୟା, ବିଜୟା, ଘୋର, ଅଘୋର, ସ୍ୱଷ୍ଟା, ଜ୍ଞାନା । ରଥିପଟାରେ ଭୃଗୁ, ସୁପ୍ରଭ, ବଜ୍ର, ଶୃଙ୍ଗୀ, ଧ୍ରୁବ, ଉଲୁକ ନାମା ଛ'ଜଣ ଋଷି ବିରାଜମାନ କରନ୍ତି । ରଥ କୁମ୍ଭର ନାମ ଅମୃତା, ଜୀବା, କାୟା, ହ୍ରିଂ ବୀଜ । ଦ୍ୱାଦଶ ଚରଣ ଭୁବନେଶ୍ୱରୀ, ଚକ୍ର, ଗଙ୍ଗା, ଯମୁନା, ଦ୍ୱାରପାଳିକା । କେତର ନାମ ନାଦାମ୍ବିକା ।



କାଞ୍ଚି କାମକୋଟି ପୀଠ-ପ୍ରତିଷ୍ଠିତ ଆଦି ଶଙ୍କରାଚାର୍ଯ୍ୟ ମନ୍ଦିର, ପୁରୀ
(ପାର୍ଶ୍ୱ ମନ୍ଦିରରେ ଶ୍ରୀଚୈତନ୍ୟ ଓ ଶ୍ରୀଜୟଦେବ-ପଦ୍ମାବତୀ ବିଗ୍ରହ ପ୍ରତିଷ୍ଠିତ)



ତରଳିତ ଜଗନ୍ନାଥ

# ହେ, ଭଗବତେ !



ଶ୍ରୀ ଚନ୍ଦ୍ରଶେଖର ରଥ

ଆସିବା ହେଉ । ପାଦ ପଖାଳି ବିଜେ ହେବା ହେଉ ! ଏ, ସେଇ ବଡଦାଣ୍ଡ, ଭଗବତେ, ଏଇଠି ଆଖି ଖୋଲି ଚାହିଁବା ହେଉ !

ବିଶୁଦ୍ଧ ଶ୍ରୀଫଳ ପରି ମଧୁର ଘନରସରେ ପରିପୂର୍ଣ୍ଣ ସେ ଯେଉଁ ଶୀର୍ଣ୍ଣକାୟ ଖାଳ ସରସର ମଣିଷଟି, ଅରୁଣ ଖମ୍ଭ ତଳକୁ ଗଳବସ୍ତ୍ର ହୋଇ ବାହୁ ପ୍ରସାରି ଠିଆ ହୋଇଛନ୍ତି, ଯାହାଙ୍କ ଆଖିରୁ ଛଳଛଳ ଅଶ୍ରୁ ଅନବରତ ଝରି ଯାଉଛି, ସେ ହେଉଛନ୍ତି ଦାସ ପ୍ରଧାନ ଦାସିଆ ବାଉରୀ । ଭାବ ଗଦ୍‌ଗଦ ବିହ୍ୱଳ ଅବସ୍ଥାରେ ସେ ଯେପରି ଭରିଅଡକୁ ଚାହୁଁଛନ୍ତି ! ତାଙ୍କ ଓଠ ଥରଥର, ହାତ ଥରଥର, ପାଦ ଥରଥର ! ଫୁଟିଲା କଦମ୍ବପରି ଦେହସାରା କଣ୍ଟକିତ !—"ଏଡେ ବଡ ଦେଉଳର ଏଡେ ବଡ ଠାକୁର । ତୁମ ବାଇଶି ପାହାଚ ଚଢିଯିବାକୁ ତ ବଳ ନାହିଁ ପ୍ରଭୁ ! ଅଯୋଗ୍ୟ ଅଛୁଆର ହୃଦ କାହିଁ, ସେ ପବିତ୍ର ପଥରକୁ ମାଡ଼ି କରିଦେବ ! ଏ ବଡଦାଣ୍ଡ ମୋ ସ୍ୱର୍ଗ । ସୁଦାମାର ଖୁଦଖିଆ ଠାକୁର ! ଶବରୀର କୋଳିଖିଆ ଠାକୁର ! ଏ ନଡିଆଟି କ'ଣ ତୁମ ମନଲାଖି ନହିଁବ ହେବନି ?—ଏ ଅଛୁଆ ହାତରୁ କ'ଣ ଘେନାହେବ ଏ ଶ୍ରୀଫଳ ?"—ଅଶ୍ରୁ, ଅଭିମାନ, ସମର୍ପଣର ତରଳ ଅମୃତାୟିତ ନୈବେଦ୍ୟ ରୂପୀ ସେ ମହାପୁରୁଷ ବିହ୍ୱଳ ହୋଇ ଦଶଦିଗକୁ ଚାହୁଁଛନ୍ତି । ଖୋଜୁଛନ୍ତି ସେ ମହାଶୂନ୍ୟକୁ, କେଉଁଠୁ ଅବା ସୁବିଶାଳ ଭୁଜ ନଇଁ ଆସୁଥିବ ପରା ! ସେ ଶୂନ୍ୟଭୂମିରେ କାଳ ନାହିଁ, ବସ୍ତୁ ନାହିଁ । ଆଖିକୁ ଅଦୃଶ୍ୟ ସେ ସତ୍ତା, ହେ ଭଗବତେ, ମାତ୍ର ସେ ଭାବକୁ ପ୍ରକଟ !!...... ସତ ଲହଡ଼ା ମଠରୁ ସୁଯଣ ତୁଳସୀ ମଞ୍ଜରୀ ଗୁଡିଏ ଆଞ୍ଜୁଳାରେ ଧରି ସେ ଯେଉଁ ସରଳ, ପ୍ରଶାନ୍ତ ଶୁଚିମନ୍ତ ପୁରୁଷ ଆସୁଛନ୍ତି, ଯାହାଙ୍କର ଆଖିଯୁଡିକ ପଦ୍ମ ପାଖୁଡ଼ା ପରି ଢଳଢଳ, ଯେଉଁ ପିନ୍ଧିଛନ୍ତି ଶୁକ୍ଳ ଅମ୍ଳାନ, ତୁଳସୀ ଚନ୍ଦନରେ ଯେଉଁ ମହମହ ବାସୁଛନ୍ତି, ନବାଉରୀ ଛନ୍ଦ ପରି ଯାହାଙ୍କ ବିଶ୍ରୁତ ମନୋରମ, ସେ ମହାତ୍ମା

ହେଉଛନ୍ତି ଭାଗବତ-ପୁରୁଷ ଜଗନ୍ନାଥ ଦାସ ! ଜ୍ଞାନ ଭକ୍ତିର ଗଂଗା-ସାଗର ସଂଗମ ହେଉଛନ୍ତି ଏ ତୀର୍ଥପତି । ଏହାଙ୍କୁ ନମସ୍କାର, ହେ ଭଗତେ, ତୁମକୁ ନମସ୍କାର । ଦାସେ ଆସି ଭେଟୁଛନ୍ତି ଦାସିଆକୁ । ଚମକି ପଡ଼ୁଛନ୍ତି ବିସ୍ମୟରେ । "ଗମ୍ଭୀରାରୁ କେବେ ବିଜେ ହେଲେ ପ୍ରଭୁ ! କାହିଁ ଛତିଶା ନିଯୋଗ, କାହିଁ ମର୍ଦ୍ଦଳ କାହାଳୀ ? 'ଏକା' ସେଇ ଅନାଦି ପରମ କାରଣ" । ଦାସିଆଙ୍କ ଆଖିରେ ତୁଳସୀ ମଣ୍ଡିତ ଠାକୁର ଭାସି ହୋଇ ଯାଉଛନ୍ତି । ଦେଖିଲାକୁ ଓହ୍ଲେଇ ଆସିଛନ୍ତି ଅଗ୍ରଜଙ୍କ ଦିଅଁ !.....ଚମକି ଯାଉଛି ନୀଳାଚଳ ସେ ଆଚମ୍ବିତ ଦେବ ମୁହୂର୍ତ୍ତରେ । କୋଳାକୋଳି ହୋଇ ଏକାକାର ହୋଇ ଯାଉଛନ୍ତି ଦୁଇଜଣ !! ........" ତୁ ମାୟା ପୁରୁଷ ଶ୍ରୀହରି, ମୋତେ ମୋହିଲୁ ଛନ୍ଦକରି । ହେ ପତିତ ପାବନ, ହେ ଦରିଦ୍ର ଦାମୋଦର ମିତ, ହେ ଅନନ୍ତ ବାସୁଦେବ !" ଦାସଙ୍କ ଭାଗବତ କଣ୍ଠରେ ଅଶ୍ରାନ୍ତ କୀର୍ତ୍ତନ ଝରି ପଡୁଛି । ଝରି ପଡୁଛି ଅଜାଡ଼ି ତୁଳସୀ ମଞ୍ଜରୀ ଦାସିଆଙ୍କ ପଦଯୁଗଳରେ !........
"ମୋତେ, ଛୁଅଁନା, ଛୁଅଁନା ଠାକୁର ! ମୁଁ ଅଛୁଆଁ ! ଛୁଇଁଲେ ତୁମର ମହାସ୍ନାନ ହେବ । ତୁମେ ମୋତେ ଆଉ ଭଣ୍ଡୁଛ କାହିଁକି ? ତୁମେହିଁ ତ ଜଗନ୍ନାଥ ! ଦାସ ବୋଲି ଛଦ୍ମ କରୁଛ ସିନା । ମୁଁ ସିନା ଦାସାନୁଦାସ ଦାସିଆ ବାଉରୀ ! ଏ ଶ୍ରୀଫଳଟି ମୋର ସର୍ବସ୍ୱ ଠାକୁର । ଏ ନଡ଼ିଆଟି ମୋ ପଞ୍ଚପ୍ରାଣ ଘେନ ହେଉ ଏ ଦରିଦ୍ରର ନୈବେଦ୍ୟ ! ମୁଁ କି ଜାଣେ, ଭୋଗ ରାଗ, ପୂଜା, ଆରାଧନା ! ମୁଁ ଅଜ୍ଞାନ, ଅଛୁଆଁ ! ମୋତେ ଛୁଅଁନା, ଦୂର ଦେଖିକିଆ ଦିଅଁ । ଛୁଇଁଲ ଯଦି, ଆଉ ଛାଡ଼ି ଯାଅନାହିଁ କହୁଛି । ଛାଡ଼ିଗଲେ ମୁଁ ମରିଯିବିଟି" । ଭକତସତେ କୋଳାକୋଳି, ଭାବ ଭୂମିରେ ମେଳାମେଳି, ଅପୂର୍ବ, ଅଦ୍ଭୁତ ଏ ମିଳନ, ହୋ, ଭଗତେ !

ଦେଖେ, ସିହିଁ ଭଗତେ ! କାଶୀମିଶ୍ରଙ୍କ ଉଆସ ଅଡୁ ଗୋଳ ଚହଳ ପାଖେଇ ଆସୁଛି ! ଦୁଇବାହୁ ଉର୍ଦ୍ଧ୍ୱକୁ ଟେକି ସାତ୍ତ୍ୱିକ ବିକାରରେ ଉନ୍ମତ୍ତ-ପ୍ରାୟ କେଶ ବାସ ଅସମ୍ଭାଳ ହୋଇ, ଶ୍ୱେତ-କମଳ ପରି ଲୀଳାୟିତ ଭଂଗୀରେ ଝୁଲି ଝୁଲି ଯେ ଅବତରଣ କରୁଛନ୍ତି, ଯାହାଙ୍କ ଶ୍ରୀଅଙ୍ଗରୁ ପଦ୍ମକେଶରର ଗଂଧ ବାହାରୁଛି, ସେ ହେଉଛନ୍ତି ଯୁଗ-ପୁରୁଷ ଗୌରାଙ୍ଗ । ଧରଣୀ ମଣ୍ଡିଲା ପ୍ରାୟେ ଆସି ଉଭା ହେଉଛନ୍ତି ଅରୁଣ ସ୍ତମ୍ଭ ପାଶରେ । ଅଶ୍ରୁପୁଲକ ସ୍ୱେଦରେ ଦେବ ବିଗ୍ରହ ଶୋଭାବନ୍ତ ଦିଶୁଛନ୍ତି । କୃଷ୍ଣ ନାମ କେହି ଉଚ୍ଚାରଣ କରନାହିଁ ଭଗତେ, ଶୁଣିଲେ ପ୍ରଭୁ ମୂର୍ଚ୍ଛାଯିବେ । ପ୍ରେମର ରସଘନ ବିଗ୍ରହ ଛୁଇଁଦେଲେ, ପାଷାଣ ତରଳି ଯିବ । ଦ୍ରବୀଭୂତ ହେବ ନୀଳାଚଳ । ବାହୁ ପ୍ରସାରି ସେ ଖୋଜୁଛନ୍ତି ଆଉ ଏକ ପ୍ରେମର ପ୍ରତିମାକୁ କୋଳାଗ୍ରତ କରୁଛନ୍ତି 'ଅଡ଼ିବଡ଼ି' । ତାଙ୍କୁ ଘେରି ବିହ୍ୱଳ ହୋଇ ନାଚୁଛନ୍ତି ଭକ୍ତଗଣ । ଗଙ୍ଗାମାଟିର ହାର ପିନ୍ଧି ପାଟ ମଣ୍ଡୁଆ ଭୂଷିତ ସେ ଦିବ୍ୟ ପୁରୁଷ ହେଉଛନ୍ତି ରାୟ ରାମାନନ୍ଦ ! ତାଙ୍କ ପାଖକୁ ଲାଗି ନୃତ୍ୟ କରୁଛନ୍ତି ନିତ୍ୟାନନ୍ଦ ! ତାଙ୍କର ଝୀନ ଉତ୍ତରୀ ମସୃଣ ଭୁଜଦଣ୍ଡରୁ ଖସିଯାଉଛି । ଚହଟି ଯାଉଛି ମୃଗମଦର ଗନ୍ଧ !

ସାତଶ' ପଚାଶ କୋଶ ଦୂରରେ ଥିଲା ପ୍ରାୟେ, ନିଜକୁ ହୀନ ଯବନ ବୋଲି ମଣିଲା ପ୍ରାୟେ, ଗଙ୍ଗାଜଳ ପରି ବଡ଼ଦାଣ୍ଡ ରେଣୁ ମସ୍ତକରେ ସିଞ୍ଚି ସିଞ୍ଚି, ସରୁ ଗାମୁଛାଟିଏ ଦେହରେ ପକାଇ ଶୀର୍ଣ୍ଣକାୟ ସେ ଯେଉଁ ଜଣକ କାନ୍ଦ କାନ୍ଦ ହୋଇ କରଯୋଡ଼ି ଦେଇ ଠିଆ ହେଉଛନ୍ତି, ସେ କେମନ୍ତ ନୁହନ୍ତି ହୋ, ଭଗତେ ! ସେ ହେଉଛନ୍ତି ପ୍ରଭୁଙ୍କ ଅଙ୍ଗଲାଗି ଭକ୍ତ ଶିରୋମଣି ମହାତ୍ମା ସାଲବେଗ । କର୍ପୂର ମାଳଟିଏ ପ୍ରଭୁଙ୍କ ଭୁଜ ଦଣ୍ଡରେ ମଣ୍ଡିଦେବାକୁ ଇଚ୍ଛା ! ଅଣ୍ଟି ଭିତରୁ କାଢ଼ୁଛନ୍ତି ମାଣିକ୍ୟର ଝରଝୁମା, କାଢ଼ୁଛନ୍ତି ସରୁସରୁ ସୁଗନ୍ଧି ଦୟଣାର ମାଳ ! ଅରୁଣ ସ୍ତମ୍ଭ ପାଖରେ ଆଉଜା ଦେଇ ଠିଆ ହେଉଛନ୍ତି । ଲୁହରେ ଝରି ଯାଉଛି, ପ୍ରାଣର ନିବେଦନ । ସନ୍ତାପିତ ଜୀବନର ବହୁ ଆର୍ତ୍ତ ବିକଳ ମୁହୂର୍ତ୍ତର ପଦ୍ମ ଗୁଡ଼ିକ ତାଙ୍କୁ ଘେରି ରହିଛନ୍ତି । ସେ ଆତୁର ହୋଇ ଅପେକ୍ଷା କରିଛନ୍ତି ଏ ନୀଳ ପର୍ବତର ମତୁଆଲା ହାତୀକୁ । ପଦ୍ମବନର ବ୍ୟୂହ ଭେଦିବାକୁ ସେ କେମିତି ଅବଲୀଳାକ୍ରମେ ମାଡ଼ି ଆସିବ, ସେ ଚିହ୍ନୁ-

ନିକ୍ରମ ଦେଖିବାକୁ ଅପେକ୍ଷା କରିଛନ୍ତି ! ସେ କୁଆଡେ ଛାଡିଲେ ଯବନ; ହେ ଭଗତେ ! —ଏ ନିର୍ମଳ ମୁକ୍ତାଫଳ ପରି ଝଟକୁଥିବା ବିଶୁଦ୍ଧ ଆତ୍ମା କୁଆଡେ ଯବନ ! ଭକ୍ତଙ୍କ ଭବ ଭୂମିରେ ତାଙ୍କୁ ସାଙ୍ଗିଟି ନେଇଛନ୍ତି ଗୌରଙ୍ଗ ! —କୋଳେଇ ନେଉଛନ୍ତି ଜଗନ୍ନାଥ ! ଆମେ ସମସ୍ତେ ଛାଡିଲେ ଯବନ, ହେ ଭକ୍ତ ଚୂଡାମଣି, ଅମ୍ଭକୁ ଶ୍ରୀରଙ୍ଗା ଚରଣ ଦେଖାଅ ! ”

ଚେନ୍ଦୁଆ ଦେକୋ ଛିଡି, ଚେନ୍ଦୁଆ ଗାମୁଛାଟିଏ ବେହେରଣ ପକେଇ କଳା ମଚ୍‌ମଚ୍‌ ବୁକୁ ଉପରକୁ ଦମ୍ପୋଚିଲା ଦାଢି ଲମ୍ବେଇ ଦେଇ ଦଣ୍ଡି ଖଣ୍ଡିଏ ହାତରେ ଧରି ସେ ଯେଉ ଗାଙ୍ଗସ ମଣିଷଟି ଅଙ୍ଗେଇଲା ପରି ବାଟ ବାରିବାରି ଆସୁଛନ୍ତି, ତାଙ୍କୁ ଛାମୁଛାଡ୍ କରି ଦଣ୍ଡବେ ହୁଅ ଭଗତେ ! ପ୍ରାଣୀଙ୍କ ଅପ୍ରମିତ ଆରତ ସହି ନ ପାରି, ନିଜକୁ ନର୍କରେ ନିସର୍ଗ ଦେବାକୁ ଏ କାରୁଣିକ ପରଭକ୍ତି ଭୀମା ଭୋଇ ବାହୁ ତୋଳି ବ୍ରହ୍ମ ନିରଞ୍ଜନଙ୍କୁ ଡାକୁଛନ୍ତି ! ଡାକୁଛନ୍ତି ଠାକୁରଙ୍କୁ ଆଖିଡୋଳା ଖୋଲି ଦେବାକୁ, କେମିତି ଏ ଅକଳନୀୟ ଯାତନାର ସମୁଦ୍ର ନୀଳାଚଳ ଦେହରେ ଲହଡି ଖେଳୁଛି ! ଭକ୍ତ ଡାକୁଛନ୍ତି ନିରଞ୍ଜନ ପୁରୁଷଙ୍କୁ ଏ ଯନ୍ତ୍ରଣାରୁ ଉଦ୍ଧାର କରିବାକୁ ! ସେ ଅନ୍ଧ ନୁହନ୍ତି ଭଗତେ, ସେ ହିଁ ଏ ଅନ୍ଧ ଜଗତର ଅନ୍ୟତମ ଚକ୍ଷୁଷ୍ମାନ୍ ମହାପୁରୁଷ ! ସେ ଦେଖୁଛନ୍ତି ଅସୁମାରି ସୂର୍ଯ୍ୟଙ୍କ ସମାହାର ସତ୍ୟକୁ ! ସେ କନ୍ଧ ବୋଲୁଛନ୍ତି ସତ ! ହେଲେ ଏ କବିକୁଳ ଶ୍ରଦ୍ଧକୁ ସେ କାଳିଆ ଠାକୁରଙ୍କ ଜାତି କହିଲେ ଭଣା କଥା ହେବ କି ? ସାରୂପ୍ୟ ଦେଖି ବୁଝିବା ହେଉ ଭଗତେ ! —ଯାଙ୍କୁ କୁଆଡେ, ଶ୍ରୀମନ୍ଦିର ବାରଣ ହୋଇଥିଲା ! ତାଙ୍କ ଠାକୁରଙ୍କ ସିଂହଦ୍ୱାର ଉପରେ କୁଆଡେ ତାଙ୍କୁ ନିର୍ଯ୍ୟାତନା ମିଳିଥିଲା ! ଛାମୁଛାଡ଼ ହୋଇଯାଅ ଭଗତେ, ଏ ନିତ୍ୟ-ନୀଳାଚଳ ବିହାରୀ ଜାତି ପରିବାରଙ୍କ ଆଗରେ ଠିଆ ହେବାକୁ ଆମେ ଅଛୁ କିଏ ? .........

ସେ ଯେଉଁ ମହିମାନ୍ୱିତ ଯୋଗୀ-ଚିତ୍ତ ପୁରୁଷମାନେ ଖଞ୍ଜନ ମୁଦ୍ରାରେ ଏ ଆଡକୁ ପାଦେଇ ଅଛନ୍ତି ସେମାନେ ହେଉଛନ୍ତି, ଜ୍ଞାନଗୁରୁ ଅଚ୍ୟୁତ ଯଶୋବନ୍ତ ଏବଂ ଅନନ୍ତ ! ତାଙ୍କୁ ଘେରି ରହିଛନ୍ତି ଅଗଣିତ ଭକ୍ତ ! ପିଣ୍ଡ ବ୍ରହ୍ମାଣ୍ଡର ରହସ୍ୟ ତାଙ୍କୁ ଜଣା ! ଶୂନ୍ୟପୁରୁଷ ନିରଞ୍ଜନଙ୍କୁ ସେ ପ୍ରତ୍ୟକ୍ଷ କରିଛନ୍ତି, ଭଗତେ ! ଆଡ଼ ହୋଇଯାଅ, ସେ ବିଜେ ହେବେ !.........

ହାତରେ ତମ୍ବାମାଳଟିଏ ଧରି ତୁଳସୀ ତଳରେ ଅବନତ, ଚନ୍ଦନଚର୍ଚ୍ଚିତ ହୋଇ ରସ-ସିନ୍ଧୁଙ୍କ ଦର୍ଶନରେ ବିହ୍ୱଳ ଅନ୍ତର ସେ ରସିକ କବି ହେଉଛନ୍ତି କବିସୂର୍ଯ୍ୟ ! ଖୁବ ଛଳଛଳ ଆଖିରେ ତାଙ୍କର ପରିହାସର ଛଟା ! ମଧୁର ଭର୍ତ୍ସନା କଲାବେଳେ ସେ ଆମକୁ ଛଳି ଦିଅନ୍ତି ଭଗତେ ! ମାତ୍ର ସିଂହାସନ ଉପରେ ତାଙ୍କ ଆରାଧ୍ୟ ବସି ଟହଟହ ହସୁଥିବା ସେ ଦେଖୁଥାନ୍ତି ! ମର୍ଜ୍ଜିଥାନ୍ତି ଅପୂର୍ବ ପ୍ରେମରେ ! ସଂଗୀତର ମଧୁର ଛନ୍ଦରେ ଯେବେ ଗାଳି ଦେଲେ ମଧ୍ୟ ବଡ ଲୋକଙ୍କୁ ସୁହାଉଥିବ ପରା ! ତୁଣ୍ଡରେ ଚିନା ଛଳ ବାକ୍ୟ, ଆଖିରେ କିନ୍ତୁ ଲୁହ, ପ୍ରାଣରେ ଆବେଗ ! —ଦେଖ, ସେ ତମ୍ବାମାଳଟିକୁ, ଠାକୁରଙ୍କ ମାଳଣା ଚଢିବା ଦ୍ୱାରରେ ନଳ ଉପରେ ଝୁଙ୍ଗି ଦିଅନ୍ତେ ! କରଯୋଡ଼ି ହୋଇ, ଶ୍ରଦ୍ଧାମୁଁରେ କହନ୍ତେ, “ଭଲ ମନ୍ଦକୁ ମୋର ଏବା କିବା ଅଯତ୍ନ, ସାଆନ୍ତେ, ସବୁ ତୁମ ଇଚ୍ଛା ସିନା ! ଏଣିକି ରଖ ଅଥବା ନରଖ ; ମୋର ଏକ ମାତ୍ର ଗତି ହେଇ ପତିତପାବନ ବାନା ! ”

ସେ ଯିଏ ଆସୁଛନ୍ତି, ତାଙ୍କ ଦେହରେ ଖଣ୍ଡିଏ ବୋଲି ଧୋତ ବେହେରଣ, ବେକରେ ତୁଳସୀର କଣ୍ଠି, କପାଳରେ ବୈଷ୍ଣବର ଚିତା, ତାଙ୍କ ଦେହସାରା କଦମ୍ବ ପରି ଟାଙ୍କୁରି ଉଠୁଛି, ଯମୁନାଦେଇ ଉଛୁଳି ଉଛୁଳି ଉଠୁଛନ୍ତି, ପଡୁଛନ୍ତି, ମଞ୍ଜରୀ-ଭାବରେ, ସେ ଚଟ୍‌ଚଟ କରି ଗୋପାଳକୃଷ୍ଣ ! ହାତରେ ଲୁଚେଇ ଧରିଛନ୍ତି ଖଣ୍ଡିଏ ମଲ୍ଲୀମାଳ ! ଫୁଟିଆସୁଥିବା ଫୁଲଗୁଡିକ ଦାଉ ଦାଉ ହୀରା ପଦକ ପରି ଶୋଭୁପାଉଛନ୍ତି ! ବାସ ବହୁଛି ଯାଉଛି ବଡଦାଣ୍ଡକୁ ଛୁଇଁ ବୁଣିଯାଏ ! ତାଙ୍କର ଥରିଲା ଥରିଲା ଓଠ ଉପରକୁ ଲୁହର ଧାର ନଇଁ ଆସୁଛି ! ସେଥିରେ

ପଖାଳି ହୋଇ ଅସ୍ଫୁଟ ସ୍ୱର ଶୁଭୁଛି, "ମଲ୍ଲୀମାଳ ଶ୍ୟାମକୁ ଦେବି, ମନ ତୋଷିବି ।" ଏ ଘନିଷ୍ଠ ବ୍ୟାପାରରେ ସେ କନେଇଙ୍କପରି ଚମକିଲାପରି, ଛାନିଆ ହେଲାପରି ଚାରିଆଡ଼କୁ ଚାହୁଁଛନ୍ତି, ଜାଣେ କିଶୋରୀ କଣ୍ଠର ତାଙ୍କୁ କେହି ଦାସୀ ବୋଲି ଡାକିଦେବେ ପଛ ।

ଜନ୍ମ କଟକରେ ନୀଳାଦ୍ରି ସିଂହଙ୍କୁ ନିଉଛାଳି ହେବାପାଇଁ ମଣିମାଣିକ୍ୟ ଖଚିତ ବିଚିତ୍ର କିରୀଟ କୁଣ୍ଡଳ, ଚନ୍ଦ୍ରହାର ଶୁପପରି ଧରି ସମ୍ରାଟ ଭଳି, ସେ ଯେ ବିଜେ ହେଉଛନ୍ତି, ସେ ହେଲେ ଅପୂର୍ବ ପଣ୍ଡିତ କବି ଭଞ୍ଜ ଉପେନ୍ଦ୍ର । ଚନ୍ଦନ-ଲାଗି ବେଳେ ଯୁଥିପୁଷ୍ପର ଧଣ୍ଡମାଳ ଦେଉଁଠେ ଲୋଟି ବ୍ରାହ୍ମଣ ସୁନ୍ଦରଙ୍କୁ ! ତାଙ୍କ ପାଖକୁ ଅଭିମନ୍ୟୁ ! ଭକ୍ତିଚିନ୍ତାମଣି ତାଙ୍କ ପାଇଁ ଅବାଞ୍ଛ ଲୀଳାକୁ ବଂକ କରିଦିଅନ୍ତି । ତାଙ୍କ ଆଖି ଉପରେ ଖେଳା କରନ୍ତି ରାଧାମାଧବ । ହୋ, ବିଦଗ୍ଧ ଭଗତେ, ନିଉଛାଳି ହୁଅ ଏ ବୈଷ୍ଣବ ମହାପୁରୁଷଙ୍କୁ ! ତାଙ୍କ ପାଦକୁ ରସଘନ ବିଗ୍ରହଙ୍କ ତରିତ ସୁରଧୁନି ଯାହାଙ୍କ ପାଇଁ କଲ୍ଲୋଳିତ ହେଉଛନ୍ତି, ଯାହାଙ୍କ ରୂପ ସ୍ନିଗ୍ଧ ଶାନ୍ତନ କହ୍ଲାର ଫୁଲଟିଏ ପରି ସଦ୍ୟସ୍ନାତ—ଯିଏ ହେଉଛନ୍ତି ଭବ ସଂପଦର ଅଧୀଶ୍ୱର ତଥି ଦୀନବନ୍ଧୁ । ଅସଂଖ୍ୟ ଭବାନ୍ଧ ଭକ୍ତଙ୍କୁ ଅଶ୍ରୁ ଅଭିଷେକରେ ସ୍ୱହତିଳକ ଦେଇ ଦୈନନ୍ଦିନ ସେ ପୂଜା କରୁଛନ୍ତି, ସେ ନିଜେ କୁଆଡ଼େ ଦୀନ ଦରିଦ୍ର, ହୋ ଭଗତେ ! ଏ ବିଚିତ୍ର ଲୀଳାକୁ ପ୍ରଣିପାତ ହୁଅ । ଏ ଭବ ବିନୋଦିଆ କବିକୁଳଙ୍କୁ ପ୍ରଣିପାତ ହୁଅ ।

କଳିଙ୍ଗ ଯୋଦ୍ଧାପରି ତ୍ରିକଚ୍ଛ ପିନ୍ଧି ପ୍ରକାଣ୍ଡ ଜୁଡ଼ା ପକାଇ ଯେ ଅପ୍ରତିହତ ପଦକ୍ଷେପ ଆସୁଛନ୍ତି, ଯାହାଙ୍କ ନିର୍ଭୀକ କପାଳ ଉପରେ ଗୋଲା ସିନ୍ଦୂର ଟୋପା ଦାଉଦାଉ ଜଳୁଛି, ସ୍ୱର୍ଗରୁ ପୁରନ୍ଦର ଯେ ସ୍ୱଚ୍ଛନ୍ଦ ଗତି କରିପାରନ୍ତି, ସେ ହେଉଛନ୍ତି ଶୂଦ୍ରମୁନି; ସାରଳା । ତାଙ୍କ କାବ୍ୟ ପ୍ରବାହର ଗଂଗା ଅବାଧ ଅବତରଣ କଲାବେଳେ ଶିଳ ଶାଳ ଛିଣ୍ଡିଯିବେ । କାହାର ଶକ୍ତିଅଛି ତାଙ୍କୁ ଅବରୋଧ କରିବ । ଭାଷା ଭାବ ଇତିହାସ ପୁରାଣ, କାହାରି ଶକ୍ତି-ନାହିଁ ଏହାକୁ ଆୟତ୍ତ କରି ରଖିବାକୁ । ସେ ଆସିଛନ୍ତି ନୀଳେନ୍ଦ୍ରୀ ଦର୍ଶନପାଇଁ । ନମସ୍କାର ହୋଇ ଆଡ଼ ହୋଇଯାଅ ଭଗତେ । ନହେଲେ ଏ ମଉମାତଙ୍ଗ ତଳଟି ଖୁନ୍ଦିଯିବା କିଛି ବିଚିତ୍ର ନୁହେଁ ।

ବଡଦାଣ୍ଡଟିକୁ ଅଜସ୍ରାତ ମଳୟ ସଂସ୍ପର୍ଶରେ ସୁରଭିତ କରି ଲବଙ୍ଗ ଲତିକାର କୁଞ୍ଜକୁଟିକୁ କୋକିଳ କୂଜିତ କରି ସେ ଯେଉଁ ସ୍ନିଗ୍ଧ-ମଧୁର ରସସ୍ନାତ ଲଳିତ କବି ଘେର ତଡ଼ାଗର ହଂସପରି ଭାସି ଆସୁଛନ୍ତି, ସେ ହେଲେ ଗୋସ୍ୱାମୀ ଜୟଦେବ । ରସଗ୍ରାହୀଙ୍କୁ ସ୍ୱରସରେ ମୁଗ୍ଧ ବିହ୍ୱଳ କରି ପାରିଲା ଭଳି ଆଉ କେହି ନାହାନ୍ତି ଭଗତେ । ସମସ୍ତେ ଆଡ଼ ହୋଇଯାଅ । ଥମିଯାଅ । ଉତ୍କର୍ଣ୍ଣ ହୋଇ ଶୁଣି ପଡ଼ିଯାଅ ; ନ ହେଲେ ମଧୁର ଛନ୍ଦରେ ବିଭଙ୍ଗ ଆସିଯିବ । ପହୁଡ଼ ବେଳେ ଲକ୍ଷ୍ମୀଙ୍କ ପ୍ରିୟ ଛଡ଼ାମାଳ ମାଳତୀ ପରି ଏ ଗୋବିନ୍ଦ ଗୀତରୁ ଛନ୍ଦରସ ଆସ୍ୱାଦନ ନ କଲେ ଯୋଗେଶ୍ୱରଙ୍କୁ ପହୁଡ଼ ଲାଗି ହେବ ନାହିଁ ।

ଉତ୍ତର ଆକାଶ ସାରା ହ'ଲୋକମୟ । ସେଇ ଦିଗରୁ ମହାତ୍ମାମାନେ ଅବତରଣ କରୁଛନ୍ତି, ଦେଖିବା ହେଉ, ଭଗତେ । ପିଙ୍ଗଳ ଜଟାମଣ୍ଡିତ ଆୟତ ନେତ୍ରଧାରୀ, ବିଶାଳ ବୋଦ୍ଧା ବ୍ୟାସଦେବ ଆସୁଛନ୍ତି, ପ୍ରଣିପାତ ହୁଅ । ଆସୁଛନ୍ତି ଶୁଶ୍ରୁଳ, ଅଶ୍ରୁଳ ପରମ କାରୁଣିକ ଋଷି ବାଲ୍ମିକି, ପ୍ରଣିପାତ ହୁଅ । ଆସୁଛନ୍ତି ଅତ୍ରି, ଅଙ୍ଗିରସ, ବଶିଷ୍ଠ ଏବଂ ଭୃଗୁ ; ଶୁକ, ପରାଶର ଓ ସନତ୍ କୁମାର, ଯାଜ୍ଞବଲ୍କ୍ୟ ଏବଂ ଦୀର୍ଘତମା—ସାଷ୍ଟାଙ୍ଗ ଦଣ୍ଡବତ ହୋଇଯାଅ । ହିମାଳୟର ଶୁଭ୍ରଚୂଡ଼ା ଉପରୁ ଅଗଣିତ ଈଶ୍ୱର ପୁରୁଷମାନେ ଓହ୍ଲାଇ ଆସୁଛନ୍ତି ।। ଆସହେ, ପିତୃଲୋକେ ! ଅଳ୍ପଏ ଅସି ଅଳ୍ପଏ ଯାହ' ! ଅବଲୋକିତ କର ଏ ପୃଥିବୀକୁ । ଏମାନଙ୍କ ଆଲୁଅରେ ସ୍ନାନ କରିପକାଅ ହୋ, ଭଗତେ, ଧୋଇ ହୋଇଯାଅ ।

ନିଳବସନ ପିତ୍ତ ପୁରୁଷ ଛାଇ ଭଳି, ଆମ ଗହଣରେ ପଶି ଆସିଛନ୍ତି । ହେଉଛ ସେ ଜଣକ, ଯାହାଙ୍କର ଅଭିଯୋଗିକ ଗ୍ରହ ନକ୍ଷତ୍ର ଗଳ୍ପରେ ବିଚରଣ କରି କରି କ୍ଲାନ୍ତ, ସେ ଯାକ୍ରାନ୍ତ ଶରୀରଟି କଙ୍କାଳ, ଶୀର୍ଣ୍ଣ, ଯାହାଙ୍କର ଏକମାତ୍ର ଧ୍ୟେୟ ନୀଳାଚଳ ନିବାସୀ, ଜଗଦାନନ୍ଦ କନ୍ଦ; ସେ

ହେଉଛନ୍ତି ପଠାଣି ସାମନ୍ତେ ! ହାତେ ଉଞ୍ଚ ବେକ ଉପରକୁ ଅନ୍ଟାକୁଆ ପରି ଓଡ଼ି, ଠାପୁଅଗାଲ ଆଉ ସେ ଟାହୁଲିଆ ଅମୋଦିଆ ଆଖି ଯୋଡ଼ିକୁ ଚିହ୍ନିବା ହେଉ ଉଚିତେ । ସେ ହେଲେ ବ୍ୟାସକବି ଫକୀର ମୋହନ ! ଆଉ ଜଣକ ଚିଲିକା ଚନ୍ଦ୍ରକଳା ପରିକ୍ରମା କରି ଫେରିଛନ୍ତି । ଶୀର୍ଣ୍ଣ ବପୁ ତାଙ୍କର ପାଷାଣ ପିଣ୍ଡିତ ହୋଇ ସୁଦ୍ଧା ଭିନ୍ନ ଉପାଦାନରେ ଗଢ଼ା ହୋଇଥିବାରୁ ସେ କବିବର ଯୁଗନ୍ଧର ଅଟନ୍ତି ! ......... ତାଙ୍କ ପାଖକୁ ଫଟିକ ପଦ୍ମପଟି ବିକଶୁଛନ୍ତି ଦରିଦ୍ରତା ପଙ୍କ ଭିତରୁ ସ୍ୱଭାବ କବି ଗଙ୍ଗାଧର । ସେ ଯେଉଁ ଖର୍ବ ମଟିଏଟି ଲୁହରେ ବୁକୁ ଭିଜାଇ ଛଳଛଳ ଆଖିରେ ବଡ଼ଦାଣ୍ଡ ମାଉ ଖୋଜି ଯାଉଛନ୍ତି, ବ୍ରାହ୍ମଣର ଆଘାତ ବନ୍ୟାରେ ଦୁହୁଡ଼ାଉ ହରାଇଥିବା କୌଣସି ମୂକ ଅନାଥଟିକୁ, ଯେ ଆନ ଦୁଃଖରେ ଅଶ୍ରୁ ବନ୍ୟାରେ ଗାଧୋଉଛନ୍ତି , ନାରାୟଣଙ୍କୁ ନେତା ରୂପେ ମାନିଥିବା ସେ ଜାତୀୟ ମଣିଷଟି ହେଉଛନ୍ତି ପୁଣ୍ୟ ଶ୍ଳୋକ ଭକ୍ତକମଣି ! ଶୁଭ୍ର ପଦେ ମଣ୍ଡିତ ହୋଇ, ସେ ଯେଉଁ ଶାଢ଼ିବେଶିଟି ଦେଖୁଛନ୍ତି, ଦୁଃଖରେ, ଅଭିମାନରେ, ଖୋଜୁଛନ୍ତି ମଥୁରା, ଡାକୁଛନ୍ତି ଈଶ୍ୱର—ପାଇଲେ ତୋଳି ନେଉ ଯାଆନ୍ତେ ପର ! — ସେ ହେଉଛନ୍ତି ମଧୁସୂଦନ ଦାସ ! ଏମାନଙ୍କ ଆଖିରେ ଥରେ ଏ ବଡ଼ ଦାଣ୍ଡର ଏ ମୁଣ୍ଡରୁ ସେମୁଣ୍ଡ ଯାଏଁ ଚାହିଁ ଦିଅ ଉଚିତେ, ଖାଲ, ଧୂଳି ଏବଂ ଲୁହରେ ଜୁଡ଼ୁବୁଡ଼ୁ ଏ ସହସ୍ର ସହସ୍ର ଜନତାର ଭକ୍ତ ଦେଖିବାରକୁ ଚାହିଁଯାଅ । ଯୁଗଯୁଗ ଧରି ଏମାନେ ହିଁ ଆସିଥିଲେ । ଏବେ ଏମାନେ ଅଛନ୍ତି । ଏହା ପରେବି ଯୁଗଯୁଗ ଧରି ଏମାନେ ହିଁ ଆସୁଥିବେ । ଏମାନଙ୍କୁ ସେ ଉଠାଉଥାଏ ଏବଂ ପକାଉଥାଏ । ଏମାନଙ୍କ ପାଇଁ ପହଣ୍ଡି ବିଜୟ, ଏମାନଙ୍କ ପାଇଁ ଘୋଷ ଯାତ୍ରା ! ଏମାନଙ୍କ ପରେବି ଆସନ୍ତୁ ଦିଅ ଉଚିତେ, ଜାଣେ କୃତାର୍ଥ ହେବୁ !

ଦକ୍ଷିଣ ଦିଗକୁ ଏବେ ଚାହିଁବା ହୁଅନ୍ତୁ ! ହେମାର୍ଣ୍ଣପରି ସଂଦୋଷ ଦୀପ୍ତି ଭିତରେ ଆସୁଛନ୍ତି ଯୁଗପୁରୁଷ ଆଚାର୍ଯ୍ୟମାନେ । ପ୍ରସନ୍ନ ଚକ୍ଷୀର ମୁଦ୍ରାରେ ଦଣ୍ଡ ଧାରଣ କରି ଅତୁଳବର୍ଣ୍ଣର ଉତ୍ତରୀ ଭିତରେ ବିଶୁଦ୍ଧ କାଞ୍ଚନପରି ଯେ ଝଟକୁଛନ୍ତି ସେ ହେଉଛନ୍ତି ଅଦ୍ୱୈତ ସଂସ୍ଥାପକ ମହାମତି ଆଚାର୍ଯ୍ୟ ଶଙ୍କର ! ତାଙ୍କ ପାଖକୁ ନିର୍ଧୂମ ଅଗ୍ନି ପରି ରାମାନୁଜ, ନିମ୍ବାର୍କ, ମାଧ୍ୱ, ବଲ୍ଲଭ ! ଜ୍ଞାନ ସୁରଧୁନୀରେ ଶାଣିତ ଅସଂଖ୍ୟ ସ୍ରୋତ ! ଆସୁଛନ୍ତି ଦୀପ୍ତିମନ୍ତ ଦୟାନନ୍ଦ ସରସ୍ୱତୀ ଏବଂ ଶାୟଣାଚାର୍ଯ୍ୟଙ୍କ ଗହଣରେ ଯାସ୍କ, ମଲ୍ଲଟ ଓ ପାଣିନୀ । ଆସୁଛନ୍ତି ପ୍ରଜ୍ଞାବନ୍ତ ହଳଦ୍ଧନ—କବିର, ସୁରଦାସ ଏବଂ ଜ୍ଞାନେଶ୍ୱର । ଆସୁଛନ୍ତି ବିଶୁଦ୍ଧ ଭକ୍ତିରୂପିଣୀ ମୀରା ଏବଂ ମାନସ ହଂସ କବି ଗୋସ୍ୱାମୀ ତୁଳସୀ ଦାସ ! ଏମାନେ ସମସ୍ତେ ଏକେ ଏକେ ତୀର୍ଥ ସମୁଦ୍ର ହୋ ଉଚିତେ, ତାଙ୍କୁ ପ୍ରଣିପାତ ହୁଅ ! ଆସୁଛନ୍ତି ଯୁଗାବତାରୀ ଜ୍ଞାନଗୁରୁମାନେ ! ନୃସିଂହପରି ସେ ଅଖଣ୍ଡ ସନ୍ନ୍ୟାସୀ ହେଉଛନ୍ତି ସ୍ୱାମୀଜୀ । ତାଙ୍କ ପାଖକୁ ସହଜ ସମାଧି-ସିଦ୍ଧ ମହାପୁରୁଷ ଭଗବାନ୍ ରାମକୃଷ୍ଣ ! କନକକାନ୍ତ ସେ ଯୁଗପୁରୁଷ ହେଉଛନ୍ତି ମହାଯୋଗୀ ଶ୍ରୀ ଅରବିନ୍ଦ ! ଏମାନଙ୍କ ଚରଣେ ପଡ଼ିଯାଅ ଉଚିତେ । ଏମାନେ ଚରଣ ପଞ୍ଜର ପରମୋତ୍ତମ ଗୁରୁକୁଳ । ଏମାନଙ୍କ କୃପା ବିନା ଉଦ୍ଧିଯିବା ସ୍ଥୋ, ଉଚିତେ । ଏମାନେ ମନ କଲେ କୂଳରେ ଲଗାଇ ଦେଇ ପାରନ୍ତି !

ହେଇ, ପୂର୍ବଦିଗରେ ସମସ୍ତ ଦେବତା ସୂର୍ଯ୍ୟଙ୍କୁ ଆଗ କରି ଚଢ଼ି ଆସୁଛନ୍ତି । ସେ ହିରଣ୍ମୟ ଜ୍ୟୋତିପୁରେ ହେଉଛନ୍ତି ଇନ୍ଦ୍ରଦେବ । ତାଙ୍କ ଗହଣରେ ଅଗ୍ନି, ବରୁଣ, କୁବେର ଏବଂ ମରୁଦ୍‌ଗଣ ଶୋଭମାନ ଦିଶୁଛନ୍ତି । ଦୂରରୁ ଦୁନ୍ଦୁଭିର ତୁରୁ ତୁରୁ ନିନାଦରେ ମାଙ୍ଗଳିକ ଶୁଭିଯାଉଛି । ଏକଦା ଯଜ୍ଞରୂପରେ ଯେ ଦେବମାନଙ୍କୁ ଧର୍ମଶାଦିତ କରିଥିଲେ, ସେହି ଅବତାରଙ୍କ ଦର୍ଶନ ପାଇଁ ଏମାନେ ଆସିଛନ୍ତି । ଶହ ଶହ ସୂର୍ଯ୍ୟ ଏକାଠି ଉଦିତ ହେବାର ଏ ଅପରୂପ ଶୋଭାକୁ ନମସ୍କାର ହୁଅ ଉଚିତେ ! ହିମାଦ୍ରି ପରି ବିପୁଳ ବିଦେ ଶୋଭମୟ ପରମ ପବିତ୍ର ଦେବାଧିଦେବ ଆସିଛନ୍ତି ଶିବଶେଙ୍କ ଗହଣରେ । ବିଶୁଦ୍ଧ ଅରୁଣାଭ ବିକୀର୍ଣ୍ଣ କରି ବେଦମାତଙ୍କୁ ବକ୍ଷରେ ଧାରଣ କରି ଉଦିତ ହେଉଛନ୍ତି ବ୍ରହ୍ମା । ସାମଗାନର କମ୍ପନରେ ସୃଷ୍ଟି ହୋଇଯାଉଛି ଅସଂଖ୍ୟ ତାରକା, କୁସୁମିତ ହୋଇଉଠୁଛି ସ୍ୱର୍ଗଭୂମି । ଉଜ୍ଜ୍ୱଳ ମୌଳି ଶୋଭାରେ ଯେଉଁଟି ସୁବର୍ଣ୍ଣ କେୟୂର କିରୀଟର ଦୀପ୍ତି ସଂଯୁକ୍ତ ହୋଇ ଦଶଦିଗ ଭାସ୍ୱର

ହୋଇ ଉଠୁଛି ଯେ ହେଉଛନ୍ତି ପ୍ରଥମ ଆଦିତ୍ୟ ବିଷ୍ଣୁ । ଉଦ୍ଭାସିତ ହୋଇଛନ୍ତି ହଂସ-ବାହିନୀ ସରସ୍ୱତୀ, କନକବର୍ଣ୍ଣା ଜଗଜ୍ଜନନୀ ଉମା ଏବଂ ସ୍ନିଗ୍ଧ ସୁଷମାମୟୀ ମହାଲକ୍ଷ୍ମୀ । ଏ ଅପୂର୍ବ ଦେବ ସମାଗମରେ ବିହ୍ୱଳ, ବିମୂଢ ଚିତ୍ତବୃତ୍ତିକୁ ଧାରଣ କରିବାକୁ ସୁରୁ-ସୁରଣ କର ଭଗବେ, ନହେଲେ ଏଠି ଅସ୍ମିତା ହଜିଯିବ । ବିଲୁପ୍ତ ହୋଇଯିବ ସତ୍ତାବିନ୍ଦୁ । ଗୁରୁଙ୍କୁ ପ୍ରଣିପାତ ହୁଅ ଭଗବେ, ଏ ମହନୀୟ, ଅକଳ୍ପନୀୟ ଦୃଶ୍ୟକୁ ସର୍ବୋତ୍ତମ ପ୍ରଣିପାତ ହୁଅ ॥

ଭୁଲିଯିହିଁ ଭଗବେ । ଏ ହେଉଛି ପଶ୍ଚିମ ଦିଶା । ବୀଣା ତୁମ୍ବୁରୁ ଛନ୍ଦରେ ନାଚି ନାଚି ଆସୁଛନ୍ତି ଗନ୍ଧର୍ବ କୁଳ; ସିଦ୍ଧ ସାଧକ, ଯକ୍ଷ ରକ୍ଷ ଓ କିନ୍ନର । ଉନ୍ନତ ମଣିଚୂଡ଼ ଫଣା ତୋଳି ଇନ୍ଦ୍ରନୀଳ ମଣିହାର କଣ୍ଠରେ ଧାରଣ କରି ଆସୁଛନ୍ତି ବଳଶାଳୀ ପନ୍ନଗ-ଶ୍ରେଷ୍ଠମାନେ । ବରଦ ମୁଦ୍ରାରେ ଜଗତ୍ କଲ୍ୟାଣକାରୀ ମହୌଷଧିମାନେ ଆସୁଛନ୍ତି । ତାଙ୍କ ପଶ୍ଚାତ୍‌ରେ ମହେନ୍ଦ୍ର, ବିନ୍ଧ୍ୟାଚଳ, ହିମାଦ୍ରି ଆଦି ମହା ମହା ପର୍ବତଶ୍ରେଣୀମାନେ ତୁଷାର କିରୀଟ ଶୋଭା ଧାରଣ କରି ମନ୍ଥର ବିନମ୍ର ଗତିରେ ଆସୁଛନ୍ତି । ଆସୁଛନ୍ତି ସିନ୍ଧୁ ଆଦି ସରିତ୍‌ପତି ମାନେ । ଆସୁଛନ୍ତି ମହୋଦଧିଙ୍କ ଗହଣରେ ଲବଣ ସାଗର, କ୍ଷୀରସାଗର ଏବଂ ପ୍ରଶାନ୍ତ ଗମ୍ଭୀର ମହାସାଗରମାନେ । ଦୂର ଦୂରାନ୍ତର, ଶୂନ୍ୟ ଶୂନ୍ୟାନ୍ତରରୁ ଆସୁଛନ୍ତି ଜ୍ୟୋତିଷ୍କଚକ୍ରର ଗ୍ରହଗଣ, ତାରକା, ନକ୍ଷତ୍ର ପୁଞ୍ଜ, ଧୂମିଳ ନୀହାରିକା ମଣ୍ଡଳ । ଏ ସମସ୍ତଙ୍କ ପଶ୍ଚାତ୍‌ରେ ଯେ ଯେଉଁ ଗଗନର ବିପୁଳ ମହାବ୍ୟାପ୍ତି ବିରାଜମାନ କରିଛନ୍ତି ସେ ହେଉଛନ୍ତି ଅନନ୍ତ । ସମସ୍ତ ଦିଗବଳୟକୁ ବେଢ଼ି ରହିଛି ତାଙ୍କର ଅପରିମେୟ କୁଣ୍ଡଳୀ । ତାଙ୍କର ନିଃଶ୍ୱାସ ପ୍ରଶ୍ୱାସରେ ଏ ଦୃଶ୍ୟମାନ ଜଗତ୍ ଆସେ ଏବଂ ଯାଏ । ଏଠି କାହାକୁ ପ୍ରଣିପାତ ହେବ ଭଗବେ, କେଉଁଟି ପ୍ରଣିପାତ ହେବ ? କର ଯୋଡ଼ିବାକୁ ବେଳକାହିଁ ବଳ କାହିଁ । ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ, ନମସ୍ତେ ସର୍ବତ ଏବ ସର୍ବ ।

ବ୍ରହ୍ମାଣ୍ଡ ଉପରେ ବିମୁକ୍ତ ହୋଇ ଉତ୍ତାନ ପଡ଼ିଯିବାପରେ ଯାହା ଦିଶୁଛି ତାହା ମହାକାଳଙ୍କର ଭବିତବ୍ୟ ବିନ୍ଦୁ । ସେ ଯେ ପ୍ରଶ୍ନବମୟ ମେଘଖଣ୍ଡ ପୁଞ୍ଜୀଭୂତ ନକ୍ଷତ୍ରପରି ବିରାଜମାନ କରିଛନ୍ତି ସେମାନେ ହେଉଛନ୍ତି ଆମ୍ଭମାନଙ୍କର ଉତ୍ତର ପୁରୁଷ; ନୂତନ ଯୁଗର ଅପ୍ରକଟ ବିଭବ । ତାଙ୍କ ଉପରକୁ ଆହୁରି ଜ୍ୟୋତିଷ୍ମାନ ସତ୍ୟ ଏବଂ ତଦୂର୍ଦ୍ଧ୍ୱରେ କେବଳ ଏକ ଅଖଣ୍ଡ ଅବର୍ଣ୍ଣନୀୟ ଜ୍ୟୋତି । ଅମର ଅପସାରଣ ପରେ ଏ ଜ୍ୟୋତି ବିନ୍ଦୁ ଗୁଡ଼ିକ ବ୍ରହ୍ମାଣ୍ଡକୁ ଓହ୍ଲାଇ ଆସିବେ । ଜ୍ୟୋତିର୍ମୟ ହେବ ଏ ପୃଥିବୀ । ଅବତରଣ କରିବ ଊର୍ଦ୍ଧ୍ୱ ଭୂମିରୁ ଆଲୋକର ଅଳକାନନ୍ଦା । ......ହେ ମୋର ପରାଭୂତ ସ୍ନାୟୁ ମଣ୍ଡଳ । ଆଉ କିଛି ସମୟ ଏ ବକ୍ଷ ତୋରଣକୁ ତୋଳିଧର । ଶିଥିଳ ଅଙ୍ଗ ଗୁଡ଼ିକରେ ମନ୍ଦୀଭୂତ ରକ୍ତପ୍ରବାହ, ଆଉ କିଛି କାଳ ପ୍ରବାହିତ ହୁଅ । ନଇଁ ଆସୁଥିବା ଘନ ତମିସ୍ରାର ପଲକ ଯୋଡ଼ିକୁ ତୋଳିଧର ଭଗବେ, ଏ ଚକ୍ଷୁ ଗୋଲକକୁ କିଛି ଜ୍ୟୋତି ଦାନକର । ମୁଁ ଦେଖେ ସେ କଲ୍ୟାଣତମ ପୁରୁଷଙ୍କର ରୂପ ।......ମୁଁ ଦେଖିପାରୁଛି ଦାସ ପ୍ରଧାନଙ୍କୁ ହାତରେ ପାଟ ଡୋର ଧରି ଠିଆ ହୋଇଛନ୍ତି । ଭୀମ, ସାଲବେଗ ତୋଳି ଧରିଛନ୍ତି ବାହୁ ଯୁଗଳ । ମଲ୍ଲୀମାଳ ମଣ୍ଡି ଦେଉଛନ୍ତି ଗୋପାଳକୃଷ୍ଣ । ବେଢ଼ି ରହିଛନ୍ତି ଚିହ୍ନା ଚିହ୍ନା ଅନେକ ଭକ୍ତ । ଦେଶ ଦେଶାନ୍ତରରୁ ଆଗତ, କାଳ କାଳାନ୍ତରରୁ ସମାଗତ ଅକଳନୀୟ ଭକ୍ତ ସମୁଦ୍ର ଆନ୍ଦୋଳିତ ହେଉଛି । ଆନ୍ଦୋଳିତ ହେଉଛି ଅନ୍ତରୀକ୍ଷ, ଦ୍ୟାବା ଏବଂ ପୃଥିବୀ ।

..ମୁହୂର୍ତ୍ତକରେ ମୋତେ କହିଦିଅ, ଭଗବେ, ଏ ବିଶାଳ ମନ୍ଥନର କେନ୍ଦ୍ରରେ ସେ କିଏ ? ସେ କ'ଣ ସେଇ ? ସେଇ ବିସ୍ମୟୀ ଦୟାକର ଭଗବେ, "ହଁ" ବୋଲି କହ ନାହିଁ.. ସମୁଦ୍ରରେ ବୁଡ଼ିଯିବି । 'ନା' ବୋଲି କହନାହିଁ ଭଗବେ, ନିର୍ବାତ ଶୂନ୍ୟରେ ଛାତି ଫାଟିଯିବ ॥ ତୁନି ପଡ଼ିଯାଅ ଭଗବେ । ତୁନି ପଡ଼ିଯାଅ । ତୁନି ପଡ଼ିଯାଅ ॥

ଉପଶିକ୍ଷା ନିର୍ଦ୍ଦେଶକ (କଲେଜ)—ଭୁବନେଶ୍ୱର




ଶ୍ରୀ ଅରକ୍ଷିତ ପ୍ରଧାନ

ଘନକୃଷ୍ଣ ମେଘବର୍ଣ୍ଣ ହେ ଦାରୁ ଦେବତା
ଅପୂର୍ଣ୍ଣରୂପରେ ତୁମେ ବହିଛ ପୂର୍ଣ୍ଣତା ।

ତୁମେ ସ୍ୱୟଂ ପରମବ୍ରହ୍ମ ଚିନ୍ମୟ ଆକାଶ
ଆଦିତ୍ୟ ତୁମକୁ କରି ନପାରେ ପ୍ରକାଶ ।

ତୁମେ ପ୍ରକାଶକ ପ୍ରଭୁ କୋଟି ଆଦିତ୍ୟର
ତୁମେ ପୁଣି ନିର୍ବାପକ ଅଟ ପଞ୍ଚାଗ୍ନିର ।

ତୁମେ ଯେ ପରମସତ୍ୟ ନିତ୍ୟ ବେଦାତୀତ
ସର୍ବଶକ୍ତିମୟ ତୁମେ ସଂପାଳକ ଅନନ୍ତଜଗତ ।

ଅବ୍ୟକ୍ତ ତୁମର ତତ୍ତ୍ୱ ହେ ଚକାନୟନ
ତୁମଙ୍କୁ ଖୋଜୁଛି ନିତି ସହସ୍ର ଦର୍ଶନ ।

ତଥାପି ଅଗମ୍ୟ ତୁମେ କାଳିଆ ଠାକୁର
ଅବ୍ୟକ୍ତରେ ବ୍ୟକ୍ତ ତୁମ ନବ କଳେବର ।

ଆଦି ମଧ୍ୟାନ୍ତ ଅଗମ୍ୟ ନିର୍ଲୋପ ପୁରୁଷ
ଜ୍ଞାନୀ ଯୋଗୀ ଧ୍ୟାନ-ମାନ ସରୋବର-ହଂସ ।

ସକଳ ଆତ୍ମାର ପ୍ରଭୁ ତୁମେ ଅଧିପତି
କାଳର କାରଣ ତୁମେ ଅଗତିର ଗତି ।

ବିଚିତ୍ର ତୁମର ଲୀଳା ତୁମେ ହିଁ ଅଦ୍ଭୁତ
ସକଳ ପ୍ରାଣୀ ଜଗତ ପ୍ରାଣେ ହୋଇ ସ୍ଥିତ ।

ତଥାପି ଧରିଛ ଦେହ ଭବ ନିବାରଣେ
ଏ ଧରାର ବିଗଳିତ ଜୀବର କଷଣେ ।

ସମସ୍ତ ଜଗତ ଆଜି କରେ ପ୍ରଣିପାତ
ବଡ଼ ଦାଣ୍ଡେ ହୋଇଠିଆ, ଆହେ ଜଗନ୍ନାଥ ।



ଓଡ଼ିଆ ଭାଗବତକାର ଅତିବଡ଼ି ଶ୍ରୀଜଗନ୍ନାଥ ଦାସ



ଅତିବଡ଼ି ଶ୍ରୀଜଗନ୍ନାଥ ଦାସଙ୍କ ସାଧନାପୀଠ ସାତଲହରି ମଠର ଏକ ଦୃଶ୍ୟ

# ଜଗନ୍ନାଥ ଚିନ୍ତା ଚେତନାବଳୀ

ଶ୍ରୀ ନୀଳକଣ୍ଠ ମିଶ୍ର

ଭଗବାନ ଶ୍ରୀଜଗନ୍ନାଥଙ୍କର ନବକଳେବର ଚଳିତ-ବର୍ଷ ଅନୁଷ୍ଠିତ ହେଉଛି । ଏହି ଉତ୍ସବ ଉପଲକ୍ଷେ ଶ୍ରୀଠାକୁରଙ୍କ ସମେତ ଶ୍ରୀ ବଳଭଦ୍ର, ଭୁବନେଶ୍ୱରୀ ମନ୍ତ୍ରରେ ପୋଷିତା କଲ୍ୟାଣମୟୀ ମା' ସୁଭଦ୍ରା, ଶ୍ରୀ ସୁଦର୍ଶନ ବିଗ୍ରହଙ୍କର ମଧ୍ୟ ବିଗ୍ରହାନ୍ତର ଘଟିବ । ଏହି ପରିପ୍ରେକ୍ଷୀରେ ଶ୍ରୀ ଜଗନ୍ନାଥଙ୍କ ବିଷୟ ସ୍ୱତଃ ମନର ଭୂରଣ ଭୂମିରେ ବୌଦ୍ଧିକ ତରଙ୍ଗ ସୃଷ୍ଟି କରିଥାଏ ।

ଶ୍ରୀଜଗନ୍ନାଥ ଜନ ଜୀବନର ପ୍ରତୀକ—

ବୈଦିକ ଶ୍ରୁତି ଶ୍ରୀ ମହାପ୍ରଭୁଙ୍କ ବିଷୟ ବର୍ଣ୍ଣନା କରିବାକୁ ଯାଇ ଗୋଟିଏ ପଦରେ କହିଥାନ୍ତି—

ସର୍ବ ରହସ୍ୟ ପୁରୁଷୋତ୍ତମସ୍ୟ
ଦେବାଃ ନ ଜାନାନ୍ତି କୁତ ମନୁଷ୍ୟଃ ?

ଅର୍ଥାତ୍ ଦେବତା ଯାହାର ରହସ୍ୟର ଗ୍ରନ୍ଥି ଉନ୍-ମୋଚନ କରିବାକୁ ସକ୍ଷମ ନୁହନ୍ତି ମନୁଷ୍ୟ ପ୍ରକାୟ ଜ୍ଞାନ; ବିଦ୍ୟା ତଥା ଦର୍ଶନର ପ୍ରୟୋଗରେ ସେ ରହସ୍ୟର ମହାସମୁଦ୍ରକୁ କିପରି ଅତିକ୍ରମ କରିପାରିବ ?

ଓଡ଼ିଶାର ଜନଜୀବନର ପୃଷ୍ଠ ଭୂମିରେ ଶ୍ରୀ ଜୀଉ ଯେ ସଦାକାଳେ ବିରାଜିତ ଏଥିରେ ସନ୍ଦେହର ଅବକାଶ ନାହିଁ । ଏକାଧାରରେ ସେ ଅନାର୍ଯ୍ୟ ଦେବତା; ଶବରୀ ନାରାୟଣ, ଶବର ସଭ୍ୟତାର ପ୍ରତୀକ । ପୁଣି ସେ ବୈଦିକ 'ଅପାଣି ପାଦ ଦେବତା' ଯାହାର ଆବାହନ ସାମନ୍ତ ବ୍ରାହ୍ମଣ କରେ ପୁରୁଷ ସୂକ୍ତରେ । ପୁଣି ଶ୍ରୀମଦ୍ ରାମାନୁଜାଚାର୍ଯ୍ୟଙ୍କ ବିଶିଷ୍ଟ ଅଦ୍ୱୈତବାଦ ଅନୁସାରେ ସେ ପରମଲକ୍ଷ୍ମୀ "କାନ୍ତାକାଞ୍ଚନ ସନିଷ୍ଠ"ଙ୍କ ସ୍ୱାମୀ ସେହି ପରମଲକ୍ଷ୍ମୀ ଶ୍ରୀ ଦେବୀ ନାମରେ ଲୋକରେ



ଭୈରବ । ଅପର ପକ୍ଷରେ ଶ୍ରୀ ଜଗନ୍ନାଥ ତନ୍ତ୍ରୀୟାନ ତନ୍ତ୍ରର ମହାକାଳ, ଯାହାଙ୍କ ନିକଟରେ ଦକ୍ଷିଣେଶ୍ୱର ଓ ତାମା-ଶ୍ୱର ପୂଜା ପ୍ରଥମ ସ୍ତରରେ ପ୍ରଚଳିତ । ତାମାଶ୍ୱରର ଦୋହଲବୁଦ୍ଧ ଶ୍ରୀ ଜଗନ୍ନାଥ କେବଳ କାଳଭୈରବ ମୂର୍ତ୍ତି , ଜାନାତାତ କାଳଭୈରବ, ଯାହାଙ୍କ ମନ୍ଦିର ତଥା ପୀଠ ନବତ୍ରିକୋଣ ବିଶିଷ୍ଟ ଶ୍ରୀ ଚକ୍ର (ତାନ୍ତ୍ରିକ ଚକ୍ର) ଉପରେ ପ୍ରତିଷ୍ଠିତ । ଏହାଙ୍କ ମନ୍ଦିର ସନ୍ନିକଟରେ ଅଷ୍ଟ-ଦେବୀ (ଦକ୍ଷିଣକାଳୀ, ସୁନଣ୍ଡା, ଚର୍ଚ୍ଚିକା ପ୍ରଭୃତି) ଓ ମନ୍ଦିର ବେଢ଼ା ମଧ୍ୟରେ ଶ୍ରୀ ବିମଳା ଦେବୀଙ୍କ ପୂଜା ଅଦ୍ୟଧା ଏ ପ୍ରମାଣର ଅନ୍ୟତମ ସମର୍ଥକ । ପୁଣି ଶ୍ରୀ ଜଗନ୍ନାଥ 'ମହାଜଗତ ରୂପ ସେ ତିକାଣ ଚିନିରେଖା' ମଣ୍ଡିତ ବୌଦ୍ଧଧର୍ମର ବୁଦ୍ଧଙ୍କର ମୂର୍ତ୍ତିମନ୍ତ ବିଗ୍ରହ । ଅପର ପକ୍ଷରେ ସେ ପୁଣି କୁଳାଶ୍ରୟୀ ବୌଦ୍ଧମାନଙ୍କର 'ପ୍ରତିପାଦ୍ୟ ଜଗନ୍ନାଥଂ ସର୍ବଜନ ରକ୍ଷିତଂ' । ଏଭଳି ଏକ ରହସ୍ୟମୟ ଦେବତା ସାମଗ୍ରିକଭାବେ ସମଗ୍ର ମାନବ ସଭ୍ୟତାର ଚରମ ଲକ୍ଷ୍ୟ । ବିଭିନ୍ନ କାଳରେ, ବିଭିନ୍ନ ପ୍ରୟୋଗ, ଆକ୍ଷେପ ସତ୍ତ୍ୱେ ମଧ୍ୟ ସେ ସାର୍ବଜନୀନ ହୋଇ ହୋଇଛନ୍ତି ଏକାନ୍ତ ବ୍ୟକ୍ତିଗତ । ମହାକାଳର ପ୍ରବାହରେ ସବୁ ସାମ୍ପ୍ରଦାୟିକ ଚେତନାରେ ବିଜଡ଼ିତ ହୋଇ ମଧ୍ୟ ସେ ରହିଛନ୍ତି ଏକ ନିଃସଙ୍ଗ ନକ୍ଷତ୍ର ଭଳି, ଏକ ବିଶାଳ ପରିବ୍ୟାପ୍ତ ଉଦ୍ୟାନରେ ଆବହମାନ କାଳରୁ ସଂଶୋଭିତ ଏକ ବିରାଟ ବଟବୃକ୍ଷ ଭଳି ।

## ପୁରୁଷୋତ୍ତମ କ୍ଷେତ୍ର ଓ ଶ୍ରୀ ଜଗନ୍ନାଥ

ବିଭିନ୍ନ ସ୍ଥଳରେ ବିଶେଷ କରି ଓଡ଼ିଆ ସାହିତ୍ୟର ଭୂମିକା ପୃଷ୍ଠାରେ ଶ୍ରୀ କ୍ଷେତ୍ର (ଶ୍ରୀ ମହାଲକ୍ଷ୍ମୀଙ୍କର ଅନ୍ୟ ନାମ) ଯୁଗେ ଯୁଗେ ସନ୍ଥ, ସାଧୁ, ପରିବ୍ରାଜକ ମାନଙ୍କର ସ୍ମରଣ ଭୂମିରେ ପରିଣତ ହୋଇଛି । ଶ୍ରୀ କ୍ଷେତ୍ର, ସ୍ୱର୍ଗ-ଦ୍ୱାର, ବଡ଼ଦାଣ୍ଡ, ଶଙ୍ଖନାଭି ମଣ୍ଡଳ, ଶରଧାବାଲି (ରାମାନୁଜମାର୍ଗୀ ମାନଙ୍କର ଭକ୍ତିଧର୍ମର ପ୍ଳାବନ ଫଳରେ), ମହୋଦଧି ପ୍ରାମାଣିକ ଗ୍ରନ୍ଥରେ, ସ୍ମୃତି ଆଉ ଶ୍ରୁତିରେ ମୂର୍ଚ୍ଛିତ ହୋଇ ଆସିଛି ଏକ ଅପୂର୍ବ ସ୍ୱତା-ବେଗରେ । ପ୍ରାକ୍ ସାରଳା ସାହିତ୍ୟଠାରୁ ଆରମ୍ଭକରି ପଲ୍ଲୀକବି ନନ୍ଦକିଶୋରଙ୍କ 'ଏହି ସେହି ପୁରୀ, ଯା ଦର୍ଶନ ପାଇଁ, ଦିଗ ଦିଗନ୍ତରୁ ଯାତ୍ରୀ ଅସୁଛନ୍ତି ଧାଇଁ'' ପୁରୀକୁ ମହିମାନ୍ୱିତ ବାଂଶପୁରର ଗୌରବ ଦେଇ ଆସିଛି । ଇନ୍ଦ୍ରଦ୍ୟୁମ୍ନ, ଶ୍ରୀ ମାର୍କଣ୍ଡେୟ, ଶ୍ରୀ ନରେନ୍ଦ୍ର ସରୋବର, ଶ୍ୱେତଗଙ୍ଗା ପ୍ରଭୃତି ଯେ କୌଣସି ପରିବ୍ରାଜକର ଅବ-ଗାହନ ସ୍ଥଳ । କଥିତ ଅଛି, ମୁକ୍ତିକାମୀ ବ୍ୟକ୍ତି ଶ୍ରୀ କ୍ଷେତ୍ରରେ ବାସକଲେ ଅଦ୍ୱୈତବେଦାନ୍ତୀ ଜଗଦ୍‌ଗୁରୁ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ଜୀବନ ମୁକ୍ତି ଲାଭ କରିଥାଏ । ସ୍କନ୍ଦ ପୁରାଣର ପୁରୁଷୋତ୍ତମ ମାହାତ୍ମ୍ୟ ୮ମ ଅଧ୍ୟାୟରେ ବର୍ଣ୍ଣିତ ଅଛି—'ସିନ୍ଧୋ ସ୍ତୀରେ ତସ୍ୟ ତଟେ ନିବାସିନ ମହୀପତେ' ବା 'କ୍ଷେତ୍ରୋତ୍ତମଂ ଶ୍ରୀ ପୁରୁଷୋତ୍ତମାଖ୍ୟ ପ୍ରଦକ୍ଷିଣା କୃତ୍ୟ ଭବାମି ଭୂଷଣ' ।

ପୁଣି ଅନ୍ୟତ୍ର କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ତାଙ୍କ କାବ୍ୟଗ୍ରନ୍ଥରେ ଏ କ୍ଷେତ୍ରର ସନ୍ନିକଟ ହେଲେ । ଏହାର ମହୋଦଧିର ବକ୍ଷ୍ୱାନକରେ, ଏହାର ଘଣ୍ଟଘଣ୍ଟା ଧ୍ୱନିରେ ସଂସାରର ଆଶୀବିଷ ନଷ୍ଟହୁଏ ବୋଲି ବର୍ଣ୍ଣନା କରିଛନ୍ତି । ଅନ୍ୟତ୍ର ମଧ୍ୟ ସେ ଏ କ୍ଷେତ୍ରରେ ଅଭିଷ୍ଟ ସିଦ୍ଧି କିପରି ଉପଲବ୍ଧିତ ହୁଏ ତା' ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି—

'ସେ କଳ୍ପକଟକ ରଜା ନାମ ଜଗନ୍ନାଥ
ଚଉବର୍ଗେ ଚଉବର୍ଗ ଦେବାକୁ ସମର୍ଥ ।

ସାଂସାରିକ ଧର୍ମ, ଅର୍ଥ, କାମ, ମୋକ୍ଷ—ଏ ଚତୁର୍ବର୍ଗ ଫଳ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଏ କ୍ଷେତ୍ର ନିବାସୀ ଯେ କେହି ବ୍ୟକ୍ତି ଅଚିରେ ଲାଭ କରିବ ବୋଲି ବର୍ଣ୍ଣନା କରିଛନ୍ତି ।

ପୁଣି ସନ୍ଥ ପରମ୍ପରାରେ ଏହା ପ୍ରଖ୍ୟାତ ଯେ 'ଜନ୍ମେ ଚ ଗୋକୁଳ ଭୈରବ ସ୍ଥଳେ ଚ ବଦରୀ ତଥା—ଜନ୍ମେ ଅନ୍ତରୀକ୍ଷେ ମୁକ୍ତି ଶ୍ରୀ ପୁରୁଷୋତ୍ତମେ' ।

ତେଣୁ ଶ୍ରୀ ଜଗନ୍ନାଥ ଓ ଶ୍ରୀ ଦେବୀଙ୍କୁ ଅଙ୍ଗରେ ଧାରଣ କରି ଯୁଗେ ଯୁଗେ ବୈଦିକ ଋଷିଙ୍କ ଠାରୁ ଆରମ୍ଭ କରି ବହୁ ଧର୍ମଗୁରୁଙ୍କୁ ପୁରୀ ଶ୍ରୀ ପୁରୁଷୋତ୍ତମ ଯେ ଆକର୍ଷିତ କରି ଆଣିଛି ଏଥିରେ ସନ୍ଦେହ ନାହିଁ । ପୁରୀ ବିଭିନ୍ନ ଧର୍ମର ମହା ପ୍ଳାବନରେ ଅବଗାହନ କରି ଏକ ଶୁଚି ସ୍ନାତା ବଧୂପରି ଶ୍ରୀମନ୍ଦିର ସିନ୍ଦୂର ଧାରଣ କରି ମାନବ ସଭ୍ୟତାର କଲ୍ୟାଣମୟୀ ନାରୀ ଶକ୍ତିରୂପେ ଅବତୀର୍ଣ୍ଣ ହୋଇଛି ।

## ଉପନିଷଦ ଓ ଶ୍ରୀ ଜଗନ୍ନାଥ

ଈଶ ଉପନିଷଦ, କେନ ଉପନିଷଦ, କଠ ଉପନିଷଦ, ପ୍ରଶ୍ନ ଉପନିଷଦ, ବୃହଦାରଣ୍ୟକ ଉପନିଷଦ, ମୁଣ୍ଡକ ଉପନିଷଦ, ଛାନ୍ଦୋଗ୍ୟ ଉପନିଷଦ, ତୈତ୍ତିରୀୟ ଉପ-ନିଷଦ, ଆତ୍ରେୟ ଉପନିଷଦ ପ୍ରମୁଖ ଆଲୋଚନା କରି ମୁଖ୍ୟତଃ ଜ୍ଞାନର ଅନିର୍ବାଣ ଦୀପଶିଖାରେ ପ୍ରବୃତ୍ତି ଗୁରୁ ନିକଟରେ ସ୍ୱାଧ୍ୟାୟରତ ଛାତ୍ରଟିଏ ଅନିର୍ବଚନୀୟ ବ୍ରହ୍ମର ସ୍ୱରୂପ ଉଦ୍‌ଘାଟନ କରିବାର ଅପ୍ରାଣ ଚେଷ୍ଟା କରୁଥିବାର ଚିତ୍ର ପାଠକ ଆବିଷ୍କାର କରେ । ଏହାରେ ବ୍ରହ୍ମ, ବୈଦିକ ଋଷିର ଭାଷାରେ 'ନେତି', ନେତି ଅର୍ଥାତ୍ ଯାହା ବଚନାତୀତ, ରୂପାତୀତ, ଭାବାତୀତ

ଏଥର ସୋହଂକି ସଦୃଶ 'ହୃଦ୍‌ସନ୍ନିବିଷ୍ଟ' । ଉପନିଷଦର ବ୍ରହ୍ମ ଓ ଶ୍ରୀ ଜଗନ୍ନାଥଙ୍କ ଆଲୋଚନା କଲେ ଆମେ ଦେଖିବା ଶ୍ରୀ ଜଗଦ୍‌ଗୁରୁଙ୍କ ଅଦ୍ୱୈତ ବେଦାନ୍ତ 'ବ୍ରହ୍ମ ସତ୍ୟ ଜଗତ ମିଥ୍ୟା ଜୀବ ବ୍ରହ୍ମୈବ କେବଳଂ'ର (ଏଣୁ ଜଗତ ଶ୍ରୀଶଙ୍କରଙ୍କ ମତରେ ବ୍ୟାବହାରିକ ସତ୍ୟ) ଅନୁଗାମୀମାନେ ଜଗନ୍ନାଥଙ୍କୁ "ଶୂନ୍ୟତାଗର୍ଭଂ ସର୍ବ ଚୈତନ୍ୟ" ବୋଲି ବର୍ଣ୍ଣନା କରିଛନ୍ତି ।

ମହର୍ଷି ବାଦରାୟଣ କୃତ ଚାରୋଟି ଅଧ୍ୟାୟ ବିଶିଷ୍ଟ ବ୍ରହ୍ମସୂତ୍ରର ଦ୍ୱିତୀୟ ଅଧ୍ୟାୟରେ ବ୍ରହ୍ମ ଓ ବ୍ୟକ୍ତ ଜଗତର ସମ୍ବନ୍ଧ ନିରୂପଣ କରିବାକୁ ଯାଇ ବ୍ରହ୍ମଙ୍କୁ ଏକ ସଂକୁଚିତ ହୋଇଥିବା ବସ୍ତୁ ଓ ଜଗତକୁ ଏକ ପରିବ୍ୟାପ୍ତ ବସ୍ତୁ ସହିତ ତୁଳନା କରାଯାଇଛି ।

ଅପରପକ୍ଷରେ ବିଭିନ୍ନ ଉପନିଷଦମାନେ ବ୍ରହ୍ମକୁ ବର୍ଣ୍ଣନାତୀତ ବୋଲି ସୂଚନା ଦେଇଛନ୍ତି । ସେମାନେ କହନ୍ତି ବ୍ରହ୍ମ ଶବ୍ଦ ସଂସ୍କୃତ ମୂଳଧାତୁ 'ବୃଂହ' ରୁ ଆନୀତ । ବୃ (ବା ବୃହ ?) ର ଅର୍ଥ ପ୍ରବାହିତ (to expand) ହେବା । ଯାହାର ବ୍ୟାପକତା, ବିସ୍ତାରତ୍ୱ ହେଉଛି ଅସୀମ ଓ ଅମାପ । ତୈତ୍ତିରୀୟ ଉପନିଷଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ଛନ୍ଦରେ କୁହାଯାଇଛି ଯେ ଯେଉଁଠାରୁ ବାକ୍ୟ ଓ ମନ ପ୍ରତ୍ୟାବର୍ତ୍ତିତ ହୁଏ ଓ ଯାହାକୁ ଇନ୍ଦ୍ରିୟ ସ୍ପର୍ଶ କରି ନ ପାରେ ସେ ବ୍ରହ୍ମ । ବୃହଦାରଣ୍ୟକ ଉପନିଷଦ ଅପରପକ୍ଷରେ ଏହି ବ୍ରହ୍ମର ସ୍ୱରୂପ ସମୀକ୍ଷା କରିବାକୁ ଯାଇ ଏହା ଜ୍ଞାନ ଓ ଆନନ୍ଦ ବୋଲି ଉଦାର କଣ୍ଠରେ ସ୍ୱୀକାର କରିଛନ୍ତି । ସେ ହିରଣ୍ୟଗର୍ଭ, ସୂତ୍ରାତ୍ମା, ବିରାଟ ତଥା ପ୍ରାଣର ପ୍ରାଣ ।

ଆହୁରି ମଧ୍ୟ କେତେକ ବ୍ରହ୍ମଙ୍କୁ ପୂର୍ଣ୍ଣ ଓ ଶୂନ୍ୟ ବୋଲି ବର୍ଣ୍ଣନା କରିଛନ୍ତି । ଋଗ୍‌ବେଦର ୧୦ ମଣ୍ଡଳ ନାସଦୀୟ ସୂକ୍ତ ତଥା ତେଜୋବିନ୍ଦୁ ଉପନିଷଦରେ ଏ ଶୂନ୍ୟତା ସମ୍ପର୍କରେ ସୂଚନା ଦିଆ ଯାଇଛି । 'ଅଶୂନ୍ୟଂ ଶୂନ୍ୟଂ ଭବତି ଶୂନ୍ୟାତୀତଂ ହୃଦିସ୍ଥିତମ୍' (ତେଜୋବିନ୍ଦୁ ଉପନିଷଦ) । ଏହା ଶୂନ୍ୟ ଭଳି ଥାଏ, କିନ୍ତୁ ଏ ଶୂନ୍ୟ ନକରାତ୍ମକ ବା ଅଭାବାତ୍ମକ ନୁହେଁ । ଅପରପକ୍ଷରେ ଏହା ପୂର୍ଣ୍ଣ ବୋଲି ପରିକଳ୍ପିତ । ଏ କ୍ଷେତ୍ରରେ ବ୍ରହ୍ମ 'ହୃଦିସ୍ଥିତମ୍' ବୋଲି ପରିକଳ୍ପିତ ହୋଇଛନ୍ତି ଓ ଶ୍ୱେତାଶ୍ୱତର ଉପନିଷଦ ଅନୁସାରେ ସେ 'ଊର୍ଣ୍ଣନାଭବତ୍' ଏ ସଂସାରର ସୃଜନ ଓ ସମାପନ କରିଥାନ୍ତି ।

ନିର୍ଗୁଣବ୍ରହ୍ମବାଦୀମାନଙ୍କ ଦୃଷ୍ଟିରେ ମଧ୍ୟ ଶ୍ରୀ ଜଗନ୍ନାଥ ନିର୍ଗୁଣ ବ୍ରହ୍ମ । ସେ ସତ୍-ଚିତ୍-ଆନନ୍ଦ । ଶ୍ରୀ ଜଗନ୍ନାଥ ବ୍ରହ୍ମ ଓ ସେ ଏ ହୃଦୟ ଭିତରେ ସନ୍ନିବିଷ୍ଟ । ତା'ହେଲେ ଏ କ୍ଷେତ୍ରରେ ଶ୍ରୀ ମନ୍ଦିର କିଏ ? 'ଦେହ ଦେଉଳ ବୋଲି ଯାହା, ନିଶ୍ଚୟ ଏ ତୋହର କାୟା' । (ବିରାଟ ଗୀତା) ଶ୍ରୀ ଦିବାକର ଦାସ ଜଗନ୍ନାଥ ଚରିତାମୃତରେ ବଡ ଦେଉଳକୁ ସହସ୍ରଦଳ ପଦ୍ମ ରୂପେ ପରିକଳ୍ପନା କରିଛନ୍ତି । ଅପର ପକ୍ଷରେ ସାଧକ କୁଳକୁଣ୍ଡଳିନୀକୁ ଜାଗ୍ରତ କରି ମଣିପୁର, ସ୍ୱାଧିଷ୍ଠାନ ପ୍ରଭୃତି ଚକ୍ର ଅତିକ୍ରମ କରି ସହସ୍ରାରେ ମିଳିତ ହୁଏ । ବଳରାମଦାସଙ୍କ ବେଦାନ୍ତସାର ଗୀତା ଅନୁସାରେ, ବାହ୍ୟ ଜଗତରେ ମଧ୍ୟ ଭକ୍ତ ସପ୍ତାବରଣ (ତୁଳସୀ ଚଉରା, ଅଠରନଳା ଘାଟ, ବଡଦାଣ୍ଡ, ଜଗମୋହନ ପ୍ରଭୃତି) ଅତିକ୍ରମ କରି ତାଙ୍କୁ ଦର୍ଶନ କରି ସାଲୋକ୍ୟ ମୁକ୍ତି ଲାଭ କରେ ।

ପୁଣି ବଳରାମ ଦାସଙ୍କ ମତରେ 'ପିଣ୍ଡ ବ୍ରହ୍ମାଣ୍ଡ ଯେ ନୁହଁଇ ଭିନ୍ନ, ଏ କଥା ଜାଣନ୍ତି ଜ୍ଞାନୀ ସୁଜନ' । ଏହାକୁ ସମର୍ଥନ କରି 'ଶିବସ୍ୱରୋଦୟ' କର୍ତ୍ତା ମଧ୍ୟ ତାଙ୍କ ଗ୍ରନ୍ଥରେ;

'ଶୁଣ ଦେବୀ ଯାହା ସୁକ୍ଷ୍ମ ପରମ ଗୁପତ
ଦେହ ମଧ୍ୟେ ଅଛି ସେ ଉତ୍ତମ ଜ୍ଞାନ ତ ।

ଏ ତତ୍ତ୍ୱ ଜାଣଇ ଯେହୁ ସର୍ବଜ୍ଞ ସେ ସେହି.....' ଇତ୍ୟାଦି ବର୍ଣ୍ଣନା କରିଛନ୍ତି ।

ଅନ୍ୟତମ ସନ୍ଥସାଧକ ଶ୍ରୀଯୁକ୍ତ ବଳରାମ ଦାସ ତାଙ୍କ 'ଗୁପ୍ତଗୀତା'ରେ ଏ ତତ୍ତ୍ୱ ଏବଂ ତଥ୍ୟକୁ ଆହୁରି ସୂକ୍ଷ୍ମଭାବରେ ପ୍ରଖ୍ୟାପନ କରିଛନ୍ତି ।

ସମଗ୍ର ବେଦର ସାରତତ୍ତ୍ୱ ହିଁ ବ୍ରହ୍ମ । ଏ ଶ୍ରୁତିବେଦ ବ୍ରହ୍ମଙ୍କର ମୂର୍ତ୍ତିମନ୍ତ ପ୍ରତୀକ ଚତୁର୍ଦ୍ଧାମୂର୍ତ୍ତି ।

'ବଳଦେବ ଯେ ସାମ ହୋଇ
ଋକ ଯେ ସୁଭଦ୍ରା ଅଟଇ
ଯଜୁର୍ବେଦ ଶ୍ରୀ ଜଗନ୍ନାଥ
ଅଥର୍ବ ସୁଦର୍ଶନ ସାର୍ଥ ।'

✲ ✲ ✲ ✲

ନାସିକା ସୁଦର୍ଶନ କହି
ଅଧର ସୁଭଦ୍ରା ଅଟଇ
ନୟନ ଜଗନ୍ନାଥ ଜାଣ
ବଳଭଦ୍ରଟି ଯେ ଶ୍ରବଣ ।'

## ନିର୍ଗୁଣ ବ୍ରହ୍ମ ଓ ମୂର୍ତ୍ତି ରହସ୍ୟ —

ଦର୍ଶକ, ପାଷାଣର ମହାକାବ୍ୟ ଶ୍ରୀମନ୍ଦିର ଅଧ୍ୟୟନ କରି ପାଷାଣ ଭିତରେ ଜୀବନ ସତ୍ତା ଉପଲବ୍ଧି କଲାପରେ ଯେତେବେଳେ ଶ୍ରୀଜୀଉଙ୍କୁ ରତ୍ନସିଂହାସନରେ

ପ୍ରତିଫଳିତ କରେ, ସେତେବେଳେ ତା'ର ଚେତନା ଉଦ୍ବୁଦ୍ଧ ହୁଏ । ବିଗ୍ରହର ବିଭୂତି ତା'ର ଚିନ୍ତାକୁ ଅଭିଭୂତ କରେ । ମୂର୍ତ୍ତିମନ୍ତ ବ୍ରହ୍ମଦର୍ଶନରେ ସେ ନିଜେ ଚେତୋତୀତ ବ୍ରହ୍ମରେ ପରିଣତ ହୁଏ । ସେ କ୍ଷଣରେ ବୃକ୍ଷ ପାଷାଣ, ଧାତୁରେ ଯେ ଜୀବନର କୁଞ୍ଜ ରଚନା କରିପାରିବ, ସେ ମନ୍ଦିରର ଶ୍ରେଷ୍ଠ ସମ୍ପଦ ଶ୍ରୀ ଜୀଉଙ୍କ ବିଗ୍ରହକୁ ଏଭଳି ଅସମ୍ପୂର୍ଣ୍ଣ ଅରୂପ କଲା କିଭଳି ? ମହାରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀଗୁଣ୍ଡିଚା ଦେବୀଙ୍କର ଉପାଖ୍ୟାନ ଲୌକିକ ଉତ୍ସାହ ଚେତନାକୁ ହୁଏତ ପ୍ରମୋଦିତ କରି-ପାରେ ; କିନ୍ତୁ ମାନବର ଅଧ୍ୟାତ୍ମ କ୍ଷୁଧାକୁ ଏ ଉପାଖ୍ୟାନ ସଂପୂର୍ଣ୍ଣ ତୃପ୍ତ କରିପାରିବ ନାହିଁ । ଡଃ ବେଣୀମାଧବ ପାଢ଼ୀ ତାଙ୍କ ଦାରୁଦେବତା ଗ୍ରନ୍ଥରେ ଏହା ଅନାର୍ଯ୍ୟ ଦେବତା ଓ ପାରଳାଖେମୁଣ୍ଡି ପ୍ରଭୃତି ଅଞ୍ଚଳରେ ପ୍ରଚଳିତ ବୃକ୍ଷଶ୍ରେଣୀର ଆରାଧନାର ରୂପାନ୍ତର ବୋଲି ମତ ଦେଇଛନ୍ତି । ସାରଳା ମହାଭାରତରେ ଶବରୀ ନାରାୟଣ ଉପାସନାର ଯେଉଁ ସୂଚନା ମିଳେ ସେଥିରେ ଅନ୍ୟପ୍ରକାର ବର୍ଣ୍ଣନା ଅଛି । ଏସବୁ ସତ୍ତ୍ୱେ ମଧ୍ୟ ବହୁ ବିବର୍ତ୍ତନ ଆବର୍ତ୍ତନ ମଧ୍ୟରେ ବହୁ ନୂତନ ରୀତି ନୀତି ଶ୍ରୀ-ମନ୍ଦିରରେ ଯେତେବେଳେ ପ୍ରଚଳିତ ହୋଇପାରିଲା (ଉଦାହରଣ ସ୍ୱରୂପ ଆଦିଶଙ୍କରଙ୍କ ଦ୍ୱାରା ଭୋଗବର୍ଦ୍ଧନ ପାଠ, ଭୋଗମଣ୍ଡପ ପ୍ରତିଷ୍ଠା ଓ ଅନୁରୂପ ସେବାପୂଜା ପ୍ରଚଳନ), ସେତେବେଳେ ଶ୍ରୀଜୀଉଙ୍କ ସ୍ଥାନରେ ଏକ ସୁନ୍ଦର ବିଗ୍ରହ ବି ସ୍ଥାପିତ ହୋଇ ପାରିଥାନ୍ତା । ପୁରୁଷୋତ୍ତମ ଦେବ ଯେଉଁ 'ଅଧରେ ବିନିହିତ ବଂଶୀ ଚମ୍ପକକୁସୁମେନ କଳ୍ପିତ ଶଂଖମ୍' ରୂପର ପରିକଳ୍ପନା କରିଥିଲେ ତା'ର ପ୍ରତିଷ୍ଠା କେଉଁ କାରଣରୁ ବ୍ୟାହତ ହେଲା ?

ଏ କ୍ଷେତ୍ରରେ ମନକୁ ଯେଉଁ ଚିନ୍ତା ଆସେ ତା ହେଲା, ପ୍ରଥମତଃ ନିର୍ଗୁଣ ବ୍ରହ୍ମ ହେଉଛନ୍ତି ଅସୀମ, ଅନନ୍ତ । ତେଣୁ ସୀମା ବା ରୂପ ଥିବା ବିଗ୍ରହ ଅସୀମର ପ୍ରତୀକ ହେବେ କିପରି ? ଦ୍ୱିତୀୟତଃ ଛାନ୍ଦୋଗ୍ୟ ଉପନିଷଦ ଜୀବନକୁ ଏକ ତ୍ୟାଗର ଅଧ୍ୟାୟ ବୋଲି ବର୍ଣ୍ଣନା କରିଛି । ବାହ୍ୟ ଆଡମ୍ବର ହୀନ ଅଥଚ ଅନ୍ତଃକରଣରେ 'ପସ୍ତୋପ-କାରସ୍ୱ ସ୍ୱର୍ଗାୟ' ବ୍ରତ ଗ୍ରହଣ କରିବା ଉଚିତ ବୋଲି ଏ ଉପନିଷଦ ମତ ଦେଇଛି । ମହା ନାରାୟଣ ଉପନିଷଦ ୯ମ ଛାଦରେ ଜୀବନର ମହତ କାର୍ଯ୍ୟକୁ ଏକ ସୁଗନ୍ଧ ପୁଷ୍ପଗୁଚ୍ଛ ତୁଳନା କରି ଏହାର ସୌରଭ ଦିଗବିଦିଗରେ ବିଛୁରିତ କରିବା ଉଚିତ ବୋଲି ବୈଦିକ ଋଷିମାନେ ପ୍ରଖ୍ୟାପନ କରିଛନ୍ତି । ଏ କ୍ଷେତ୍ରରେ ସାଂସାରିକ ସୁଖ ସମ୍ଭୋଗ ସଂକୀର୍ଣ୍ଣ ସ୍ୱାର୍ଥ ପଥରେ ଓ ଆତ୍ମତ୍ୟାଗ ପ୍ରଶସ୍ତ ଭି ପଥରେ ପରିଣତ ହୋଇଛି ।

ତୈତ୍ତିରୀୟ ଉପନିଷଦ, ବୃହଦାରଣ୍ୟକ ଉପନିଷଦ, କେନ ଉପନିଷଦ, ଛାନ୍ଦୋଗ୍ୟ ଉପନିଷଦ, ମୁଣ୍ଡକ ଉପନିଷଦ, ପ୍ରଶ୍ନ ଉପନିଷଦ ପ୍ରମୁଖରେ ଆତ୍ମଶୁଦ୍ଧି କେବଳ ମାନସିକ ତ୍ୟାଗ ସହିତ ବାହ୍ୟିକ ତ୍ୟାଗର ଆବଶ୍ୟକତାକୁ ସ୍ୱୀକାର କରାଯାଇଛି । କଠ ଉପ-ନିଷଦରେ ବାହ୍ୟତ୍ୟାଗର ସ୍ୱରୂପ ବର୍ଣ୍ଣନା କରିବାକୁ ଯାଇ ଭୋଗଲାଳସା ପରିତ୍ୟାଗକୁ ସଂପୂର୍ଣ୍ଣ ଗୁରୁତ୍ୱ ଦିଆଯାଇଛି । ଇନ୍ଦ୍ରିୟ ଦମନ ଏହାର ଏକମାତ୍ର ପଥ ବୋଲି ବର୍ଣ୍ଣନା କରାଯାଇଛି । ଶ୍ରୀମଦ୍ ଭଗବଦ୍ ଗୀତାର ମତ ଅନୁସାରେ,

'ଯଦା ସଂହରତେ ଚାୟଂ କୂର୍ମୋଙ୍ଗାନୀବ ସର୍ବଶ
ଇନ୍ଦ୍ରିୟାଣୀ ଇନ୍ଦ୍ରିୟାର୍ଥେଭ୍ୟଃ ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ।'

ଅର୍ଥାତ୍ କୂର୍ମ ଭଳି ଇନ୍ଦ୍ରିୟମାନଙ୍କୁ ଯେ ନିଜର ଅନ୍ତର ଭିତରେ ରଖିପାରେ ସେ ସ୍ଥିତପ୍ରଜ୍ଞ । ଶ୍ରୀ ଜୀଉଙ୍କ ବିଗ୍ରହ ମଧ୍ୟ ଏହାର ପ୍ରତୀକ । କାରଣ ସେ ଅପାଣିପାଦ, ଅର୍ଥାତ୍ ହସ୍ତ ନ ଥାଇ ସେ ପଦ୍ମହସ୍ତ, ଚରଣ ନ ଥାଇ ସେ ତ୍ରିଚରଣ (ବୌଦ୍ଧଧର୍ମର ତ୍ରିଶରଣ ନୌକା ଭଳି), ବକ୍ଷ ନ ଥାଇ ସେ କୌସ୍ତୁଭ ମଣ୍ଡିତ ବକ୍ଷ । ଏ ତଥ୍ୟର ବିପୁଳ ସମର୍ଥନ ଦ୍ୱାରକା ଦାସଙ୍କ ରଚନାରେ ପରିଦୃଷ୍ଟ ହୁଏ ।

ପୁଣି ଉପରୋକ୍ତ ଯୁକ୍ତିର ଆଉ ଏକ ବଳିଷ୍ଠ ସମର୍ଥନ ହେଉଛି ମନ୍ଦିର ନିର୍ମାଣ ରହସ୍ୟ । ଯୋଗସାର ସଂଗ୍ରହ ଗ୍ରନ୍ଥରେ ବିଜ୍ଞାନଭିକ୍ଷୁ କାମ, କେଳି, ସମ୍ଭୋଗ, ମିଥୁନ, ଉତ୍କଣ୍ଠା, ଅସୂୟା, ଇଶୂନତା, କାପଟ୍ୟ ପ୍ରଭୃତି ୨୨ଟି ଆସକ୍ତିର ସୂଚନା ଦେଇଛନ୍ତି—ଯାହା ସାଂସାରିକ ଜୀବ ପକ୍ଷରେ ସମ୍ଭବ । ଏହାକୁ ଅତିକ୍ରମ କଲେ (ବାଇଶି ପାହାଚ ଅତିକ୍ରମ କଲେ) ଜୀବ ଅଜୀବରେ ପରିଣତ ହୁଏ । ସେ ହୁଏ ଜୀନ୍ ବା ଜେତା । ଏହାପରେ କୂର୍ମବେଢ଼ା ଅପରାଜିତା ପୃଚ୍ଛା ଶିଳ୍ପ ଗ୍ରନ୍ଥରେ ୫୪ ଅଧ୍ୟାୟରେ ଏ କୂର୍ମବେଢ଼ାର ମହାତ୍ମ୍ୟ ବର୍ଣ୍ଣିତ । ଯେଉଁଠାରେ ଏ କୂର୍ମବେଢ଼ା ନ ଥାଏ ତା ମୁକ୍ତିପ୍ରଦ ନୁହେଁ । ତେଣୁ ମୁକ୍ତି କ୍ଷେତ୍ରରେ ଥିବା କୂର୍ମବେଢ଼ା, ଶିଳ୍ପଶାଳିନୀ ପ୍ରଭୃତି ଶିଳ୍ପଶାସ୍ତ୍ରର ଅନୁରୂପ । ଏଥିରେ ସାନ୍ଧାରାଦି ତ୍ରିଲକ୍ଷଣ ପ୍ରକଟିତ । ଏହା ଏକ ପଞ୍ଚରଥ ବିଶିଷ୍ଟ ପ୍ରାସାଦ ଅଟେ । ଏହି ପଞ୍ଚରଥ—

'ମଣ୍ଡପ ତ୍ରୟ ମୁଖ୍ୟଂ ଚ ଚତୁଃଦ୍ୱାରଂ ଚ ତୋରଣଂ
ଅଷ୍ଟସ୍ତମ୍ଭ ସମାଯୁକ୍ତଂ ପଞ୍ଚଶାଖ ସମାଚରେତ୍ ।'

ଏ ବେଢ଼ା କୂର୍ମର ଆକାର ଅର୍ଥାତ୍ ସଂଯମର ପ୍ରତୀକ ।

ଏ ଶୂନ୍ୟସାଧକ ବା ନିର୍ଗୁଣ ବ୍ରହ୍ମବାଦୀମାନେ ଯୋଗରେ ଜ୍ଞାନମାର୍ଗୀ, ଅଦ୍ୱୈତ ବେଦାନ୍ତୀ । ଭାରତୀୟ ଦର୍ଶନର ଷଡ଼ଦର୍ଶନ ମଧ୍ୟରୁ ଏମାନେ ପାତଞ୍ଜଳିଙ୍କ ଯୋଗମାର୍ଗର ଆଶ୍ରୟ ନେଇ ଶୂନ୍ୟ ନିର୍ମାଣ ଲାଗି ସାଧନା କରନ୍ତି ଓ ଯଂ ଲବ୍ଧ୍ୱା ଚାପରଂ ଲାଭଂ ମନ୍ୟତେ ନାଧିକଂ ତତଃ, ଯସ୍ମିନ୍ ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ । ଏମାନେ ଯୋଗ ସମାଧିସ୍ଥ ହୋଇ ଦୁଃଖ ବା କରୁଣାରେ ପ୍ରାୟ ବିଚଳିତ ହୁଅନ୍ତି ନାହିଁ । ରାଜଯୋଗକୁ ଆଚରିବା ପୂର୍ବରୁ କେତେକ ହଠଯୋଗର ମଧ୍ୟ ଆଶ୍ରୟ ନେଇଥାନ୍ତି ।

## ଶ୍ରୀ ଜଗନ୍ନାଥ ଏବଂ ଓଁ—

ଶ୍ରୀମଦ୍ ଭଗବତ୍ ଗୀତାରେ ପରମାତ୍ମାଙ୍କ ବିଭୂତି ବର୍ଣ୍ଣନା କରିବାକୁ ଯାଇ ସ୍ୱୟଂ ଭଗବାନ ଏକାଂଶେନ ସ୍ଥିତ ଜଗତ ବୋଲି ନିଜକୁ ବର୍ଣ୍ଣନା କରିଛନ୍ତି । ତାଂଛଡ଼ା ମାସ ମଧ୍ୟରେ ମାର୍ଗଶୀର, ଋତୁ ମଧ୍ୟରେ ବସନ୍ତ, ଯୋଦ୍ଧାମାନଙ୍କ ମଧ୍ୟରେ ରାମ ରୂପେ ବର୍ଣ୍ଣନା କରିବା ପରେ ନିଜକୁ 'ଅକ୍ଷରଣା ଓଁ କାରେସ୍ମି' ବୋଲି ବର୍ଣ୍ଣନା କରିଛନ୍ତି ।

ପଣ୍ଡିତ ନୀଳକଣ୍ଠ ତାଙ୍କ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ଗ୍ରନ୍ଥରେ ଏହି 'ଓଁ' ଶବ୍ଦ ସମ୍ପୂର୍ଣ୍ଣ ଭାବେ ଜୈନୀୟ ବୋଲି ମତ ଦେଇଛନ୍ତି । ଏହାକୁ ପ୍ରମାଣ କରିବାକୁ ଯାଇ ସେ କହିଛନ୍ତି ଯେଉଁଭଳି ବ୍ୟକ୍ତିପୁରୁଷ ଅନ୍ୟ ଏକ ବ୍ୟକ୍ତିପୁରୁଷକୁ ଡାକିଲେ, ହେ, ସମ୍ବୋଧନର ଉତ୍ତର 'ଓ' ସ୍ୱୀକାରାର୍ଥକ ଶବ୍ଦ ମାଧ୍ୟମରେ ଦେଇଥାଏ ସେହିଭଳି ଆତ୍ମା, ପରମାତ୍ମା ମଧ୍ୟରେ ସମ୍ବୋଧନ, ସ୍ୱୀକାର ବା ଅର୍ଥ ଓଁ ମାଧ୍ୟମରେ ହିଁ ହୋଇଥାଏ । ତେଣୁ 'ଓଁ' କୁ ସେ 'ଓ' ର ରୂପାନ୍ତର ବୋଲି ବର୍ଣ୍ଣନା କରିଛନ୍ତି ।

ମାଣ୍ଡୁକ୍ୟ ଉପନିଷଦର ପ୍ରଥମ ଶ୍ଳୋକ ଅନୁସାରେ ଏହି ଓଁ ହେଉଛି ସମଗ୍ର ଜଗତ । ତେଣୁ ଏହି ଜଗତ ପଞ୍ଚ ପ୍ରକୃତିର ରୂପାନ୍ତର ତା' ଜଗତନାଥଙ୍କ ଭିତରେ ହିଁ ବିଲୀନ । ଏ ଦୃଷ୍ଟିକୋଣରୁ ଜଗତ ମିଥ୍ୟା । ଜଗତ ମାତ୍ର ଅପର ବ୍ରହ୍ମ ଓ ଜଗତନାଥ ହେଉଛନ୍ତି ପରବ୍ରହ୍ମ । ଗୀତାର ଏକାଂଶେନ ସ୍ଥିତ ଜଗତ ଏ ଦୃଷ୍ଟିକୋଣରୁ ଯଥାର୍ଥ । ଏହା ବ୍ୟତୀତ ଶ୍ରୀ ଜଗନ୍ନାଥ ସାଂସ୍କୃତିକ କଲେଜର ମାନ୍ୟବର ଅଧ୍ୟକ୍ଷ ପଣ୍ଡିତ ଶ୍ରୀ ସଦାଶିବ ରଥଶର୍ମା ତାଙ୍କ ପ୍ରବନ୍ଧରେ ଶ୍ରୀ ଜଗନ୍ନାଥଙ୍କ ମୁଖାରବିନ୍ଦରେ କିଭଳି ଉତ୍କଳୀୟ ଲିପି 'ଓଁ' ପ୍ରତିଲିଖିତ ହୋଇଛି ତା' ଆଲୋଚନା କରିଛନ୍ତି । ମହାପ୍ରଭୁଙ୍କ ଚକ୍ଷୁ, ଅଧରପଲ୍ଲବ, ଭ୍ରୂଲତା ମଧ୍ୟରେ ଚିତ୍ରିତ ଭାବରେ 'ଓଁ' ଶବ୍ଦ ରୂପାନ୍ତରିତ ହୋଇଛି ବୋଲି ସେ ତାଙ୍କ ପ୍ରବନ୍ଧରେ ଚିତ୍ରକାଟି ପ୍ରମାଣ କରିଛନ୍ତି ।

ଶ୍ରୀ ଜଗନ୍ନାଥ ମଧ୍ୟ ପିଣ୍ଡବ୍ରହ୍ମାଣ୍ଡର ପ୍ରତୀକ ବୋଲି ଏ ପ୍ରବନ୍ଧର ଅନ୍ୟତ୍ର ଆଲୋଚନା କରାଯାଇଛି । ପିଣ୍ଡବ୍ରହ୍ମାଣ୍ଡରେ ସାଧକ ବିଭିନ୍ନ ଚକ୍ର ଅତିକ୍ରମ କରିବା ସମୟରେ ବୀଣା, ମର୍ଦ୍ଦଳ, ଘଣ୍ଟା ପ୍ରଭୃତି ଧ୍ୱନିମାନ ଶ୍ରବଣ କରିଥାଏ 'ଓଁ' ଅବଶେଷରେ ସହସ୍ରଦଳ ପଦ୍ମରେ, 'ବ୍ରହ୍ମ ଦ୍ୱାରରେ, ନୀଳାଚଳରେ ବିଜେ ଚକାଡୋଳା ସହସ୍ରଦଳରେ ।' ସେ ଅନାହତ ଧ୍ୱନି ଶୁଣିପାରେ । ଏହି ଅନାହତ ହେଉଛି ଓଁ । ଏ ଦୃଷ୍ଟିକୋଣରୁ ଶ୍ରୀ ଜଗନ୍ନାଥ ଯେ 'ଓଁ' ଏଥିରେ ସନ୍ଦେହ ନାହିଁ ।

'ଅ' ଶବ୍ଦ ମଧ୍ୟରେ ବିଶ୍ୱ ସୃଷ୍ଟିର ସ୍ପନ୍ଦନ, 'ଉ' ଶବ୍ଦ ମଧ୍ୟରେ ଏହି ସ୍ପନ୍ଦନର କ୍ରମବିକାଶ ଓ ବିଲୟମାନ ଅବସ୍ଥା, 'ମ' ମଧ୍ୟରେ ସଂପୂର୍ଣ୍ଣ ବିଲୀନ ଅବସ୍ଥା ଓ ଏହାପରେ ସଂପୂର୍ଣ୍ଣ ନୀରବତା—ଏହିଭଳି ଚାରୋଟି ସ୍ତର ଓଁ ଶବ୍ଦ ସୃଷ୍ଟି, ସୃଜନ ମୂଳରେ ନିହିତ । ସୃଜନର ମଧ୍ୟ ତା'ର ଅ, ଉ ଓ ମ ସଂଯୁକ୍ତରେ ମୂର୍ତ୍ତିତ ହୋଇଥାଏ । ଏହି ଚାରୋଟି ସ୍ତରକୁ ଚତୁର୍ଦ୍ଧାମୂର୍ତ୍ତି ତତ୍ତ୍ୱ ସହ ତୁଳନା କଲେ ଏ ବିଷୟ ଆହୁରି ସ୍ପଷ୍ଟ ହୋଇଉଠେ ।

ଏହା ବ୍ୟତୀତ ଜୀବର ଅତୀବ ସ୍ତରକୁ ଯେଉଁ ଯାତ୍ରା ତା' ଦେହରେ ସେ ଚାରୋଟି ସୋପାନ ଅତିକ୍ରମ କରିଥାଏ । ମାଣ୍ଡୁକ୍ୟ ଉପନିଷଦର ପ୍ରଥମ ୧୧ଟି ଛନ୍ଦ ବା ଶ୍ଳୋକ ଅନୁସାରେ ଜାଗ୍ରତ, ସ୍ୱପ୍ନ, ଗଭୀର ସୁଷୁପ୍ତି ମଧ୍ୟଦେଇ ଜୀବ ଅବଶେଷରେ କୈବଲ୍ୟ ଲାଭକରେ । ଏ କୈବଲ୍ୟ ପ୍ରାପ୍ତ ବ୍ୟକ୍ତିର ଅବସ୍ଥା ମାଣ୍ଡୁକ୍ୟ ଉପନିଷଦର ଦ୍ୱାଦଶ ଶ୍ଳୋକରେ ବର୍ଣ୍ଣନା ହୋଇଛି । ଏହାହିଁ ତୁରୀୟ ଅବସ୍ଥା ପ୍ରାପ୍ତ, ଏହାହିଁ ସମାଧି, ଏହାହିଁ ନିର୍ବାଣ । ଏ ଦୃଷ୍ଟିକୋଣରୁ ମଧ୍ୟ—"ଯଥା ନଦୀନାଂ ବହବୋମ୍ବୁବେଗା ସମୁଦ୍ରମେବାଭିମୁଖା ଦ୍ରବନ୍ତି" ଭଳି ସାଧକ ସମସ୍ତ ସାଧନା, ପଥ, ଅବସ୍ଥା ପ୍ରଭୃତି ଭ୍ରମ ଭୂମି ଅବଶେଷରେ ଶ୍ରୀ ଜଗନ୍ନାଥଙ୍କଠାରେ ବିଲୀନ ହୁଏ ଓ ତୁରୀୟ ଅବସ୍ଥା ପ୍ରାପ୍ତ ହୋଇଥାଏ । ଶ୍ରୀ ମନ୍ଦିରରେ ବିରାଜମାନ କରୁଥିବା ଚାରିମୂର୍ତ୍ତି ସହ ଏ ଚାରିଅବସ୍ଥାର ତୁଳନା ବିଜ୍ଞଜନ ମାନେ କରିପାରନ୍ତି ।

ଶ୍ରୀ ମନ୍ଦିରରେ ପ୍ରଥମେ ଦ୍ୱାରପାଳ ପୂଜା ପ୍ରଭୃତି ସହ ଶ୍ରୀ ସୂର୍ଯ୍ୟଦେବତାଙ୍କର ମଧ୍ୟ ଆରାଧନା ହୋଇଥାଏ । ଶ୍ରୀଜଗନ୍ନାଥ ମଧ୍ୟ ସୂର୍ଯ୍ୟନାରାୟଣ । ଉପନିଷଦ ଶାସ୍ତ୍ରମାନଙ୍କରେ 'ଓଁ' ମଧ୍ୟ ସୂର୍ଯ୍ୟ ପ୍ରତିରୂପ ବୋଲି ବର୍ଣ୍ଣିତ ହୋଇଛି । ଓଁ—ଏହି ଅକ୍ଷରର ଆକୃତି ସୂର୍ଯ୍ୟର ଗତିପଥର ଆକୃତି ସହ ସମାନ ବୋଲି ତତ୍ତ୍ୱବିତ୍‌ମାନେ ମତ ଦେଇଥାନ୍ତି ।

ଡା' ଜାହାଡ ବ: ପ୍ରହଲ୍ଲାଦ ପ୍ରଧାନ ତାଙ୍କ ପ୍ରବନ୍ଧ (ଜୋଗ) ରେ ଶ୍ରୀ ବଳଦେବ ଶିବଙ୍କର ଅନ୍ୟରୂପ ବୋଲି ପ୍ରମାଣ କରିଛନ୍ତି । ଡା' ଜାହାଡ ଶ୍ରୀକୃଷ୍ଣଙ୍କ ବସ୍ତ୍ରାହରଣ କହିଥିବାରୁ ଅଭିଶାପଗ୍ରସ୍ତ ବ୍ରହ୍ମା କଳିଯୁଗରେ ଅପୂଜା ରହିବେ ଓ ପରେ ଦାରୁ ରୂପେ ପୂଜା ପାଇବେ ବୋଲି ଓଡ଼ିଆ ସାହିତ୍ୟରେ ବର୍ଣ୍ଣିତ ହୋଇଛି । ଏହି ରାମାନୁଜା- ସ୍ୱାମୀ ପ୍ରମୁଖ ଶ୍ରୀ ସମ୍ପ୍ରଦାୟମାନେ ପଞ୍ଚସଖା ଉପାସନା ମାଧ୍ୟମରେ ଶ୍ରୀ ଜଗନ୍ନାଥ ଯେ ସ୍ୱୟଂ ବିଷ୍ଣୁ ଏହା ବର୍ଣ୍ଣନା କରିଯାଇଛନ୍ତି । ଅନନ୍ତର ସମୟରେ ମଧ୍ୟ ଶ୍ରୀବିଷ୍ଣୁ, ଶିବ ପ୍ରଭୃତିଙ୍କ ସନ୍ମୁଖରେ ବେଶ ଲଗାଯାଏ । ଶ୍ରୀ ଚୈତନ୍ୟ ମଧ୍ୟ ଜଗନ୍ନାଥଙ୍କୁ ଶ୍ରୀ ବିଷ୍ଣୁ ବୋଲି ବର୍ଣ୍ଣନା କରିଛନ୍ତି । ଏ ଦୃଷ୍ଟିକୋଣରୁ ମଧ୍ୟ ଓଁ—ଯାହାର ପ୍ରତ୍ୟେକ ଅକ୍ଷର (ଅଉମ) ଶିବ, ବ୍ରହ୍ମା ଓ ବିଷ୍ଣୁଙ୍କ ପ୍ରତୀକ ତା' ମନ୍ଦିରର ମୂର୍ତ୍ତି ଗଠନରେ ପ୍ରଚ୍ଛନ୍ନ ଭାବରେ ପ୍ରକଟିତ ହୋଇଛି ।

ଓଁ ମଧ୍ୟ ଅଗ୍ନିଦେବତା ବୋଲି ମାଣ୍ଡୁକ୍ୟ ଉପ- ନିଷଦରେ ବର୍ଣ୍ଣିତ ହୋଇଛି । ଶ୍ରୀ ବଳଭଦ୍ର ଶ୍ରୀ ଜୀଉ ପ୍ରଭୃତିଙ୍କୁ ଅନେକ ସାଧକ କାଳ ଅଗ୍ନି ତଥା ପ୍ରଳୟ ଅଗ୍ନି ବୋଲି ବିଭିନ୍ନ ସ୍ଥଳରେ ବର୍ଣ୍ଣନା କରିଥିବା ଦୃଷ୍ଟିଗୋଚର ହୁଏ । ଯାହାଫଳରେ ବ୍ରାହ୍ମଣ ଗୁରୁ ଅଗ୍ନିଙ୍କ ସହ ମହା- ପ୍ରଭୁଙ୍କର ସାମ୍ୟ ପ୍ରତିଷ୍ଠା ସମ୍ଭବ ହୋଇଥାଏ । ଏହା ବ୍ୟତୀତ ପଞ୍ଚାବରଣ ବା ସପ୍ତାବରଣ ମଧ୍ୟରେ ମଧ୍ୟ ବୈଶ୍ୱାନର ଭୈରବର ପରିକଳ୍ପନା ଏ ଯୁକ୍ତିକୁ ଅଧିକ ଦୃଢ଼ତା ପ୍ରଦାନ କରିଥାଏ ।

କେତେକ 'ଓଁ' କୁ ପାଞ୍ଚଟି ଶବ୍ଦ, ଇନ୍ଦ୍ରିୟାତୀତ ଶବ୍ଦର ସଂଯୁକ୍ତି ବୋଲି ମତ ଦେଇଥାନ୍ତି । ତା' ହେଲା ଅ+ଉ+ମ+ନାଦ+ବିନ୍ଦୁ । ଏହି ନାଦ+ବିନ୍ଦୁ ସଂପୂର୍ଣ୍ଣ ଭାବରେ ତନ୍ତ୍ରଶାସ୍ତ୍ରମାନଙ୍କର ନିଜସ୍ୱ । ଏହି ନାଦ ଓ ବିନ୍ଦୁ ହଂଯୋଗ ଓ ରାଜଯୋଗ ସାଧନାରେ ଅନୁଭୂତ ହୁଏ ।

'ନାଦ ସେ ନାଭିରେ ବସଇ,
ବିନ୍ଦୁ ସେ ନାସା ଅଗ୍ରେ ଥାଇ ।'

ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧ୍ୟାନ ପ୍ରଭୃତି ଯେଉଁ ଅଷ୍ଟାଙ୍ଗ ମାର୍ଗ ଯୋଗ ପରମ୍ପରାରେ ବର୍ଣ୍ଣିତ ହୋଇଛି ସେଥିରେ ସାଧକ ନାଭୀଚକ୍ରରେ ଦେବତା, ଦେବୀ ତଥା ବର୍ଣ୍ଣଚିହ୍ନକୁ ଚିନ୍ତା କରିବା ସମୟରେ 'ନାସାଗ୍ରେ ଦୃଷ୍ଟି ସଂପ୍ରେକ୍ଷ୍ୟ' 'ହୃଦି ସନ୍ନିବିଷ୍ଟ' 'ସରସୀ- ଜାସନ' ରେ ପ୍ରତିଷ୍ଠିତ ନାରାୟଣଙ୍କ ଚିନ୍ତା କରିବ । ଏ ନାଦ ଓ ବିନ୍ଦୁ ଶ୍ରୀମନ୍ଦିରର ଚକ୍ରବିନ୍ଦୁ ଲାଞ୍ଛିତ ପତାକା ମଧ୍ୟରେ ପ୍ରକଟିତ ବୋଲି ଅଧ୍ୟାପକ ଶ୍ରୀରଘୁଶର୍ମା ତାଙ୍କ ପ୍ରବନ୍ଧରେ ପ୍ରମାଣ କରିଛନ୍ତି । ତେଣୁ ଓଁ ଏବଂ ଜଗନ୍ନାଥ ଏକ ଓ ଅଭିନ୍ନ ।

## କାଳ ଓ କାଳାତୀତ:—

ଶ୍ରୀମଦ୍ ଭଗବଦଗୀତାରେ ଭଗବାନ ୧୧ଶ ଅଧ୍ୟାୟରେ ନିଜ ସ୍ୱରୂପ ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି 'କାଳୋସ୍ମି ଲୋକକ୍ଷୟକୃତ ପ୍ରବୃଦ୍ଧ'; ଅର୍ଥାତ୍ ସେ ଲୋକକ୍ଷୟକାରୀ ସର୍ବ ବ୍ୟାପକ କାଳ । ଯାହାଙ୍କର ବିଶାଳବକ୍ତ୍ରରେ, ଭୂମାରେ ଦିଗହଜା ସହସ୍ର ପ୍ରାଣୀମାନେ 'ବିଲୀନ ହୋଇଯାନ୍ତି' । ଏ ଦୃଷ୍ଟିରୁ ଜଗନ୍ନାଥ ହେଉଛନ୍ତି କାଳ । ତେଣୁ ପ୍ରଶ୍ନ ଉଠେ ଶ୍ରୀ ଜଗନ୍ନାଥ ଯଦି କାଳ ତେବେ ନବକଳେବରରେ ତାଙ୍କର କାଳ ବା ଅନ୍ତ ହେଉଛି କିପରି ? ଏ ପ୍ରଶ୍ନର ଉତ୍ତର ଏହା ହୋଇ ପାରେ ଯେ ଶ୍ରୀ ମହାପ୍ରଭୁଙ୍କର ବିଗ୍ରହାନ୍ତର ହେଲେ ମଧ୍ୟ ଯାହା ବ୍ରହ୍ମ ସ୍ୱରୂପ ତାଙ୍କ ଅଭ୍ୟନ୍ତରରେ ବିଦ୍ୟମାନ ତା'ର କୌଣସି ପରିବର୍ତ୍ତନ ହୁଏନାହିଁ ।

କିନ୍ତୁ ଅପର ପକ୍ଷରେ ସ୍ୱୟଂ ବ୍ରହ୍ମ କାଳ ହୋଇ ମଧ୍ୟ କାଳର ପ୍ରଭାବରେ ବିଲୀନ ହୋଇଥାନ୍ତି । ଜୈନମାନେ ବିଶ୍ୱାସ କରନ୍ତି ଯେ କାଳ ହେଉଛି ଚିରନ୍ତନ । ପ୍ରତିବାଦ ସମୟ ସ୍ରୋତ ସବୁ ସମୟରେ ପ୍ରବାହିତ ହେଉଛି । ବର୍ତ୍ତମାନର ଗର୍ଭକୋଷରେ ଅତୀତ ଏବଂ ଭବିଷ୍ୟତ ଜରାୟୁ ମଧ୍ୟରେ ବର୍ତ୍ତମାନର ଶୁକ୍ରକଣା ନିହିତ ଅଛି । ଜୈନମାନେ ପୁଣି କହନ୍ତି ସମୟର କାଳନିଟସର୍ପ ତା'ର ଲାଞ୍ଜକୁ ଭକ୍ଷଣ କରି ସମୟକୁ ପୃଷ୍ଠଭାଗରୁ ଖାଇ ଚାଲେ ସଙ୍ଗେ ସଙ୍ଗେ ଲାଞ୍ଜ ଭକ୍ଷଣ ଜନିତ ଶକ୍ତି ଆହରଣ କରି ଅଗ୍ରଭାଗରେ ତା' କଳେବରକୁ ବୃଦ୍ଧି କରିଥାଏ । ଏହି ପତନ ବା ଅବରୋହଣ ସମୟ ଅବସର୍ପିଣୀ ଏବଂ ଉତ୍ଥାନ ବା ଆରୋହଣ ମୁହୂର୍ତ୍ତଗୁଡ଼ିକ ଉତ୍ସର୍ପିଣୀ ଭାବେ ଜୈନ ପରମ୍ପରାରେ କଥିତ । ତେଣୁ ଏହି ପ୍ରଗତି- ମାନ କାଳଦ୍ୱାରା ବ୍ରହ୍ମ ରୂପାନ୍ତରିତ ହୋଇ ବ୍ରହ୍ମାଣ୍ଡ ଆଦିଅନ୍ତରେ ପରିଣତ ହୋଇଥାନ୍ତି । ୧୦୦ ବ୍ରହ୍ମ ବର୍ଷ, (ଯାହା ସାଧାରଣ ମାନବ ବର୍ଷରେ ୩୧୧, ୦୪୦, ୦୦୦, ୦୦୦, ୦୦୦ ବର୍ଷ) ପରେ ବ୍ରହ୍ମ ଏହି ଅସାଧାରଣରେ ହୁଏଇ ସାଧାରଣରେ ପରିବର୍ତ୍ତିତ ହୋଇଥାନ୍ତି । ଏ ଦୃଷ୍ଟିରୁ ମଧ୍ୟ ଶ୍ରୀ ଜଗନ୍ନାଥଙ୍କ ନବକଳେବର ବେଦସମ୍ମତ ।

## ହଠଯୋଗ ଓ ଶ୍ରୀ ଜଗନ୍ନାଥ:—

ହଠଯୋଗରେ ପବନ ସାଧନା ଏକ ମୁଖ୍ୟ ଅଙ୍ଗ । ସାରଳା ମହାଭାରତରେ ଯେଉଁ 'ଚାଞ୍ଚରୀ ନାଡ଼ୀ' ପୁରି ବଉସଣି ହେତୁ, ପବନରେ ଭେଟା ଭେଟି ଏ ...

...ଙ୍କ' ପ୍ରଭୃତିର ବର୍ଣ୍ଣନା ଅଛି ବା ଶିବ ସ୍ୱରୋଦୟ ପ୍ରଭୃତି ...ଗ୍ରନ୍ଥରେ ଯେଉଁ ପବନ ସାଧନାର, ଘଟଯୋଗର ସ୍ୱରୂପ ...ବର୍ଣ୍ଣନା ହୋଇଛି ଶ୍ରୀ ଜଗନ୍ନାଥ ହେଉଛନ୍ତି ତା'ର ସ୍ୱରୂପ । ...ବୌଦ୍ଧଧର୍ମର ମୂଳ ପରମ୍ପରାରୁ ବିଚ୍ୟୁତ ଅଥଚ ବୌଦ୍ଧଧର୍ମର ...ଶାଖା କାଳଚକ୍ରଯାନର ପ୍ରତୀକ ଜଗନ୍ନାଥ କାଳଚକ୍ର- ...ଯାନର ବା ଶବ୍ଦ ଜାଳର ସମଅର୍ଥ ବୋଧକ ଶବ୍ଦ, ଲ ...ଶବ୍ଦ ଇତର ସମାର୍ଥ ବୋଧକ ଶବ୍ଦ, ଚ ଶବ୍ଦ ଚକ୍ରର ...ସମାର୍ଥବୋଧକ ଏବଂ କ୍ର ଅକ୍ଷର କ୍ରମ ବନ୍ଧନର ସମାର୍ଥ ...ବୋଧକ । ଏ ପରିପ୍ରେକ୍ଷୀରେ ପବନସାଧନା ବା ବାୟୁ ...ସାଧନା ଜଣେ ମଣିଷ ବିଭିନ୍ନ ଚକ୍ର ଅତିକ୍ରମ କରେ ଓ ...ପବନକୁ ଆହାର କରେ ବା ପବନକୁ ଅଧୀନସ୍ଥ କରେ । ...ଦ୍ୱାରାଓ ସେ ପୁଣି କୁଣ୍ଡଳିନୀ ସର୍ପକୁ ଜାଗ୍ରତ କରେ । ଏ ପରିପ୍ରେକ୍ଷୀରେ ଶ୍ରୀ ଜଗନ୍ନାଥ 'କାଳସର୍ପ ଆପଣ କରତ ...ପ୍ରୋଣ' ପ୍ରଭୃତି । ତେଣୁ ସେ ହେଉଛନ୍ତି ନିର୍ଗୁଣ ସାଧନା ବା ବାୟୁ ସାଧନାର ପ୍ରତୀକ । ଦ୍ୱୈତବାଦୀ ମଧ୍ୱାଚାର୍ଯ୍ୟ ମଧ୍ୟ ତାଙ୍କ ସାଧନ ମାର୍ଗରେ ବିଷ୍ଣୁ ଓ ...ଙ୍କ ପୁତ୍ର ବାୟୁ ବୋଲି ବର୍ଣ୍ଣନା କରିଛନ୍ତି । ଅର୍ଥାତ୍ ଏ ବାୟୁ ସାଧନା ଫଳରେ ଜୀବ ଅନନ୍ତ କାର୍ଯ୍ୟ, ଅନନ୍ତ-...ଶାୟୀ, ଅନନ୍ତ ସାଧନାର ସିଦ୍ଧି ଲାଭ କରେ ।

ପୁଣି ଆଉ କେତେକ ପଣ୍ଡିତଙ୍କ ମତରେ ଶ୍ରୀ ଜଗନ୍ନାଥଙ୍କ ଗୋଲାକୃତି ଚକ୍ଷୁ ହେଉଛି ସର୍ପର ପ୍ରତୀକ । ସର୍ପ ...ଯୋଗରେ ଚେକା ଖାଇ ଶୋଇଛି । ତେଣୁ ମୃତ ଓ ...ଜୀବ ବ୍ୟକ୍ତି ମଧ୍ୟରେ ପାର୍ଥକ୍ୟ କେବଳ ନିଶ୍ୱାସ ବା ...ପବନ ଚଳାଚଳରେ । ଏ ପବନକୁ ଆୟତ୍ତ କଲେ ଶବ ...ଶିବ ହେବ । ଏ ପବନ ଯାବତୀୟ ସୃଷ୍ଟି ବା ପରମ୍ପରାରେ ...ସର୍ପର ଆହାର । ତେଣୁ ଏ ସର୍ପ ହେଉଛି କାଳ ବା ...ଭୟଙ୍କର । ସେ ପୁଣି ଅପର ପକ୍ଷରେ ସମୟ 'କାଳଃହଂ ଲୋକକ୍ଷୟକୃତ ପ୍ରବୃଦ୍ଧ'ବା କାଳସର୍ପ । ସେ ହେଉଛନ୍ତି ...ଅଧିନାଥ ଶ୍ରୀ ଜଗନ୍ନାଥ ।

## ଜଗନ୍ନାଥ ଓ ସଗୁଣ ବ୍ରହ୍ମ:—

ଶ୍ରୀ ସମ୍ପ୍ରଦାୟର ପ୍ରତିଷ୍ଠାତା ଶ୍ରୀ ରାମାନୁଜାଚାର୍ଯ୍ୟ (୧୧ଶ ଶତାବ୍ଦୀ) ଙ୍କ ମତାନୁସାରେ ଜୀବ ବା ଆତ୍ମା, ଈଶ୍ୱର ଓ ପୃଥିବୀ ବା ବସ୍ତୁ ପ୍ରତ୍ୟେକ ପରସ୍ପରଠାରୁ ସଂପୂର୍ଣ୍ଣ ଭିନ୍ନ ନୁହନ୍ତି । ବରଂ ପ୍ରତ୍ୟେକେ ପରସ୍ପର ସହ ସମ୍ବନ୍ଧ-...ନ୍ତ । ଏ ସମ୍ବନ୍ଧ ସ୍ୱଜାତୀୟ ବା ବିଜାତୀୟ ନୁହନ୍ତି, ...ସ୍ୱଗତ ଅଟେ । ବ୍ରହ୍ମ ଓ ବିଶ୍ୱ ମଧ୍ୟରେ ଆତ୍ମା ଓ ଶରୀରର ସମ୍ପର୍କ ବିଦ୍ୟମାନ । ଜୀବ ଏବଂ ବସ୍ତୁଗତ ପୃଥିବୀ ବ୍ରହ୍ମର ଶକ୍ତିରୂପ । ତାଙ୍କର ବିଶିଷ୍ଟ ଅଦ୍ୱୈତବାଦରେ ...ପ୍ରକାର ଜୀବ, ଜଡ଼ ଓ ଚେତନ (ବ୍ରହ୍ମ) ...କ ବିଶିଷ୍ଟ ଗୁଣର ଅଧିକାରୀ । ଏ ଦୃଷ୍ଟିରୁ ବିଶ୍ୱ ଯେତେବେଳେ ପ୍ରାମାଣିକ ସତ୍ୟ ବିଶ୍ୱର କ୍ରିୟା ପ୍ରକ୍ରିୟା ମଧ୍ୟ ବ୍ରହ୍ମ ନିୟୋଜିତ ଓ ବ୍ରହ୍ମ ଉର୍ଦ୍ଦିଷ୍ଟ । ତେଣୁ ଶ୍ରୀଜିଉ ଯେତେ-ବେଳେ ବ୍ରହ୍ମ, ଯେତେବେଳେ ବିଶ୍ୱର କ୍ରିୟା ତାଙ୍କଠାରେ ପ୍ରତିଫଳିତ ହେବା ମଧ୍ୟ ସ୍ୱାଭାବିକ ।

"ଯଥା ଦେହେ ତଥା ଦେହେ" । ତେଣୁ ମନୁଷ୍ୟର ଯାବତୀୟ କର୍ମକର୍ମାଣୀ, ଯାନିଯାତ୍ରା, ଉତ୍ସବ, ଆମୋଦ-ବିଳାସ ଯେ ଶ୍ରୀପ୍ରଭୁଙ୍କ ବିଳାସର ଅନୁରୂପ ହେବ ଏଥିରେ ସନ୍ଦେହ ନାହିଁ । ଶ୍ରୀ ମହାପ୍ରଭୁଙ୍କର ଶ୍ରୀଷ୍ଟ ବିଳାସର ଚନ୍ଦନ କେବଳ ମହାପ୍ରଭୁଙ୍କ ଲାଗି ସୀମିତ ନୁହେଁ । ଏହା ସ୍ଥାନ ଅତିକ୍ରମ କରି ମଧ୍ୟ ଓଡ଼ିଶାର ବିଭିନ୍ନ ସ୍ଥାନରେ ପରିପାଳିତ ହେଉଛି । ସେହିଭଳି ରୁକ୍ମିଣୀ ଯାତ୍ରା ମଧ୍ୟ ଅନ୍ୟତମ । ସଗୁଣ ବ୍ରହ୍ମଙ୍କର ଉପାସନାରେ ଯେଉଁ ବ୍ୟାପକତା, ବର୍ଣ୍ଣିଳ ଆୟୋଜନ 'ଛପନ ପଉଟି ଭୋଗଖିଆ ଛତିଶ ପାଟକ ସେବା ଅର୍ଚ୍ଚିତ' ଠାକୁର ଶ୍ରୀ ଜଗନ୍ନାଥ ପା'ନ୍ତି ତାହା ଅନ୍ୟତ୍ର ଦୁର୍ଲ୍ଲଭ । ସାଧାରଣ ମନୁଷ୍ୟ ଭଳି ପ୍ରଣୟ ବିଧୁର ହୃଦୟର ଉଷ୍ଣ ଆବେଗ ନେଇ ପୂର୍ବସ୍ମୃତିର ଗଭୀର ସ୍ମୃତିକୁ ବହନ କରି ସେ ସେଇଭଳି ରୁକ୍ମିଣୀ ହରଣ କରନ୍ତି । ଏ ଉଦ୍ଦେଶ୍ୟରେ ଆସିଥିବା କୁଣ୍ଡୀନ ନଗ୍ର ବ୍ରାହ୍ମଣର ଅନୁରୂପ ବ୍ରାହ୍ମଣ ଠାରୁ ବିକଳ ପ୍ରାର୍ଥନା ଶୁଣନ୍ତି ଓ ପ୍ରତିକାର ବିଧାନ କରନ୍ତି । ଏ ରୁକ୍ମିଣୀ ହରଣ ଭୂକାଦଶୀ ମାତ୍ର ଗୋଟିଏ ଉତ୍ସବ—ଯେଉଁଥିରେ କୌଣସି ବାଦ୍ୟ ବାଜେ ନାହିଁ । ସେହିପରି ଦୋଳୋତ୍ସବ ଯେଉଁଥିରେ ଅଭିରଞ୍ଜିତ ଗୋପାଙ୍ଗନା ମାନଙ୍କର ଅନୁରାଗ ଆଶାରେ ଶ୍ରୀଜୀଉ ଦୋଳମଣ୍ଡପରେ ବିରାଜମାନ କରନ୍ତି ।

## ନବକଳେବର, ଶ୍ରୀ ଗୁଣ୍ଡିଚା ଓ ଜୀଉ:—

ସାଧାରଣତଃ କଥିତ ଅଛି—

'ଦୋଳେ ଚ ଦୋଳଗୋବିନ୍ଦ, ଖ୍ୟାପେଷ୍ଟ ମଧୁସୂଦନଂ
ରଥେତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମଂ ନ ବିଦ୍ୟତେ' ।

ବାମନ ଦର୍ଶନରେ ଅସଂଖ୍ୟ ବଳି ମୁକ୍ତିଲାଭ କରନ୍ତି, ଏଥିରେ ସନ୍ଦେହ ନାହିଁ । ପୁଣି ସ୍କନ୍ଦପୁରାଣ ଅନୁସାରେ—

'ଦ୍ୱାଦଶ୍ୟୋ ମହାଯାତ୍ରା ଗୁଣ୍ଡିଚାଖ୍ୟାସ୍ତୁ ପାବନାଃ
ଏକୈକା ମୁକ୍ତିଦା ସର୍ବା ଧର୍ମକାମାର୍ଥ ବହୁନାଃ
ଶୋକଂ ତରତି ଯଂ ଦୃଷ୍ଟ୍ୱା ଭବପଥୋଧି ସମ୍ଭବମ୍' ।

ଏ ରଥଯାତ୍ରା ପୂର୍ବରୁ ବିଶ୍ୱବିଖ୍ୟାତ ସ୍ନାନଯାତ୍ରା ଅନୁଷ୍ଠିତ ହୁଏ । ସେଥିରେ 'ଏମନ୍ତ ନୋହିଲେ କି ମଦିରଦଭା ତେଜି, ମଣ୍ଡପ ପର ଅବଗାହରେ ଚିତ୍ତ ମଜ୍ଜି' ମୁଗ୍ଧ ଶ୍ରୀଜିଉଙ୍କୁ ତାଙ୍କ ବନ୍ଧୁପରିକରମାନେ ଆସି ଦର୍ଶନ

କୁଞ୍ଜର ସଦୃଶ ସ୍ନାନ ମଣ୍ଡପରେ ବିଜୟ କରାଉଥା'ନ୍ତି । ଏହାପରେ ଅନବସର ତଥା ତା'ପରେ ଗୁଣ୍ଡିଚା । ଏ ଗୁଣ୍ଡିଚା ପୁଣି ବର୍ଷରେ ତିନିଥର ପଡେ । ତା' ମଧ୍ୟରେ ଆଷାଢ଼ ଦ୍ୱିତୀୟା ଗୁଣ୍ଡିଚା ସର୍ବଶ୍ରେଷ୍ଠ—

'ମାଘମାସସ୍ୟ ପଞ୍ଚମ୍ୟାଂ ଅଷ୍ଟମ୍ୟାଂ ଚୈତ୍ରଶୁକ୍ଳକେ
ଏତେଷାଂ ପ୍ରଶସ୍ତାହି ଗୁଣ୍ଡିଚାଖ୍ୟା ମହୋତ୍ସବ
କିନ୍ତେତେଃ ମୋକ୍ଷଦାଷାଢ଼ ଦ୍ୱିତୀୟା ପୁଷ୍ୟ ସଂଯୁତା ।'

ଉଜ୍ଜ୍ୱଳନୀଳମଣି ପ୍ରଭୃତି ପ୍ରାମାଣିକ ଗ୍ରନ୍ଥରେ ଏ ଗୁଣ୍ଡିଚାର ବିଧିବିଧାନ ବିଶେଷ ଭାବେ ବର୍ଣ୍ଣିତ ହୋଇଛି । ଅବଶ୍ୟ ମାଣ୍ଡୁକ୍ୟ ଉପନିଷଦରେ 'ଆତ୍ମାନଂ ରଥୀନଂ ବିଦ୍ଧି' ବାକ୍ୟ ଏ ଦେହର ରଥଯାତ୍ରାର ସୂଚନା ଦିଏ ।

**ଜଗନ୍ନାଥ ଯେ ଷୋଳକଳା:—**

ଶ୍ରୀ ଜଗନ୍ନାଥଙ୍କୁ ବିଭିନ୍ନ ସାଧକମାନେ ନିର୍ଗୁଣ ସଗୁଣ ବ୍ରହ୍ମବାଦୀରେକ ପୂର୍ଣ୍ଣ ବ୍ରହ୍ମ ବୋଲି ମଧ୍ୟ ବର୍ଣ୍ଣନା କରି-ଛନ୍ତି । ଏହି ପୂର୍ଣ୍ଣବ୍ରହ୍ମ ସବୁ ଅବତାର ତଥା କଳାର ସର୍ବଗୁଣରେ ହିଁ ଗଠିତ ହୋଇଥାଏ ।

ଏହାର ପ୍ରଥମ ପ୍ରମାଣ ବିଭିନ୍ନ ଧର୍ମସଂପ୍ରଦାୟର ଧର୍ମାଚାର୍ଯ୍ୟମାନଙ୍କର ଶ୍ରୀମନ୍ଦିର ପ୍ରତି ମନୋଭାବ ଅଦ୍ୱୈତ-ବାଦୀ ଶ୍ରୀ ଆଦିଶଙ୍କର, ଦ୍ୱୈତାଦ୍ୱୈତବାଦୀ ନିମ୍ବାର୍କ, ବିଶିଷ୍ଟାଦ୍ୱୈତବାଦୀ ଶ୍ରୀ ରାମାନୁଜ, ଦ୍ୱୈତବାଦୀ ମାଧ୍ୱା-ଚାର୍ଯ୍ୟ, ଭେଦାଭେଦବାଦୀ ଶ୍ରୀ ବଲ୍ଲଭ ପ୍ରଭୃତି ଶ୍ରୀ ଜଗନ୍ନାଥଙ୍କୁ ତାଙ୍କ ଧର୍ମର ଅଭୀଷ୍ଟ ଦେବତା ରୂପେ ଗ୍ରହଣ କରିଛନ୍ତି ଓ ତାଙ୍କୁ ପଞ୍ଚରାତ୍ର ଉପାସନା, ଶୁଦ୍ଧଭକ୍ତି ସାଧନା, ରାଗାନୁଗା ସାଧନାର କେନ୍ଦ୍ରସ୍ଥଳ ରୂପେ ବିଭିନ୍ନ ଧର୍ମସାଧକ ବର୍ଣ୍ଣନା କରିଛନ୍ତି ।

ଏତଦ୍ ବ୍ୟତୀତ ବିଭିନ୍ନ ଉତ୍ସବରେ ଶ୍ରୀଜୀଉଙ୍କ ଚଳନ୍ତି ବିଗ୍ରହମାନ ଅର୍ଥାତ୍ ନୃସିଂହ ଚତୁର୍ଦ୍ଦଶୀରେ ଶ୍ରୀ ନୃସିଂହ, ଚନ୍ଦନଯାତ୍ରାରେ ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ, ରାମକୃଷ୍ଣ ପ୍ରଭୃତି, ଶିବଚତୁର୍ଦ୍ଦଶୀ ଦିନ ଶ୍ରୀଜୀଉଙ୍କ ଚଳନ୍ତି ବିଗ୍ରହ ବାହାରକୁ ଗଲେ ମଧ୍ୟ ସେମାନେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ ନକରିବା ପର୍ଯ୍ୟନ୍ତ ଶ୍ରୀଜୀଉଙ୍କର ପହଡ଼ ପଡେନାହିଁ । ଅର୍ଥାତ୍ ବାହାରକୁ ଯାଇଥିବା କଳା ମନ୍ଦିରକୁ ଆସିଲେ ହିଁ ଶ୍ରୀଜୀଉ ସଂପୂର୍ଣ୍ଣ ଷୋଳକଳାରେ ଅଧିଷ୍ଠିତ ହୋଇ ପହଡ଼ କରନ୍ତି ।

ଏହା ବ୍ୟତୀତ କବୀର ପନ୍ଥୀଙ୍କ ରାମମୂର୍ତ୍ତି ଶ୍ରୀ ଜଗନ୍ନାଥଙ୍କ ଭିତରେ ମଧ୍ୟ ପ୍ରକଟିତ । ଶ୍ରୀ ବଳରାମ ଦାସଙ୍କ ଦାଣ୍ଡୀ ରାମାୟଣ ଓ ବଟଅବକାଶ ଗ୍ରନ୍ଥରେ ଶ୍ରୀ ଜଗନ୍ନାଥ ଓ ଶ୍ରୀ ରାମଙ୍କ ଅଭେଦତ୍ୱ ପ୍ରକଟିତ ।

ଏତଦ୍ ବ୍ୟତୀତ ଏତେତାଂଶ କଳାପୂର୍ଣ୍ଣ କୃଷ୍ଣ ଭଗବାନ ସ୍ୱୟଂ ମଧ୍ୟ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ବିଦ୍ୟମାନ ହୋଇଛନ୍ତି । ଶ୍ରୀଜଗନ୍ନାଥ ଗୋପୀଜନାଭିଳଷିତ ମଧୁରାଗମ୍ । ସେ ପୁଣି ରୂପ ଗୋସ୍ୱାମୀଙ୍କର ଚିତ୍ତ ଭଜନୋଚିତ ଉତ୍କଣ୍ଠ ଆବେଗରେ ଆବେଶିତ । ସେ 'କାଳିନ୍ଦୀ କୂଳିଆ କାଇଁଚ ମାଳିଆ' ଯାହାଙ୍କର ସ୍ମୃତିର ପାଥେୟ ରୂପ ଗୋସ୍ୱାମୀଙ୍କ ହୃଦୟରେ ପ୍ରସ୍ଫୁଟିତ ।

"ପ୍ରିୟ ସୋଽୟଂ କୃଷ୍ଣ ସହଚରି କୁରୁକ୍ଷେତ୍ର ମିଳିତ
ସ୍ତଥାହଂ ସ ରାଧା ତଦିଦମୁଭୟୋ ସଙ୍ଗମ ସୁଖମ୍
ତଥାପ୍ୟନ୍ତ ଖେଳନ୍ମଧୁର ମୁରଲୀ ପଞ୍ଚମ ଜୁଷେ
ମନୋ ମେ କାଳିନ୍ଦୀ ପୁଳିନା ବିପିନାୟ ସ୍ପୃହୟତି ।"

(ରୂପ ଗୋସ୍ୱାମୀ)

ପୁଣି ଶ୍ରୀମନ୍ଦିରରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ନୃସିଂହ ବିଗ୍ରହରେ 'ହରେ ରାମକୃଷ୍ଣ'—ଏହି ତିନି ଭାବ ବିଗ୍ରହର ସମନ୍ୱୟ ଘଟିଛି ।

ଯୁଗେ ଯୁଗେ ମୁନିଙ୍କ କାମ୍ୟ, ଯୋଗୀର ଧ୍ୟାନସ୍ଥଳୀ, ବ୍ରହ୍ମବାଦୀର ବୈକୁଣ୍ଠ, ଭକ୍ତର ଶ୍ରଦ୍ଧାଭୂମି ଶ୍ରୀକ୍ଷେତ୍ର ମୋର ବାସସ୍ଥାନ ହେଉ—ଏହା ପ୍ରତ୍ୟେକ ହିନ୍ଦୁ କାମନା କରେ । କାରଣ,—

'କିଂ ବ୍ରତେ କିଂ ତପୋଦାନେ କିଂ କୁଚ୍ଛ୍ରେ କ୍ରତୁଭିଃ ତଥା
କିମ୍ ଅଷ୍ଟାଙ୍ଗ ଯୋଗେନ କିଂ ସାଂଖ୍ୟେନ ପରେଣ ବ
ତୀର୍ଥରାଜ ଜଳେ ସ୍ନାତ୍ୱା କ୍ଷେତ୍ରେ ଶ୍ରୀ ପୁରୁଷୋତ୍ତମେ
ନ୍ୟଗ୍ରୋଧ ମୂଳ ବସତୋ ବସନ୍ତ ଧର୍ମଚକ୍ଷୁଷା
ଦୃଷ୍ଟ୍ୱା ଦାରୁମୟଂ ବ୍ରହ୍ମ ଦେହବନ୍ଧାତ୍ ପ୍ରମୁଚ୍ୟତେ ।'

(ସ୍କନ୍ଦପୁରାଣ)

ଅବଶ୍ୟ ଗୁରୁତର ପାପ କରିଥିବା ବ୍ୟକ୍ତିର କୋଟି କଳ୍ପାନ୍ତରରେ ଶ୍ରୀକ୍ଷେତ୍ରବାସ କାମନା ଦିବାସ୍ୱପ୍ନରେ ପରିଣତହୁଏ । ତଥାପି କ୍ଷମାନିଧିଙ୍କ ନିକଟରେ ଏତିକି ଭରସା,—

'କୋଇଲି, କହ କେବେ କଳା ଶ୍ରୀମୁଖକୁ ଯାଇ
କେବେ ପାଦତଳେ ସ୍ଥାନଦେବେ ରମାସାଇଁ, ଲୋ କୋଇଲି ।
କୋଇଲି, ଭୁରୁସିନା ମୋ ପାତକଙ୍କର
ଗରୁଡ ଧ୍ୱଜକୁ ତା' ଦେଖିବ ମାତର, ଲୋ କୋଇଲି ।

(ବିଚ୍ଛନ୍ଦ ଚରଣ)

[illegible]—
ଶେଷରେ ଶ୍ରୀଅର୍ଜୁନ 'ନ କାଂକ୍ଷେ ବିଜୟଂ କୃଷ୍ଣ ......" ଅଳି କଲ୍ ଭଳି ଗୌରବ, ଯଶ ଅପେକ୍ଷା ଶ୍ରୀଜୀଉଙ୍କ ଦର୍ଶନଲାଭ କରି କର୍ମବେଦୀ ପ୍ରଦକ୍ଷିଣ କରି, କଳ୍ପବଟ ତଳେ ବୈକୁଣ୍ଠ ବା ରିତଭ କୁଣ୍ଡ ହୋଇ, ଆନନ୍ଦବଜାର କୈବଲ୍ୟ ଭକ୍ଷଣ କରି, ପତିତ ଜନର ସେବାରେ ଏ ଜୀବନ ଅତିବାହିତ ହେଉ । ଓଁ ଶାନ୍ତି ଶାନ୍ତି ଶାନ୍ତି ।

ଅଧ୍ୟାପକ
ସରକାରୀ ଟ୍ରେନିଂକଲେଜ
ଅନୁଗୁଳ ।

## ଜଗନ୍ନାଥଙ୍କ ଦ୍ୱାହି

ମନ୍ଦିର ଭିତରେ ଯେଉଁଠି ଇଚ୍ଛା ସେଠି ଛେପ ଖଙ୍କାର ପକାନ୍ତୁ ନାହିଁ । ଛୋଟ ପିଲା ଯଦି ଦେଉଳ୍ ଝାଡ଼ା ବା ପରିସ୍ରା କି ବାନ୍ତି କରିଦେଲା ତେବେ ସାଙ୍ଗେ ସାଙ୍ଗେ ତାକୁ ନିଜହାତରେ ସଫାକରିଦିଅନ୍ତୁ ଓ ସେଠି ପାଣି ଢାଳି ପୋଛି ଦିଅନ୍ତୁ । ଶ୍ରୀଜଗନ୍ନାଥଙ୍କ ବେଢା ଅତି ପବିତ୍ର ସ୍ଥାନ । କଥିତ ଅଛି ବହୁ ଦେବଦେବୀ ଓ ମୁନିଋଷି ସୂକ୍ଷ୍ମରୂପରେ ଏ ବେଢା ଭିତରକୁ ଆସି ଶ୍ରୀଜଗନ୍ନାଥଙ୍କ ଦାରୁବିଗ୍ରହ ଦର୍ଶନ କରନ୍ତି ।



ଶ୍ରୀଜଗନ୍ନାଥଙ୍କ ରଥ ସାରଥୀ ଶ୍ରୀମାନ୍ ଦାରୁକ



# ଜଗନ୍ନାଥ ନାମ ଗାଉ ଗାଉ

ଶ୍ରୀମତୀ କନକଲତା ମହାନ୍ତି

ତବ ଦାଣ୍ଡ ଧୂଳି ଟିକେ, କୃପା ହେଉ
        ଆହେ ମହାବାହୁ !
ଚକା ଆଖିରେ ଏ ଆଖି ଲାଗିଥାଉ
        ଅହେ ମହାବାହୁ !
ଇନ୍ଦ୍ର ବିଭୂତିକି ଆଶା ନାହିଁ
        ଧନ ମାନ ଯଶ ମାଗୁନାହିଁ
ମନ ମଧୁକର ତୋ'ପଦ ସୁନ୍ଦର—
        ସରୋଜରୁ ମଧୁ ଚୁମୁ ଥାଉ ।
    ଆହେ ମହାବାହୁ ।
ଗରୁଡ ପଛରେ ରହିଁ ରହିଁ
        ବନ୍ଦୁ ତୋ' ଗୁଣକୁ ଗାଇ ଗାଇ
ସଂସାର ଶରୀର ଯିବି କି ପାଶୋରି
        କଳା ଶ୍ରୀମୁଖକୁ ଚାହୁଁ ଚାହୁଁ !
    ଅହେ ମହାବାହୁ ।
ଝିଦା ଚରଣରେ ଛନ୍ଦି ହୋଇ—
        ଗଲେ ମୋର ଆଉ ଧନ୍ଦା ନାହିଁ
ତେଣିକି ଏ ଜୀବ, ଯେବେ ହେଲେ ଯିବ
        ଜଗନ୍ନାଥ ନାମ ଗାଉ ଗାଉ !
    ଅହେ ମହାବାହୁ ।

# ଭଗିନୀ ସ୍ତ୍ରୀ ପ୍ରବର୍ତ୍ତିକା-ମା ସୁଭଦ୍ରା

ଶ୍ରୀ ସଦାଶିବ ରଥଶର୍ମା

ସନାତନ ଭାରତୀୟ ଦର୍ଶନ ଯେପରି ମହାନ୍ ସେପରି ଅନେକାନ୍ତ ମଧ୍ୟରେ ଏକତ୍ୱ ଜ୍ଞାପକ ଅଟେ । ବହୁମତ ମଧ୍ୟରେ ଏକ ଚିରନ୍ତନ ସତ୍ତାର ଶାଶ୍ୱତ ଉପଲବ୍ଧି ହିଁ ସନାତନତ୍ୱର ଗାମ୍ଭୀର୍ଯ୍ୟ । ଏପରି ସମନ୍ୱୟବାଦର ପ୍ରାଚୀନ ନିଦର୍ଶନମାନଙ୍କ ମଧ୍ୟରେ ପୁରୁଷୋତ୍ତମବାଦ ଏକ ପ୍ରଧାନ ଭାବନା ଅଟେ, ଯାହାର ଗୋଟିଏ ଦିଗ ଏଠାରେ ଆଲୋଚିତ ହେଉଅଛି ।

ତାହା ହେଉଛି "ବ୍ରହ୍ମଜିଜ୍ଞାସା ମୂଳକ ନିରାକାର ଉପାସନା ତଥା ତତ୍ତ୍ୱ ଜିଜ୍ଞାସାମୂଳକ ସାକାର ଉପାସନା ମଧ୍ୟରେ ଦ୍ୱୈତ ପ୍ରକୃତି ପୁରୁଷାତ୍ମକ ଭାବନାର ବହୁଳତା ମଧ୍ୟରେ ପୁରୁଷୋତ୍ତମ ବାଦରେ ତ୍ରିତତ୍ତ୍ୱ ପ୍ରକାଶର କାରଣ କଅଣ ? ସେଥିରେ ପୁଣି ଦୁଇଟି ପୁରୁଷ ଓ ତାହା ମଧ୍ୟରେ ଏକ ସ୍ତ୍ରୀ ବା ପ୍ରକୃତିର ସ୍ଥାନ କେଉଁ ପ୍ରାଚୀନତମ ଭାବନାର ପ୍ରତୀକ ଏହାହିଁ ଦେଖିବାର କଥା । ପୁନଶ୍ଚ ଏଠାରେ ସେହି ଶକ୍ତିଟି ଶକ୍ତି ବା ପତ୍ନୀ ନୁହନ୍ତି ଭଗିନୀ ଅଟନ୍ତି ।

ସୃଷ୍ଟିର ବିବର୍ତ୍ତନବାଦ ଦିଗରୁ ଦେଖିଲେ ଜଣାଯାଏ ଏକ 'ହିରଣ୍ୟଗର୍ଭଂ ସମବର୍ତ୍ତତାଗ୍ରେ" ମାତ୍ର ଆଦିସତ୍ତା ସର୍ବ କାରଣ କାରଣମ୍ ରୂପରେ ବିଦ୍ୟମାନ ଥିଲେ; ମାତ୍ର ଲୋକସଂଗ୍ରହକୁ ଛାଡ଼ି ସେ ସ୍ଥିର ରହିପାରିଲେ ନାହିଁ । ବୋଇଲେ "ଏକୋଽହଂ ବହୁସ୍ୟାମ୍" ଏହାର ପରିଣାମ ହେଲା "ହିରଣ୍ୟଗର୍ଭ, ହିରଣ୍ୟଗର୍ଭଙ୍କର ଇଚ୍ଛା ଓ ଇଚ୍ଛାର ପରିଣାମ ପ୍ରଜାପତି ସର୍ବଲୋକର ଆଦିଦୈବତଙ୍କର ସୃଷ୍ଟି । ତାହାର ପ୍ରତୀକ ହେଲା ସୁପ୍ତ ନାରାୟଣ ଇଚ୍ଛାରୂପକ ମହାନାଳର ଅନ୍ତରାଳରେ ଲୋକପତିଙ୍କର ସ୍ଥାନ ଓ ଏହି ତ୍ରୟାତ୍ମ ସମଷ୍ଟି 'ଶେଷଶାୟୀ ନାରାୟଣ", ଏହି ରହସ୍ୟରେ ଇଚ୍ଛାମୟୀ ବିବର୍ତ୍ତନର ପ୍ରତୀକ ପ୍ରଥମ ପୁରୁଷର ସହିତ ପ୍ରଜାପତିବା ସହଜାତାଙ୍କି ହିଁ ବିବର୍ତ୍ତନ ବା ସୃଷ୍ଟିକ୍ରିୟାର ଭଗିନୀ ! "ଭଗ ଯେ ବିଶ୍ୱପ୍ରଜନନ ଶକ୍ତିର ଆଧାରଭୂତା ସନାତନୀ, ସଂଯୋଗିନୀ ଶକ୍ତିର ପ୍ରଭାବରେ ପ୍ରଥମ ପୁରୁଷଠାରୁ ତାହା ବିଚ୍ଛିନ୍ନ ହୋଇ ଦ୍ୱିତୀୟ ପୁରୁଷର ସ୍ରଷ୍ଟାର କାରଣ । ତେଣୁ ତାହା ଶକ୍ତିସ୍ଥାନୀୟା ହୋଇନପାରନ୍ତି । ଉଭୟଙ୍କର ସହିତ ମୂଳରୁ ପ୍ରଚ୍ଛନ୍ନ ଥିଲେ ଓ ଅନ୍ୟକଙ୍କୁ ସୃଷ୍ଟି କରିବାରେ ନିମିତ୍ତ ଶକ୍ତି ହୋଇ-ନ ପାରନ୍ତି । ତେଣୁ ସେ ଭଗିନୀ ହେବାହିଁ ସ୍ୱାଭାବିକ । ଏହି ଦୃଷ୍ଟିରେ ବ୍ରହ୍ମଚୈତନ୍ୟ ଜୀବଚୈତନ୍ୟ ଓ ଚୈତନ୍ୟରୂପିଣୀ ମାୟା ପୃଥକ ନୁହନ୍ତି । ଏକ ବସ୍ତୁର ଉପାଦାନ ତ୍ରୟ ଅଟନ୍ତି ଓ ଲୋକ ସମ୍ବନ୍ଧ ଦୃଷ୍ଟିରେ ଭଗ୍ନୀ ଅଟନ୍ତି । ସ୍ରଷ୍ଟା ଓ ସୃଷ୍ଟି ମଧ୍ୟରେ ମଧ୍ୟବର୍ତ୍ତୀ ପ୍ରଜନଶକ୍ତି ଯଦି ଏକ ସ୍ୱତନ୍ତ୍ର ସତ୍ତା ରୂପରେ ପ୍ରକଟ ହୋଇଥାନ୍ତା, ତେବେ ଶକ୍ତିବୋଲି କୁହାଯାଇଥାନ୍ତା । ପଦ୍ମ ଓ ପଦ୍ମମୂଳର ସଂଯୋଜକା ନାଳ କାହାଠାରୁ ପୃଥକ ନୁହେଁ ।




ସୁଭଦ୍ରା ଓ ବଳଭଦ୍ରଙ୍କ ଶ୍ରୀମୁଖ

ଜୀବାତ୍ମା ଓ ମାୟା ର ସାମ୍ୟଭାବ




ଶ୍ରୀଜଗନ୍ନାଥଙ୍କର ମୁଖାରବିନ୍ଦ

ଜ୍ୟୋତି ।

ଦୃଶ୍ୟତେ ତ୍ୱଗ୍ରୟା ବୁଦ୍ଧ୍ୟା ସୂକ୍ଷ୍ମୟା ସୂକ୍ଷ୍ମ ଦର୍ଶିଭିଃ
ପ୍ରଭାସ୍ମି ଶଶୀ ସୂର୍ଯ୍ୟୟୋ ।




କରକଚ୍ଛପିକା ମୁଦ୍ରା

ସଂପୂର୍ଣ୍ଣ ବୈଦିକ ଶାକ୍ତ ବିଗ୍ରହରେ ଏହି ତିନି ମୂଳ ତତ୍ତ୍ୱହିଁ ଅମ୍ବା (ବ୍ରହ୍ମଚୈତନ୍ୟରୂପିଣୀ) ଅମ୍ବାଳିକା (ଜୀବଚୈତନ୍ୟସ୍ୱରୂପା) ଜୀବର ଧାତ୍ର (ନିୟତି)ର ମୂଳ ନୁହନ୍ତି । ତାହାମଧ୍ୟରେ କାମ୍ପିଲ୍ୟ ବାସିନୀ ସୁଭଦ୍ରିକା ମଧ୍ୟ ଅନ୍ୟତମ । ଋକ୍ ୨·୪୧·୧୬ରେ ଅମ୍ବା ଆଦି ଜନନୀ ରୂପରେ କଳ୍ପିତ 'ବାଜସନେୟ ସଂହିତା ୨୩·୧୮ରେ ଅମ୍ବାଳିକା ଜୀବଜନନୀ ଏବଂ ସୁଭଦ୍ରିକା ଯାଜୁଷ ସଂହିତାରେ ଶତପଥ ବ୍ରାହ୍ମଣ ୧୩· ୨· ୮· ୩·ରେ "ପ୍ରେମାସ୍ପଦସ୍ୱରୂପା ରମଣୀବୋଲି କଥିତ", ଏହିତତ୍ତ୍ୱ ଏପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ରୂପରେଖ ନେଇନାହିଁ । ମି: ଦେବର ଏ କାମ୍ପିଲ୍ୟ ନାମକ ଦେଶର ସ୍ତ୍ରୀଜାତିର ରାଣୀ ବୋଲି ମତ ଦେଇଅଛନ୍ତି । ମାତ୍ର ମହୀଧର ବହୁପ୍ରେମାସ୍ପଦା ସ୍ୱାଙ୍କର ମନହାରିଣୀ ବୋଲି କହନ୍ତି । ପଣ୍ଡିତ ସୂର୍ଯ୍ୟକାନ୍ତ ଏହାକୁ ଏକ ସନ୍ଦେହ ଜଡ଼ିତ ଶବ୍ଦ ବୋଲି କହନ୍ତି । ଏହାର କାରଣ 'କାମ୍ପିଲ୍ୟ' ଶବ୍ଦ । କାମ୍ପିଲ୍ୟ ଶବ୍ଦର ଅର୍ଥ ଏକ ବସ୍ତୁର କମ୍ପମାନ ବିକ୍ରିୟା । ବ୍ରହ୍ମର ପ୍ରଥମ ବିକ୍ରିୟା ବା ସୃଷ୍ଟି ଇଚ୍ଛାହିଁ ବ୍ରହ୍ମର 'କମ୍ପନ' । ଯେଉଁ କମ୍ପନର (Vibration) ପରିଣାମ ଜୀବସୃଷ୍ଟି ପୂଜାରହସ୍ୟ ସୁଭଦ୍ରିକା ବା ସୁଭଦ୍ରାଙ୍କ ପୂଜାପୀଠରେ ଏକ ଯନ୍ତ୍ର ଉଲ୍ଲେଖ କରାଯାଇ ପାତ୍ର ସ୍ଥାପନ କରାଯାଏ ।

"ଭଗୌପରି ବିସର୍ଗ କାମଲ୍ୟ ବିଲିଖ୍ୟଂ ତଦୁପରି
ପାତ୍ରତ୍ରୟ ସଂସ୍ଥାପ୍ୟ ଜଳ ରକ୍ତାକ୍ଷତ ପ୍ରକ୍ଷେପଃ ମିତି

ଏଠାରେ କାମିଲ୍ୟ ଅର୍ଥ "ବିସର୍ଗମାତ୍ରା" ଯାହାକି ଦୁଇଟି ବସ୍ତୁର ସଂଯୋଗିନୀ ମାତ୍ରା; ଅସ୍ତେ ହୋଇ ଏକ ଜମନଦ୍ୱାର ପୁଣି ଯଥାସ୍ଥାନରେ ମିଳିଗଲେ ବିସର୍ଗ ହୁଏ । ମାତ୍ର



ହେବାପରେ ଆଦି ଅନ୍ତ ଜାଣିବା କଠିନ । ଦୁଇଟି ବସ୍ତୁର ସୃଷ୍ଟିକାରିଣୀ ମାତ୍ରା ଶୁନ୍ୟ ରହିଯାଏ ଏହାହିଁ ମାୟାର ପ୍ରତୀକ ଚିହ୍ନ । *

ଶୈବ ଦର୍ଶନ ସିଦ୍ଧାନ୍ତ "ଶିବସଂହିତା" ପାର୍ବତୀ ଖଣ୍ଡରେ ଏହି ଚିହ୍ନକୁ ନିଜ ମତବାଦରେ ପ୍ରକାଶ କରିବାକୁ ଯାଇ କହନ୍ତି, ଶିବ ଶକ୍ତିଙ୍କ ଯୋଗରେ ପରମାତ୍ମାଙ୍କର ସ୍ଥିତି ଘଟିଥାଏ ।

"ଶିବଶକ୍ତି ସମାଯୋଗଃ ପରମାତ୍ମେତି ନିଶ୍ଚିତମ୍
ପରାଂଶକେତୁ ସଂଜାତା ଚିଚ୍ଛକ୍ତି ସ୍ତୁ ତଦୁଦ୍‌ଭବାମ୍"

୨ୟ ଅଂ ୧୫.

ତେଣୁ ଶିବବଳଭଦ୍ର, ତଦ୍‌ଶକ୍ତି ବା ମାୟାଙ୍କର ପରିଣାମ ପରମାତ୍ମା ଦାରୁବ୍ରହ୍ମ ଅଟନ୍ତି ।

ଏହି ମାୟାଶକ୍ତିହିଁ "ବିସର୍ଗସଙ୍ଗୀତଃ" ରୂପରେ ପ୍ରଚ୍ଛନ୍ନରୂପେ ବିଦ୍ୟମାନ । ତେଣୁ ପ୍ରକଟାତ୍ମିକା ଶକ୍ତି ନୁହନ୍ତି ସହଜାତା ଭଗିନୀ ରୂପରେ , ବୈଦିକ ମନ୍ତ୍ରର ଆଦି ଓ ଆଦିସୃଷ୍ଟିର କାମଲ୍ୟ ବା ବିନ୍ଦୁୟାର ପ୍ରତୀକ। ସୁଭଦ୍ରିକା ବା ସୁଭଦ୍ରା ଅଟନ୍ତି ।

ଓଁ ଅମ୍ବେଽମ୍ବିକେଽମ୍ବାଲିକେ ନ ମା ନୟତି କଶ୍ଚନ । ସସନାତ୍ୟଶ୍ବକଃ ସୁଭଦ୍ରିକା କାମ୍ପୀଲ୍ୟ ବାସିନୀମ୍ ।

"ବାୟବୀୟ ସଂହିତା" ପୂର୍ବଖଣ୍ଡ କହନ୍ତି ମୂଳପୁରୁଷର ପ୍ରେରିତା ମୂଳପ୍ରକୃତି ଅବ୍ୟକ୍ତା ଅର୍ଥାତ୍‌ ଅଙ୍ଗ ବିକଳ୍ପ ରହିତା ତାଙ୍କର ତିନିଗୋଟି ନାମ ଅଟେ ।

"ମହାମାୟା ଚ ମାୟା ଚ ପ୍ରକୃତି ସ୍ତ୍ରିଗୁଣେତିଚ" ୪ । ୧୨ ଏହିଠାରେ ମହାମାୟା ହିରଣ୍ୟଗର୍ଭର ସହଳିପ୍ତ ଶକ୍ତି । ଯେତେବେଳେ ସେ ବ୍ୟକ୍ତହେଲେ—ସେ ମାୟାନାମରେ କଥିତ ଓ ଯେତେ-ବେଳେ ସେ ପ୍ରକଟ ହେଲେ ସେ ଶକ୍ତି ନାମରେ କଥିତ ହେଲେ । ତେଣୁ ପୁରୁଷୋତ୍ତମର ଶକ୍ତି ପ୍ରକଟ ନୁହନ୍ତି । ବ୍ରହ୍ମର ଆତ୍ମଶକ୍ତି ଜୀବର ଚେତନା ଶକ୍ତି "ଯା ଦେବୀ ସର୍ବଭୂତେଷୁ ଚେତନେତି ବିଧିୟତେ" ସୁଭଦ୍ରା ପୂଜନରେ ଦେବଚିନ୍ତନ ପ୍ରକରଣରେ ଏକ ଅପୂର୍ବ ଧାରଣା କଳ୍ପିତ ହୁଏ "ଯଦ୍ୟପି ତୁମ୍ଭେ ନିର୍ବିକଳ୍ପ ତଥାପି ବିକଳ୍ପ ସଙ୍ଗେ ମଧ୍ୟ ସହଚାରିଣୀ ଅଟ । ତେଣୁ ନିର୍ବିକଳ୍ପ ସଂକଳ୍ପ ଓ ବିକଳ୍ପ ଏହି ତିନିମଧ୍ୟରେ ସୁଭଦ୍ରା ସଂକଳ୍ପର ପ୍ରତୀକ ଅଟନ୍ତି ।

ନିର୍ବିକଳ୍ପ ସହଜାତଃ । ବିକଳ୍ପ ସହଚାରିଣୀମ୍ ।
ସୁଭଦ୍ରା ଗୁରୁବଦନା ତିଷ୍ଠନ୍ତୁ ହୃଦୟେମମ ।।
କରକଚ୍ଛପିକାବଦ୍ଧା ମୁଦ୍ରା ମଧ୍ୟଗା ବ୍ୟୋମରୂପିଣୀ ।
ଚିନ୍ତୟେତ୍ ଚିଦ୍ରୂପତାଶକ୍ତିଃ ମାୟା ସଂକଳ୍ପଜାତଥା ।।
'ମୁଦ୍ରା କାରୀକା'



ଭରକଳ୍ପର୍ଶିକା ମୁଦ୍ରାର ଧାରଣା ନିମ୍ନରେ ବ୍ରହ୍ମରନ୍ଧ୍ରରେ ତା'ର ମଧ୍ୟରେ ବ୍ୟୋମ ରୂପିଣୀ ମାୟା ।

'ତନ୍ତ୍ରସଂହିତା "ଶିବପୁରାଣ" କହନ୍ତି ସେହି ମାୟା ସର୍ବଲୋକର ମୋହନ କାରିଣୀ ଗରୀୟସୀ ଅଟନ୍ତି ତାହା ଶିବଙ୍କର ଇଚ୍ଛା ।'

ମୋହିନୀ ସର୍ବ ଲୋକାନାଂ ଶିବମାୟା ଗରୀୟସୀ ।
ତଦ୍ଧୀନଂ ଜଗତ ସର୍ବଂ ଶିବେଚ୍ଛା ସା ପ୍ରକୀର୍ତ୍ତ୍ୟତେ ॥

ତେଣୁ ଦ୍ରଷ୍ଟା ଓ ସୃଷ୍ଟି ମଧ୍ୟରେ ଇଚ୍ଛା ସହଜାତା । ତେଣୁ ଭଗିନୀ ଶକ୍ତି ହୋଇଥିଲେ ବାହ୍ୟ ସଂକଳ୍ପର ସୂଚନା ଥାଏ । ତେଣୁ ଭ୍ରାତୃଯୁଗଳଙ୍କ ମଧ୍ୟରେ ଭଗିନୀର ଉପାସନା ପ୍ରାଚୀନ ଚିନ୍ତାର ପ୍ରଭାବ । ନିରୁକ୍ତ ୩।୬ ସୂତ୍ର" କହିଛନ୍ତି—ସହଜାତ ସମ୍ବନ୍ଧରୁ ଭଗିନୀ ଶବ୍ଦର ବ୍ୟୁତ୍ପତ୍ତି । 'ଭଗ' ପ୍ରଜନନାତ୍ମକ ମୂଳ ଗୋପଥ ବ୍ରାହ୍ମଣ ୨-୧-୨ କହନ୍ତି ତସ୍ୟ (ଭଗସ୍ୟ) ଚକ୍ଷୁ ପଦ୍ମପତ୍ର ସପ୍ତାତାହୁରଚୋକ୍ଷଗ ଇତି" ଏହାର ମୂଳ ଚକ୍ଷୁ 'ଦୃଷ୍ଟିଶକ୍ତି' ପୃଥକ ନୁହନ୍ତି ଦୃଶ୍ୟ ମଧ୍ୟଙ୍କି ଓ ସର୍ବମୁଖୀ କାରଣ ଅଟନ୍ତି ।

"ତନ୍ତ୍ର ସାହିତ୍ୟ" ଏବଂ ଇତିହାସ (ଡା: ମହତାବଙ୍କ ରଚିତ) କହେ ସେ ଏକାନଂଶା ଏହି ଏକାନଂଶା ଶବ୍ଦର ତାତ୍ତ୍ୱିକ ଅର୍ଥ ମାୟା ଅବିଚ୍ଛିନ୍ନ ଅଂଶ ବିଶିଷ୍ଟା । ଏକ ବା ବ୍ରହ୍ମଠାରୁ ପୃଥକ ନୁହେଁ ମାତ୍ର ଦୁଇ, ଯାହା ଶିର ମାଧ୍ୟମା ଅଟନ୍ତି । କେହି କେହି ଯଶୋଦା ଗର୍ଭ ସମ୍ଭୂତା ବିନ୍ଧ୍ୟବାସିନ୍ୟାଙ୍କୁ ଯେପରି ବଳଭଦ୍ର, ଶ୍ରୀକୃଷ୍ଣଙ୍କର ମଧ୍ୟଭୂତା ଅଲୌକିକ ଶକ୍ତି କଂସର କରରୁ ଖସିଗଲେ, ସେହି ହିଁ ବିନ୍ଧ୍ୟବାସିନୀ ବା ପୂର୍ଣ୍ଣବ୍ରହ୍ମଙ୍କର ନିଜ ନିହାତ ଆତ୍ମଶକ୍ତି ସୁଭଦ୍ରା । ଶ୍ରୀମଦ୍ଭାଗବତର "ଶଙ୍ଖଭଦ୍ରେ" ଶବ୍ଦ ଆଦିମ ଦୈବତର ଶବ୍ଦ—ନାମବାଚୀ ଶବ୍ଦ ନୁହେଁ । ଅର୍ଜୁନ ପତ୍ନୀ "ସୁଭଦ୍ରା"ଙ୍କର ଏ ଗହନତତ୍ତ୍ୱ ମଧ୍ୟରେ ସ୍ଥାନ କେଉଁଠି ? କୃଷ୍ଣବାସୁଦେବ ବାଦର ସ୍ଥଳକୁ ପୁରୁଷୋତ୍ତମ ମହାପ୍ରଭୁଙ୍କର ଅନ୍ତିମସ୍ତର କୁହାଯାଏ । ଯାହାର ଆୟୁ ପ୍ରାୟ ୫୦୦ ହଜାର ବର୍ଷ ତଳର ଅଟେ । ମାତ୍ର ସୁଭଦ୍ରାଙ୍କ ବିଗ୍ରହ ଏହାଠାରୁ ବହୁପ୍ରାଚୀନ—ଏଥିରେ ସନ୍ଦେହ ନାହିଁ ।

ଏଠା ଚୀନ ଦର୍ଶନର ପୂର୍ବବର୍ତ୍ତୀ "କାମାତ୍ ସୃଷ୍ଟ ଏହାସତ୍ୟ ମାତ୍ର ପ୍ରବୃତ୍ତ୍ୟାତ୍ କାମ ଜାୟତେ, ନ୍ୟାୟରେ ବ୍ରହ୍ମର ବିକଳହିଁ ମାୟା । ଯାହା ଜୀବ ଓ ବ୍ରହ୍ମ ମାୟାର ପ୍ରସଙ୍ଗ । ତୁଳସି ଦାଶ ଶ୍ରୀରାମରହସ୍ୟରେ ପ୍ରକାଶ କରିଛନ୍ତି—

"ରାମ ଲକ୍ଷ୍ମଣ ସୀତା ଶୋଭତ କୈସେ ।
ବ୍ରହ୍ମ ଜୀବ ଅରୁ ମାୟା ଜୈସେ ॥

ଏହି ସାବଲୀଳ କ୍ରମ ସତ୍ୟ, କିନ୍ତୁ ଉତ୍କଳରେ ରାମ ସୀତା ଲକ୍ଷ୍ମଣ କ୍ରମରେ ତତ୍ତ୍ୱ ଦର୍ଶନ ଘଟିଥାଏ ।

ବର୍ତ୍ତମାନ ବିଗ୍ରହ କରିବାକୁ ଜୀବ, ବ୍ରହ୍ମ ଓ ମାୟା ତତ୍ତ୍ୱଜ୍ଞାପକ ବଳଭଦ୍ରଙ୍କ ମୁଖାରବିନ୍ଦ, 'ମା' ସୁଭଦ୍ରାଙ୍କର ମୁଖାରବିନ୍ଦର ସାମ୍ୟ ଅଛି ଯାହା ଜଗନ୍ନାଥଙ୍କଠାରୁ ପୃଥକ ଅଟେ । ବଳଭଦ୍ରଙ୍କର ପରି ନାଶାରନ୍ଧ୍ର, ଭ୍ରୂ, ବ୍ରହ୍ମରନ୍ଧ୍ର, ଅଧର ରେଖା ସୁଭଦ୍ରାଙ୍କର ବିଗ୍ରହରେ ରହିଛି ଯାହା ପୁରୁଷୋତ୍ତମ ଗଠନ କ୍ରିୟାରେ ନାହିଁ । ଏହାର କାରଣ ବ୍ରହ୍ମସ୍ୱର ସହଜାତା ର ମାୟାଦ୍ୱାରା ଦୈହିକ ସୃଷ୍ଟି ହୁଏ । ବ୍ରହ୍ମ ନିର୍ବିକଳ୍ପ; ତେଣୁ ଜୀବ ଲକ୍ଷଣ ରହିତ ଅଟେ । 'ମାୟା' ବ୍ରହ୍ମର ସହିତ ଅନ୍ୱୟ ହେଲେ ମଧ୍ୟ ମାୟା ଜୀବ ସହିତ ଜଡ଼ିତ । ତେଣୁ ବଳଦେବଙ୍କ ଆକାର ବିଶେଷ । ପୌରାଣିକ ସାହିତ୍ୟରେ ବର୍ଣ୍ଣିତ କର୍ମାଧ୍ୟକ୍ଷ ଓ କର୍ମ ପ୍ରସଙ୍ଗ ଏଥି ସହିତ ଜଡ଼ିତ । କର୍ତ୍ତା । କ୍ରିୟା ଓ ପରିଣାମ ବିଗ୍ରହରୁ ଦେଖିଲେ କର୍ତ୍ତାର ଇଚ୍ଛା ବା ଶାଖା ଅଛି, ଜୀବର ସାମର୍ଥ୍ୟ ଦୃଶ୍ୟ

ମାତ୍ର ମାୟାର ସାମର୍ଥ୍ୟ ବାହୁଲ୍ୟ ନାହିଁ । ଏଠାରେ ସ୍ରଷ୍ଟା କେବଳ ଦ୍ରଷ୍ଟା ଅଟନ୍ତି । ପ୍ରକୃତି ପୁରୁଷ ସିଦ୍ଧାନ୍ତର ପକ୍ଷପାତି ନ୍ୟାୟଦର୍ଶନ କହନ୍ତି "ସାଂଖ୍ୟ କାରିକା" ୧୨ ୧୩ ସୂତ୍ରରେ ଛାୟା




ତାହର ସମର୍ଥନକାରୀ କହିଲେ ଶକ୍ତି କିପରି ? ଉତ୍ତର ହେଲା ପ୍ରୀତି ଓ ଅପ୍ରୀତି ପ୍ରବୃତ୍ତି ଯେଉଁଠାରେ ଅଛି । ତାହା ନିୟମାର୍ଥବୋଧକ, ମାତ୍ର ବ୍ରହ୍ମ ନିୟମାତୀତ । ତେଣୁ ଜୀବ ଚୈତନ୍ୟ ସଙ୍ଗେ ତାହାର ରୂପଗତ ସାମ୍ୟ ଓ ବ୍ରହ୍ମଚୈତନ୍ୟ ସଙ୍ଗେ ଭାବଗତ ସାମ୍ୟ ରହିଛି । ପୁରାଣ ନାମକ କାଶିରାଜ ନ୍ୟାସରୁ ପ୍ରକାଶିତ ପୁସ୍ତକର **Vol. XIIN2** ଦ୍ରଷ୍ଟବ୍ୟ ।

ଚିତ୍ରକଳାର ଏହା ସର୍ବ ପ୍ରାଚୀନ ଶୈଳୀ ନାସା—



—ନେତ୍ର ଅଧର ଓ ବ୍ରହ୍ମବିନ୍ଦୁ ଏ ସମସ୍ତ ତ୍ରିଗୁଣାତ୍ମକ ଈଶ୍ୱର ପ୍ରତୀକ । ମାତ୍ର ଅନ୍ୟତଃ ଶଶି ସୂର୍ଯ୍ୟ ପରି ନେତ୍ର ବିଶ୍ୱତୋମୁଖ ପରି ମୁଖ ବ୍ରହ୍ମବାଦର ପ୍ରତୀକ ଅଟେ ।



ଜଗନ୍ନାଥଙ୍କର ମୁଖାରବିନ୍ଦରେ କେବଳ ଚୈତନ୍ୟାତ୍ମକ ଚତୁର୍ମାତ୍ରା । ମାତ୍ର ବଳଦେବଙ୍କର ଶ୍ରୀ ମୁଖାରବିନ୍ଦରେ ପ୍ରାକୃତ ଲକ୍ଷଣ ସ୍ପଷ୍ଟ ବେଦାନ୍ତ ଦର୍ଶନର ମତ ମଧ୍ୟ ତଦ୍ରୂପ ! ବେଦାନ୍ତ କହନ୍ତି ---- ଅନିର୍ବଚନୀୟା ମାୟାହିଁ ପରମାତ୍ମାଙ୍କର ଅଧିଷ୍ଠାନ ସେହି ପ୍ରକୃତିର ମଧ୍ୟଦେଇ ସମସ୍ତ ଚରାଚରର ସୃଷ୍ଟି ହୋଇ ଥାଏ ।

ଗୀତା କହନ୍ତି.....'ମାୟାଧ୍ୟକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରମ୍' ୯।୧୦" । ଏହି ସୂଚନା ନିର୍ଗୁଣବୋଧକ ହେଲେ ମଧ୍ୟ ଏହାର ମଧ୍ୟ ଭେଦ ଅଛି । ତ୍ରିଗୁଣାନୁପାତରେ ଜ୍ଞେୟା ମାୟାର ରୂପାନ୍ତର ଶ୍ରୋତଜ୍ଞାନ, ଯୁକ୍ତିଜ୍ଞାନ ଓ ଲୌକୀକଜ୍ଞାନରେ ତ୍ରିବିଧ । ଏହାର ବାହ୍ୟ ଉଦାହରଣ ସାଧ୍ୟ, ସାଧନା, ସାଧକ । ପଞ୍ଚଦଶୀ କହନ୍ତି.... ତୁଚ୍ଛାଃ ଅନିର୍ବଚନୀୟା ଚ ବାସ୍ତବୀ ଚେତ୍ୟସୌତ୍ରିଧା ଜ୍ଞେୟା ମାୟାତ୍ରିଭି ର୍ବୋଧୈଃ ଶ୍ରୌତଯୌକ୍ତିକ ଲୌକିକୈ ୬।୩୦ ସାଧ୍ୟ ପରମାତ୍ମା ପୁରୁଷୋତ୍ତମ । ସାଧକ ଜୀବଚୈତନ୍ୟ ବା ସତ୍‌ସ୍ୱରୂପ ଶଙ୍କର୍ଷଣ ଏବଂ ସାଧନା, ସାକ୍ଷାତ ମା ସୁଭଦ୍ରା ଅଟନ୍ତି । ଯେକି ସାଧ୍ୟ, ସାଧକର୍ ମଧ୍ୟବର୍ତ୍ତୀ କ୍ରିୟାତ୍ମିକା ଜହ୍ନତାତା ଶକ୍ତି ଅଟନ୍ତି ।

ଏଠାରେ ଶ୍ରୀମଦ୍‌ଭାଗବତ ଅନୁବାଦରୁ 'ମାୟା' ସମ୍ବନ୍ଧରେ କିଛି ଅନୁବାଦ ଉଦ୍ଧାର କରାଯାଉଛି । ଯେଉଁଥିରୁ ଜଣାପଡେ ମାୟାର ସ୍ଥିତି କେଉଁଠି ?

ମାୟା ଯନ୍ତ୍ରିତ ସର୍ଜନ । ବ୍ରହ୍ମାଦି ଚଉଦ ଭୁବନ ।
ଏଣୁ ଈଶ୍ୱର ଏ ଭୁବନେ । ସର୍ବତ୍ର ବସନ୍ତି ସମାନେ ।

ସୃଷ୍ଟି ପ୍ରଳୟ ନିତ୍ୟରେ । ମାୟା ସଂସାରେ ସେ ବିହରେ ।
ଏଣୁ ଏ ଅନିତ୍ୟ ସଂସାର । ସତ୍ୟ ସ୍ୱରୂପ ମୁଁ ଈଶ୍ୱର ।
ଏମାୟା ପ୍ରକୃତି ବିକାର । ଜଗତ ହେତୁ ଏ ବେଶ୍ୱର ।
ଏକନ୍ତୁ ଏ ବ୍ରହ୍ମାଣ୍ଡ । ତିଷ୍ଠର ଆଦି ମଧ୍ୟ ଅନ୍ତ ।
ପ୍ରକୃତି ପୁରୁଷ ଏ ବେନି । ଜଗତେ ସିଏର ଜନନୀ ।
ବିଶ୍ୱ ପ୍ରକାଶ ହେତୁ ମୁହିଁ । ମୁଁ କାଳରୂପେ ସଂହାରଇ ।

(ସାଂଖ୍ୟ ଯୋଗ କଥନେ)

ଏକ ବ୍ରହ୍ମ ଅତି ମଧ୍ୟ, ଅଣ ସୃଷ୍ଟି କ୍ରମରେ ତ୍ରୟୀ ଅଟନ୍ତି । ଏବଂ "ସାଧନା" ଦୁଇ ପୁରୁଷଙ୍କମଧ୍ୟରେ ସମସ୍ତ ଜଗତର ପିତା ମାତା ବା ସ୍ରଷ୍ଟା ଅଟନ୍ତି । ତାହାଙ୍କର ଅପର ନାମ ପ୍ରକୃତି, ଏହି ପ୍ରକୃତି ବିଷୟରେ ପ୍ରାଚୀନ ଶାସ୍ତ୍ର ସମ୍ବଳନ ଅଛି । ଗୀତା ୧୩ ଅଧ୍ୟାୟରେ ଓ ୯ମ ଅଧ୍ୟାୟରେ ବିଶଦ ଆଲୋଚନା କରି ଅଛନ୍ତି, ଏହାର ମର୍ମ—

ପ୍ରଧାନା ସୃଷ୍ଟିରେଣେ ପ୍ରକୃତିସ୍ତେନ କଥ୍ୟତେ, ୯ । ୧ । ୬୬ ସୃଷ୍ଟିରହୌବ ଯା ଦେବୀ ପ୍ରକୃତି ସା ପରମ୍ପୃକା ୯ । ୧ । ୮ ଦେବୀ ଭାଗବତ ପ୍ରକୃତି ବିଷୟରେ ପ୍ରାଞ୍ଜଳ ମତ ବ୍ୟକ୍ତ କରନ୍ତି ।

ପ୍ରକୃଷ୍ଟ ବାଚକଃ ପ୍ରଶ୍ଚ କୃତିଶ୍ଚ ସୃଷ୍ଟି ବାଚକଃ ।
ସୃଷ୍ଟୌ ପ୍ରକୃଷ୍ଟା ଯା ଦେବୀ ପ୍ରକୃତି ସା ପ୍ରକୀର୍ତ୍ତିତା ।

ଏହି ଦୃଷ୍ଟିରୁ ଯୋଗମାୟା ସୁଭଦ୍ରାଙ୍କର ଅପରନାମ ପ୍ରକୃତି । ମୂଳ ପ୍ରକୃତିହିଁ "ଭଗ୍ନୀ ସ୍ୱୀ ପ୍ରବର୍ତ୍ତିକା" ଏହି ରୂପେ ସେ ସ୍କନ୍ଦ ପୁରାଣରେ ପରିଚିତା ଓ ସେହି ପ୍ରକୃତିହିଁ ମାୟା । ଏହା ଦୃଢ଼ସ୍ୱରରେ ସେ କହନ୍ତି । ସେ ପୁଣି 'ପ୍ରକୃତିଂ ବିଦ୍ଧି ମେ ପରଂ' ସେହି ପୁଣି ପ୍ରକୃତି ଚୈତନ୍ୟରୂପା ସମସ୍ତଭୂତଗଣଙ୍କ ଯୋନି ୭ । ୬ ଗୀତା' ତାହାଙ୍କର ସମାକୃତି ଜୀବଚୈତନ୍ୟ ବଳଦେବ ଓ ପରମ ପୁରୁଷ ପରମ ଚୈତନ୍ୟ ଅଟନ୍ତି । ତାହାହିଁ ଓଁ ତତ୍‌ସତ୍ ଭେଦରେ ତ୍ରୟୀ ଅଟନ୍ତି । "ଓଁ—ବ୍ରହ୍ମ; ସତ୍-ଜୀବାତ୍ମା, ତତ୍ ତତ୍ତ୍ୱମ ଅସି" ବା ମଧ୍ୟ ବର୍ତ୍ତିନୀ ତତ୍ ବା ତାହାଙ୍କର ନିଜ ଶକ୍ତି ଗୀତା ୧୬ । ୨୩ । ଏହି ମାୟା ବା ବିଶ୍ୱପ୍ରକୃତି ଏକ ପ୍ରକାଶ୍ୟ ବସ୍ତୁ ନୁହନ୍ତି "ଗୁହ୍ୟାମାୟା ପରମ୍ପୃକା" ରୂପରେ ସେ ପରିଚିତା । ଗୀତା କହନ୍ତି "ମାୟା ଦୁରତ୍ୟୟା" (ଅବୋଧମ୍ୟା) ଶଙ୍କର ଭାଷ୍ୟ ବିବେକଚୂଡ଼ାମଣି ୨ୟ ଖଣ୍ଡରେ କହନ୍ତି—

"କାର୍ଯ୍ୟାନୁମେୟା ସୁଧିୟୈବ ମାୟା ଯୟାଜଗତ୍
ସର୍ବ ମିଦଂ ପ୍ରସୂୟତେ ।"

ଶଙ୍କର ଭାଷ୍ୟ ୧.୪.୩.

ସମସ୍ତ ଜଗତ ପ୍ରସୂତକା ମାୟା ଜଗତ ହେବାର କର୍ତ୍ତ୍ରୀ ଓ ଜଗଦୀଶ୍ୱର କର୍ତ୍ତା । ତାହାଙ୍କର ନାମ, ରୂପ, ଲୀଳା, ଧାମର ସ୍ୱରୂପ ସମସ୍ତ ଜଗତ ଓ ତାହାର ମଧ୍ୟବର୍ତ୍ତୀ ଯନ୍ତ୍ରହିଁ ମାୟା ବିଶ୍ୱ ଯନ୍ତ୍ରୀର ଅୟୁଧ; ଯାହାର ଲକ୍ଷ୍ୟ ଜୀବଗଣଙ୍କର ସୃଷ୍ଟି । ତେଣୁ ଏହି ଯନ୍ତ୍ର ମୂର୍ତ୍ତି ଜଗନ୍ନାଥଙ୍କୁ ଜଗନ୍ନାଥ ଚରିତାମୃତ ମାୟାଧାଣ ସର୍ବପ୍ରପଞ୍ଚର ପ୍ରପଞ୍ଚ ବୋଲି କହନ୍ତି ।

"ଯନ୍ତ୍ର ମୂର୍ତ୍ତି ଜଗନ୍ନାଥ ଶେଷ ଦେବ ଶୀରୋପରଃ"

ଏକ ଭଜନରୁ ଜଣାଯାଏ ଯେ ପରମଯୋଗୀ ତ୍ରିକାଳଜ୍ଞ ଯୋଗୀଙ୍କୁ ତାଙ୍କର ଗୋଷ୍ଠର ଗଛର ତଳରେ ବସିଥିବାବେଳେ ଗୋଟିଏ ପ୍ରଶ୍ନ ପଚାରିଲେ ତାଙ୍କର ଶିଷ୍ୟ ଶ୍ରେଷ୍ଠ ।

"କହନ୍ତୁ ବ୍ରହ୍ମଗୋପାଳ ଯେ ବ୍ରହ୍ମଗତି
କହିଁ ଲିଙ୍ଗ କି ଆକାର କେ ଠାବ ବସତି
କେ ଜମନ୍ତି କେବା ମତି କିବା ଦୃଢ଼ଇ
ଅଟ୍ଟଙ୍କ ବିନା ଏ କଥା କହିବ କେବା ଧ୍ୟାୟୀ ?"

ସେହି ଭଜନରେ ରାମଦାସଙ୍କୁ କହୁଛନ୍ତି—

ଶୁଣସି ହୋ ରାମଦାସ ଯାହା କଲୁ ପୁଚ୍ଛା
ଉଭୟ ଲିଙ୍ଗ ସେ ଜାଣ ହୋଇଛି ପରିଚ୍ଛା ।।
ବଙ୍କନାଳ ପ୍ରାୟ ସେ ଯେ ରୂପ ପ୍ରକାଶଇ
ମାତ୍ରାରେ ବିସର୍ଗ ବୋଲି କହନ୍ତି ଯୋଗୀଧ୍ୟାୟୀ ।।
ପିଣ୍ଡ ବ୍ରହ୍ମାଣ୍ଡ ସନ୍ଧିରେ ବାନ୍ଧିଅଛି ବସା
ଦିବସେ ରମଣ କରେ ଜୀବକୁ କରି ଆଶା ।।
ରାତ୍ରି ହେଲେ ପରମ ସହିତେ ପହୁଡ଼ଇ
ତିମୁଣ୍ଡିଆ ସାପ ନୀତି ସଖାଙ୍କୁ ପ୍ରସବଇ ।।
ସେ ସାପ ଭୁଇଁରେ ପଡ଼ି ତିନିଶବ୍ଦ କଲା
ଶବଦ ନାହିମୁଣ୍ଡାରେ ଯାଇଣ ବାଜିଲା ।।
କହନ୍ତି ଅଚ୍ୟୁତ ଯୋଗୀଙ୍କ ବ୍ରହ୍ମବାଣ
ବିନ୍ଧିପାରିଲେ ରେ ବାବୁ ପାଇବୁ ବଡ଼ପଣ ।।

ଅଚ୍ୟୁତାନନ୍ଦ ଭଜନ ତଗଲଦାସଙ୍କଠାରୁ ସଂଗୃହୀତ—୧୪ ଦଶ ପ୍ରଶ୍ନ ।

ଯୌଗୀକ ଧାରଣାରେ ବିସର୍ଗମାତ୍ରାତ୍ମକ ମାୟାହିଁ ବ୍ରହ୍ମଚୈତନ୍ୟ ଜୀବଚୈତନ୍ୟର ମଧ୍ୟ-ବର୍ତ୍ତିନୀ ବଙ୍କନାଳ ସ୍ୱରୂପିଣୀ; ଯେ କି ସୁଭଦ୍ରା ଅଟନ୍ତି । ଯେତେବେଳେ ସେ ପୂର୍ବବର୍ତ୍ତୀ ବସ୍ତୁ ସହ ରମଣ କରେ, ସେତେବେଳେ ଦୈବ ଖବର ସୃଷ୍ଟି ହୁଏ ; ଯେତେବେଳେ ପଶ୍ଚିମ ବା ବିପରୀତ ଗତିରେ ପ୍ରମତ୍ତ ହୁଏ ସେତେବେଳେ ଜୈବ ଖବର ସୃଷ୍ଟି ହୁଏ ।

ପ୍ରାଚୀନ ପ୍ରଜନନା ଦେବୀ :

ପ୍ରତୀଚୀନ ପ୍ରଜନନା ଦାନୁଷ୍ଠା (ଶତପଥ ବ୍ରାହ୍ମଣ ୭.୪.୨.୪୦) ସୁଭଦ୍ରାଙ୍କର କର ଅବୟବ ରହିତ ଉର୍ଦ୍ଧ୍ୱମାତ୍ରା ବିଦ୍ୟୁତ୍‌ବର୍ଣ୍ଣା ଓ ନିମ୍ନମାତ୍ରା ପୃଥିବୀ ପରି ବର୍ତ୍ତୁଳାକୃତି ଅଟନ୍ତି ଯାହାର ପ୍ରାଣନାଳ ସଦୃଶ ।



"ଦେବୀ ଭାଗବତ ମହାପୁରାଣ କହନ୍ତି—ବ୍ରହ୍ମ ଓ ଶକ୍ତି ମଧ୍ୟରେ ସମ୍ବନ୍ଧ ଏକତ୍ୱ ବିଷୟର ପ୍ରତୀକ ଅଟେ । ତଦ୍ୱାରା ଦ୍ୱୈତ ଅଦ୍ୱୈତ ରେ ପରିଣତ ହୁଏ, ତେଣୁ ମାୟା ଅଦ୍ୱୈତଶକ୍ତି ନାମରେ ପ୍ରତିଷ୍ଠିତା । ଏଥିରେ ଭେଦବାଦର ପ୍ରଶ୍ନ ନାହିଁ ।

ସଦୈକତ୍ୱଂ ନ ଭେଦୋଽସ୍ତି ସର୍ବ ଦୈବ ସମାସ୍ୟ ଚ,
ଯୋଽସୌ ସାହ ମହଂଯୋଽସୌ ଭେଦୋଽସ୍ତି ମତି ବିଭ୍ରମାତ୍ ।

ଖାଲି ସେତିକି ନୁହେଁ—ଦେବୀ ଭାଗବତର ମତରେ ସେ ସ୍ତ୍ରୀ ନୁହନ୍ତି, ପୁରୁଷ ନୁହନ୍ତି, କ୍ଲୀବ ନୁହନ୍ତି, ସେ ସମସ୍ତ ଧ୍ୟେୟ ବସ୍ତୁ 'ଧୀ' ଅଟନ୍ତି । ତାହାକୁ କେହି 'ବ୍ରହ୍ମ' କହନ୍ତି । ସେ ପଦ୍ମଯୋନୀ ରୂପରେ ସ୍ତ୍ରୀ ଓ ପୁରୁଷ ଉଭୟଙ୍କୁ ବୁଝାନ୍ତି । ସେ ସମସ୍ତ ଶକ୍ତିର ଉତ୍ସ ପୁରୁଷୋତ୍ତମର ଅକ୍ଷର ତତ୍ତ୍ୱ ଅଟନ୍ତି । ନୀଳତନ୍ତ୍ରର ଏକ ଆପ୍ତଶ୍ଳୋକରେ କୁହାଯାଇଛି—

"ଶକ୍ତିଂପଦ୍ମପଟଲସ୍ଥ ଚପଳାଭଦେହା
ବିସର୍ଗ ସର୍ଗ ନିଳୟା ସ୍ୱରୂପା ବିଦେହା ।।
ବ୍ରହ୍ମାଦିକାକ୍ଷରମୟୀ ଜନୟତ୍ରୀ ଧାତ୍ରୀ
ଭଦ୍ରାଂ ତ୍ୱମେକରତୁଲାଂ ଭୁବନେଶୀ ବନ୍ଦେ ।।"

ଚୈତ୍ରମାସ ଶୁକ୍ଳ ତ୍ରୟୋଦଶୀ ଦିନ ଯେତେବେଳେ ପୁରୁଷୋତ୍ତମ ସମଭୁଜ ବେଶ ଧାରଣ କରିଥାନ୍ତି—ସେତେବେଳେ 'ମା' ସୁଭଦ୍ରା ଏହି ରୂପ ଧାରଣ କରି ଭୁବନେଶ୍ୱରୀ ରୂପରେ ବିଭୂଷିତ ହୋଇଥାନ୍ତି । ଏଣେ ସାଧାରଣ ଭୟା ସେ ନା ସ୍ତ୍ରୀ ନା ପୁରୁଷ ନା ତତ୍ତ୍ୱପୂର୍ଣ୍ଣ ଯନ୍ତ୍ରମୂର୍ତ୍ତି ପରି ଦେଖାଯାନ୍ତି । ଯେଉଁଥିରୁ ଜଣାପଡ଼ିବ ନାହିଁ ସେ କିଏ ? ଏପରି ଅବସ୍ଥାର ନାମ ହିଁ ମାୟା ।

ନାହଂ ସ୍ତ୍ରୀ ନ ପୁମାଂଶ୍ଚାହ ନ କ୍ଲୀବଂ ସର୍ଗ ସଂକ୍ଷୟେ
ସର୍ଗେ ସତିବିଭେଦଃ ସ୍ୟାତ୍ କଲ୍ପିତୋଽୟଂଧୀୟାପୁନଃ ।।

ଦେବୀ ଭାଗବତେ,

ବ୍ରହ୍ମସ୍ୱରୂପ ପୁରୁଷୋତ୍ତମ ପୃଥିବୀର ଧାରକ ଶଂକର୍ଷଣଙ୍କ ମଧ୍ୟର ମହାନଶକ୍ତି ହିଁ ଆଦିଶକ୍ତି ଯୋଗମାୟା । 'ବାୟବୀୟ ସଂହିତା' କହନ୍ତି—ସମସ୍ତ ସ୍ଥାନରେ ଅନୁଭୂତ । ସମସ୍ତ ରହସ୍ୟର ଜ୍ଞାତା ସୂକ୍ଷ୍ମତମା ଶକ୍ତି ସତ୍ ଅସତ୍‌ରୁ ଅତିରିକ୍ତା ଅଟନ୍ତି । ଯେଉଁଥିରେ ସମସ୍ତ ଜଗତର ଲକ୍ଷଣ ଅଛି ଓ ନାହିଁ ।

ସର୍ବଜ୍ଞା ସର୍ବଗାସୂକ୍ଷ୍ମା ସଦସଦ୍‌ବନ୍ଦାଣ୍ଡି ବର୍ଜିତମ୍
ପରମା ନିଖିଳଂ ଭାସା ଭାସୟନ୍ତୀ ମଦ' ଜଗତ୍ ।।

ତେଣୁ ସୁଭଦ୍ରା ସମସ୍ତ ଭଦ୍ର ବା ସୌଭଗତ୍ୱର ଅଲୌକିକ ମାୟା "ସୁଷ୍ଠୁ ଭଦ୍ରଂ ଯସ୍ୟାଃ ପ୍ରକାଶାତ୍ ସା ସୁଭଦ୍ରା" ( ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ଇତିହାସ ମହାତ୍ମ୍ୟ ପୃ: ୧୦୫ ) । ଏହାର ତାତ୍ପର୍ଯ୍ୟ ସମସ୍ତ ଶୁଭପ୍ରଦ କର୍ମର ଉତ୍ସ । ସ୍କନ୍ଦ ପୁରାଣ କହନ୍ତି—

ସୃଷ୍ଟି ସ୍ଥିତିବିନାଶାଦି କର୍ମଣାଂ ପରମାତ୍ମନଃ
ତ୍ୱମେକା ଶକ୍ତିରତୁଳଂ ତ୍ୱାଂ ବିଦା ସୋଽପିନେଶ୍ୱର

ଏହି ବର୍ଣ୍ଣନାରୁ ଜଣାଯାଏ—ସୁଭଦ୍ରା ଆଦିଶକ୍ତି ବେଦ ପ୍ରତିପାଦିତ ପରତତ୍ତ୍ୱ ବ୍ରହ୍ମଙ୍କର ଆଦିଶକ୍ତି ଅଟନ୍ତି ।

'ଉମାସଂହିତା' ନାମକ ଶାକ୍ତଗ୍ରନ୍ଥରେ ଯେ ବ୍ରହ୍ମଙ୍କର ପବିତ୍ରତମ ଜ୍ୟୋତିର୍ମୟ ଶକ୍ତି—ସେହି ହିଁ ପ୍ରଣବର ମଧ୍ୟବର୍ତ୍ତିନୀ ମାତ୍ରା ଅଟନ୍ତି । ସେ ମକାର ବ୍ରହ୍ମ ଅକାର ଜୀବ ମଧ୍ୟରେ ଉକାର ମାତ୍ରାର ପ୍ରତୀକ । "ପୁରାଣ" ନାମକ କାଶୀରାଜନ୍ୟାସ ପ୍ରକାଶତ VOL. XI 12, P : 936 ରେ ଉମାସଂହିତାର ପ୍ରମାଣ ପ୍ରଦାନ କରିଅଛନ୍ତି ।

ପରବ୍ରହ୍ମଂ ପରଂଜ୍ୟୋତି ପ୍ରଣବ ଦେହରୂପିଣୀ ।
ଅହମେବାସ୍ମି ସଂକଳ୍ପଂ ମଦନ୍ୟୋ ନାସ୍ତିକଶ୍ଚନ ।।

ଏହି ମହାନ୍ ଶକ୍ତିର ସ୍ୱରୂପ ଓ କର୍ତ୍ତୃତ୍ୱର ସାମର୍ଥ୍ୟ ପ୍ରଦର୍ଶନ ପାଇଁ କହନ୍ତି—

ଯଥା ଦାରୁମୟୀ ଯୋଷାଂ ନର୍ତ୍ତୟନ୍ତୀନ୍ଦ୍ରଜାଲିକ
ତଥୈବ ସର୍ବଭୂତାନି ନର୍ତ୍ତୟାମ୍ୟ ମହେଶ୍ୱରୀ

ଯେପରି ଇନ୍ଦ୍ରଜାଲ ପ୍ରଦର୍ଶକ ଏକ ଅଦୃଶ୍ୟ ପଦ୍ଧତିରେ କାଠପୁତଳୀକୁ ନଚାଇ ଜଗତକୁ ମୁଗ୍ଧ କରେ, ସେପରି ବ୍ରହ୍ମଚୈତନ୍ୟ ମାୟା ସୂତ୍ର ଦ୍ୱାରା ଦୈବୀକ ଜଗତକୁ ନଚାଇଥାଏ । ଯେତେବେଳେ ସେ ଭୌତିକ ବସ୍ତୁର କ୍ରୀଡ଼ାଶକ୍ତ ସେତେବେଳେ ସେ ପ୍ରକୃତି—ଯେତେବେଳେ ବ୍ରହ୍ମ ଜୀବ ମଧ୍ୟରେ ରହି ତାଗତିକ ବିକାଶର କ୍ରୀଡ଼ାଶକ୍ତି—ସେତେବେଳେ ତାହାର ନାମ 'ମାୟା' ଅଟେ ।

ଜୀବ ବ୍ରହ୍ମଣୟୋର୍ମଧ୍ୟେ ଯନ୍ତ୍ରମାୟା ବିରାଜିତା ।
ତତ୍ର ସା ନିର୍ଗୁଣଶକ୍ତି ବଦନ୍ତି ବ୍ରହ୍ମବେଦୀନଃ ।

ତେଣୁ ପୁରୁଷୋତ୍ତମ ଦୁଇ ପୁରୁଷର ମଧ୍ୟବର୍ତ୍ତୀ ସହଜାତ ଭଗିନୀ ରୂପରେ ଯୋଗମାୟା ବିରାଜମାନ କରୁଥିବା ସମଗ୍ର ଭାରତୀୟ ଉପାସନା କାଣ୍ଡରେ ଅଦ୍ୱିତୀୟ ଅଟନ୍ତି । ଶ୍ରୀମଦ୍ ଭାଗବତ ତାହାହିଁ କହନ୍ତି—ମାୟା ଉଦସତ୍ତ୍ୱର ସଂଯୋଗିନୀ ଅଟନ୍ତି ।

ସ ବା ଏତଦ୍ୟା ସଂଦ୍ରଷ୍ଟ ଶକ୍ତି ସଦସାତ୍ମିକ
ମାୟା ନାମ ମହାଭାଗ ଯୟେଦଂ ନିର୍ମମେ ବିଭୁଃ

ଭା ୩।୫।୨୫

ସ୍କନ୍ଦପୁରାଣ ନିର୍ଦ୍ଧାରିତ ବଚନରେ କହିଛନ୍ତି—'ସୁଭଦ୍ରା ସମସ୍ତ ଲୋକଜଗତର ଜନୟିତ୍ରୀ ଅଟନ୍ତି ।

ତ୍ୱାଂ ସର୍ବଲୋକଜନନୀ ବିଷ୍ଣୁମାୟା ତପସ୍ୱିନୀ
ସୁଭଦ୍ରା ଭଦ୍ରରୂପାଣାଂ ମୂଳଭୂତାଂ ନମାମ୍ୟହଂ'

ବିଦ୍ୟେଶ୍ୱର ସଂହିତା ଶିବପୁରାଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ତାଙ୍କର ମତରେ କର୍ମକ୍ଷେତ୍ରରେ ଜ୍ଞାନମାର୍ଗରେ ଯେଉଁ ଦିଗରେ ଦେଖାପଡ଼େ ଲକ୍ଷ୍ମୀଙ୍କର ଅପରନାମ 'ମାୟା' । ତେଣୁ କର୍ମର ପ୍ରତୀକ ବଳଭଦ୍ର ହଳ ମୂଷଳଧାରୀ ଓ ଜ୍ଞାନର ପ୍ରତୀକ ପୁରୁଷୋତ୍ତମଙ୍କ ମଧ୍ୟସ୍ଥିତା ସୁଭଦ୍ରା ମାୟା ସ୍ୱରୂପା ଲକ୍ଷ୍ମୀ ଅଟନ୍ତି ।

ମା ଲକ୍ଷ୍ମୀ କର୍ମଯୋଗେ ବୈ ଯାତି ମାୟେତି କଥ୍ୟତେ
ମା ଲକ୍ଷ୍ମୀ ଜ୍ଞାନଯୋଗେ ବୈ ଯାତି ମାୟେତି କଥ୍ୟତେ ।

'ଭାଗବତ' ଅନ୍ୟଭାବରେ ଏହି ସ୍ଥିତିକୁ ସ୍ୱୀକାର କରନ୍ତି । ସେ କହନ୍ତି ମାୟାର କ୍ରିୟା ଦୁଇ-ପ୍ରକାର । କେତେବେଳେ ଆଲୋକମୟୀ ଓ ପୁଣି କେତେବେଳେ ସେ ତମସାମୟୀ । ମଧ୍ୟରେ ତାହା କୌଣସିଟିପରି ନ ହେଲେ ମଧ୍ୟ ଉଭୟର ସଂଯୋଗିନୀ ଅଟନ୍ତି । ଏକ ପାର୍ଶ୍ୱରେ ମହାନନ୍ଦ ଭାବର ପ୍ରତୀକ କୃଷ୍ଣସ୍ୱରୂପ ଜଗନ୍ନାଥ—ଅନ୍ୟପକ୍ଷରେ ଅଖଣ୍ଡ ଜୀବଚୈତନ୍ୟର ପ୍ରତୀକ ଶୁକ୍ଳସ୍ୱରୂପ ବଡ଼ଠାକୁରଙ୍କ ମଧ୍ୟରେ ଗରୀୟସୀ ମାୟା ବିରାଜିତା—ସା ପରମା ବିଦ୍ୟା ।

ଋତେଽର୍ଥଂ ଯତ୍ ପ୍ରତୀୟେତ୍ ନ ପ୍ରତୀୟେତ ଚାତ୍ମନି
ତଦ୍ ବିଦ୍ୟାଦାତ୍ମନୋ ମାୟା ଯଥା ଭାସୋ ଯଥା ତମଃ ।

ତେଣୁ ସୁଭଦ୍ରା 'ମାୟା'ଙ୍କର ଉପାସନା ଅତି ଗମ୍ଭୀର ଓ ଯେଣୁ ସେ ପରମାବିଦ୍ୟା ସ୍ୱରୂପା ବିଦ୍ୟା ଅଟନ୍ତି ।

ତନ୍ମାୟା ପରମାବିଦ୍ୟା ସର୍ବତ୍ରବ୍ୟାପିନୀ ମୁନେ
ତଦାଧୀନ ଜଗତ ସର୍ବ ସ ଦେବାସୁର ମାନୁଷାଃ । ୪।୧୫

ଉମା ସଂହିତା

ନୀଳତନ୍ତ୍ର ଉଭୟ ଚୈତନ୍ୟ ମଧ୍ୟବର୍ତ୍ତିନୀ ଶକ୍ତିକୁ ତାହାର ଦ୍ୱିତୀୟ ପଟଳରେ 'ବିଶ୍ୱାସ' ବୋଲି କହିଛନ୍ତି । ବିଶ୍ୱାସ ସମସ୍ତ ସାଧ୍ୟ, ସାଧନାର ମୂଳ । ପ୍ରଥମେ ବିଶ୍ୱାସ ଆସିଲେ ବିଷୟ ପ୍ରତି ଶ୍ରଦ୍ଧା ଜାଗ୍ରତ ହୁଏ । ଶ୍ରଦ୍ଧାରୁ ସିଦ୍ଧି ମିଳେ । ଏହିଁ ବିଶ୍ୱାସର କ୍ରିୟାତ୍ମକ ସ୍ୱରୂପ ଭକ୍ତି, ସାଧ୍ୟ, ସାଧକ ମଧ୍ୟସ୍ଥିତା ଶକ୍ତି ଯେପରି ବିଶ୍ୱାସ—ସେପରି ପ୍ରେମୀ ଓ ପ୍ରେମାସ୍ପଦର ମଧ୍ୟବର୍ତ୍ତୀ ଶକ୍ତି ଭକ୍ତି ଅଟନ୍ତି । ତେଣୁ ବିଶ୍ୱାସ ପରି ସୁଭଦ୍ରା ଭକ୍ତିର ମୂର୍ତ୍ତିମନ୍ତ ସ୍ୱରୂପା ଏପରି ମଧ୍ୟ କୁହା-ଯାଇଅଛି ।

ଉଭୟଚେତନୌର୍ମଧ୍ୟେ ବିଶ୍ୱାସ ଲବ୍ଧବୋଧକଂ
ସା ମାୟା ପ୍ରକୃତିରୂପା ଭଦ୍ରା ଭଦ୍ରପ୍ରଦାୟିନୀ !

"ଗୁହ୍ୟକାଳୀ ଉପନିଷଦ" କହନ୍ତି—ଅନୁଭବ ସ୍ୱରୂପା ମାୟାଙ୍କର ଅପର ନାମ "ଗୁହ୍ୟା" । ଗୁହ୍ୟ ଶବ୍ଦର ଅର୍ଥ ଦୁଇଟି ବସ୍ତୁର ମଧ୍ୟରେ ଥିବା ଖାଲିସ୍ଥାନ । ଜଗତ ଓ ଜଗନ୍ନାଥଙ୍କର ମଧ୍ୟବର୍ତ୍ତିନୀ ଶକ୍ତି ମାୟା । ପ୍ରକୃତି, ଭଦ୍ରା, ସୁଭଦ୍ରା ନାନା ଭାବରେ ପରିଚିତା ।

ଏକ ଗୁହ୍ୟା ସର୍ବଭୂତାନ୍ତରାତ୍ମା ଏକ ରୂପ

"ଶ୍ୱେତାଶ୍ୱତର" ଉପନିଷଦ୍ ପୁନଃ ୬୩ ଶ୍ଳୋକରେ କହନ୍ତି—ଏହି ନିର୍ଗୁଣା ମାୟାର ଶରୀରାଦି ଅବୟବ ଲକ୍ଷଣ ନାହିଁବାର କାରଣ ସେ ରୂପଦେହା ପୁଣି ସଚ୍ଚିଦାନନ୍ଦ ମଧ୍ୟରେ ସେ ଅନ୍ତର୍ଗତ ଅଟନ୍ତି । ତେଣୁ ତାଙ୍କର ହସ୍ତ କଳ୍ପନା କରାଯାଇନାହିଁ । ତେଣୁ ମାନଙ୍କରେ ସେ କୃଷ୍ଣଙ୍କର ପରି ତ୍ରିଭଙ୍ଗୀ ଛନ୍ଦରେ ଛିଡ଼ା ହୋଇ ଚକ୍ରମୁଣ୍ଡାଳ ଧରି ଦୃଷ୍ଟିତତ୍ତ୍ୱର ସ୍ୱର ପ୍ରଦାନ କରୁଥାନ୍ତି । ମାତ୍ର ସ୍ୱକ୍ଷେତ୍ରେ ସେ କର ପାଦାଦି ଇନ୍ଦ୍ରିୟାଙ୍ଗ ବିହୀନା ଅଟନ୍ତି ।

ନିଷ୍କଳା ନିଷ୍କ୍ରିୟା ଶାନ୍ତା ନୀରବଦ୍ୟା ନିରଞ୍ଜନ
ବ୍ରହ୍ମାନନ୍ଦ ସ୍ୱରୂପେଶୀ ବୁଦ୍ଧ୍ୟଦେକା ସମାଶ୍ରୟେ ॥

"ଅଥର୍ବ ବେଦ" ଦଶମ କାଣ୍ଡ ୯ କ ସୂକ୍ତ ମୂଳମନ୍ତ୍ରାନୁବାଦର ଦ୍ୱିତୀୟ ଅଧ୍ୟାୟରେ ବ୍ରହ୍ମତତ୍ତ୍ୱ ଜିଜ୍ଞାସାର ସମୀକ୍ଷା କରାଯାଇ ବର୍ଣ୍ଣନା କରାଯାଇଅଛି । ସେଥିରେ ପଚରାଯାଇଛି, କିଏ ବସ୍ତୁମାନଙ୍କ ମଧ୍ୟରେ ଉଲ୍ଲେଖନୀୟ ଓ କିଏ ମଧ୍ୟରେ ପ୍ରତିଷ୍ଠିତା ?

"କେନୋ ଉର୍ଦ୍ଧ୍ୱଶୀ-ମଧ୍ୟତଃ କ ପ୍ରତିଷ୍ଠାମ୍ ।"

ଏବଂ ବହୁ ଆଲୋଚନା କରାଯାଇ ଅଧ୍ୟାୟର ଶେଷରେ କୁହାଯାଇଅଛି—

ପ୍ରଭ୍ରାଜମାନାଂ ହରିଣୀ ଯଶସା ସମ୍ପରିବୃତାମ୍
ପୁରଂ ହିରଣ୍ମୟୀ ବ୍ରହ୍ମା ବିବେଶାଽପରାଜିତାମ୍ ।

ଏହି ବ୍ରହ୍ମତତ୍ତ୍ୱ ନିରୂପଣରେ ଅଥର୍ବ ବେଦ ସଂହିତା କହନ୍ତି—"ଯେ ଶକ୍ତି ମଧ୍ୟରେ ସୁବର୍ଣ୍ଣବର୍ଣ୍ଣା ମହା ସ୍ୱରୂପା ହରିଣୀ (ହଳଦୀ) ବୋଲି ପ୍ରତିପାଦିତା । ତେଣୁ ପୁରୁଷୋତ୍ତମ ଦର୍ଶନରେ ସୁଭଦ୍ରାଙ୍କର ସ୍ଥାନ ସୁପ୍ରାଚୀନ ଗମ୍ଭୀର ଆଧ୍ୟାତ୍ମିକ ମତବାଦ ଉପରେ ପ୍ରତିଷ୍ଠିତ । ସେ ବେଦ ବାଣୀରେ "ସୁଭଦ୍ରିକା" । ଉପନିଷଦରେ ଉ କାର ମାତ୍ରା; ତନ୍ତ୍ରରେ ଭୁବନେଶ୍ୱରୀ ପୌରାଣିକ ସାହିତ୍ୟରେ 'ମାୟା' ଅଟନ୍ତି । ୫୦୫୩ ବର୍ଷ ତଳର କୃଷ୍ଣଙ୍କର ବୈମାତ୍ରେୟ ଭଗିନୀ ସୁଭଦ୍ରାଙ୍କର ଚିନ୍ତା ଏ ସମସ୍ତ ଚିନ୍ତା ତଥା ମତବାଦ ସମ୍ମୁଖରେ ତୁଳନୀୟ ନୁହେଁ । ଶ୍ରୀମଦ୍ଭାଗବତର ବଳଭଦ୍ର, କୃଷ୍ଣଙ୍କ ମଧ୍ୟବର୍ତ୍ତୀ ମାୟାରୂପା ବିଦ୍ୟୁତକନ୍ୟା ରୂପେ ବରଂ ସୁଭଦ୍ରାଙ୍କୁ ଗ୍ରହଣ କରାଯାଇପାରେ । ଦ୍ୱାରକାରେ ପ୍ରତିଷ୍ଠିତ ସୁଭଦ୍ରା ନାମରେ ନାମିତ ଅର୍ଜ୍ଜୁନ ପତ୍ନୀଙ୍କର କୌଣସି ଚେତନା—ତେ ଚେଷ୍ଟା ଏହି ପ୍ରାଚୀନ ଅନୁଚିନ୍ତା ମଧ୍ୟରେ ଆସି ନ ପାରେ । ତେଣୁ ସେହି ସୁଭଦ୍ରା ଲୌକିକ ଧାରଣାର ବହୁ ଊର୍ଦ୍ଧ୍ୱରେ ସେହିହିଁ ଗୀତାପ୍ରତିପାଦିତ ମାୟା ।

"ଦୈବୀ ହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା ।"

ଯେଉଁମାନେ ଏହି ମାୟାର ଆବର୍ତ୍ତନରେ ପଡ଼ନ୍ତି, ସେମାନେ ପ୍ରପଞ୍ଚଚକ୍ରରେ ଘୂରୁଥାନ୍ତି । ଯେଉଁମାନେ ମୋତେ ବା ମୋ ଦେହକୁ ଅନୁଭବ କରିପାରନ୍ତି ସେମାନେ ମୋର ମାୟାର ପ୍ରଭାବକୁ ଅତିକ୍ରମ କରିଯାଇଥାନ୍ତି । ଏହି ନିର୍ଣ୍ଣରତୋ ଦ୍ୱାରା ମାୟା ସମଗ୍ର ଉପାସନା ପୀଠ ମଧ୍ୟରେ କେବଳ ପୁରୁଷୋତ୍ତମରେ ହିଁ ବ୍ରହ୍ମ ମଧ୍ୟରେ ଅଧିଷ୍ଠିତା ଓ ତ୍ରୟୀତତ୍ତ୍ୱ ମଧ୍ୟରେ ଉପାସିତ ହୁଅନ୍ତି । ଅନ୍ୟତ୍ର ଏହି ତତ୍ତ୍ୱର ଉପାସନା ନାହିଁ । ତେଣୁ ଏହା ପ୍ରାଚୀନତମ ଶକ୍ତିତତ୍ତ୍ୱ ଉପରେ ପ୍ରତିଷ୍ଠିତ । ସେହି ମାୟା ସୁଭଦ୍ରା ବିଷ୍ଣୁଙ୍କର ସମସ୍ତ କର୍ମପ୍ରବାହର ନିୟନ୍ତ୍ରଣ କାରିଣୀ ଶକ୍ତି । 'ହୁପ' ପୁରୁଷ ସୁଦର୍ଶନଙ୍କୁ ନିଜ ରଥରେ ସ୍ଥାନ ଦିଅନ୍ତି । ଜଗନ୍ନାଥଙ୍କ ରଥରେ ପୃଥକ୍ ସ୍ଥାନ ଥିଲେ ମଧ୍ୟ ଚକ୍ରଶକ୍ତି ଯେ ମାୟାର ଅଂଶ ବିଶେଷ ଏହା ପ୍ରମାଣ ହୁଏ ରଥଯାତ୍ରାରେ ସ୍ଥିତି ଅବସ୍ଥିତିର ବିଗ୍ରହ ପଙ୍କ୍ତିରୁ ।

ଅଧ୍ୟକ୍ଷ -- ଜଗନ୍ନାଥ ମନ୍ଦିର ଶଙ୍ଖ ସାଂସ୍କୃତିକ ସଂସଦ

# ବାର ମାସରେ ତେର ଯାତ୍ରା

ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସକାଶେ ବାର ମାସରେ ତେର ଯାତ୍ରା ହୁଏ ବୋଲି ଆମ୍ଭେମାନେ ଜାଣୁ । ମାତ୍ର କେବଳ ୧୩ଟି ଯାତ୍ରା ନୁହେଁ—ତା' ସଙ୍ଗେ ସଙ୍ଗେ ୨୬ଟି ଉପଯାତ୍ରା ଓ ୧୦୮ଟି ପର୍ବ ପର୍ବାଣୀ ମଧ୍ୟ ପୁରୁଷୋତ୍ତମରେ ପାଳିତ ହୁଏ । ଏହି ଯାତ୍ରାଗୁଡିକ ବିଭିନ୍ନ ସମୟରେ ବିଶିଷ୍ଟ ଭକ୍ତ ଓ ରାଜପୁରୁଷମାନଙ୍କ ଦ୍ୱାରା ପ୍ରଚଳିତ ହୋଇ ଆସିଛି । ତନ୍ମଧ୍ୟରୁ ନୀଳାଦ୍ରି ମହୋଦୟ ସମେତ ଶ୍ରୀ ଜୀଉଙ୍କ ପ୍ରଧାନ ଅନ୍ୟ ୧୨ଟି ଯାତ୍ରା ନିମ୍ନରେ ବର୍ଣ୍ଣିତ ହେଲା ।

**୧। ନୀଳାଦ୍ରି ମହୋଦୟ—**

ଏହି ଶୁଭ ଯାତ୍ରା ବୈଶାଖ ଶୁକ୍ଳ ଅଷ୍ଟମୀର ମଧ୍ୟାହ୍ନରେ ଅନୁଷ୍ଠିତ ହୁଏ । ଏହି ଦିନ ପ୍ରାସାଦ ପ୍ରତିଷ୍ଠା ସମାପ୍ତ ହୋଇଥିଲା ।

**୨। ସ୍ନାନ ଯାତ୍ରା—**

ଏହି ଯାତ୍ରାକୁ ଜଳବାସତ କହନ୍ତି । ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ହୁଏ ।

**୩। ଶ୍ରୀଗୁଣ୍ଡିଚା ଯାତ୍ରା—**

ବା ରଥ ଯାତ୍ରା । ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ପୁଷ୍ୟା ନକ୍ଷତ୍ରରେ ଅନୁଷ୍ଠିତ ହୁଏ ।

**୪। ଶ୍ରୀହରି ଶୟନୋତ୍ସବ—**

ଆଷାଢ଼ ଶୁକ୍ଳ ଏକାଦଶୀ ସଂଯୁକ୍ତ ଦ୍ୱାଦଶୀ ତିଥିରେ ହୁଏ । ରଥ ଉପରେ ଏହା ଅନୁଷ୍ଠିତ ହୋଇଥାଏ ।

**୫। ଉତ୍ଥାପନ ଯାତ୍ରା—**

କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ହୁଏ ।

**୬। ପାର୍ଶ୍ୱ ପରିବର୍ତ୍ତନ—**

ଭାଦ୍ରବ ଶୁକ୍ଳ ଏକାଦଶୀ ଦିନ ହୁଏ ।

**୭। ଦକ୍ଷିଣାୟନ ଯାତ୍ରା—**

କର୍କଟ ସଂକ୍ରାନ୍ତି ଦିନ ପାଳିତ ହୁଏ ।

**୮। ପ୍ରାବରଣ ଷଷ୍ଠୀ—**

ମାର୍ଗଶୀର ଶୁକ୍ଳ ଷଷ୍ଠୀଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଏହି ଶୀତ ବସ୍ତ୍ର ଲାଗି ଉତ୍ସବ ହୋଇଥାଏ ।

୯। ପୁଷ୍ୟାଭିଷେକ—

ପୌଷ ପୂର୍ଣ୍ଣିମା ଦିନ ଶ୍ରୀ ଜଗନ୍ନାଥଙ୍କର ମଧ୍ୟାହ୍ନ ପୂଜାକୁ ଛୁଟାଇ ଥାଏ। ସେଦିନ ଶ୍ରୀ ଜୀଉ ଶ୍ରୀରାମଚନ୍ଦ୍ରଙ୍କ ବେଶ ଧାରଣ କରି ପୂଜିତ ହୁଅନ୍ତି।

୧୦। ଉତ୍ତରାୟନ—

ମକର ସଂକ୍ରାନ୍ତି ଦିନ ଅନୁଷ୍ଠିତ ହୁଏ।

୧୧। ବାସନ୍ତିକ ଦୋଳୋତ୍ସବ—

ଫାଲ୍ଗୁନ ଶୁକ୍ଳ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚଚେରୀ ବେଶ ହୁଅନ୍ତି ପ୍ରଭୁ ଏବଂ ଅଭିରତି ଲଗି ହୋଳ ନାନାଦି ଉତ୍ସବ ହୋଇଥାଏ।

୧୨। ଦମନକ ଚତୁର୍ଦ୍ଦଶୀ—

ଚୈତ୍ର ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ଦିନ ଶ୍ରୀଦମନକ ଚତୁର୍ଦ୍ଦଶୀ ପାଳନ ହୋଇଥାଏ।

୧୩। ଅକ୍ଷୟ ତୃତୀୟା—ଚନ୍ଦନ ଯାତ୍ରାରମ୍ଭ—

ଅକ୍ଷୟ ତୃତୀୟାଠାରୁ ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ଉତ୍ସବ ନରେନ୍ଦ୍ର ପୁଷ୍କରିଣୀରେ ପାଳିତ ହୁଏ।



ଶ୍ରୀଜଗନ୍ନାଥଙ୍କ ବିଜେ ପ୍ରତିମା ଶ୍ରୀମଦନମୋହନ ନରେନ୍ଦ୍ର ପୁଷ୍କରିଣୀକୁ ଭଉଁରୀ ଖେଳ ଲାଗି ଯାତ୍ରା କରୁଛନ୍ତି

# ଦାସିଆ ବାଉରୀ ସଂବାଦ

ଶ୍ରୀ ମହାପାତ୍ର ନୀଳମଣି ସାହୁ



ଶ୍ରୀକ୍ଷେତ୍ରଠାରୁ ଦକ୍ଷିଣକୁ ବାଟ କେତେକୋଶ ଗଲେ ଚିଲିକାହ୍ରଦ—ସେହି ହ୍ରଦ କୂଳରେ ଗାଁଟିଏ—ବାଲୁଗାଁ—ଏବେ ଛୋଟ ସହରଟିଏ ସେଠି ଗଢ଼ି ଉଠିଛି। ବର୍ତ୍ତମାନ ଏହା ଚିଲିକା ମାଛ କାରବାରର ପ୍ରଧାନ କେନ୍ଦ୍ର—ରେଳ ଷ୍ଟେସନ— ପୁରିଆଡ଼କୁ ମଟର ରାସ୍ତା ପଡ଼ିଛି। ମଟର ଅଟକାଇ ଲୋକେ ଆଗ ଚିଲିକା ଭେଣ୍ଡା ଖୋଜନ୍ତି। ନହେଲେ ଖଇଙ୍ଗା ବା ଶୁଖୁଆ। କିନ୍ତୁ ଆଜିଠାରୁ ପ୍ରାୟ ଦୁଇଶ ଅଢ଼େଇଶ ବର୍ଷ ତଳେ ସେଇ ବାଲୁଗାଁ ଥିଲା ଅତ୍ୟନ୍ତ ପଲ୍ଲୀ ଅଞ୍ଚଳ। ବାଉଁଶ ବଣ, ତାଳ ବଣ, ନଡ଼ିଆ ମାଳ, ଗଛ କେଶ ଓ କିଆକେତକୀ ଆଦି ଗଛବୃକ୍ଷରେ ପରିପୂର୍ଣ୍ଣ ଥିଲି। ହେଲେ ବହୁ ଜାତିର ଲୋକେ ସେଠି ବାସ କରୁଥିଲେ। ସ୍ଥାନଟି ମଧ୍ୟ ଥିଲା ଖୁବ୍ ସମୃଦ୍ଧ। ସେହି ଗାଁର ଗୋଟିଏ ଦରିଦ୍ର କୁଡ଼ିଆ ଭିତରେ ରହୁଥିଲେ ସେଇ ପରମ ଭକ୍ତ ଦାଶରଥୀ.....ଲୋକେ ଡାକୁଥିଲେ ଦାସିଆ। ବାଉରି କୁଳରେ ଜନ୍ମ। ମୂଲମୂଲି ପେଟ ପୋଷନ୍ତି। ଏଇ କାମ କରୁଥିବା ଲୋକମାନଙ୍କୁ ଖଡାଳ ଜାତି ବୋଲି କୁହାଯାଏ।

ଦାସିଆଙ୍କର ପୁଅଝିଅ ନଥିଲେ। ନିଜର ପତ୍ନୀ ଥିଲେ ଖୁବ୍ ଧର୍ମ ପ୍ରାଣା। ଲୁଗା ଗାମୁଛା ବୁଣି ବିକି ଯେତିକି ମିଳେ, ସେତିକିରେ ଦୁଇଟି ପେଟକୁ ମୁଠାଏ ଆହାର ଯୋଗାଡ଼ ହୋଇଯାଏ। ଅଦୂରରେ ବ୍ରାହ୍ମଣ, କ୍ଷତ୍ରିୟ ବୈଶ୍ୟ ଆଦି ଜାତିଙ୍କର ବସତି। ସେଠି ସବୁ ବାହାଘର ବ୍ରତଘରମାନ ହୁଏ। ସଞ୍ଜ ବୁଡ଼ିଲେ ଗାଁ ଦାଣ୍ଡରେ ରାମାୟଣ, ମହାଭାରତ, ଭାଗବତ ଇତ୍ୟାଦି ପୁରାଣ ପଣ୍ଡାମାନେ ସୁଲଳିତ କଣ୍ଠରେ ଗାନ କରନ୍ତି ଓ ସମବେତ ଭକ୍ତିପ୍ରାଣ ନରନାରୀଙ୍କୁ ଶ୍ରୀରାମଚନ୍ଦ୍ର ଓ ଶ୍ରୀକୃଷ୍ଣଙ୍କ ଅନୁପମ ଚରିତ, ମହିମା ଓ ଲୀଳାମାନ ବୁଝାନ୍ତି। ଦାସିଆ ପ୍ରତି ପଡ଼ିରେ ସେ ସବୁ ସ୍ଥାନକୁ ଯାଇ ସେହି ପୁଣ୍ୟଚରିତମାନ ଶୁଣନ୍ତି। କିଛି ବୁଝା ପଡ଼େ—କିଛି ପୁଣି ବୁଝିବା ବାକୀ ପଡ଼ିଯାଏ। ମାତ୍ର କ୍ରମଶଃ ଶ୍ରୀରାମଚନ୍ଦ୍ର ଓ ଶ୍ରୀକୃଷ୍ଣଙ୍କ କଥା ଶୁଣି ଶୁଣି ତାଙ୍କ ମନ ସେହି ଭାବ ଆଡ଼କୁ ଢଳିଗଲା। ସଂସାରର ଆଉ ଚୋଉ କଥାରେ ତାଙ୍କର ଆହ୍ଲାଦ ରହିଲା ନାହିଁ। ଏମିତି ପୁଣି ହେଲାଯେ ରାମ କି କୃଷ୍ଣଙ୍କ ନାମ ଶୁଣୁଶୁଣୁ ଦାସଙ୍କ ଛାତି ଭିତରେ ଅହେତୁକୀ କୋହ ଉଠିଲା—ଓ ଦୁଇ ଆଖିରୁ ଅନର୍ଗଳ ଲୁହଧାର ଉଚ୍ଛୁଳିଲା। ଧ୍ରୁବ ପ୍ରହ୍ଲାଦଙ୍କ ଚରିତ ପଢ଼ୁ, କି ଦ୍ରୌପଦୀ ବସ୍ତ୍ରହରଣ ସଂବାଦ ପଢ଼ୁ, କି ରାମ ସୁଗ୍ରୀବ ବା ରାମ ଭରତଙ୍କ ପ୍ରସଙ୍ଗ ପଢ଼ୁ.....କିବା ନନ୍ଦ ଯଶୋଦା

ଗୋପୀ ଓ କୃଷ୍ଣଙ୍କ ଲୀଳା କଥାମାନ ପଢ଼ି, ଦାସେ ଆଉ ଥୟ ଧରି ପାରନ୍ତି ନାହିଁ ତନେ ଲୁହହୋଇ ପଡ଼ିଯାଇ ଭେଁ ଭେଁ ହୋଇ କାନ୍ଦନ୍ତି । ମନରେ ଭାବନ୍ତି ଆହା । କି ଅମୃତ ଚରିତ ଏ । ବିଧାତାର ମତେ ନିଜ ହାତରେ ଜନ୍ମ ଦେଲୁ—ମୁଁ ଅବା ହରିଙ୍କୁ ପାଇବି କେମନ୍ତେ ? ହରିଙ୍କୁ ନ ପାଇଲେ ଏ ଜୀବନ ବୃଥା । ଏ ସଂସାରରୁ କିଏବା ଅବ ମତେ ତାରିବ ? ଧିକ ମୋ ଜୀବନ ।

ଏହିମିତି କିଛିଦିନଯାଏ ସେଥର ଅଷାଢ଼ ମାସରେ ପୁରୁଷୋତ୍ତମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚା ଯାତ ମେଳା ଆସି ପଡ଼ିଲା । ନାନା ଅଞ୍ଚଳରୁ ସ୍ତ୍ରୀ, ପୁରୁଷ, ଯୁବା, ବୃଦ୍ଧ ବାଳକ ମହାପ୍ରଭୁଙ୍କୁ ଦର୍ଶନ କରିବାଲାଗି, କେହି ଶଗଡ଼ ଗାଡ଼ିରେ, କେହି ହାତୀ ଘୋଡ଼ାରେ, କେହିବା ଦଳ ଦଳ ହୋଇ ପାଦରେ ଚାଲିଚାଲି ପୁରୁଷୋତ୍ତମ ଅଭିମୁଖେ ମୁହାଁଇ ଥାନ୍ତି । ହରିବୋଲ, ହୁଳହୁଳି ଜୟ ଜଗନ୍ନାଥ ଧ୍ୱନିରେ ଗାଁ ଦାଣ୍ଡ କମ୍ପୁଥାଏ । କେତେ ନାଗା, ସାଧୁ ସନ୍ୟାସୀ ବୈଷ୍ଣବ ମଧ୍ୟ କୀର୍ତ୍ତନ କରିକରି ହରିଧ୍ୱନି କରିକରି ଚାଲିଥାନ୍ତି ଚକାଡୋଳାଙ୍କୁ ଦର୍ଶନ କରିବା ଆଶାରେ । ଦାସିଆଙ୍କ ମନ ସେମାନଙ୍କୁ ଦେଖି ଖୁବ୍ ଉତ୍ସୁକ ହୋଇ ଉଠିଲା । ଭାବିଲେ—ଏହି ଭକ୍ତମାନଙ୍କ ସଙ୍ଗେ ମିଶି ସେ ମଧ୍ୟ ଶ୍ରୀକ୍ଷେତ୍ର ଯିବେ ଏବଂ ଭଗବାନଙ୍କୁ ଦେଖି ଚର୍ମ ଆଖି ପବିତ୍ର କରିବେ । ଦାରୁବ୍ରହ୍ମ ଜଗନ୍ନାଥଙ୍କ ବିଷୟରେ ସେ ମଧ୍ୟ ସୁଜ୍ଞାନୀ ବିପ୍ରମାନଙ୍କ ମୁଖରୁ, ସାଧୁ ବୈଷ୍ଣବଙ୍କ ମୁଖରୁ ବହୁ ତଥ୍ୟ ଶୁଣିଥାନ୍ତି । ଶ୍ରୀଜଗନ୍ନାଥ ହେଉଛନ୍ତି ସ୍ୱୟଂ ଅନାଦି ନିରଞ୍ଜନ ପୁରୁଷ—ଦାରୁବ୍ରହ୍ମ ରୂପେ ଉଭା ହୋଇଛନ୍ତି ବଡ଼ ଦେଉଳରେ । ସେ କୃପା ସମୁଦ୍ର - ପତିତ ପାବନ । "ତାଙ୍କ ଆଗରେ ବଡ଼ସାନ, ଧନୀ- ଗରିବ, ବ୍ରାହ୍ମଣ ବାଉରୀ, ଭେଦ ଭାବ ନାହିଁ । ସମସ୍ତେ ସମାନ । ଅସଲ ହେଲା—ମନ ଭିତରର ଭକ୍ତି, ପ୍ରେମ, ଅହିଂସା, ଆଉ ସତ୍ୟ । ଏତିକି ପାଇଲେ ସେ ସନ୍ତୁଷ୍ଟ । ତାଙ୍କୁ ଦର୍ଶନ କଲେ ଏ ସଂସାରର ମାୟା ମୋହ ତାପ କଟିଯାଏ । ତାଙ୍କୁ ଯେ ଯେଉଁ ରୂପରେ ଭାବିବ, ସେଇ ରୂପରେ ସେ ତାଙ୍କୁ ଦେଖା ଦିଅନ୍ତି । ସେଇ ରାମ, ସେଇ କୃଷ୍ଣ, ସେଇ ନୃସିଂହ, ସେହି ବାମନ, ସେହି ମହାଦେବ, ସେହି ମଧ୍ୟ ଦୁର୍ଗା, କାଳିକା—ସେଇ ପୁଣି ଅଲେଖ ବ୍ରହ୍ମ ନିରଞ୍ଜନ, ମହା ମହା ଭକ୍ତମାନେ, ସାଧୁ ସନ୍ଥମାନେ, ସେହି ଦାରୁବ୍ରହ୍ମଙ୍କ ଭେଦ ପାଇଛନ୍ତି । ତାଙ୍କ ଭିତରେ ଅପୂର୍ବ ପଦାର୍ଥ ପ୍ରତ୍ୟକ୍ଷ କରିଛନ୍ତି । ଏମନ୍ତ ପ୍ରଭୁଙ୍କୁ ନ ଦେଖିଲେ ଏ ଜୀବନ ବୃଥା । ଏମନ୍ତ ପ୍ରଭୁଙ୍କ ଭାବ ନ ପାଇଲେ, ରସ ନ ପାଇଲେ ଏ ମାନବ ଶରୀର ଧରି କି ସୁଖ ବା ଆଉ ମିଳିବ ? ଏତ ଅନିତ୍ୟ ସଂସାର ।

ଦାସେ ଆଉ କାଳବିଳମ୍ବ ନ କରି ଯାତ୍ରୀମାନଙ୍କ ସଙ୍ଗେ ପୁରୁଷୋତ୍ତମ ଚାଲିଲେ । ଲକ୍ଷ ଲକ୍ଷ ଯାତ୍ରୀ ବଡ଼ ଦାଣ୍ଡରେ ରୁଣ୍ଡ ହୋଇଥାନ୍ତି । ରଥ ଭିତରେ ଶ୍ରୀଜଗ- ନ୍ନାଥଙ୍କ ବାମନରୂପ ଦେଖି ମନୁଷ୍ୟଜନ୍ମ ସାର୍ଥକ କରିବେ । ବଡ଼ଦାଣ୍ଡରେ ସୋରିଷ ପକାଇବାକୁ ଜାଗା ନାହିଁ । ସମସ୍ତେ ଚକିତ ଆଖିରେ ବଡ଼ଦେଉଳ ମୁହାଁ ହୋଇ ଛିଡ଼ା ହୋଇଛନ୍ତି । କେହି କେହି ଦୁଇହାତ ଉପରକୁ ଟେକି ଉଚ୍ଚସ୍ୱରରେ ହରିଧ୍ୱନି କରି ଉନ୍ମାଦ ପ୍ରାୟ ନୃତ୍ୟ କରୁଛନ୍ତି । ଦଳ ଦଳ ଭକ୍ତ କୀର୍ତ୍ତନ ଭଜନ କରୁଛନ୍ତି । ଦାସେ ବଳଗଣ୍ଡି ପାଖରେ ପହଞ୍ଚି ସେହି ଭକ୍ତିବିହ୍ୱଳ ଜନ ସମୁଦ୍ରକୁ ଦେଖି ପ୍ରେମଭକ୍ତିରେ ଝରିବାକୁ ଲାଗିଲେ । ଏବଂ ବେ- ଦାଣ୍ଡରେ ଗଡ଼ି ଏଁଡ଼ି ଛଳ ଛଳ ଆଖିରେ ଭକ୍ତ ସାଧୁ ସନ୍ଥଙ୍କ ପାଦଧୂଳି ମୁଣ୍ଡରେ ସେ ଉଚ ଦେ- ହେଲେ । ଆହା । କାହିଁ କାହିଁ ଦେଶରୁ କେତେ କଷ୍ଟସହି ଆସିଛନ୍ତି ଏହି ଭକ୍ତମାନେ—ମହାପ୍ରଭୁଙ୍କୁ ଥରେ ମାତ୍ର ଦେଖି ପାପନେତ୍ର ପଖାଳିବେ । ଏ ଭକ୍ତମାନଙ୍କ ହୃଦୟରେ ସେ ମହାପ୍ରଭୁ ବିଜେ କରି- ଛନ୍ତି । ଏଇ ଭକ୍ତମାନଙ୍କ ପାଦଧୂଳି ଯେମିତି ମୋ ମଥାରେ ଚିରଦିନ ଲାଗିଥାଉ । ଭକ୍ତମାନଙ୍କୁ ପ୍ରଦ- ବିଧି ପ୍ରଦକ୍ଷିଣ କରିସାରି ଦାସିଆ ପାଟକ ପ୍ରାୟ ... ଜନସମୁଦ୍ରକୁ ପହଁରି ପହଁରି କେତେବେଳେ ଯାଇ ଶ୍ରୀଜଗନ୍ନାଥଙ୍କ ନନ୍ଦୀଘୋଷ ରଥ ସମ୍ମୁଖରେ ଠିଆ ହୋଇ ଯାଇଅଛନ୍ତି—ସେକଥା ତାଙ୍କୁ ଜଣାନାହିଁ । ନନ୍ଦୀଘୋଷ ରଥ ଭିତରେ ବସିଛନ୍ତି ମହାପ୍ରଭୁ ପୁରୁ- ଷୋତ୍ତମ । ଜଳାଭୁମର ମେଘ ଭଳି ଶ୍ରୀମୁଖ ଦେଖି ପଡ଼ୁଛି । ପ୍ରଭୁଙ୍କର ଚକାଆଖି ଚନ୍ଦ୍ର ସୂର୍ଯ୍ୟ ଭଳି ଦାଉ ଦାଉ ଜଳୁଛି । ଶିରରେ ହୀରା ନୀଳା ମଣି ମାଣିକ୍ୟ ମଣ୍ଡିତ ସୁବର୍ଣ୍ଣ ମୁକୁଟ ଆଟ୍‌ଟଶିଖା ପ୍ରାୟ ଝଟକୁଛି । ଗଳାରେ କେସ କେଉ ଦୟଗୋଡ଼ ମାଳ ଝୁଲୁଛି । ଖୁଣ୍ଟିଆମାନେ ମହିମା ମହିମା ଡାକ ପାଡ଼ୁ- ଛନ୍ତି—ପଣ୍ଡା ପଡ଼ିହାରୀମାନେ ଭକ୍ତମାନଙ୍କ ... ମନାସି ଉଚ୍ଚସ୍ୱରରେ "ମହାବାହୁ ରକ୍ଷାକର" ... ଡାକ ପକାଉଛନ୍ତି—ମହାପ୍ରଭୁ ସୁରଙ୍ଗ ଅଧରରେ ମୃଦୁ ହସି, ଦୁଇ ବିପୁଳ ବାହୁ ବିସ୍ତାର କରି ବ୍ରାହ୍ମଣଠୁ ଚଣ୍ଡାଳଯାଏ, ପଣ୍ଡିତଠାରୁ ମୂର୍ଖ ଯାଏ, କି ଧନୀ କି

ଉଚ୍ଚ, କି ସାଧୁ କି ପାପୀ, କି ଯୋଗୀ, କି ଭୋଗୀ, ସମସ୍ତଙ୍କୁ କୋଳକରି କୃତାର୍ଥ କରିବା କାରଣେ ଉଣ୍ଡରି ଅଛନ୍ତି । ଆହା ! କି ଶୋଭବନ ଦିଶୁଛନ୍ତିରେ ! କି ପୁଣ୍ୟ କରିଥିଲି ମୁଁ । କି ଭାଗ୍ୟ ମୋର ଉଦେ ହେଲା । ଓ ଦୃଶ୍ୟ ଦେଖୁଛି ଏ ମୋ ପାପ ଆଖି । ଏ ଚପଳ ନା ଜଡ଼ ? ଏ କ'ଣ ସେହି ଦଶରଥନନ୍ଦନ ପ୍ରଭୁ ଗୋବିନ୍ଦ ? ଏ କ'ଣ ସେହି ଯଶୋଦା ଦୁଲାଳ ମୋହନ ? ଏଇ କ'ଣ ସେହି ଅଲେଖ ନିରଞ୍ଜନ ଜଗନ୍ନାଥ ?

ଦାସେ ଆଉ କିଛି ଭାବିପାରିଲେ ନାହିଁ । ମଥାରେ ହାତ ରଖି ସେଇ କଳାଡୋଳାଙ୍କୁ ଚାହିଁ ଚାହିଁ ଭେ ଭେ ହୋଇ କାନ୍ଦି ଉଠିଲେ—

ହେ ଅଧର କଳାଡୋଳା
ଦେଖି ଆଖିରେ ହେଲି ଭୋଳା ।
ସୁହିଁଲୁ ପ୍ରଭୁ ଚତୁର୍ଭୁଜ
ବୋଲିଲି ନମୋ ଦେବରାଜ ।
ମୁଁ ମହାପାପୀ ଏ ଜଗତେ
ମୋତେ ଉଦ୍ଧର ଜଗନ୍ନାଥେ ।
ଏ ଭବ ମୋ ବିଷୟେ ହେଲା
ମୋ ହୃଦେ ଜ୍ଞାନଦୀପ ଜାଳ ।
ତୁମ୍ଭେ ଯେ ପତିତପାବନ
ମୋତେ ଉଦ୍ଧର ଭଗବାନ ।
କେବଳ ତୁମ୍ଭେ ମାତ୍ର ସତ୍ୟ
ମିଥ୍ୟା ଏ କେବଳ ଜଗତ ।

ସତକୁ ସତ ଦାସିଆଙ୍କ ହୃଦୟରେ ସେହି ମୁହୂର୍ତ୍ତରୁ ଜ୍ଞାନଭକ୍ତିର ଦୀପ ଚିରଦିନ ଲାଗି ଜଳିଉଠିଲା । ଆଉ ସେହି ଆଲୋକରେ ତାଙ୍କର ଚାରିଆଡ ହୋଇଉଠିଲା ଆଲୋକମୟ । ସବୁ ଦିଶିଲା ଜଗନ୍ନାଥମୟ । ଯୁଆଡ଼କୁ ଚାହାନ୍ତି ଦାସେ, ସେଆଡ଼େ ଦିଶନ୍ତି କେବଳ କଳାଡୋଳା—ଆଉ ସୁରଙ୍ଗ ଅଧରରେ ତାଙ୍କର ମନ୍ଦ ମନ୍ଦ ହସ । ଦାସଙ୍କୁ ଆଉ କେହି ପର ବୋଲି ମନେହେଲେ ନାହିଁ । ଜଗନ୍ନାଥେ ସତେକି ଏଇ ସବୁ ଗଛବୃକ୍ଷ ପଶୁପକ୍ଷୀ ନରନାରୀ ହୋଇ ଚତୁର୍ଦ୍ଦିଗେ ଉଭା ହୋଇଛନ୍ତି—ଅଭଡ଼ାଳ ହେଉଛନ୍ତି । ଦାସଙ୍କ ହୃଦୟରେ ସର୍ବଦା ଜଗନ୍ନାଥେ ନୃତ୍ୟ କଲେ ସତେକି ।

ସେଇ ବଡଦାଣ୍ଡରେ ସେଦିନ ରାତିଟା କଟିଲା । ଜଗନ୍ନାଥଙ୍କର ପବିତ୍ର ଧୂଳିରେ ଶୋଇ ଦାସେ ମନେକଲେ ସତେକି ସେ ବୈକୁଣ୍ଠ ଧାମରେ ଆସି ପହୁଞ୍ଚିଛନ୍ତି । ଏଠି ଏତେ ଆନନ୍ଦ । ଏତେ ଆହ୍ଲାଦ । ଏତେ ପବିତ୍ରତା । ରାତିସାରା ଆଖିବୁଜି ପଡିଥାନ୍ତି ଦାସେ । କିନ୍ତୁ ତାଙ୍କ ଭିତରେ ସେ ଅଧାଶୁଆ ଅଧାଚିଆଁ ରହି କେବଳ ସେହି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପ୍ରତ୍ୟକ୍ଷ କରୁଥାଆନ୍ତି ।

ତା'ପର ଦିନ ଗ୍ରାମବାସୀମାନଙ୍କ ସହ ଦାସେ ଶ୍ରୀକ୍ଷେତ୍ରରୁ ଫେରି ଆସିଲେ ଆପଣା ଗ୍ରାମକୁ । ଗାଧୋଇ ସାରି ଭୋଜନ ପାଇଁ ବସିଲେ । ଭୋଜନ ପାଇଁ ବସିଥାନ୍ତି ସିନା, କିନ୍ତୁ ଭୋକ ଶୋଷ ଆଉ ତାଙ୍କର ନ ଥାଏ । କ୍ଷୁଧାତୃଷା ମଧ୍ୟ ଆଉ କାହୁଁ ବାଧିବ ? ଯାହାର ଆତ୍ମା ପୁରୁଷ ଜାଗିଉଠିଲେଣି—ଯାହାର ଆତ୍ମା ସେହି ପୁରୁଷୋତ୍ତମଙ୍କ ଭାବରେ ରମିଗଲାଣି—ତାର କ'ଣ ଆଉ ଦେହ ଭାବ ଥାଏ ?

ସେଦିନ ଦାସଙ୍କ ପତ୍ନୀ ନୂଆ ଚାଉଳର ପେଜରେ ଭାତ କରିଥାନ୍ତି । ଗୋଟିଏ ନାଲିଆ ପଲମରେ ଭାତତକ ପୁରକରି ଢାଳି, ତା'ଉପରେ ଦୁଇ ନମଣା ଶାଗ—ଖଡାଶାଗରୁ ମେଞ୍ଚାଏ—ଆଉ ସଜନା ଶାଗରୁ ମେଞ୍ଚାଏ—ଏତକ ଥୋଇ ଦାସଙ୍କ ଆଗରେ ବାଢିଦେଲେ । ଦାସେ ତ ତଳକୁ ମୁହଁ ପୋତି ତନ୍ମୟ ଭାବରେ ବସିଥାନ୍ତି । ଯେମିତି ସେଇ ପେଜ ପଲମଟିକୁ ଚାହିଁଦେଲେ, କ'ଣ ଦେଖିଲେ ?

ସୁରଙ୍ଗ ଦିଶେ ହାଣ୍ଡିଧାର
ମଧ୍ୟେ ଧବଳ ପେଜସାର ।
ତା ମଧ୍ୟେ ଶାଗ ଦିଶେ କଳା
ବୋଲେ ଏ ଶ୍ୱେତ ପଦ୍ମଡୋଳା ।

ଏଯେ ସେଇ କଳାଆରଭୁଜ ଦୀନବନ୍ଧୁ ଚକାଡୋଳାର ଶ୍ରୀମୁଖ ପ୍ରାୟ ଦିଶୁଛି । ଆହା ହା ! କି ଶୋଭବନରେ ! ଅବିକଳ ମହାପ୍ରଭୁଙ୍କ ମୁଖଚନ୍ଦ୍ର ! ସେହିଭଳି ଚକାଆଖି—ସେହିଭଳି ଅଳ୍ପ ଅଳ୍ପ ହସରେ ରଙ୍ଗାଅଧର ଉଛୁଳି ପଡୁଛି । ହେ ପ୍ରଭୁ ! ଏ କି ଲୀଳା ତୁମର ? ତା'ହେଲେ—

ଏହା ମୁଁ ଖାଇବି କେମନ୍ତେ
ବୋଲି ଭାବନା କରିଚିତ୍ତେ ।
ଦେହ ହୋଇଲା କମ୍ପମାନ
ବଦନୁ ନ ସ୍ଫୁରେ ବଚନ ।
ନେତ୍ର ଯୁଗଳୁ ଲୁହ ଗଳି
ଟାଙ୍ଗୋଡ଼ି ଗଲା ସେମାବଳୀ ।
ଉଠିଲା ବାଇ ପ୍ରାୟ ହୋଇ………

ଦାସେ ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ । ଖାଇବା ପାଖରୁ ଉଠି ପଡ଼ିଲେ । ଦୁଇ ହାତ ଊର୍ଦ୍ଧ୍ବକୁ ଟେକି ଜଗନ୍ନାଥେ ହୋ—ଜଗନ୍ନାଥେ ହୋ ବୋଲି ବୋବାଳି ଛାଡ଼ି ନାଚି ଲାଗିଲେ । କେତେବେଳେ ପୁଣି ଦୁଇହାତରେ ତାଳିମାରି ଏଣୁ ତେଣୁ ପ୍ରଳାପ କରି ଲାଗିଲେ । ଦାସଙ୍କ ଚିତ୍ତରେ ଛବିବିନୋଦିଆଙ୍କ ସ୍ପର୍ଶ ଲାଗିଛି । ତାଙ୍କର କ'ଣ ଆଉ ବାହ୍ୟଜ୍ଞାନ ଅଛି ?

ପତ୍ନୀ ଚିନ୍ତିତା ଏ ଦୃଶ୍ୟ ଦେଖି ପ୍ରମାଦ ଗଣିଲେ । ହାୟ ! ହାୟ ! ମୋର ଦେବତା ପ୍ରାୟ ନିରୀହ ସ୍ୱାମୀଙ୍କର ଏ କ'ଣ ହେଲା ? ଜଣ ଜଣ କରି ଗ୍ରାମବାସୀଙ୍କ ପାଖକୁ ଯାଇ ସେମାନଙ୍କ ପାଦତଳେ ପଡ଼ି ନେହୁରା ହେଲେ—ମହାଜନମାନେ ! ମୋତେ ରକ୍ଷାକର । ମୋ ସ୍ୱାମୀ କାହାର କିଛି ଅନିଷ୍ଟ କରି ନାହାନ୍ତି । ଆପଣମାନଙ୍କ ସଙ୍ଗେ କାଲି ପୁରୁଷୋତ୍ତମ ଯାଇଥିଲେ ରଥଯାତ ଦେଖି । ସେଠି କିଏ କ'ଣ କାଦରେ ତାଙ୍କ ମୁଣ୍ଡକୁ ଗୁଣି କରି ବିଗାଡ଼ି ଦେଇଛି । ସେ ତ ପାଗଳ ହୋଇଗଲେଣି । ମୁଁ ଆଉ କେମିତି ବଞ୍ଚିବି ଆପଣମାନେ ? ମୋତେ ଆପଣମାନେ ସମସ୍ତେ ସାହାହୁଅ ।

ଏ କଥା ଶୁଣି କେତେକ ଗ୍ରାମବାସୀ ଦାସଙ୍କ ପାଖକୁ ଆସିଲେ । ଜଣେ ବିଜ୍ଞ ନୈଷ୍ଠିକ ବ୍ରାହ୍ମଣ ତାଙ୍କୁ ଧୀରସ୍ୱରରେ ପଚାରିଲେ—

—ଅହେ ଦାସେ ! ତୁମ୍ଭେ ତୁମ୍ଭର ଖାଦ୍ୟ ନ ଖାଇ ଏପରି ପାଗଳ ପ୍ରାଏ ହେଉଁଛ କାହିଁକି ? ତୁମ ସ୍ତ୍ରୀ ଏ କାଣ୍ଡ ଦେଖି ବଡ ବିକଳ ହେଉଛନ୍ତି । ତୁମେ କ'ଣ ଏ କଥା ବୁଝି ପାରୁନ ? ଅଚ୍ଛା ଆମେ ପଚାରୁଛୁ—ତୁମଙ୍କୁ କ'ଣ କିଏ ଶତ୍ରୁପଣରେ ଗୁଣିଗାରେଡ଼ୀ କରିଛି ? ଅଚ୍ଛା ତୁମକୁ କ'ଣ କିଏ ଭୂତ ବା ବେତାଳ ପେଶିଛି ? କାହିଁକି ତାହେଲେ ତୁମେ ଭୋଜନ ନକରି ଏମନ୍ତ ବାଉ ପ୍ରାଏ କିଆଁ ହେଉଁ କରୁଛ ? ପ୍ରଳାପ କରୁଛ ? ଆମେ ଆଶଙ୍କା କରୁଛୁ—ତୁମର ମସ୍ତିଷ୍କ ବୋଧେ ବିକୃତି ଘଟିଛି ।

ସେହି ବୃଦ୍ଧ ସୁଜ୍ଞାନୀ ବିପ୍ରଙ୍କର ଏହି କୋମଳ ବାକ୍ୟ ଶୁଣି ଦାସେ ଛଳ ଛଳ ଆଖିରେ ତାଙ୍କ ମୁହଁକୁ ଚାହିଁ ରହିଲେ କ୍ଷଣକ ପାଏ—ତା'ପରେ ଦୁଇ ହାତ ଯୋଡ଼ି କଂପିତ କଣ୍ଠରେ କହିଲେ—ଗୋସେଇଁ !

ହାଣ୍ଡି ଢୁଙ୍କଣ ପେଜଧରା—ତା' ମଧ୍ୟେ ଶାଗ ଦିଶେ ଭଲା
ସାଗରେ ପଦ୍ମଡୋଳା ଏହି—ଗୋଲି କିରୂପେ ଖାଇବଇଁ ?

ଏତିକି କହି ଦାସେ ଭକ୍ତି ସ୍ୱରରେ ପୁଣି ଭଜନ ଆରମ୍ଭ କରିଦେଲେ । ପାଟି ଖୋଲି ମାରି ଗାଉଥାଆନ୍ତି—ଶେଷ ପଦଟିକୁ ବାରମ୍ବାର ଗାଉଥାଆନ୍ତି—

ସାଗରେ ପଦ୍ମଡୋଳା ଏହି, ପଦ୍ମ ଡୋଳା ଏହି
ଗୋଲି କି ରୂପେ ଖାଇବଇଁ—ଆରେ ଖାଇବଇଁ ?

ଏହି ଅଲୌକିକ ବାକ୍ୟ ଶୁଣି ସେହି ସୁଜ୍ଞାନୀ ବିପ୍ରମାନେ ଆଶ୍ଚର୍ଯ୍ୟ ହୋଇଗଲେ । ସେମାନେ ତାଙ୍କର ହୃଦରେ ବିଚାରିଲେ—ଦାସିଆ ଜାତିରେ ବାଉରି ହେଲେ ବି ହେଲା—ତାଙ୍କ ଭିତରେ ବିଷ୍ଣୁଭାବ ଉଛୁଳିଲାଣି । ଏ ଲୋକ ନିଶ୍ଚୟ ବଡ ଭକ୍ତ । ଛଦ୍ମରେ ବା ଅଭିଶାପ ପାଇ ଏ ଜନ୍ମରେ ବାଉରୀ କୁଳରେ ଜନ୍ମିଛନ୍ତି । ପ୍ରକୃତରେ ଏ ଭଗବାନଙ୍କ ଭାବ ପାଇଛି ସେ ପରମ ବୈଷ୍ଣବ । କେତେକ ଜ୍ଞାନୀ ଭାଗବତ ପରାୟଣ ବ୍ରାହ୍ମଣ ଦାସଙ୍କୁ ଭକ୍ତି ଭରେ ନମସ୍କାର କରି ତାଙ୍କ ଠାରୁ ବିଦାୟ ନେଲେ । ମାତ୍ର ଏଣେ ଉତ୍ତାଳରେ ଦାସଙ୍କ ପତ୍ନୀଙ୍କୁ ଡାକି କହିଲେ—

ଦେଖ ମା ! ତୁମ ସ୍ୱାମୀ ଜଣେ ଅଲୌକିକ ଶକ୍ତିବୋଲି ଆମର ଧାରଣା ହେଉଛି । ସେ ପାଗଳ ସତ—କିନ୍ତୁ ଭଗବାନଙ୍କ ଭାବରେ ପାଗଳ । ତୁମେ ତାଙ୍କୁ ଭାତ ଆଉ ଶାଗକୁ ପୃଥକ ପାତ୍ରରେ ରଖି ଖାଇବାକୁ ଦିଅ । ଜଗନ୍ନାଥଙ୍କୁ ଡାକ—ସେଇ କେବଳ ତାଙ୍କୁ ସମ୍ଭାଳି ପାରିବେ । ଆମ୍ଭେମାନେ ଏଥିଲାଗି ଭାଜନ ନୋହୁଁ ।

ସେଦିନ ଭାତ ଆଉ ଶାଗକୁ ପୃଥକ କରି ଖାଇବାକୁ ବାଢ଼ିଥିଲେ ଦାସଙ୍କ ପତ୍ନୀ । ବହୁ ସମୟ ପରେ, ଦାସେ ପ୍ରକୃତିସ୍ଥ ହେଲା ପରେ ସେତେକ ଦ୍ରବ୍ୟ ଜଗନ୍ନାଥଙ୍କୁ ସମର୍ପଣ କରି ଭୋଜନ କଲେ । ❋ ❋ ❋

କିନ୍ତୁ ଏତିକିରେ କଥା ସରିଗଲା ନାହିଁ । ସେହିଦିନଠାରୁ ଦାସଙ୍କ ଜୀବନରେ ଆସିଲା ଅପୂର୍ବ ପରିବର୍ତ୍ତନ । ଦୟା, ବିନୟ, ଶାନ୍ତି, ସତ୍ୟ, ଅହିଂସା, ପ୍ରେମ ଆଦି ଗୁଣରେ ପରିପୂର୍ଣ୍ଣ ହୋଇ ଉଠିଲା ଦାସଙ୍କ ଅନ୍ତର । ଶୁଣିଥାନ୍ତି ଯେତେ ଯାହା ଶବ୍ଦ ଧ୍ୱନି, ସବୁ ତାଙ୍କୁ ଶୁଭିଲା ଜଗନ୍ନାଥଙ୍କ ଘଣ୍ଟାସ୍ୱନ ଭଳି । ଦାସଙ୍କ ଭିତରେ ଆଉ ମାନ ଅପମାନ, ଭଲମନ୍ଦ, ସତ୍ୟ ମିଥ୍ୟା, ପାପପୁଣ୍ୟ ଭେଦଭାବ ରହିଲା ନାହିଁ । ସେ ଅନୁବ୍ରତ କେବଳ ଜଗନ୍ନାଥଙ୍କ ଠାରେ ଚିତ୍ତ ନିବେଶି କେବଳ ସେହି ହରି ଚରିତକୁ ସ୍ମରଣ, କୀର୍ତ୍ତନ ଓ ଭଜନ କରିଲାଗିଲେ । ସ୍ୱାମୀଙ୍କର ଏ ଅଦ୍ଭୁତ ପରିବର୍ତ୍ତନରେ ସ୍ତ୍ରୀଙ୍କ ମନ ମଧ୍ୟ ପୂର୍ଣ୍ଣଭାବେ ପରିବର୍ତ୍ତିତ ହୋଇଗଲା । ପିଲାଛୁଆ ତ ନ ଥାନ୍ତି । ସ୍ୱାମୀ ସ୍ତ୍ରୀ ଦୁହେଁ ଘର ଧନ୍ଦା ସାରି ଏକାଠି ବସି ଭଜନ କରନ୍ତି—ନହେଲେ ଗାଁ ଭିତରକୁ ଯାଇ ଭାଗବତ ଘର ସାମ୍ନାରେ ବସି ପୁରାଣ ପଣ୍ଡାଙ୍କ ମୁହଁରୁ ରାମାୟଣ, ଭାଗବତ ଶୁଣନ୍ତି ।

ନେକଣ ଖଟିରେ ଦାସେ ଶୋଇଛନ୍ତି—ସାହାନ୍ତା ରାତ୍ରେ ସ୍ୱପ୍ନ ଦେଖିଲେ—ଶ୍ରୀଜଗନ୍ନାଥ ଚତୁର୍ଭୁଜ ହୋଇ ତାଙ୍କ ଆଗରେ ଉଭା ହୋଇଗଲେ, ରଙ୍ଗ ଅଧରରେ ମଧୁ ମଧୁ ହସି କହିଲେ—ଆରେ ଦାସ ! ମୁଁ ଭାବଗ୍ରାହୀ । ତୋର ଅନାବିଳ ନିଷ୍କାମ ଭକ୍ତିରେ ମୁଁ ତୋ' ଉପରେ ଖୁବ୍ ପ୍ରସନ୍ନ ହୋଇଛି । ତୁ ତୋର ମନୋମତ ବର ମାଗ ।

ଦାସିଆ ସେହି ଜ୍ୟୋତିର୍ମୟ ପୁରୁଷୋତ୍ତମ ରୂପକୁ ଦେଖି ମୋହିତ ହୋଇଗଲେ । ତାଙ୍କର ଅମୃତ ବଚନ ଶୁଣିବା ମାତ୍ରେ ତାଙ୍କ ହୃଦୟ ଉତ୍‌ଫୁଲ୍ଲ ହୋଇଗଲା । ଦେହ ସାତ୍ତ୍ୱିକ ଭାବରେ ପୂରିଗଲା । ସେ ଭାବବିହ୍ୱଳ ହୋଇ କହିଲେ ହାତ ଯୋଡ଼ି—

ମହାପ୍ରଭୁ ! କି ବର ମୁଁ ମାଗିବି ? ଆପଣ ଯେ ମୋ ଭଳି ନିଚଜାତି, ହୀନମତି ପାପାତ୍ମା ଆଗରେ ଶୋରୀର ଧରି ଉଭା ହେଲେ ସେତିକି ମୋପରି ହୀନକର୍ମା ମୂଢ଼ ପକ୍ଷରେ ଯଥେଷ୍ଟ । ବ୍ରହ୍ମା, ଶିବ, ଇନ୍ଦ୍ରାଦି ଦେବଗଣ, ଋଷି, ତପା, ମୁନୀ, ଯୋଗୀଗଣ ଯାହାଙ୍କ ଦର୍ଶନ ପାଇ ପାରୁ-ନାହାନ୍ତି—ସେକଥା ମୋ ଭଳି ଛାର ପାଇଁ ସୁଲଭ-ହେଲା—ମହାପ୍ରଭୁ ! ଆପଣ କୃପାର ସମୁଦ୍ର । କି ବର ଆଉ ମାଗିବି ? ମତେ ଏତିକି କୃପାକର ଯେମିତି ମୋର ଏଇ ନିଦ ଭାଙ୍ଗିବା ମାତ୍ରେ—ଏ ସ୍ୱପ୍ନକଥା ମୋର ଦିନସାରି ମନିଭାଯାଏ ମନେ ରହିବ, ଏ ପୁଣ୍ୟ ଦର୍ଶନ ଯେମିତି ମୋର ଆଉ କଦାପି ବିସ୍ମରଣ ହୋଇ ନଯାଏ ।

ଜଗନ୍ନାଥେ ହସି ହସି କହିଲେ—ତଥାସ୍ତୁ । ତୁ ଆଉ ଗୋଟିଏ ବର ମାଗ ।

ଦାସେ ସେହି ମନୋହର ଚିନ୍ମୂର୍ତ୍ତିକୁ ବିହ୍ୱଳ ଆଚ୍ଛନ୍ନ ଦୃଷ୍ଟିରେ ଚାହିଁ କହିଲେ—ସ୍ୱାମୀ ! ମୁଁ ଛାର ଚଣ୍ଡାଳ ନୀଚଜାତି । ମୁଁ କଣ ଆପଣଙ୍କ ମନ୍ଦିର ଭିତରକୁ ପ୍ରବେଶ କରି ଆପଣଙ୍କୁ ପୂଜାର୍ଚ୍ଚନା କରି ପାରିବି ? ଆମ ପାଇଁ ସବୁ ବଡ଼ ଦେଉଳ ମନା ! !

ଜଗନ୍ନାଥେ ତାଙ୍କର ବିଶାଳ ଦକ୍ଷିଣ ଭୁଜ ଊର୍ଦ୍ଧ୍ୱକୁ ଟେକି ମେଘ ଗମ୍ଭୀର କଣ୍ଠରେ କହିଲେ—

ଦାସ ! ତୁ ମୋର ପରମ ଭକ୍ତ । ତୋ' ପାଇଁ ମୋ ଦେଉଳରେ ପ୍ରବେଶ କରିବା ଦରକାର ନାହିଁ । ନୀଳାଚଳ ଭଳି ତୋର ପ୍ରଶସ୍ତ ଆଉ ଉଚ୍ଚ ହୃଦୟରେ ମୋର ବଡ଼ ଦେଉଳ ସୂକ୍ଷ୍ମରୂପେ ସର୍ବଦା ବିଦ୍ୟମାନ ରହିବ । ଆଉ ମୁଁ ତା' ଭିତରେ ତୋ' ଲାଗି ନିତ୍ୟ ଅବସ୍ଥାନ କରିବି । ଆଉ ତୁ ଯେତେବେଳେ ମୋତେ ଯେଉଁ ରୂପରେ ଭଜନ କରିବୁ, ତୋ' ହୃଦ ଭିତରେ ପାଇ, ମୁଁ ତୋତେ ସେ ରୂପର ଅନୁଭବ ଦେବି । କିନ୍ତୁ ବିଶ୍ୱାସ ରଖ—ଦିନେ ନା ଦିନେ ତୋ' ଜାତିର ଲୋକେ ମୋ ବଡ଼ ଦେଉଳରେ ନିଶ୍ଚୟ ପ୍ରବେଶ କରିବାର ଅଧିକାର ପାଇବେ । ଅଉ, ଆଜିଠାରୁ ନିଷ୍ଠାପର ବୈଦିକ ବ୍ରାହ୍ମଣମାନେ ମଧ୍ୟ ତୋର ଏଇ ଅପୂର୍ବ ଭକ୍ତି ଚରିତ ସମ୍ମୁଖରେ ଗାନ କରି ଧନ୍ୟ ହେବେ ।

ଏ ଦିବ୍ୟ ବାଣୀ ଶୁଣି ଦାସଙ୍କ ଆଖି ଲୁହରେ ପୁରିଗଲା । ତାଙ୍କ ଦେହ ପ୍ରାଣ ଆଉ ମନ ଲହୁଣୀ ଭଳି ତରଳି ଗଲା । ସେ ହାତ ଯୋଡ଼ି କହିଲେ—

ପ୍ରଭୁ ! ମୋ ଛାର ପାଇଁ ଏତେ ଦୟା ? ମତେ ଏତିକି ଆଜ୍ଞା କର ଦୀନବନ୍ଧୁ ! ମୁଁ ଯେବେ ବଡ଼ ଦାଣ୍ଡରେ ଠିଆ ହୋଇ ନୀଳଚକ୍ରକୁ ଚାହିଁବି,—ସେତେବେଳେ ହେ କୃପାନିଧି ! ଆପଣ ଯେମନ୍ତ ସେଠାରେ ଉଭା ହୋଇ ମୋତେ ସମ କୃଷ୍ଣାଦି ରୂପରେ ଦର୍ଶନ ଦେବେ ।

ଭକ୍ତ ଅଧୀନ ଜଗନ୍ନାଥ କହିଲେ—ତଥାସ୍ତୁ ତଥାସ୍ତୁ । ଦାସ ! ମୁଁ ତୋତେ ଏହା ସଙ୍ଗେ ଆଉ ଗୋଟିଏ ବର ମଧ୍ୟ ଦେଉଛି । ତୁ ମୋ ପାଇଁ ଯେବେ ଯାହା କିଛି ନୈବେଦ୍ୟ ପଠାଇବୁ ବା ଲାଗି କରିବୁ—ସେ ସବୁ ମୁଁ ମୋ ନିଜ ହାତ ବଢ଼ାଇ ଗ୍ରହଣ କରିବି ।

ଏତେକ ଶୁଣି ଦାସେ ଆଉ ସମ୍ଭାଳି ପାରିଲେ ନାହିଁ । ତାଙ୍କୁ ଲାଗିଲା—ଭାବରେ ପୂର୍ଣ୍ଣ ହୋଇ ତାଙ୍କର ସାମାନ୍ୟ ଛାତି ନିଶ୍ଚେ ଫାଟିଯିବ । ସେ ସେହି ମୂର୍ତ୍ତି ଆଗରେ ଗଡ଼ଗଡ଼ି ପଡ଼ି କାନ୍ଦି କାନ୍ଦି କହିଲେ—ଆହା ! ଆହା ! ହେ କୃପା ପାରାବାର ! ହେ ପତିତପାବନ ! ହେ ଦୀନବନ୍ଧୁ ! ମୁଁ ଛାର ପାପୀ ଲାଗି ତୁମର ଏତେ ଦୟା ? ଏତେ ମାୟା ? ଆହା ! ଏହି ମୁହୂର୍ତ୍ତରେ ମତେ ମରଣ ହୋଇ-ଯାନ୍ତା କି ! ଆଉ କଣ ଏ ବେଳାଠାରୁ ଅଧିକ ପୁଣ୍ୟ ଅଉ ଆନନ୍ଦର ବେଳା ମୋ ମରଣ ପାଇଁ ପାଇବି ? ହେ କୃପା-ନିଧି ! ହେ ଦୀନବନ୍ଧୁ ! ହେ ପତିତପାବନ ! ଏଇ ମୁହୂର୍ତ୍ତରେ ମୋ ଜୀବନ ଯାଉ—ଜୀବନ ଯାଉ.........

ନିଦରେ ହଠାତ୍ ବିଲିବିଲେଇ ଉଠିଲେ ଦାସେ । ପାଖରେ ପତ୍ନୀ ଶୋଇଥିଲେ । ତାଙ୍କର ନିଦ ଭାଙ୍ଗିଗଲା । ଘଡ଼ି ଚାହିଁଲେ—ହେଲେ ସୂର୍ଯ୍ୟ ଉଦୟ ଖୁବ୍ ଡେରୀ ଅଛି । ସେ ସ୍ୱାମୀଙ୍କ ଦେହକୁ ଧରି ହଲେଇ ଦେଲେ । ହଇଓ ! ଉଠ ଉଠ ! ଏମିତି କଣ ପାଗଳଙ୍କ ପରି ହେଉଛ ?

ଦାସିଆଙ୍କ ନିଦ ପୁରା ଭାଙ୍ଗିଗଲା । ସ୍ୱପ୍ନର ପ୍ରଭାବ କିନ୍ତୁ ତଥାପି କଟି ନାହିଁ ପୁରାପୁରି । ଘଡ଼ିଏ କାଳ ସେ ଗୁମ୍ ହୋଇ ବସି ରହିଲେ । ତା'ପରେ ସାମାନ୍ୟ ପ୍ରକୃତିସ୍ଥ ହୋଇ ଭାବିଲେ—ଏ କ'ଣ ? ମୁଁ ସ୍ୱପ୍ନ ଦେଖୁଥିଲି ନା

ବର୍ତ୍ତମାନ ସ୍ୱପ୍ନ ଦେଖୁଛି ? ଏ ସତ୍ୟ ନା ମାୟା ? ଜାଗରଣ ନା ସ୍ୱପ୍ନ ? ସ୍ୱପ୍ନ କ'ଣ ? ଭଗବାନଙ୍କୁ ଦେଖିବା ଆଉ ତାଙ୍କ ସଙ୍ଗେ କଥାବାର୍ତ୍ତା ହେବା ବ୍ୟାପାର କ'ଣ ସ୍ୱପ୍ନ ? ଏହା ଯଦି ସ୍ୱପ୍ନ—ତେବେ ବର୍ତ୍ତମାନ ମୁଁ ଯାହା ସବୁ ଦେଖୁଛି ବା ଶୁଣୁଛି—ଏଇଟାର କ'ଣ କେତେକ ସତ ? କିମ୍ବା, ଈଶ୍ୱରଙ୍କୁ ଦେଖିବାଟାହିଁ କେବଳ ମାତ୍ର ସତ୍ୟ, ଆଉ ସବୁ ଦେଖିବା ହେଉଛି ସ୍ୱପ୍ନ—ଅଳୀକ ?

ସ୍ୱାମୀଙ୍କୁ ଆଲିଙ୍ଗନ କରି ଖୁବ୍ ଧୀର ଗଳାରେ କହିଲେ ଦାସେ—ବୁଝିଲୁ ? ତୁ କଣ ବିଶ୍ୱାସ କରିବୁ ? ପରତେ ଯିବୁ ? ମୁଁ ଜଗନ୍ନାଥଙ୍କୁ ଦେଖିଲି—ତାଙ୍କ ସଙ୍ଗେ କଥାବାର୍ତ୍ତା କଲି । ଆଉ ମତେ କିଛି ପଯ୍ୟର ନାହିଁ । ମୁଁ ଆଉ କିଛି କହି ପାରିବି ନାହିଁ । ମୋ ଭିତରେ ମଣ୍ଡା ପିଠା ଭଳି ପୁରିଲେ ପଡ଼ିଲା ଲାଗୁଛି । ମତେ ଆଉ କିଛି ଭଲ ନାହିଁ ।

ଅପଲକ ଏହି ଈଶ୍ୱରସେବୀ ସ୍ୱାମୀଟିର ଆଖି ଦୁଇଟିକୁ ଚାହିଁ ରହିଲେ ପତ୍ନୀ । ତାଙ୍କ ମନ ସ୍ୱାମୀଙ୍କ ପ୍ରତି ମାୟାରେ ଭରି ହୋଇଗଲା । ଆହା ! କେଡ଼େ ପୁଣ୍ୟବନ୍ତ ପୁରୁଷର ହାତ ମୁଁ ଧରିଛିଟି । ସ୍ୱାମୀଙ୍କ ଅଙ୍ଗ ଭିତରେ ଏ କି ଭାବ ଜାଗିଛି । ସତେକି ବତେଇ ଡିମ ତାପୁଛି । ଆହା ! ରିଯାଉଥାଏଟିମ ମୁଁ । ତୁମେଇତ ମୋର ଜୀବ ଜୀବନ, ମୋର ପରଶ ଧନ, ମୋର ଦୁଃଖୀ ସୋଦର ଜଗନ୍ନାଥ । ଏତିକି କହି ସେ ସ୍ୱାମୀଙ୍କ ପାଦ ଧରି ପ୍ରେମ ଭକ୍ତି ବିହ୍ୱଳତାରେ କାନ୍ଦି ଉଠିଲେ ।

—ଦୁଇ—

କିଛି ଦିନ ଏମିତି ସେମିତି ବିତିଯାଏ । ଦାସେ ସେହି ଭାଗବତ ଭାବରେ ଦିନ ରାତି ଭୋଳ ହୋଇଥାନ୍ତି । ଦିନେ ଖଣ୍ଡିଏ ଗାମୁଛା ବୁଣି ସେ ତାକୁ ବିକିବାକୁ ଗଲେ । ନିକଟରେ ବ୍ରାହ୍ମଣ ଶାସନ । ସେଠାରେ ମହାନ୍ ପଣ୍ଡିତ ଅଉ ବେଦାନ୍ତୀ ବ୍ରାହ୍ମଣ ସନାତନ ମିଶ୍ରଙ୍କ ଘର । ସେଇ ବାଟେ ନେଇଥିଲେ ଗାମୁଛାଟି । ଗାମୁଛାଟିକୁ ଶୁଖିଲା କଦଳୀ ପତ୍ରରେ ଗୁଡ଼ାଇ କାଖରେ ଜାକି ଦାସେ ମିଶ୍ରଙ୍କ ଘର ପାଖରେ ପହଞ୍ଚିଲେ । ଦୁଆର ମୁହଁରେ ପହଞ୍ଚିବା ମାତ୍ରେ ତାଙ୍କର ଆଖି ପଡ଼ିଗଲା—ପିଣ୍ଡା ତଳକୁ ବାମନ ନଡ଼ିଆ ଗଛଟିଏ ଡାଳ ଲମ୍ବାଇ ଉଭା ହୋଇଛି । ଗଛଟିର ରୂପ ଆକୃତି ଦେଖିଲେ ପେଟ ପୁରିଯିବ । ମାତ୍ରକ ସେଥିରେ ଫଳିଛି ଗୋଟିଏ ମାତ୍ର ନଡ଼ିଆ । ହେଲେ ଭାରି ପରିପୁଷ୍ଟ ନଡ଼ିଆଟିଏ । ରଙ୍ଗ ଧରିଛି ହେଳୁଆ ବର୍ଣ୍ଣ । ଗଛଟିକୁ ଆଉ ତାର ଏଇ ଏକମାତ୍ର ପରିପୁଷ୍ଟ ରଙ୍ଗୀ ନଡ଼ିଆଟିକୁ ଦେଖି ତାଙ୍କ ମନରେ ଭାରି ଆହ୍ଲାଦ ହେଲା । ସେ ଭାବିଲେ—

ଏ ବଡ଼ ଲକ୍ଷଣବନ୍ତ ଗଛ । ଏ ଶ୍ରୀଫଳଟି ନିଶ୍ଚୟ ଭୋଗ୍ୟ ପଦାର୍ଥ । ଏଇଟିକୁ ମିଶ୍ରଙ୍କଠାରୁ କିଣି ନେଇ ଜଗନ୍ନାଥଙ୍କୁ ଅର୍ପଣ କରିବେ ।

ଏ ପ୍ରସ୍ତାବ ଶୁଣୁ ଶୁଣୁ ସନାତନ ମିଶ୍ରେ କହିଲେ— ଅରେ ଦାସ । ଏ ଗଛ ବଡ଼ ଲକ୍ଷଣବନ୍ତ । ଏ ଫଳଟିକି ମୁଁ ଭୁବନେଶ୍ୱର ମହାଦେବଙ୍କୁ ଅର୍ପଣ କରିବି ବୋଲି ରଖିଛି । ମାତ୍ର ଯଦିଇ ତୋର ଏହାକୁ ନେଇ ଜଗନ୍ନାଥଙ୍କୁ ନୈବେଦ୍ୟ କରିବାକୁ ଅଭୀଷ୍ଟ ହୋଇଥାଏ, ତେବେ ତୋର ଏଇ ଗାମୁଛାଟି ବିନିମୟରେ ତୁ ତାକୁ ନେ । ଜଗନ୍ନାଥେ ତ ସ୍ୱୟଂ ବ୍ରହ୍ମ—ପୁରୁଷୋତ୍ତମ । ସେଇ ହରି, ସେଇ ହର, ସେଇ ସୂର୍ଯ୍ୟ, ସେଇ ଗଣପତି, ପୁଣି ସେଇ ମଧ୍ୟ ଦୁର୍ଗା । ସେ ପାଇଲେ ସବୁ ଦେବ ଦେବୀ ପାଇଲା ପରି ହେବ ।

ପରମ ଆନନ୍ଦରେ ଏ ପ୍ରସ୍ତାବରେ ସମ୍ମତ ହୋଇ ଦାସେ ନଡ଼ିଆଟିକୁ ତୋଳିବା ଉପକ୍ରମ କରୁ କରୁ—ଆଶ୍ଚର୍ଯ୍ୟ କଥା —ନଡ଼ିଆଟି ତାଙ୍କ ହାତ ଭିତରକୁ ଚୁପ୍‌କିନା ଖସି ପଡ଼ିଲା ।

ନଡ଼ିଆଟିକୁ ହାତରେ ଧରି ଆସୁଆସୁ ବାଟରେ ଦାସେ ଦେଖିଲେ କେତେକ ବ୍ରାହ୍ମଣ ନାନାଦି ନୈବେଦ୍ୟ ଧରି ପୁରୁଷୋତ୍ତମ ଅଭିମୁଖେ ବାହାରିଛନ୍ତି । ସେମାନେ ଟେ କେଇଟେ ନଡ଼ିଆ, କଦଳୀ, ଛେନା, ଦୁଧ, ଦହି, ଘୃତାଦି ଦ୍ରବ୍ୟ ଜଗନ୍ନାଥଙ୍କ ମଣୋହି ସକାଶେ ନେଇ ଚାଲିଥିଲେ । ଦାସେ ଭାବିଲେ—ଏଇତ ମାହେନ୍ଦ୍ରବେଳା । ଧନ୍ୟପ୍ରଭୁ ତୁମ୍ଭର ମହିମା !

ପୁରୁଷୋତ୍ତମ ଯାତ୍ରୀ ବ୍ରାହ୍ମଣମାନଙ୍କ ପାଦତଳେ ପଡ଼ି ଦାସେ କହିଲେ—ଗୋସେଇଁମାନେ ! ମୋ ଭଳି ପାପୀର ଏଡେ ବଡ଼ ଭାଗ୍ୟ ଯେ ବାଟରେ ଆପଣମାନଙ୍କ ଦର୍ଶନ ପାଇଲି । ମୋର ଏତିକି ଅଳି ଆପଣମାନଙ୍କ ଛାମୁରେ—ଆପଣମାନେ ମୋଠାରୁ ଏଇ ନଡ଼ିଆଟି ନିଅନ୍ତୁ । ଶ୍ରୀ ଜଗନ୍ନାଥଙ୍କ ପାଖରେ ଆପଣମାନଙ୍କ ନୈବେଦ୍ୟ ମଣୋହି ହେବା ଉତ୍ତାରେ—

ଏ ମୋ ଶ୍ରୀଫଳ ଗୋଟିଧନି
ଗରୁଡ଼ ପଛେ ରହି କରି
ବୋଲିବ ବାଳିଗ୍ରାମ ଦାସ
ଦେଇଛି ନିଅ ପୀତବାସ
ସେ ଯେବେ ଶ୍ରୀହସ୍ତ ବଢ଼ାଇ
ତୁମ୍ଭର ହସ୍ତରୁ ଛଡ଼ାଇ
ଘେନିବେ ତେବେ ତାଙ୍କୁ ଦେବ
ନୋହିଲେ ଆଣି ମୋତେ ଦେବ ।

କଥାଶୁଣି ବିପ୍ରମାନେ ହସିଲେ । ମାତ୍ର ପୁଣି କ'ଣ ମନରେ ବିଚାରି ନଡ଼ିଆଟିକୁ ଗ୍ରହଣ କଲେ । ପୁରୀରେ

ପ୍ରହରି ଯଥାବିଧି ପୂଜା ସମାପନ କରିସାରି ଆପଣା ଆପଣାର ନୈବେଦ୍ୟମାନ ଅର୍ପଣ କଲେ । ତା'ପରେ ଏବେ ପଡ଼ିଲା ବାଲିଗାଁ ଦାସଙ୍କ ନଡ଼ିଆ କଥା । କଣ କରିବି ପରଖିବା ବୋଲି ମନରେ ସ୍ଥିର କରି ଗରୁଡ଼ସ୍ତମ୍ଭ ପାଖରେ ବ୍ରାହ୍ମଣମାନେ ଆସିକରି ଶ୍ରୀ ଜଗନ୍ନାଥଙ୍କୁ କିଛି ସମୟ ଧ୍ୟାନ କଲେ । ତା'ପରେ ସମସ୍ତେ ସେଇ ନଡ଼ିଆଟିକୁ ଏକାବେଳେକେ ଧରି ଶ୍ରୀ ଜଗନ୍ନାଥଙ୍କ ଆଡ଼କୁ ଟେକି, ପ୍ରାର୍ଥନା କଲେ—ହେ ପତିତପାବନ ! ଦୀନବନ୍ଧୁ ! ବାଲିଗାଁ ଦାସିଆ ଏଇ ନଡ଼ିଆଟିକୁ ପଠାଇଛି ଆପଣଙ୍କ ପାଇଁ ଭେଟି ସ୍ୱରୂପେ ! ଆପଣ ଶ୍ରୀହସ୍ତ ବଢ଼ାଇ ନେବେ ତ ନେବେ—ନଚେତ୍ ତାଙ୍କର କଥିତ ମତେ ଆମେ ନଡ଼ିଆଟିକୁ ତାଙ୍କ ପାଖକୁ ଫେର୍ ଲେଉଟାଣି ନେଇଯିବୁ ।

ଆଶ୍ଚର୍ଯ୍ୟ କଥା—ବ୍ରାହ୍ମଣମାନେ ଦେଖିଲେ ତାଙ୍କ ଆଖି ଆଗରେ ରତ୍ନସିଂହାସନ ପାଖରୁ ଶିଖବଡ ହାତୀର ବିରାଟ ଶୁଣ୍ଢପରି ଶ୍ରୀ ଜଗନ୍ନାଥଙ୍କ ପ୍ରଲମ୍ବ ବାହୁ ଗରୁଡ଼ସ୍ତମ୍ଭ ପାଖ ଦେଇ ଭକ୍ତ ଦର୍ଶକଙ୍କ ମୁଣ୍ଡ ଉପର ଦେଇ ଲମ୍ବି ଆସିଲା—ଏବଂ ସେମାନଙ୍କ ହାତରୁ ସେଇ ନଡ଼ିଆଟିକୁ ନେଇ ପୁଣି ରତ୍ନସିଂହାସନରେ କୁଆଡ଼େ ଲୀନ ହୋଇଗଲା ।

ଏ ଦୃଶ୍ୟ ଦେଖି ବ୍ରାହ୍ମଣମାନେ କେତେ ସମୟ ସ୍ତବ୍ଧ ଓ ହତବାକ୍ ହୋଇ ଗଲେ । କି ଆଶ୍ଚର୍ଯ୍ୟ କଥା ! ଏମନ୍ତ ଦୃଶ୍ୟ ତ ଏ ଆଖି କେବେ ଦେଖି ନ ଥିଲା । ଏ ସତ୍ୟ ନା କୁହୁକ ! କିନ୍ତୁ ଆପଣା ଆଖିକୁ କେମିତି ଅବିଶ୍ୱାସ କରିବେ ବ୍ରାହ୍ମଣମାନେ । ବାସ୍ତବରେ ଏ ଜଗତରେ ଭକ୍ତ ହିଁ ସବୁଠାରୁ ଶ୍ରେଷ୍ଠ । ଭକ୍ତ ପାଖରେ ଭଗବାନ ଚିରଦିନ ବନ୍ଧା । ହୃଦୟର ଦୃଢ଼ଭକ୍ତି ଆଗରେ ଏବେ ସବୁ ମନ୍ତ୍ର, ଯନ୍ତ୍ର, ତନ୍ତ୍ର, ପୂଜା, ପାର୍ବଣ କିଛି ନୁହେଁ । ଭଗବାନ ହେଉଛନ୍ତି ଭାବଗ୍ରାହୀ । ଆହା !! ଆହା !! କି ଭକ୍ତି ଅମର !

ବ୍ରାହ୍ମଣମାନଙ୍କ ଅନ୍ତର ଭାବଭକ୍ତିର ତରଳିଗଲା । ସେମାନଙ୍କ ଆଖିରୁ ଝର ଝର ଲୁହ ବହିଗଲା । ମନ ଭିତରେ ସେମାନେ ବାଲିଗାଁ ଦାସିଆଙ୍କ ପାଦତଳେ ପଡ଼ିଗଲେ । କହିଲେ—ଧନ୍ୟ ଦାସେ ! ତୁମେ ନିଚକୁଳରେ ଜନ୍ମ ହୋଇଛ ସତ—ମାତ୍ର ଆମେ ବ୍ରାହ୍ମଣମାନେ ଆଜି ତୁମ ତପସ୍ୟାର ପୁଣ୍ୟ ଫଳ ପାଇଲୁ । ଆମେ ଆଜି ତୁମ ଯୋଗୁଁ ମହାପ୍ରଭୁଙ୍କ ମହିମା ପ୍ରତ୍ୟକ୍ଷ ଅନୁଭବ କଲୁ । ସେମାନେ ଉଚ୍ଚସ୍ୱରରେ କହି ଉଠିଲେ ଆବେଗଭରା କଣ୍ଠରେ—

ହୋଇଲେ ଧନ୍ୟ ତୋ ଜୀବନ,
ଧନ୍ୟ ତୋ ପିତାମାତା ଧନ୍ୟ ।
ଧନ୍ୟ ହୋ ବାଲିଗ୍ରାମ ଦାସ,
ତୋତେ ପ୍ରସନ୍ନ ପୀତବାସ ।

ଏତିକି କହି ଭାବ ବିଗଳିତ ବିପ୍ରମାନେ ଗରୁଡ଼ଖମ୍ବ ପାଖେ ଲମ୍ବ ହୋଇ ଶୋଇ ଦୀନବନ୍ଧୁ ଜଗନ୍ନାଥଙ୍କୁ ବହୁ ସ୍ତୁତି କଲେ ।

ତା'ପରଦିନ ! ପୁରୁଷୋତ୍ତମରୁ ଗ୍ରାମକୁ ଫେରି ସେମାନେ ପ୍ରଥମେ ଗଲେ ବାଉରି ସାହି । ଭକ୍ତପ୍ରବର ଦାସିଆଙ୍କୁ ଆଗ ଦର୍ଶନ କରିବାକୁ ସମସ୍ତ ବିଷୟ ଜଣାଇ ତାଙ୍କ ପାଖେ ନିଉଛାଳି ହେବେ । ନିଜ କୁଡ଼ିଆ ଆଗରେ ବିପ୍ରମାନଙ୍କୁ ଦେଖି ଦାସେ ଡରି ଡରି କାନ୍ଦି କାନ୍ଦି ସେମାନଙ୍କ ପାଦ ଛୁଇଁବାକୁ ଅଡ଼ୁଆର ହେଉଛନ୍ତି—ସମସ୍ତ ବିପ୍ର ଦାସଙ୍କୁ ପ୍ରେମଭରେ ଆଲିଙ୍ଗନ କରି ତାଙ୍କ ଜନାରେ ପ୍ରଭୁଙ୍କ ପ୍ରସାଦ ଧଣାମାନମାନ ଲଗାଇ ଦେଲେ—ଏବଂ ଭାବଗଦଗଦ କଣ୍ଠରେ କହିଲେ—

ଦାସେ ! ତୁମେ ଆଜି ଭକ୍ତଶ୍ରେଷ୍ଠ—ବାଉରି କୁଳ ଆଜି ଠାରୁ ତୁମ ଯୋଗୁଁ ପବିତ୍ର ହେଲା । ଆମେ ମଧ୍ୟ ତୁମ ଭକ୍ତି ପ୍ରସାଦରୁ ଆଜି ଜୀବନରେ ଭଗବାନଙ୍କର ଅଲୌକିକ ମହିମା ଦର୍ଶନ କଲୁ—ଆମ୍ଭେମାନେ ଧନ୍ୟ—କିନ୍ତୁ ଦାସେ ତୋ' ଯଶ ରହିଲା ଜଗତେ, ପରମପଦ ମିଳୁ ତୋତେ ।

ବିପ୍ରଙ୍କ ମୁହଁରୁ ଏକଥା ଶୁଣିବା ମାତ୍ରେ ଦାସେ ପରମ ଭକ୍ତି ଅଉ ପ୍ରେମର ଆବେଗରେ ବିହ୍ୱଳିତ ହୋଇ ସେମାନଙ୍କ ପାଦତଳେ ପଡ଼ିଗଲେ—ଏବଂ ସେମାନଙ୍କ ପାଦଧୂଳି ଆଣି ବାରମ୍ବାର ମୁଣ୍ଡରେ ବୋଳି ନିଉଛାଳି ହେଲେ—ତାଙ୍କ ଆଖିରୁ ଯମୁନାଧାର ଭଳି ଲୁହ ବହିଯାଉଥାଏ । ବିପ୍ରଙ୍କ ଆଖିରୁ ମଧ୍ୟ ଲୁହର ଧାର ବହିଯାଉଥାଏ । କେହି ଆଉ କିଛି କଥା କହିପାରୁ ନଥାନ୍ତି । ଦେଖଣାହାରୀମାନେ ଯେଉଁମାନେ ଏ ସମସ୍ତ ବୃତ୍ତାନ୍ତ ଶୁଣୁଥିଲେ ଆଉ ଦେଖୁଥିଲେ—ସମସ୍ତେ ଉଚ୍ଚସ୍ୱରରେ ହରିବୋଲ ପକାଇବାକୁ ଲାଗିଲେ—ସ୍ତ୍ରୀଲୋକମାନେ ହୁଳହୁଳି ସ୍ୱନରେ ଆକାଶ କମ୍ପାଇ ଦେଲେ । ସ୍ୱରିଆଡ଼େ ପ୍ରେମଭକ୍ତି ଉଛୁଳି ଉଠିଲା—ସମସ୍ତଙ୍କ ତୁଣ୍ଡରେ ସେଇ ଗୋଟିଏ ପଦ ଧନ୍ୟ ଧନ୍ୟ ବାଲିଗାଁ ଦାସିଆ—ଧନ୍ୟ ଧନ୍ୟ ବାଲିଗାଁ ଦାସିଆ । ତୁମ ଯୋଗୁଁ ଏ ଗ୍ରାମ ଧନ୍ୟ ହେଲା । ବାଉରି ସାହିର ବହୁ ବାଉରି ଆସି ସେଠି ଜମି ଯାଇଥିଲେ । ସମସ୍ତଙ୍କ ଆଖିରୁ ଲୁହର ଝର ବହି ଯାଉଥାଏ । ସେମାନେ ସମସ୍ତେ ବିପ୍ରମାନଙ୍କ ପାଦତଳେ ପଡ଼ି କହୁଥାନ୍ତି—ଧନ୍ୟ ଆପଣ ଗୋସେଇଁ ମାନେ ! ଆପଣମାନଙ୍କ ଯୋଗୁଁ ଆମେ ବାଉରିକୁଳ ଧନ୍ୟ ହେଲୁ ।

ପ୍ରକୃତ କଥା ହେଲା—ପତିତପାବନ ଶ୍ରୀ ଜଗନ୍ନାଥଙ୍କ ପ୍ରତି ପ୍ରେମଭକ୍ତିର ବନ୍ୟାରେ ସବୁ ଜାତିଭେଦର ବନ୍ଧ ବୁଡ଼ିଗଲା ।

# ଜୟ ଜଗନ୍ନାଥ

ଶ୍ରୀ କାଳଚନ୍ଦ୍ର ମହାନ୍ତ

(ସ୍ୱର—ଓଡ଼ିଶୀ)

ଜୟ ଜୟ ଜଗନ୍ନାଥ          ଚଢ଼ି ନନ୍ଦିଘୋଷ ରଥ
ଭାଇ ଭଗ୍ନୀ ସଙ୍ଗେ କର ଗୁଣ୍ଡିଚା ଯାତ,
ଅନାଥ ଜନଙ୍କ ନାଥ          ତୁମ୍ଭେଟି କମଳାକାନ୍ତ
ଚକା ନୟନରେ ବାରେ ଚାହିଁ ଦେଖତ,
ସୁସଜ୍ଜିତ ତିନୋଟି ରଥ
ଗରୁଡ ସ୍ତମ୍ଭ ନିକଟେ ରହି ଅଛିତ (ଘୋଷା) । ୧ ।

ବାଜିଲାଣି ଶଙ୍ଖ ତୁରୀ          ଟମକ ନିଶାଣ ଭେରୀ
ସଜ ହୋଇଲେଣି ତୁମ୍ଭର ସେବାକାରୀ,
ଅଣ୍ଟାରେ ବାନ୍ଧି ଦଉଡ଼ି          ନେବେ କଚ୍ଡ଼ି କଚ୍ଡ଼ି
କି କଷ୍ଟ ସହିବ ଆଜି ହେ ଚକ୍ରଧାରୀ,
ଜନ ମୁଖେ ପଡ଼ିଛି ହୁରି
ଦିଅ ଦରଶନ ପ୍ରଭୁ ନକର ଡେରି । ୨ ।

ଗର୍ଜିଲାଣି ବେତ ବାଡ଼ି          ସିଂହଦ୍ୱାରେ ଭିଡ଼ାଭିଡ଼ି
ଚଳି ଚଳି ଆସ ନୀଳାଚଳ ବିହାରୀ,
କେ ଜାଣେ ମାୟା ତୁମ୍ଭରି          ଶ୍ରୀମନ୍ଦିରେ ଯିବ ଛାଡ଼ି
ଲକ୍ଷ୍ମୀଙ୍କ ନୟନୁ କେତେ ବହିବ ବାରି,
କପଟିଆ ନୁହଁ କାହାରି
କାଳନ୍ଦି ଲେଖଇ ଆଜି ତୁମ୍ଭଙ୍କୁ ସ୍ମରି । ୩ ।

ଓଡ଼ିଶା ଗଭର୍ଣ୍ଣମେଣ୍ଟ ପ୍ରେସ
କଟକ

# ଶ୍ରୀ ଜଗନ୍ନାଥ-ଏକ ପରମ ରହସ୍ୟ

## ଶ୍ରୀ ଗଣେଶ ପ୍ରସାଦ ପରିଜା

ଶ୍ରୀ ଜଗନ୍ନାଥଙ୍କ ବିଷୟରେ ପ୍ରଥମରୁ ଲିପିବଦ୍ଧ ଇତିହାସ ନଥିବାରୁ ତାଙ୍କ ବିଷୟରେ ଐତିହାସିକ ତଥ୍ୟ ପ୍ରଦାନ କରିବା ସମ୍ଭବପର ହୋଇ ପାରେନାହିଁ । ଯେଉଁ କେତୋଟି ପୁରାଣରେ ତାଙ୍କ ବିଷୟ ଉଲ୍ଲେଖ ଅଛି ତାହାକୁ ଅବଲମ୍ବନ କରି ଆଗେଇଗଲେ ଦେଖିବାକୁ ହୋଇଥାଏ ସବୁ ପୁରାଣରେ ବିଷୟବସ୍ତୁ ଏକ ନୁହେଁ । ତେଣୁ ସତ୍ୟ ପରିବେଷଣ କରିବାରେ ଗବେଷକମାନଙ୍କୁ ଅସୁବିଧା ହୁଏ । ମହାପ୍ରଭୁ ଶ୍ରୀ ଜଗନ୍ନାଥ ଧର୍ମ ଏବଂ ବିଶ୍ୱାସର ପ୍ରତୀକ । ଧର୍ମ ବିଶ୍ୱାସରୁ ଦୂରେଇ ତାଙ୍କୁ ଯୁକ୍ତି ଦ୍ୱାରା ବୁଝିବାକୁ ଚେଷ୍ଟାକଲେ ପିଆଜର ଚୋପା ଛଡ଼ାଇବା ଭଳି ଯାହା ହୁଏ—ଶେଷରେ ପିଆଜ ବୋଲି କୌଣସି ବସ୍ତୁ ମିଳେନାହିଁ । 'ବିଶ୍ୱାସେ ମିଳଇ ହରି ତର୍କେ ବହୁଦୂର' ଏହା ଗବେଷକମାନେ ଜାଣିଲେ ମଧ୍ୟ ଜଗନ୍ନାଥଙ୍କୁ ବହୁଧର୍ମ ତଥା ଜାତିର ଦେବତା ବୋଲି କହି ପ୍ରକୃତ ଶ୍ରୀ ଜଗନ୍ନାଥ କିଏ ଏବଂ ପ୍ରଥମେ କେଉଁ ଧର୍ମର ପ୍ରତୀକ ଥିଲେ ସେ ବିଷୟରେ ବହୁ କଥା ବ୍ୟକ୍ତ କରିଥାନ୍ତି ।

ଭାରତୀୟ ସଂସ୍କୃତି ଯେଉଁ ଦୁଇଟି ମହାନ ଗ୍ରନ୍ଥ ଉପରେ ନିର୍ଭର କରେ ସେହି ଦୁଇ ଗ୍ରନ୍ଥ ଜଗନ୍ନାଥଙ୍କ ବିଷୟରେ ସେଭଳି କିଛି ତଥ୍ୟ ପ୍ରକାଶ କରନ୍ତି ନାହିଁ । ରାମାୟଣ ଗ୍ରନ୍ଥରେ ଓଡ଼ିଶାର ବହୁସ୍ଥାନ ବିଷୟ ଉଲ୍ଲେଖ ଥିଲେ ମଧ୍ୟ ପୁରୁଷୋତ୍ତମ କ୍ଷେତ୍ର ବା ଶ୍ରୀ ଜଗନ୍ନାଥଙ୍କ ବିଷୟରେ କିଛି ଲେଖାନାହିଁ । କେବଳ ଉତ୍ତର କାଣ୍ଡରେ ଜଗନ୍ନାଥଙ୍କୁ ଆରାଧନା କରିବା କଥା ଥିଲେ ମଧ୍ୟ ସେ କିଏ ଆଦି କିଛି ଉଲ୍ଲେଖ ନାହିଁ । ଦ୍ୱିତୀୟ ଗ୍ରନ୍ଥ ବ୍ୟାସଙ୍କ ମହାଭାରତ, ତନ୍ମଧ୍ୟରେ ଶ୍ରୀ ଜଗନ୍ନାଥଙ୍କ ନାମ ନାହିଁ । ମହାଭାରତ ବନ ପର୍ବର ୧୧୪ ଅଧ୍ୟାୟ ଏବଂ ୧୧୮ ଅଧ୍ୟାୟର ବିଷୟ ବସ୍ତୁକୁ କେତେକ ପଣ୍ଡିତ ପୁରୀକ୍ଷେତ୍ର ବିଷୟରେ ଲେଖା ହୋଇଛି ବୋଲି ଭାବନ୍ତି । କିନ୍ତୁ ପ୍ରକୃତରେ ପୁରୀକ୍ଷେତ୍ର ସହିତ ତାର କୌଣସି ସଂପର୍କ ନାହିଁ ଦାରୁଦେବତାର ଲେଖକ ଡ଼ଃ ବେଣୀମାଧବ ପାଢ଼ି ସେହିସବୁ ବିଷୟ ଓ ବିଖ୍ୟାତ ଐତିହାସିକ ଡ଼ଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ବିରଜା ଲେଖ ମାଳାରେ ଏ ବିଷୟରେ ସୁନ୍ଦର କଥା ଉଲ୍ଲେଖ କରିଛନ୍ତି । ମହାଭାରତ ବନ ପର୍ବରେ ଅଛି ଯୁଧିଷ୍ଠିର ଭାଇମାନଙ୍କ ସହ ସାଗର କୂଳେ କୂଳେ କଳିଙ୍ଗ ଆଡ଼କୁ ଆସିଲେ । ସେମାନେ ବୈତରଣୀ ନଦୀରେ ସ୍ନାନ କରି ପିତୃ ପୁରୁଷଙ୍କ ତର୍ପଣ କଲେ । ଏହାପରେ ଯୁଧିଷ୍ଠିରଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଲୋମଶ ଋଷି କହିଥିଲେ— ସେଠାରେ ବିଶ୍ୱକର୍ମା ଯଜ୍ଞ କରିଥିଲେ ଓ ଯଜ୍ଞଶେଷରେ ଯଜ୍ଞର ଦକ୍ଷିଣା ସ୍ୱରୂପ ପୃଥିବୀକୁ ଋଷି କଶ୍ୟପଙ୍କ ହାତରେ ଅର୍ପଣ କରିବାକୁ ଇଚ୍ଛା କରନ୍ତେ ପୃଥିବୀ ରୁଷିଯାଇ କହିଲେ, "ମୋତେ କୌଣସି ମର୍ତ୍ତ୍ୟଲୋକ ହାତରେ ଅର୍ପଣ କରିବା ଠିକ୍ ନୁହେଁ, ଯଦି ତୁମେ ଏହା କରିବାକୁ ଚାହଁ ତେବେ ମୁଁ ବର୍ତ୍ତମାନ ପାତାଳ ଗଲି । ଏହା କହି ସେ ପାଣି ମଧ୍ୟରେ ବୁଡ଼ିଗଲେ । ପୃଥିବୀଙ୍କ ଏତାଦୃଶ କାର୍ଯ୍ୟରେ କଶ୍ୟପ ପୃଥିବୀଙ୍କୁ ସନ୍ତୁଷ୍ଟ କରିବାପାଇଁ ବହୁତ ସ୍ତୁତି କଲେ ।

ଅବଶେଷରେ ପୃଥିବୀ ପାଣି ଭିତରୁ ଉପରକୁ ଉଠି ଏକ ବେଦୀରୂପେ ଦେଖାଦେଲେ । ସେହି ବେଦୀ ଯାହାକୁ ସ୍ପର୍ଶ କରିଥିଲା ଏବଂ ସେହି ବେଦୀଉପରକୁ ଯେଉଁମାନେ ଯା'ନ୍ତି ସେମାନେ ଭଗବାନ, ତୀର୍ଥବାନ ହୁଅନ୍ତି ।

ବୈତରଣୀ ନଦୀକୂଳେ ଯାଜପୁର ବା ଯଜ୍ଞପୁର । ବହୁପୂର୍ବେ ସେହିଠାରେ ସମୁଦ୍ର ଥିଲା । ଏବେବି ବହୁ ଗିରି ତାହାରି ନିକଟରେ ଅଛି (ଗିରିଶୋଭିତଂ) । ପରବର୍ତ୍ତୀ କାଳର ବୌଦ୍ଧ ଯୋଗାଚାର—ତନ୍ତ୍ର—ଦର୍ଶନ ଆଦିର ପୀଠ ରତ୍ନଗିରି ତାହାର ସମୀପବର୍ତ୍ତୀ । ସେଠାରେ ଯଜ୍ଞ ହେଉଥିବା ହେତୁ ତାହା ଯଜ୍ଞପୁର ରୂପେ ପରିଚିତ । ଏହିଭଳି ବହୁ ତଥ୍ୟ ରହିଛି ଯାହାକି ସେହି ମହାବେଦୀ ଯଜ୍ଞପୁର ବୋଲି କୁହାଯିବ । ସେଠାରେ ମଧ୍ୟ ଦ୍ୱିଭୁଜା ମହିଷ-ମର୍ଦ୍ଦିନୀ ଦୁର୍ଗା 'ବିରଜା' ପୂଜା ପାଉଛନ୍ତି ।

ବ୍ରହ୍ମପୁରାଣ, ପଦ୍ମପୁରାଣ, ସ୍କନ୍ଦପୁରାଣାଦିରେ ଶ୍ରୀଜଗନ୍ନାଥଙ୍କ କଥା ଦେଖିବାକୁ ମିଳେ । ମାତ୍ର ଗୋଟିଏ ପୁରାଣର ବିଷୟ ବସ୍ତୁ ସହିତ ଅନ୍ୟ ପୁରାଣର ବିଷୟ ବସ୍ତୁ ଅବିକଳ ମେଳ ଖାଏନାହିଁ । ତେଣୁ ଅନୁଧ୍ୟାନକାରୀ ଅସୁବିଧାରେ ପଡନ୍ତି । ରାମାୟଣ ଓ ମହାଭାରତ ଅଷ୍ଟାଦଶ ପୁରାଣ ମଧ୍ୟରେ ନୁହେଁ । ମହାଭାରତର ପରବର୍ତ୍ତୀ ମତ୍ସ୍ୟ ପୁରାଣ । ଏହି ମତ୍ସ୍ୟ ପୁରାଣରେ ପ୍ରଥମରେ ପୁରୁଷୋତ୍ତମ ଶବ୍ଦ ଓ ଥରେ ବିମଳା ଶବ୍ଦ ରହିଛି । ଏହାଛଡା ଜଗନ୍ନାଥଙ୍କ ବିଷୟରେ କିଛିନାହିଁ । ପଦ୍ମପୁରାଣ ପାତାଳ ଖଣ୍ଡରେ ନୀଳଗିରି ବିଷୟ ଉଲ୍ଲେଖ ଅଛି । ସେଥିରେ ମୋଟାମୋଟି ଲେଖାଅଛି—ବେତ୍ରୁକାନଦୀ ପାର ହେଲାପରେ ପୁରୁଷୋତ୍ତମ କ୍ଷେତ୍ର । ଏହି କ୍ଷେତ୍ର ମଧ୍ୟରେ ନୀଳଗିରି । ରାମଚନ୍ଦ୍ରଙ୍କ ଯଜ୍ଞାଶ୍ୱ ରକ୍ଷା କରିବାକୁ ଯାଇ ଶତ୍ରୁଘ୍ନ ଏହି ସ୍ଥାନରେ ଉପସ୍ଥିତ ହେଲେ । ସେ ସୁମତିଙ୍କୁ ପଚାରି ବୁଝିଲେ, 'ସେଠାରେ ପୁରୁଷୋତ୍ତମ ପୂଜା' ପାନ୍ତି । ତାଙ୍କର ପ୍ରସାଦ ସେବନ କରି ଲୋକେ ଚତୁର୍ଭୁଜ ହୋଇଯାଆନ୍ତି । ଏକଦା ପୃଥୁ ନାମକ ଜଣେ ଭିଲ୍ଲ ବାଳକ ଏଣେତେଣେ ବୁଲାବୁଲି କରି ଗିରିଶୃଙ୍ଗ ମଧ୍ୟରୁ ଏକ ଶୃଙ୍ଗ ଆରୋହଣ କରି ବୈଖିକ ରତ୍ନ ଦ୍ୱାରା ନିର୍ମିତ ଏକ ମନ୍ଦିର ଦେଖିଲା । ସେହି ମନ୍ଦିରରେ ଶଙ୍ଖ ଚକ୍ର ଗଦାଶାର୍ଙ୍ଗଧାରୀ ଭଗବାନ ପୂଜା ପାଉଥିବାର ଦେଖିଲା । ସେଠାରେ ଯେଉଁ ପ୍ରସାଦ ପଡିଥିଲା ସେଥିରୁ କିଛିଏ ଖାଇ ସେ ଚତୁର୍ଭୁଜ ହୋଇ ପଡିଲା । ତାହାଠାରୁ ସମ୍ବାଦ ପାଇ ଅନ୍ୟ ଭିଲ୍ଲମାନେ ମଧ୍ୟ ତାଙ୍କୁ ଆରାଧନା କରି ଚତୁର୍ଭୁଜ ହୋଇଗଲେ । କାଞ୍ଚିର ରାଜା ରତ୍ନଗ୍ରୀବ ଜଣେ ବ୍ରାହ୍ମଣଠାରୁ ପୁରୁଷୋତ୍ତମ ମହାତ୍ମ୍ୟ ଶୁଣି ସେଠାକୁ ଯାଇ ତାହା ଦେଖିପାରିଲେ ନାହିଁ । ସେ ସେଠାରେ ଭଗବାନଙ୍କୁ ସ୍ମରଣ କରି ଅନଶନ କଲେ । ପାଞ୍ଚଦିନ ପରେ ଭଗବାନ ବ୍ରାହ୍ମଣ ବେଶରେ ତାଙ୍କୁ ଦେଖା ଦେଇ କାଲି ମଧ୍ୟାହ୍ନ ସମୟରେ ନୀଳରୂପ ଭଗବାନ ଦର୍ଶନ ଦେବେ ବୋଲି କହିଗଲେ । ସନ୍ନ୍ୟାସୀଙ୍କ କହିବାନୁସାରେ ପରଦିନ ପୁରୁଷୋତ୍ତମଙ୍କୁ ଦର୍ଶନକରି ଚତୁର୍ଭୁଜ ହୋଇ ସ୍ୱର୍ଗ ଗମନ କଲେ । ଏହି ହେତୁରେ ବିଜ୍ଞେ କହିଥିବା ପୁରୁଷୋତ୍ତମ ହିଁ ଶ୍ରୀରାମଚନ୍ଦ୍ର ଏହା ଲେଖାଅଛି ।

ବ୍ରହ୍ମପୁରାଣ ସମୟକୁ ଶ୍ରୀ ଜଗନ୍ନାଥଙ୍କ କଥା ଆସିଗଲାଣି । ବ୍ରହ୍ମପୁରାଣରେ ଉଲ୍ଲେଖ ଅଛି— ଅବନ୍ତୀ ଦେଶର ରାଜା ଇନ୍ଦ୍ରଦ୍ୟୁମ୍ନ ବାସୁଦେବାଖ୍ୟ ପରମ ଅଦ୍ୱୟତତ୍ତ୍ୱ ପ୍ରାପ୍ତ ହୋଇ ପୁରୁଷୋତ୍ତମ କ୍ଷେତ୍ରକୁ ବିଷ୍ଣୁଙ୍କ ଆରାଧନା ପାଇଁ ଆସିଲେ । ପୂର୍ବେ ସେଠାରେ 'ଇନ୍ଦ୍ରନୀଳାକ୍ଷ ବିଗ୍ରହ' ପୂଜା ପାଉଥିଲେ । ତାଙ୍କୁ ଦର୍ଶନକରି ପ୍ରତ୍ୟେକ ଶ୍ୱେତାକ୍ଷ ଭବନକୁ ଚାଲିଯାଉଥିବାରୁ ଯମରାଜ ଭଗବାନଙ୍କୁ ଜଣାଇଲେ, 'ଏହାଦ୍ୱାରା ମୁଁ ମୋର କର୍ତ୍ତବ୍ୟ କରି ପାରୁନାହିଁ', ତେଣୁ ଏହି ପ୍ରତିମାଟିକୁ ଅପସାରିତ କରନ୍ତୁ । ଭଗବାନ ଯମଙ୍କୁ ସେହି ପ୍ରତିମାକୁ ବାଲୁକାରାଶି ଦ୍ୱାରା ଆଚ୍ଛାଦିତ କରିବାକୁ କହିଲେ । ତା ପରେ ଭଗବାନ ବାଲିଦ୍ୱାରା ସେହି ପ୍ରତିମାଙ୍କୁ ଅଦୃଶ୍ୟ କରିଦେଲେ । ଏହାପରେ ଇନ୍ଦ୍ରଦ୍ୟୁମ୍ନ ସେଠାକୁ ଯାଇ ଅଶୁଭ ବିନାଶ ପାଇଁ ଅଶ୍ୱମେଧ ଯଜ୍ଞ କଲେ ଓ ସେଠାରୁ ଇନ୍ଦ୍ରଦ୍ୟୁମ୍ନ ସରୋବର ସୃଷ୍ଟି ହେଲା । ପ୍ରଥମେ ଦେବତାଙ୍କ ପାଇଁ କଳିଙ୍ଗ,

ଉତ୍କଳ,କୋଶଳ ରାଜାଙ୍କ ସାହାଯ୍ୟରେ ଏକ ମନ୍ଦିର ନିର୍ମାଣ କଲେ । ତତ୍ପରେ ସେ ବିଷ୍ଣୁଙ୍କ ଆରାଧନା କରିବାଦ୍ୱାରା ବିଷ୍ଣୁ ସ୍ୱପ୍ନରେ ସମୁଦ୍ର ମଧ୍ୟରେ ଏକ ଦ୍ରୁମକଥା କହିଲେ । ପରଦିନ ରାଜା ସମୁଦ୍ର କୂଳକୁ ଯାଇ ସେହି ଦ୍ରୁମକୁ ଦେଖି କୁଠାରଦ୍ୱାରା ହାଣି ଆଣିଲେ । ବିଶ୍ୱକର୍ମା ବ୍ରାହ୍ମଣ ବେଶରେ ସଙ୍କର୍ଷଣ, ସୁଭଦ୍ରା ଓ ଜଗନ୍ନାଥ ମୂର୍ତ୍ତିମାନ ଗଠନ କଲେ ।

ନାରଦ ପୁରାଣରେ ବ୍ରହ୍ମପୁରାଣୋକ୍ତ ବିଷୟ ଉଲ୍ଲେଖ ଅଛି । କେବଳ ମନ୍ଦିର ନିର୍ମାଣରେ କଳିଙ୍ଗ, ଉତ୍କଳ, କୋଶଳ ରାଜାଙ୍କ ସାହାଯ୍ୟ ପ୍ରଦାନ କଥା ଉଲ୍ଲେଖ ନାହିଁ । କିନ୍ତୁ ସ୍କନ୍ଦ ପୁରାଣ ଉତ୍କଳ ଖଣ୍ଡରେ ଜଗନ୍ନାଥଙ୍କ ବିଷୟ ବିସ୍ତୃତ ଭାବେ ଲେଖାଅଛି ।

ବିଷ୍ଣୁ ବରାହରୂପ ଧାରଣକରି ମହାପ୍ରଳୟରୁ ପୃଥିବୀକୁ ଉଦ୍ଧାର କଲେ । ତା'ପରେ ଏକଦା ଜଗଜ୍ଜନଙ୍କ ମୋକ୍ଷ ନିମିତ୍ତ ବ୍ରହ୍ମା ବିଷ୍ଣୁଙ୍କୁ ପ୍ରଶ୍ନ କରିବାରୁ ବିଷ୍ଣୁ କହିଲେ, ପୁରୁଷୋତ୍ତମ କ୍ଷେତ୍ରର ନୀଳଗିରିରେ ସେ ନୀଳମାଧବ ରୂପେ ଅବସ୍ଥାନ କରୁଛନ୍ତି ଏବଂ ତାଙ୍କୁ ଦର୍ଶନ କଲେ ସାୟୁଜ୍ୟ ମୁକ୍ତି ମିଳିବ । ଏହି ହେତୁ ଯମଙ୍କ କାର୍ଯ୍ୟରେ ବାଧା ସୃଷ୍ଟି ହେଲା । ସେ ବିଷ୍ଣୁଙ୍କ ଠାରେ ପ୍ରତିକାର ପ୍ରାର୍ଥନାକଲେ । ବିଷ୍ଣୁ ତାଙ୍କୁ କହିଲେ କିଛିକାଳ ପରେ ସେ ଏହି ସ୍ଥାନରୁ ଅନ୍ତର୍ଦ୍ଧାନ ହୋଇଯିବେ, କିନ୍ତୁ ଏ ସ୍ଥାନରେ ଯମଙ୍କର କୌଣସି କର୍ତ୍ତୃତ୍ୱ ରହିବ ନାହିଁ ।

ନୀଳଗିରି ଉପରିଭାଗରେ ଏକକ୍ରୋଶ ବ୍ୟାପି କଳ୍ପବୃକ୍ଷ ଓ ତାହାର ପଶ୍ଚିମରେ ରୋହିଣୀ କୁଣ୍ଡ ଅଛି । ସେହି କୁଣ୍ଡର ଉତ୍ତରକୁ ବିଶ୍ୱାବସୁ ଶବର ଗୁପ୍ତରେ ନୀଳମାଧବଙ୍କୁ ପୂଜା କରୁଥିଲେ । ସେତେବେଳକୁ ସେ କ୍ଷେତ୍ରର ମହିମା ଗୁପ୍ତ ଥିବାରୁ କେହି ଜାଣିନଥିଲେ । ଦେବତାମାନେ କେବଳ ମାଧବଙ୍କ ଦର୍ଶନ ପାଇଁ ନିତ୍ୟ ଆସୁଥିଲେ । ସତ୍ୟଯୁଗରେ ବ୍ରହ୍ମାଙ୍କ ପଞ୍ଚମ ପୁରୁଷ ସୂର୍ଯ୍ୟବଂଶୀ ଇନ୍ଦ୍ରଦ୍ୟୁମ୍ନ ଅବନ୍ତୀର ରାଜାଥିଲେ । ସେ ବିଷ୍ଣୁଙ୍କ ଉପାସକ ବୈଷ୍ଣବ । ଏକଦା ପଣ୍ଡିତ-ମାନଙ୍କୁ ଡାକି ସାକ୍ଷାତ ବିଷ୍ଣୁଙ୍କ ଦର୍ଶନ କେଉଁଠି ମିଳିବ ପ୍ରଶ୍ନ କରନ୍ତେ ଜଣେ ତୀର୍ଥ ପର୍ଯ୍ୟଟକ ତପସ୍ୱୀ କହିଲେ, ପୁରୁଷୋତ୍ତମ କ୍ଷେତ୍ରରେ ସ୍ୱୟଂ ମହାପ୍ରଭୁ ବିରାଜମାନ କରୁଛନ୍ତି । ତାହାଙ୍କ ଦର୍ଶନରେ ମୋକ୍ଷ ମିଳିଥାଏ । ପୁରୁଷୋତ୍ତମଙ୍କ ଅବସ୍ଥିତି ସମ୍ବାଦ ପାଇ ଇନ୍ଦ୍ରଦ୍ୟୁମ୍ନ ନିଜ ପୁରୋହିତଙ୍କ ଭାଇ ବିଦ୍ୟାପତିଙ୍କୁ ଉତ୍କଳ ପଠାଇଲେ । ବିଦ୍ୟାପତି ପୁରୁଷୋତ୍ତମ କ୍ଷେତ୍ରକୁ ଆଗମନ କରି ନୀଳାଚଳ ପଶ୍ଚିମରେ ଏକ ଶବର ପଲ୍ଲୀରେ ଅବସ୍ଥାନ କଲେ । ସେହିଠାରେ ବିଶ୍ୱାବସୁଙ୍କ ସହିତ ତାଙ୍କର ଦେଖାହେଲା । ବିଶ୍ୱାବସୁଙ୍କୁ ନିଜର ଆଗମନ ସମ୍ବାଦ ଜଣାଇ ନୀଳମାଧବଙ୍କ ଦର୍ଶନ କିପରି କରିପାରିବେ ସେଥିପାଇଁ ଅନୁରୋଧ କଲେ ଓ ଯେପର୍ଯ୍ୟନ୍ତ ସେ ଫେରିଯାଇ ନାହାନ୍ତି ସେ ପର୍ଯ୍ୟନ୍ତ ଇନ୍ଦ୍ରଦ୍ୟୁମ୍ନ ଉପବାସ ଥିବେ ବୋଲି କହିଲେ । ବିଦ୍ୟାପତିଙ୍କ ପ୍ରତି ସଦୟ ହୋଇ ଏକ ସଙ୍କୀର୍ଣ୍ଣ ମାର୍ଗରେ ତାଙ୍କୁ ବିଶ୍ୱାବସୁ ନୀଳଗିରି ଉପରକୁ ନେଇ ନୀଳମାଧବ ଦର୍ଶନ କରାଇଲେ । ଏହାପରେ ବିଦ୍ୟାପତି ଅବନ୍ତୀ ଫେରିଗଲେ । ଆଗେ ଯମଙ୍କୁ ଭଗବାନ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତଦନୁସାରେ ବାଲିଦ୍ୱାରା ଲୁଚାଇ ଦେଲେ ।

ନାରଦଙ୍କୁ ସଙ୍ଗରେ ଧରି ଇନ୍ଦ୍ରଦ୍ୟୁମ୍ନ ସଦଳବଳେ ଉତ୍କଳ ଆସିଲେ । ଉତ୍କଳ ସୀମାରେ ଉତ୍କଳ ରାଜା ତାଙ୍କୁ ଭେଟି କିଛିଦିନ ଆଗରୁ ନୀଳମାଧବ ଅଦୃଶ୍ୟ ହୋଇଥିବା କଥା କହିଲେ । ତାହାଶୁଣି ଇନ୍ଦ୍ରଦ୍ୟୁମ୍ନ ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଲେ । ସେହି ସମୟରେ ନାରଦ ତାଙ୍କୁ ସାନ୍ତ୍ୱନା ଦେଇ ପୁନର୍ବାର ମହାପ୍ରଭୁ ଚତୁର୍ଦ୍ଧା ମୂର୍ତ୍ତିରେ ଦେଖା ଦେବେ ବୋଲି କହିଲେ । ଏହାଶୁଣି ରାଜା ଟିକିଏ ଆଶ୍ୱସ୍ତ ହୋଇ ନୀଳଗିରି ଦର୍ଶନ କଲେ ତାପରେ ସହସ୍ର ଅଶ୍ୱମେଧ ଯଜ୍ଞ କରିବାକୁ ସ୍ଥିର କଲେ । ଏକ ଊଣା ସହସ୍ର ଅଶ୍ୱମେଧ ଯଜ୍ଞ ପରେ ଶେଷ ଯଜ୍ଞ ଆରମ୍ଭର ସାତ ଦିନରେ କ୍ଷୀରସମୁଦ୍ର ମଧ୍ୟରେ ଥିବା ଶ୍ୱେତ ପ୍ରସ୍ତରମୟ ଦ୍ୱୀପରେ ଥିବା ମାଧବଙ୍କୁ ସ୍ୱପ୍ନରେ ଦେଖିଲେ । ତା' ପରଦିନ ଅବଭୃଥସ୍ନାନ ବେଳେ ସେବକମାନେ ଜଣାଇଲେ ଏକ ଦାରୁ ସମୁଦ୍ର ମଧ୍ୟରୁ ଭାସି ଆସୁଛି । ସେହି ବୃକ୍ଷକୁ ରାଜା ଆନନ୍ଦରେ ଆଣି ମହାବେଦୀ ଉପରେ ରଖାଇଲେ । ତା'ପରେ ଦେବର୍ଷିଙ୍କ ସହିତ ଦାରୁମୂର୍ତ୍ତି ଗଠନ

ସମୟରେ ଆଲୋଚନା କରୁଥିବାବେଳେ ଦୈବବାଣୀ ହେଲା "ସ୍ୱୟଂ ଜଗନ୍ନାଥ ନିଜ ପ୍ରତିମା ଗଠନ କରି ମହାବେଦୀକୁ ଦିବେ କରିବେ। ମହାବେଦୀ ପନ୍ଦରଦିନ ଯାଏ ରୁଦ୍ଧ ରହିବ। ସମ୍ମୁଖରେ ସେହି ବୃଦ୍ଧ ଶସ୍ତ୍ର ଧରି ଦଣ୍ଡାୟମାନ ତାଙ୍କୁ ମଣ୍ଡପ ଭିତରେ ପୁରୁଷଙ୍କ ଦ୍ୱା- ରେକର। ଦେବକାର୍ଯ୍ୟ ସମାପ୍ତ ହେବା ପର୍ଯ୍ୟନ୍ତ ଦ୍ୱାରରେ ବାଦ୍ୟ ଧ୍ୱନି ହେବ। ଯେପରିକି ସେହି ଗଠନ ଧ୍ୱନି କେହି ଶୁଣି ପାରିବେ ନାହିଁ। ଦୈବବାଣୀ ମୁତାବକ ସବୁ କାର୍ଯ୍ୟ ହେଲା। ପନ୍ଦରଦିବସ ପରେ ସେହି ମଣ୍ଡପରେ ବଳରାମ, ସୁଭଦ୍ରା, ଜଗନ୍ନାଥ ଓ ସୁଦର୍ଶନ ଏହିପରି ଚତୁର୍ଦ୍ଧାମୂର୍ତ୍ତି ଥିବାର ଦେଖାଗଲା।

ପୁନର୍ବାର ଦୈବବାଣୀ ହେଲା, "ହେ ରାଜନ, ଏହି ମୂର୍ତ୍ତିଙ୍କ ପଟ୍ଟବସ୍ତ୍ର ଦ୍ୱାରା ସୁନ୍ଦରଭାବେ ଆବୃତକରି ନିଜ ନିଜ ବର୍ଣ୍ଣରେ ଚିତ୍ରିତ କର। ନୀଳାଚଳର ଉପରିଭାଗରେ କଳ୍ପବଟର ବାମ କୋଣରେ ଯେଉଁ ନୃସିଂହ ଅଛନ୍ତି ତାଙ୍କ ଉତ୍ତର ଦିଗରେ ସହସ୍ର ହସ୍ତ ଉଚ୍ଚ ସେହି ଅନୁପାତର ଆୟତନରେ ଏକ ମନ୍ଦିର ନିର୍ମାଣ କରି ମୂର୍ତ୍ତିମାନଙ୍କୁ ସେଠାରେ ପ୍ରତିଷ୍ଠା କର"। ତା'ପରେ ରାଜା ଏ ଚତୁର୍ମୂର୍ତ୍ତି ଦିଅଁଙ୍କୁ ପୂଜା କଲେ। ଜଗନ୍ନାଥଙ୍କୁ ପୁରୁଷ ସୂକ୍ତ ମନ୍ତ୍ରରେ, ବଳଭଦ୍ରଙ୍କୁ ଦ୍ୱାଦଶାକ୍ଷର ମନ୍ତ୍ରରେ ଓ ସୁଭଦ୍ରାଙ୍କୁ ଦେବୀସୂକ୍ତ ମନ୍ତ୍ରରେ ପୂଜା କଲେ।

ଶାରଳାଦାସ ତାଙ୍କ ମହାଭାରତରେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ବୋଲି ଅଭିହିତ କରିଛନ୍ତି। ଶ୍ରୀକୃଷ୍ଣଙ୍କ ଅଦଗ୍ଧ ପିଣ୍ଡ କିପରି ଭାସି ଭାସି ପୁରୁଷୋତ୍ତମଠାରେ ପହଞ୍ଚିଲା, ଜରାଶବର ତାହା କିପରି ପୂଜା କରୁଥିଲା ଆଦି ବିଷୟ ସେ ବିସ୍ତୃତଭାବେ ଲେଖିଛନ୍ତି। ସେ ମଧ୍ୟ ଲେଖିଛନ୍ତି—ଜରାଶବରର ଅଜା ଅଜର ଶବର ମାଧବଙ୍କୁ ପାଷାଣ ରୂପେ କାଳିନ୍ଦୀ ତୀରର କାନେଢ଼ର ପର୍ବତ ତଳେ ଆଗରୁ ବୃକ୍ଷମୂଳେ ପୂଜା କରୁଥିଲା। ସେ ପାଷାଣର ବର୍ଣ୍ଣ ନୀଳ (ସେ ନୀଳ ପ୍ରତିମା ସେ ପ୍ରତକ୍ଷେ ମାଧବଇ) ଥିଲା। ବହ୍ନି ପୁରାଣ, ନାରଦ ପୁରାଣ ଓ ସ୍କନ୍ଦ ପୁରାଣ ଭଳି ଶାରଳା ମଧ୍ୟ ଲେଖିଛନ୍ତି—ମହାଦେବଙ୍କ ଆଦେଶରେ ସେ ନୀଳମାଧବ ପ୍ରତିମାକୁ ଯମ ସଂଜୀବନୀ ପୁରକୁ ନେଇଗଲା। ମହାଦେବ କହିଥିଲେ, "ତେବେସିନା ଖେଳା ସେ ହୋଇବ କଳିଯୁଗେ"। ଏହାପରେ ଭ୍ରମବଶତଃ ଶ୍ରୀକୃଷ୍ଣଙ୍କୁ ଜରା ଶବର ଶରଘାତ କରିଛି। ମହାପ୍ରୟାଣ ପୂର୍ବରୁ ଅର୍ଜୁନକୁ ଡାକିଛନ୍ତି ତାଙ୍କ ମଧ୍ୟରେ ଥିବା କଳାକୁ ହରଣ କରିବା ପାଇଁ। କଳାହରଣ ପରେ ପଞ୍ଚଭାଡ଼ି ମହାପ୍ରଭୁ ଚାଲି ଯାଇଛନ୍ତି ଓ ଜରା ଶବର ସହିତ ଅର୍ଜୁନ ତାଙ୍କ ଦେହକୁ ଦାହ କରିଛନ୍ତି। କର, ଚରଣ, ନାସିକା, ଶ୍ରବଣ, ଲଲାଟ ବ୍ୟତୀତ ଖୋଟିଏ ଦିନ ଖୋଟିଏ ରାତି ପୋଡ଼ିଲେ ମଧ୍ୟ ଦାହ ହେଲା ନାହିଁ। ଶୂନ୍ୟବାଣୀ ମୁତାବକ ସେହି ଅପୋଡ଼ା ପିଣ୍ଡକୁ ସମୁଦ୍ରରେ ନେଇ ଭସାଇ ଦେଲେ। ଏହି ଘଟଣାର ଏକ ସହସ୍ର ବର୍ଷ ପରେ ଗାଲୁମାଧବ ବସୁଦେବ ନାମକ ବ୍ରାହ୍ମଣଙ୍କୁ ମାଧବଙ୍କ ଅନ୍ୱେଷଣରେ ଦକ୍ଷିଣକୁ ପଠାଇଲେ। ସେ ଜରା ଶବର ସହିତ ମିତ୍ର ହୋଇ ମାଧବଙ୍କୁ ଦର୍ଶନ କଲେ। ତତ୍ପୂର୍ବରୁ ଜରା ସ୍ୱପ୍ନରେ ଭଗବାନଙ୍କ ଆଦେଶ ପାଇଲା—ମୋର ପିଣ୍ଡକୁ ନେଇ ତୁ ପୂଜାକର। ତା' ପରେ ନିଦ୍ରା ତ୍ୟାଗକରି ସେ ଦେଖିଲା ଶଙ୍ଖ ଚକ୍ରଧାରୀ ପଥରର ମାଧବ ମୂର୍ତ୍ତି ତା' ସମ୍ମୁଖରେ ବିରାଜମାନ କରିଛନ୍ତି। ସେ ତାଙ୍କୁହିଁ ପୂଜା କରିବାକୁ ଆରମ୍ଭ କଲା। ସେହି ମୂର୍ତ୍ତି ଦର୍ଶନ କରି ବାସୁଦେବ ଗାଲୁମାଧବଙ୍କୁ ସମ୍ବାଦ ଦେବାକୁ ଚାଲିଗଲେ। ଗାଲୁମାଧବ ବାସୁଦେବଙ୍କଠାରୁ ସମ୍ବାଦ ପାଇ ଏକାମ୍ର ଧବଳୀ ପର୍ବତରେ ମାଧବଙ୍କୁ ଖୋଜିଲେ। ମାତ୍ର ସେତେବେଳକୁ ସେ ଶୂନ୍ୟ ହୋଇ ଯାଇଥିଲେ। ରାଜା ମାଧବଙ୍କୁ ନପାଇ ରାଗରେ ଜାତେ ବଂଶଧର ସେହି ଛତିଶ ଜଣଙ୍କୁ ବଧ କଲେ। ଜରାଶବର ତାହା ଦେଖି ରାଜାଙ୍କ ସହିତ ଯୁଦ୍ଧ କରି ସୈନ୍ୟ ସାମନ୍ତ ମାନଙ୍କୁ ମାରିଦେଲା। ଗାଲୁମାଧବ ମାଧବଙ୍କୁ ସ୍ମରଣ କରନ୍ତେ ସ୍ୱପ୍ନରେ ମାଧବ ତାଙ୍କୁ ଦର୍ଶନ ଦେଇ କହିଲେ, ଜରାର ଉପର ବଂଶ ମୋତେ ପୂଜା କରୁଥିଲା। ସେଠାରୁ ଯମ ସଂଜୀବନୀପୁର ନେଇଗଲା। ସେଠାରେ ପାପୀମାନେ ମୋତେ

ତେଣି ମୂର୍ତ୍ତି ପାଇଥିବାରୁ ପୁଣି ଯମ ମୋତେ ତାଙ୍କ ପାଖରେ ଛାଡ଼ିଗଲେ । ସେ ମୋତେ ପୂଜା କରୁଥିଲା । ମୁଁ ପୂର୍ବେ ସତ୍ୟଯୁଗରେ ଶବର ନାରାୟଣ ରୂପେ ପୂଜା ପାଉଥିଲି । ତୁ ତାଙ୍କର ବଂଶଧରଙ୍କୁ ବଧ କଲୁ, ତୋର ବଂଶରେ କେହି ରହିବେ ନାହିଁ । ତେଣୁ ଗାଲୁମାଧବ ବଂଶ ନାଶ ଗଲା ।

ଗାଲୁମାଧବଙ୍କ ପରେ ଇନ୍ଦ୍ରଦ୍ୟୁମ୍ନ ନାମରେ ଜଣେ ରାଜା ନୀଳସୁନ୍ଦର ପର୍ବତ ତଥା ତମଣିକ ତୀର୍ଥରେ ପହଞ୍ଚି ଭଗବାନ ବିଜେ କରିବେ ବୋଲି ଦେଉଳ ତୋଳାଇଲେ । ଶ୍ରୀକୃଷ୍ଣ ବୃକ୍ଷ ରୂପେ ରୋହିଣୀକୁଣ୍ଡରେ ଦେଖା ଦେଲେ । ସେହି ବୃକ୍ଷରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ମୂର୍ତ୍ତି ଗଠନ ହୋଇ ପୂଜା ପାଇଲେ ।

ଏହି ସବୁ ପୁରାଣ ବିଷୟକୁ ଗ୍ରହଣ କରି ଗବେଷକମାନେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଦ୍ୱାପର ଯୁଗର ମହାପ୍ରଭୁ ଶ୍ରୀକୃଷ୍ଣ, ବଳରାମ ଓ ସୁଭଦ୍ରା ବୋଲି କହନ୍ତି । କେତେକ ମଧ୍ୟ ବ୍ରାହ୍ମଣ୍ୟ ଧର୍ମର ଓଁ ରୁ ତିନିମୂର୍ତ୍ତି ଉଦ୍ଭବ କହିଲାବେଳେ କେତେକ ବୌଦ୍ଧ ଧର୍ମର ତ୍ରିରତ୍ନ ବୋଲି କହିଥାନ୍ତି । ଏହାଛଡ଼ା ପ୍ରବଳ ଯୁକ୍ତି ଦ୍ୱାରା ପ୍ରମାଣିତ କରା ହୋଇଛି—ଆଦିବାସୀଙ୍କ ଦାରୁଦେବତା କାଳକ୍ରମେ ଜଗନ୍ନାଥ—ବଳଭଦ୍ର—ସୁଭଦ୍ରା ରୂପେ ଉପାସିତ ହେଉଛନ୍ତି । ପ୍ରତ୍ୟେକ ଗବେଷକ ନିଜ ମତକୁ ଯୁକ୍ତି ଦ୍ୱାରା ଉପସ୍ଥାପିତ କଲାବେଳେ ପୂର୍ବ ମତକୁ ଖଣ୍ଡନ କରିବା ପାଇଁ ଯଥେଷ୍ଟ ଯୁକ୍ତିମାନ ବାଢ଼ିବାରେ ହେଳା କରିନାହାନ୍ତି । ତାହାସବୁ ପାଠ କଲାପରେ ସ୍ୱତଃ ମନରେ ପ୍ରଶ୍ନ ଉଠେ ପ୍ରକୃତ ଶ୍ରୀଜଗନ୍ନାଥ କିଏ ଓ ସେ କେଉଁ ଧର୍ମର ?

ମହାମହୋପାଧ୍ୟାୟ ସଦାଶିବ ମିଶ୍ର ପ୍ରମୁଖ ପଣ୍ଡିତମାନେ ଜଗନ୍ନାଥ ବ୍ରାହ୍ମଣ୍ୟ ଧର୍ମର ମୂଳ ବୋଲି ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି । ଅଧ୍ୟାପକ ପ୍ରଭାତ ମୁଖାର୍ଜୀ The History of Medieval Vaishnavism in Orissaରେ ଶ୍ରୀଜଗନ୍ନାଥ ଅତୀତରୁ କୃଷ୍ଣ ବାସୁଦେବ ଥିଲେ ବୋଲି ଲିଖିତ ହୋଇଛି । ସେ ବଳଭଦ୍ରଙ୍କୁ ତାଙ୍କ ବଡ଼ଭାଇ ବଳରାମ ଓ ଭଉଣୀ ସୁଭଦ୍ରା ବୋଲି କହିଛନ୍ତି । ଅଧ୍ୟାପକ ମୁଖାର୍ଜୀଙ୍କ ଯୁକ୍ତିକୁ ଖଣ୍ଡନ କରିବାପାଇଁ ଡଃ: ହରେକୃଷ୍ଣ ମହତାବ 'ଓଡ଼ିଶା ଇତିହାସ' '୪—ଓଡ଼ିଶାର ଧର୍ମ' ଅଧ୍ୟାୟରେ ସୁନ୍ଦର ଯୁକ୍ତି ବାଢ଼ି ଖଣ୍ଡନ କରିଛନ୍ତି । ଶ୍ରୀଜଗନ୍ନାଥ କାହିଁକି କୃଷ୍ଣ ହେବେ ନାହିଁ ତାହା ତିନୋଟି ବିଷୟ ଉପରେ ନିର୍ଭରଶୀଳ ବୋଲି ଡଃ: ମହତାବ କହନ୍ତି । ୧—ଜଗନ୍ନାଥ, ଏହି ନାମ ୨—ଜଗନ୍ନାଥଙ୍କ ମୂର୍ତ୍ତି ୩—ସୁଭଦ୍ରାଙ୍କର ତାଙ୍କ ସହ ସମାବେଶ ।

ବାସ୍ତବ ପକ୍ଷେ ଡଃ: ମହତାବଙ୍କ ଯୁକ୍ତି ପ୍ରଣିଧାନଯୋଗ୍ୟ । ବିଶେଷ କରି ଜଗନ୍ନାଥଙ୍କ ମୂର୍ତ୍ତି ଓ ସୁଭଦ୍ରାଙ୍କ ସହିତ ତାଙ୍କ ସମାବେଶ ଦୃଷ୍ଟିରୁ ଶ୍ରୀଜଗନ୍ନାଥ କେବେ ଶ୍ରୀକୃଷ୍ଣ ହୋଇ ନ ପାରନ୍ତି । କୃଷ୍ଣଙ୍କର କମନୀୟ ମୁଖକାନ୍ତି ବଦଳରେ ଜଗନ୍ନାଥଙ୍କ ମୁଖର ଭୟଙ୍କରତା ଦର୍ଶନ କରି କେହି କେବେ ଶ୍ରୀଜଗନ୍ନାଥ ଦ୍ୱାପର ଯୁଗର ଶ୍ରୀକୃଷ୍ଣ ବୋଲି କହିବ ନାହିଁ । ଯେଉଁମାନେ ଯୁକ୍ତି ବାଢ଼ନ୍ତି କାଳି ଜିଭ ବାହାରିଥିବା ହେତୁ ଭୟଙ୍କର ଦେଖାଯାନ୍ତି—ସେମାନେ ଠିକ୍ କହୁନାହାନ୍ତି । ଜିହ୍ୱାରୁ ଭୟଙ୍କରତା ସୃଷ୍ଟି ନାହିଁ । ଆଖି ହିଁ ଭୟଙ୍କରତାର ନିଦର୍ଶନ । ଜିହ୍ୱା ହିଁ ବ୍ୟଙ୍ଗତାର ସୂଚନା । ସେହିଭଳି ସୁଭଦ୍ରା ଭଗ୍ନୀ ଭାବେ ସେଠାରେ ଅବସ୍ଥାନ କରିଥିବା କଥା ଯୁକ୍ତିଯୁକ୍ତ ନୁହେଁ । ସ୍କନ୍ଦ ପୁରାଣ ଉତ୍କଳଖଣ୍ଡରେ "ତସ୍ୟ ଶକ୍ତି ସ୍ୱରୂପେୟଂ ଭଗିନୀ ସ୍ତ୍ରୀ ପ୍ରକୀର୍ତ୍ତିତା" ଉଲ୍ଲେଖ ଅଛି । ଏ ଉକ୍ତି ସ୍ପଷ୍ଟ ତନ୍ତ୍ରର ଉକ୍ତି । ଭଉଣୀକୁ ଶକ୍ତିରୂପେ ଗ୍ରହଣ କରିବା କେବଳ ତନ୍ତ୍ର ହିଁ ସମର୍ଥନ କରେ । ଭଉଣୀକୁ ସ୍ତ୍ରୀ ଭାବେ ଗ୍ରହଣ କରିବା ତନ୍ତ୍ର ଶାସ୍ତ୍ରମାନଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଶାସ୍ତ୍ର ସମର୍ଥନ କରେନାହିଁ । ସ୍କନ୍ଦ ପୁରାଣ ଉତ୍କଳଖଣ୍ଡ ଉପରେ ତନ୍ତ୍ର ଯେ ପ୍ରଭାବ ବିସ୍ତାର କରିଛି ଏହା ଏହି ଗୋଟିଏ ପଂକ୍ତିରୁ ହିଁ ସୁସ୍ପଷ୍ଟ । ଭଗ୍ନୀ ଶକ୍ତି ରୂପେ ସମାବେଶ ହେବା କୌଣସି ବ୍ରାହ୍ମଣ ଶାସ୍ତ୍ରରେ ଲିପିବଦ୍ଧ ହୋଇନାହିଁ । ତେଣୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସୁଭଦ୍ରାଙ୍କ ସମାବେଶ ବ୍ରାହ୍ମଣ୍ୟ ଧର୍ମର ସଙ୍କେତ ନୁହେଁ । ଶବରମାନେ ପ୍ରଥମେ

ସେମାନଙ୍କର ଅନାର୍ଯ୍ୟ ସୁଲଭ ମନୋବୃତ୍ତି ଯୋଗୁ ଭୟାବହ ମୂର୍ତ୍ତି ପୂଜା କରୁଥିଲେ ଓ ତାହାକୁ ପରେ କୃଷ୍ଣବାସୁଦେବ ନାମ ଦିଆହୋଇ ପୂଜା କରାଗଲା । ଏହାକୁ ଶବର ସଂସ୍କୃତିର ପୂଜା ଉପାସନା ସମର୍ଥନ କରେନାହିଁ । ବର୍ତ୍ତମାନ ମଧ୍ୟ ଓଡ଼ିଶାରେ ଥିବା ଶବରମାନେ ସେଭଳି କୌଣସି ଭୟାବହ ମୂର୍ତ୍ତି ଉପାସନା କରୁଥିବା ଦେଖାଯାଏନାହିଁ । କେବଳ ତନ୍ତ୍ର ସଂସ୍କୃତି ଦ୍ୱାରା ଭୟଙ୍କର ରୂପ ସୃଷ୍ଟି ପୂର୍ବରୁ ହୋଇନଥିବା ବିଶ୍ୱାସ ।

ଐତିହାସିକମାନେ କହିଥାନ୍ତି ବୁଦ୍ଧଙ୍କ ପୂର୍ବରୁ ମହେଞ୍ଜୋଦାରୋ ଓ ହରପ୍ପାଦିକୁ ଛାଡ଼ି ଦେଲେ ସେଭଳି କୌଣସି ପ୍ରତିମା ଥିବା ଦୃଷ୍ଟିଗୋଚର ହୁଏ ନାହିଁ । ପ୍ରତିମା ପୂଜା ପୂର୍ବରୁ ପ୍ରତୀକ ପୂଜା ଥିଲା । ଓଡ଼ିଶାରେ ଆଠଗଡ଼ର ଖମ୍ବେଶ୍ୱରୀ, ଗଞ୍ଜାମର ତାରାତାରିଣୀ ଓ ସମ୍ବଲପୁରର ସମଲେଶ୍ୱରୀ ଆଦି ଦେବତା ପ୍ରତୀକ ଉପାସନା ବୋଲି କୁହାଯିବ । ଯେଉଁଭଳି ବୌଦ୍ଧମାନେ ତନ୍ତ୍ରରେ ପ୍ରବେଶ କରି ଭୟଙ୍କର ଚାମୁଣ୍ଡା ମୂର୍ତ୍ତିର କଳ୍ପନା କରିଥିଲେ, ସେହିଭଳି ଅନାହାର କ୍ଳିଷ୍ଟ ବୁଦ୍ଧଙ୍କ ମୂର୍ତ୍ତି କଳ୍ପନା ମଧ୍ୟ ଦେଖିବାକୁ ମିଳେ । ଯଦିଓ ଶ୍ରୀଜଗନ୍ନାଥ ଅନାହାରକ୍ଳିଷ୍ଟ ବୁଦ୍ଧ ବା ଚାମୁଣ୍ଡାଙ୍କ ମୂର୍ତ୍ତି କଳ୍ପନା ଅନୁଯାୟୀ ନୁହନ୍ତି, କାଷ୍ଠ ଉପରେ ଚିତ୍ରିତ ଶ୍ରୀଜଗନ୍ନାଥଙ୍କ ମୁଖର ଭୟଙ୍କରତା ପ୍ରସ୍ତର ଖୋଦିତ ଚାମୁଣ୍ଡା ବା ଅନାହାରକ୍ଳିଷ୍ଟ ବୁଦ୍ଧଙ୍କ ଭୟଙ୍କରତା ଠାରୁ କମ୍ ନୁହେଁ ।

ଡା: ହରେକୃଷ୍ଣ ମହତାବ ଦୀର୍ଘ ବହୁପୃଷ୍ଠା ବ୍ୟାପି ଯୁକ୍ତିର ସହ ଉପସ୍ଥାପିତ କରିଛନ୍ତି— ଶ୍ରୀଜଗନ୍ନାଥ ବୌଦ୍ଧ ଧର୍ମର ପ୍ରତୀକ ତ୍ରିରତ୍ନ । ଡଃ: ହରେକୃଷ୍ଣ ମହତାବଙ୍କ ସହିତ ଜେନେରାଲ କନିଂ ହାମ୍, ପ୍ରଫେସର ଉଇଲସନ, ଜେମେସ୍ ଫର୍ଗୁସନ୍, ଲୁଇସ୍ ରେଭ୍‌ଭିଟ୍, ଏନ୍. ଏନ୍. ବୋଷଙ୍କ ମତ ମଧ୍ୟ ଏକ । ସେମାନେ ମୁଖ୍ୟତଃ କହିଥାନ୍ତି—ବୌଦ୍ଧଙ୍କ ବୁଦ୍ଧ—ଧର୍ମ—ସଂଘ ଭଳି ଶ୍ରୀଜଗନ୍ନାଥ—ବଳଭଦ୍ର—ସୁଭଦ୍ରା ତ୍ରିମୂର୍ତ୍ତି । ବୁଦ୍ଧଙ୍କ ପୂର୍ବରୁ ମୂର୍ତ୍ତିପୂଜା ନଥିଲା, ଥିଲା ଆଦିବାସୀ ଓ ଦ୍ରାବିଡ଼ମାନଙ୍କ ପ୍ରତୀକ ପୂଜା । ଏହି ପ୍ରତୀକ ପୂଜାରୁ ପ୍ରତିମା ପୂଜାର ସୂତ୍ରପାତ ହୋଇଛି ଏହା ଐତିହାସିକଙ୍କ ମତ । ପ୍ରଥମେ ବୌଦ୍ଧଧର୍ମୀମାନେ ବୁଦ୍ଧଙ୍କୁ ବିଭିନ୍ନ ରୂପରେ ଭିନ୍ନ ଭିନ୍ନ ନାମ ଦେଇ ଉପାସନା କରିବାକୁ ଲାଗିଲେ । ବର୍ତ୍ତମାନ ହିନ୍ଦୁ ସଭ୍ୟତାରେ ପ୍ରସିଦ୍ଧ ଲାଭ କରିଥିବା ଗଣେଶ ବା ଗଣପତି ବୁଦ୍ଧଙ୍କର ଅନ୍ୟରୂପ ଭାବେ ଗ୍ରହଣ କଲେ ସମ୍ଭବତଃ ଭୁଲ ହେବନାହିଁ । ବୁଦ୍ଧଙ୍କର ବହୁରୂପରେ ଗଣେଶ ଭାରତୀୟ ଦେବଦେବୀଙ୍କ ମଧ୍ୟରେ ଏକ ଦେବତା ରୂପେ ଗଣା ହେଲେ । ପୂଜାପଦ୍ଧତିରେ ମଧ୍ୟ ଋଗ୍‌ବେଦ ୨ୟ ମଣ୍ଡଳର ୨୩ ସୂକ୍ତ ୧ମ ମନ୍ତ୍ରଟି ତାଙ୍କରି ଉଦ୍ଦେଶ୍ୟରେ ପାଠ କରାଗଲା । କିନ୍ତୁ ପ୍ରକୃତରେ ଗଣେଶ ବୈଦିକ ଦେବତା ନୁହନ୍ତି । ସେହି କପିଳବାସ୍ତୁ ଶୁଦ୍ଧୋଦନଙ୍କ ପୁତ୍ର ଗୌତମ ବୁଦ୍ଧ ।

ବୁଦ୍ଧ ଏବଂ ଗଣେଶ ଏକ ଏବଂ ଅଦ୍ୱିତୀୟ ଏହା କହିବାକୁ ଯାଇ କୁହାଯିବ—ଗଣେଶ ମାତାଙ୍କ ନାମ ମହାମାୟା ଥିଲାବେଳେ ବୁଦ୍ଧଙ୍କ ମାତାଙ୍କ ନାମ ମାୟାଦେବୀ । ବୁଦ୍ଧଙ୍କ ଜନ୍ମପୂର୍ବରୁ ତାଙ୍କ ମାତା ସ୍ୱପ୍ନ ଦେଖିଥିଲେ ଏକ ଧଳାହାତୀ ତାଙ୍କ କୁକ୍ଷି ମଧ୍ୟଦେଇ ପ୍ରବେଶ କରୁଛି । ତାହାହିଁ ପରବର୍ତ୍ତୀକାଳରେ ଗଣେଶଙ୍କ ମସ୍ତକ ରୂପେ ଦେଖାଦେଲା । ବୁଦ୍ଧ ଅର୍ଥ ଜ୍ଞାନୀ ଏବଂ ଗଣେଶ ମଧ୍ୟ ଜ୍ଞାନୀ । ଏହିଭଳି କେତେକ ବିଷୟକୁ ବିଚାର କଲେ ଗୌତମ ବୁଦ୍ଧ ପରବର୍ତ୍ତୀ କାଳରେ ଗଣେଶ ଭାବେ ଉପାସିତ ହେଲେ ଏବଂ ହିନ୍ଦୁମାନଙ୍କ ମୁଖ୍ୟ ପଞ୍ଚଦେବତାଙ୍କ ମଧ୍ୟରେ ଅନ୍ୟତମ ଦେବତା ରୂପେ ସ୍ଥାନ ପାଇଲେ । ଓଡ଼ିଶାର ଜଣେ ରାଜା ଶୁଭଙ୍କର (୭୩୬—୭୫୬) ଅଷ୍ଟମ ଶତାବ୍ଦୀର ପ୍ରଥମ ଭାଗରେ ସେ ଚୀନ ଯାତ୍ରାକରି ସେଠାରେ ଗଣେଶଙ୍କ ଉପାସନା ପ୍ରବର୍ତ୍ତିତ କରିଥିଲେ (ଲକ୍ଷ୍ମୀ ଓ ଗଣେଶ) । ଡଃ: ଅମୂଲ୍ୟ ଚରଣ ବିଦ୍ୟାଭୂଷଣ ଲେଖିଛନ୍ତି ୭୧୬ ଖ୍ରୀଷ୍ଟାବ୍ଦରେ ସେ ଚୀନ୍‌ରେ ଉପସ୍ଥିତ ହୋଇଥିଲେ ଏବଂ ଚୀନର ସମ୍ରାଟ ସୁଯଙ୍ଗ—ସୁଙ୍ଗ ତାଙ୍କୁ ସସମ୍ମାନେ ଅଭ୍ୟର୍ଥନା ଜଣାଇଥିଲେ ।

ବାଲ୍ମୀକି ଉତ୍ତରକାଣ୍ଡରେ ୧୦୮ ତମ ସର୍ଗର ୨୯ ପଦରେ ଉଲ୍ଲେଖ ଅଛି—

ଆରାଧୟ ଜଗନ୍ନାଥମିକ୍ଷ୍ୱାକୁ କୁଳଦୈବତମ୍

ଆରାଧନୀୟମନିଶଂ ସର୍ବୈ ଦେବୈଃ ସବାସବୈଃ । ୭।୧୦୮।୨୯ ଅର୍ଥାତ—ଶ୍ରୀରାମଚନ୍ଦ୍ର ବିଭୀଷଣଙ୍କୁ କହୁଛନ୍ତି—ହେ ମହାବଳୀ ରାକ୍ଷସେନ୍ଦ୍ର ! ଏହି ଇକ୍ଷ୍ୱାକୁକୁଳର ଦେବତା ଜଗନ୍ନାଥଙ୍କୁ ତୁମେ ଆରାଧନା କରୁଥିବ । ସେ ଇନ୍ଦ୍ର ଏବଂ ସମସ୍ତ ଦେବଗଣଙ୍କ ସହିତ ସର୍ବଦା ଆରାଧନୀୟ ଅଟନ୍ତି । ଏଠାରେ ଏହି ଜଗନ୍ନାଥ ପୁରୁଷୋତ୍ତମ କ୍ଷେତ୍ରର ଶ୍ରୀଜଗନ୍ନାଥ କି ନୁହନ୍ତି ତାହା ଉଲ୍ଲେଖ ନାହିଁ । ସେ ମୂର୍ତ୍ତିର ସ୍ୱରୂପ କିପରି ତାହା ମଧ୍ୟ ଲେଖାନାହିଁ । ଜଗନ୍ନାଥଙ୍କ ନାମରୁ ପୁରୁଷୋତ୍ତମର ଜଗନ୍ନାଥ ବୋଲି ଧରିନେବା ସ୍ୱାଭାବିକ୍ । ସେହିଭଳି ଏଲୋରାର ଗୋଟିଏ ଗୁମ୍ଫାକୁ ଜଗନ୍ନାଥ ଗୁମ୍ଫା କୁହାଯାଉଛି । ଏହି ଗୁମ୍ଫାର ଜଗନ୍ନାଥ ପୁରୁଷୋତ୍ତମର ଶ୍ରୀଜଗନ୍ନାଥଙ୍କ ଭଳି ନୁହନ୍ତି (ଦାରୁଦେବତା ପୃ ୫୧) । ପ୍ରାକ୍ ବୈଦିକ ଯୁଗ ପରେ ବୈଦିକ ଯୁଗରେ କୌଣସି ମୂର୍ତ୍ତି ପୂଜା ହେଉନଥିଲା । ବ୍ରାହ୍ମଣ୍ୟ ଧର୍ମରେ ପ୍ରତୀକ ପୂଜା ମୂଳରୁ ରହିଥିବା କେତେକ ଗବେଷକ ମତପ୍ରକାଶ କରନ୍ତି—ବିଷ୍ଣୁର ପୂଜାଦିକୁ ଏହି ପର୍ଯ୍ୟାୟରେ ସେମାନେ ଧରିଛନ୍ତି । ମାତ୍ର ଏହି ବିଷ୍ଣୁର ପୂଜା ଋଗ୍‌ବେଦୀୟ ଯୁଗରେ ଥିଲା, ଏହାର ବିଧିବଦ୍ଧ ପ୍ରମାଣ ଅଛି କି ? ବେଦ ଶୁଣି ଶୁଣି ମନେ ରଖିଥିଲେ । ପ୍ରଥମେ ଆର୍ଯ୍ୟଋଷିଙ୍କ ମୁଖ ନିଃସୃତ ବାଣୀ ବର୍ତ୍ତମାନ ଆମ୍ଭେମାନେ ଦେଖୁଥିବା ବେଦ କି ନୁହେଁ ଏହା ଏକ ବିରାଟ ପ୍ରଶ୍ନ । ବେଦରେ ଏପରିକି ମୂଳବେଦ ଋଗ୍‌ବେଦରେ ବହୁ ସୂକ୍ତ ପ୍ରକ୍ଷିପ୍ତ ବୋଲି ମତପ୍ରକାଶ ପାଇ କେତେକ ସୂକ୍ତକୁ ଶୁଦ୍ଧ ସଂସ୍କରଣ ବାଦଦେଇଛନ୍ତି ବା ଦେଉଛନ୍ତି । ଯଦି କେତେକ ସୂକ୍ତ ପ୍ରକ୍ଷିପ୍ତ ହୁଏ ତେବେ ବହୁ ମନ୍ତ୍ର ଯେ ପ୍ରକ୍ଷିପ୍ତ ନଥିବ ଏହା କିଏ କହିବ ? ସେହିଭଳି ପ୍ରତୀକ ପୂଜା ବା ଉପାସନା ବୌଦ୍ଧଯୁଗ ପରେ ବ୍ରାହ୍ମଣ ଶାସ୍ତ୍ରମାନଙ୍କରେ ସନ୍ନିବେଶିତ ହୋଇନଥିବ ଏହା କହିବା ପ୍ରମାଦପୂର୍ଣ୍ଣ । ବୌଦ୍ଧ ଯୁଗରୁ ପ୍ରତୀକ ବା ପ୍ରତିମା ଉପାସନା ହୋଇ ଆସୁଥିବା କଥା ଯାହା ଐତିହାସିକମାନେ ନିରୂପଣ କରିଛନ୍ତି ତାହା ବହୁ ଅଂଶରେ ନିର୍ଭୁଲ ବୋଲି କୁହାଯିବ ।

ବୌଦ୍ଧଯୁଗ ପୂର୍ବରୁ ଶ୍ରୀଜଗନ୍ନାଥ ପ୍ରତୀକ ରୂପେ ଉପାସିତ ହେଉଥିବା ଅଧିକ ସମ୍ଭବ ଏବଂ ତାହାହିଁ ଶ୍ରୀଜଗନ୍ନାଥଙ୍କ ବ୍ରହ୍ମ । ଶ୍ରୀଜଗନ୍ନାଥଙ୍କ ବ୍ରହ୍ମରୂପେ ବୁଦ୍ଧଙ୍କ ଦନ୍ତ ଆରୋପିତ ହେଉଥିବା କଥା ଠିକ୍ ନୁହେଁ । ବୁଦ୍ଧଙ୍କ ଦନ୍ତ ଯେଉଁଭଳି କଳିଙ୍ଗକୁ ଆସିଥିଲା ସେହିଭଳି କଳିଙ୍ଗରୁ ସିଂହଳ ଚାଲିଯାଇଥିବା କଥା ଉଲ୍ଲେଖ ଅଛି (ପାଲିର ଦାଠାବଂଶଦ୍ରଷ୍ଟବ୍ୟ) । ଐତିହାସିକମାନେ ଶ୍ରୀଜଗନ୍ନାଥଙ୍କଠାରେ ଯେଉଁଭଳି ବୁଦ୍ଧତ୍ୱ ଆରୋପ କରିଥାନ୍ତି ସେହିଭଳି ଜିନତ୍ୱ ମଧ୍ୟ ଆରୋପ କରିଥାନ୍ତି । କିନ୍ତୁ ଜଗନ୍ନାଥ ବହୁ ପୁରାତନ । ଖୁବ୍ ସମ୍ଭବ ବର୍ତ୍ତମାନ ମୂର୍ତ୍ତିର ସ୍ୱରୂପ ବୌଦ୍ଧଯୁଗର ହୋଇଥିବ । ସେହିଭଳି ପ୍ରଥମେ ଅନାର୍ଯ୍ୟମାନଙ୍କ ଦ୍ୱାରା ଆରାଧିତ ଦେବତା ପରବର୍ତ୍ତୀ କାଳରେ ଆର୍ଯ୍ୟମାନଙ୍କ ଦ୍ୱାରା ଆରାଧିତ ହୋଇ ଆସୁଛନ୍ତି ।

ବିଭିନ୍ନ ସମୟରେ ସଂସ୍କୃତିକୁ ବହନ କରି ଶ୍ରୀଜଗନ୍ନାଥ ଏଭଳି ଭାବେ ଉପାସିତ ଯେ ଭାରତୀୟ କାହିଁକି ବିଶ୍ୱର ସମସ୍ତ ଧାରା ତାଙ୍କଠାରେ ବିଦ୍ୟମାନ । ଐତିହାସିକମାନେ ବୌଦ୍ଧ ତ୍ରିରତ୍ନ ବେଦୀରୁ ତ୍ରୀ ଟି ବାଦ ଦେଇ ଯେଉଁଭଳି ରତ୍ନବେଦୀ ବୋଲି କହିଥାନ୍ତି ସେହିଭଳି ବାଇଶିପାହାଚ ବାଇଶିଜଣ ଜୈନ୍ୟ ତୀର୍ଥଙ୍କର ପ୍ରତୀକ । ସେହିଭଳି ଜିନନାଥରୁ ଜଗନ୍ନାଥ ଶବ୍ଦର ଉଦ୍ଭବ । ଓଡ଼ିଆ ସାହିତ୍ୟ କ୍ରମପରିଣାମ ୨ ଖଣ୍ଡ ପୃ ୫୮ ରେ ଉଲ୍ଲେଖ ଅଛି ସମସ୍ତ ଉପନିଷଦ ଓ ବୈଦିକ ଦର୍ଶନ ଜୈନ ପ୍ରଭାବର ଫଳ । ଶ୍ରୀଜଗନ୍ନାଥଙ୍କ ପ୍ରସାଦକୁ କୈବଲ୍ୟ କୁହାଯାଏ । ଏହି କୈବଲ୍ୟ ଶବ୍ଦ ଜୈନ ଦର୍ଶନରୁ ଆସିଛି । ପଣ୍ଡିତ ନୀଳକଣ୍ଠ ଦର୍ଶାଇଛନ୍ତି ଅଜୀବରୁ ଜୀବକୁ ପୃଥକ କଲେ ବ୍ୟକ୍ତି କେବଳ ଜୀବମାତ୍ର ହେବ ବା 'କେବଳୀ' । ଏହି କେବଳୀରୁ କୈବଲ୍ୟର ଉଦ୍ଭବ । କୈବଲ୍ୟପ୍ରାପ୍ତି ହେଲାପରେ ନିର୍ବାଣପ୍ରାପ୍ତି ହୋଇଥାଏ ।

ଖଣ୍ଡଗିରିରେ ଥିବା ଖାରବେଳଙ୍କ ଶିଳାଲିପି ତ୍ରୟୋଦଶରେ ଲିଖିତଅଛି "ନନ୍ଦରାଜନୀତଂ କଳିଙ୍ଗ ଜିନାସନଂ ଅଗମଗଧେଭ୍ୟଃ କଳିଙ୍ଗ ମାନୟତି ହୟଗଜ ସେନାବାହନ ସହସ୍ରୈଃ" ଅର୍ଥାତ୍ ପୂର୍ବେ ନନ୍ଦରାଜାଙ୍କ ଦ୍ୱାରା ନୀତ କଳିଙ୍ଗ ଜିନାସନଙ୍କୁ ସହସ୍ର ସହସ୍ର ହୟ, ଗଜ ଓ ସେନାବାହନ ସମଭିବ୍ୟାହାରରେ କଳିଙ୍ଗକୁ ଅଣାଇଥିଲେ । ଖାରବେଳଙ୍କ ରାଜତ୍ୱର ଦ୍ୱାଦଶ ବର୍ଷରେ ନନ୍ଦରାଜା କଳିଙ୍ଗରୁ ଯେଉଁ ଜିନାସନ ନେଇ ଯାଇଥିଲେ ତାହା ଫେରାଇ ଆଣିଥିଲେ । ତାହା ପୁଣି ଆସିଥିଲା ସହସ୍ର ସହସ୍ର ହୟ, ଗଜ ଓ ସେନାବାହନ ସମଭିବ୍ୟାହାରରେ । ଏଭଳି ଯେଉଁ କଳିଙ୍ଗର ମହାନ୍ ସମ୍ପଦ ତାହା ଖାରବେଳ ଆଣି ଗଣ କଲେ ଏହା ସ୍ୱତଃ ପ୍ରଶ୍ନ ଉଠିଥାଏ । ଏହି ଜିନାସନ ଜିନନାଥ ବା ଜଗନ୍ନାଥଙ୍କ ଆସନ ନୁହେଁ କି ? ବୌଦ୍ଧଧର୍ମ ପୂର୍ବରୁ ଉତ୍କଳରେ ଜୈନଧର୍ମ ପ୍ରତିଷ୍ଠିତ ଥିଲା । ଜଗନ୍ନାଥଙ୍କୁ ଜିନନାଥ ବା ଜନନାଥ କରି ସେତେବେଳେ ଉପାସନା ହେଉଥିବା କଥାକୁ ନାସ୍ତି କରି ହୁଏନାହିଁ ।

ଜଗନ୍ନାଥଙ୍କ ରଥଯାତ୍ରା ପୁଣି ପୁରି ଜୈନଙ୍କ ପର୍ବ ବୋଲି କୁହାଯିବ । ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ହେଉଛି ପ୍ରଥମ ତୀର୍ଥଙ୍କର ଋଷଭନାଥଙ୍କ ଗର୍ଭକଲ୍ୟାଣ ଦିବସ । ଏହି ଦିନ ଋଷଭନାଥ ଗର୍ଭ ମଧ୍ୟରେ ଅବସ୍ଥାନ କରିଥିଲେ । ସେଥିପାଇଁ ଏହି ଦିନକୁ ଜୈନମାନେ ଅତି ପବିତ୍ର ଦିବସ ବୋଲି ମନେ କରି ଆସିଛନ୍ତି । ଓଡ଼ିଶାର ଜୈନଧର୍ମ ଗ୍ରନ୍ଥରେ ଉଲ୍ଲେଖ ଅଛି ସେଥିପାଇଁ ଏହି ଦିନ ଋଷଭ-ନାଥଙ୍କ ରଥଯାତ୍ରା ବିଧାନ ଅଛି । ଏପରିକି ଜଗନ୍ନାଥଙ୍କ ଭଳି ଜୈନ ପ୍ରତିମା ମାନଙ୍କର ସ୍ନାନଯାତ୍ରା ଓ ତୁଳିରେ ରଙ୍ଗ କରିବା ବିଧିଅଛି । ଜଗନ୍ନାଥ—ବଳଭଦ୍ର—ସୁଭଦ୍ରା ଯେଉଁଭଳି ବୁଦ୍ଧ—ଧର୍ମ—ସଂଘ କୁହା ହୋଇଯାଏ ସେହିଭଳି ଜୈନଙ୍କର ସମ୍ୟକ ଦର୍ଶନ— ସମ୍ୟକଜ୍ଞାନ—ସମ୍ୟକ ଚରିତ୍ର ବୋଲି କୁହା ହୋଇଆସିଛି । ଡଃ ବାସୁଦେବ ସାହୁ ଏହି ବିଷୟରେ ସୁନ୍ଦର ଆଲୋଚନା କରି-ଛନ୍ତି । ସେ ଐତିହାସିକ କେଦାରନାଥ ମହାପାତ୍ରଙ୍କ ଉକ୍ତି ଉଦ୍ଧାର କରି କହିଛନ୍ତି—କିମ୍ବଦନ୍ତୀ ଓ ପୁରାଣ ବର୍ଣ୍ଣିତ ନୀଳମାଧବ ଓ ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କର ପୁରୀ ମନ୍ଦିର ନିର୍ମାଣ ବୃତ୍ତାନ୍ତ ଖାରବେଳ ସମ୍ବନ୍ଧ ବୃତ୍ତାନ୍ତର ଛାୟାମାତ୍ର । କିମ୍ବଦନ୍ତୀ ବର୍ଣ୍ଣିତ ନୀଳମାଧବ ମୂର୍ତ୍ତି ପ୍ରସ୍ତରଖଣ୍ଡ ଖୋଦିତ ଜୈନ ତ୍ରିରତ୍ନ ମୂର୍ତ୍ତି । ଏହାହିଁ କଳିଙ୍ଗର ଜିନାସନ ବା ଜୀନ ସିଂହାସନ । ଏହି ପ୍ରସ୍ତର ଖଣ୍ଡରେ ଜୈନ ବା ବୌଦ୍ଧ ତ୍ରିରତ୍ନ ମୂର୍ତ୍ତି ଖୋଦିତ ହୋଇଥିଲା । ଏହାକୁହିଁ ଶବରମାନେ ପୂଜା କରୁଥିଲେ । ତ୍ରିରତ୍ନର ଅନୁକରଣରେ ତ୍ରିମୂର୍ତ୍ତି ନିର୍ମିତ ହୋଇଥିବାରୁ ଏମାନେ ହସ୍ତ ପଦ ଶୂନ୍ୟ । ଏମାନଙ୍କ ହସ୍ତ ପଦର ଶୂନ୍ୟତାପାଇଁ ପୌରାଣିକମାନେ ପରବର୍ତ୍ତୀ କାଳରେ ନାନା ପ୍ରକାର ଗଳ୍ପ ଉଦ୍ଭାବନ କରିଥିଲେ; କିନ୍ତୁ ସେମାନଙ୍କର ପ୍ରବଳ ଚେଷ୍ଟା ସତ୍ତ୍ୱେ ସେମାନେ ଏହା ଲୁଚାଇବା ପାଇଁ ସମର୍ଥ ହୋଇନାହାନ୍ତି । ହିନ୍ଦୁ ଧର୍ମର ପୁନରୁତ୍‌ଥାନ ଯୁଗରେ ତ୍ରିରତ୍ନ ମୂର୍ତ୍ତି ପରିବର୍ତ୍ତନରେ ତ୍ରିରତ୍ନ ସଦୃଶ ତିନୋଟି ହସ୍ତପଦ ଶୂନ୍ୟ କାଷ୍ଠ ମୂର୍ତ୍ତି ସ୍ଥାପିତ ହୋଇଥିଲା ।

ଦାରୁ ଦେବତାର ଲେଖକ ଡଃ ବେଣୀମାଧବ ପାଢ଼ୀ ଶ୍ରୀ ଜଗନ୍ନାଥଙ୍କୁ ମାଦଳା ବୋଲି ଲେଖିଛନ୍ତି । ମାଦଳାର ଅର୍ଥ ଏକ ଖଣ୍ଡି ବିଶେଷ । ଶବରମାନେ ପ୍ରଥମେ ବୃକ୍ଷ ଏବଂ ପରେ ଜିଅଁତି ବୃକ୍ଷର ଖଣ୍ଡିକୁ ପୂଜା କଲେ ତାହା ଡଃ ପାଢ଼ୀ ଉଲ୍ଲେଖ କରିଛନ୍ତି । ପରବର୍ତ୍ତୀ କାଳରେ ସେହି କାଠର ଖଣ୍ଡି ଶ୍ରୀ ଜଗନ୍ନାଥ ରୂପେ ଦେଖା ଦେଇଥିବା କଥାକୁ ଅବିଶ୍ୱାସ କରିହେବ ନାହିଁ । ଅଧିକାଂଶ ଗବେଷକ ଶ୍ରୀ ଜଗନ୍ନାଥଙ୍କୁ ଶବର ପୂଜୁଥିଲେ ବୋଲି ମତ ବ୍ୟକ୍ତ କରିଛନ୍ତି । କେତେକ କୁହନ୍ତି ପଞ୍ଚଦଶ ଶତାବ୍ଦୀର ଓଡ଼ିଆ କବି ଶାରଳା ଦାସ ଶ୍ରୀ ଜଗନ୍ନାଥଙ୍କୁ ଶବର ଦେବତା ବୋଲି ଉଲ୍ଲେଖ କଲେ । ତେଣୁ ଜଗନ୍ନାଥ ପ୍ରଥମରୁ ଶବର ଦେବତା ବୋଲି ଯେଭଳି କୌଣସି ପ୍ରମାଣ ନାହିଁ । ମାତ୍ର ଏହିଭଳି ଉକ୍ତିର ଯଥାର୍ଥତା ନାହିଁ । ପୁରାଣକାରମାନେ ଜଗନ୍ନାଥଙ୍କ ବିଷୟରେ ଅଜ୍ଞଥିବାରୁ ମହାଭାରତ, ରାମାୟଣ ବା ଅନ୍ୟ ପୁରାଣରେ ତାଙ୍କ ବିଷୟ ଲିପିବଦ୍ଧ କରିନଥିବା କଥା ବିଶେଷ ଅନୁଧ୍ୟାନ କଲେ ଜଣାପଡ଼େ । ବ୍ରହ୍ମପୁରାଣରେ ଜଗନ୍ନାଥ ଶାବର ଦେବତା ବୋଲି ଉଲ୍ଲେଖ-ନାହିଁ । ଐତିହାସିକ ଦୃଷ୍ଟିକୋଣରେ ବିଚାର କଲେ କଳିଙ୍ଗ ବା ଓଡ୍ର ଅଥବା ଉତ୍କଳ ହଜାର ବର୍ଷ ପୂର୍ବେବି ଅନାର୍ଯ୍ୟ ଭୂମି ଥିଲା । ଏବେବି ଗ୍ରାମ ସହରାଦି ଅନାର୍ଯ୍ୟ ଭାଷାରେ ନାମିତ ହୋଇ ରହିଛି ।

ଅଧ୍ୟାପକ ସୁନୀତି କୁମାର ଚାଟାର୍ଜୀ କହନ୍ତି 'ଖାଉବେଟ' ନାମଟି ମଧ୍ୟ ଦ୍ରାବିଡ଼ ଶବ୍ଦ । ଅନାର୍ଯ୍ୟ ଭୂମିର ଦେବତାଙ୍କ କଥା ଆର୍ଯ୍ୟଋଷିଙ୍କୁ ସଂପୂର୍ଣ୍ଣ ବା ଅର୍ଦ୍ଧ ଅଜଣା ରହିବା ସ୍ୱାଭାବିକ୍ । ତେଣୁ ଆର୍ଯ୍ୟଋଷି-ମାନେ ତାଙ୍କ ପୁରାଣାଦିରେ ଶ୍ରୀ ଜଗନ୍ନାଥଙ୍କ କଥା ଲେଖି ନପାରିବା ହେତୁ ଶ୍ରୀଜଗନ୍ନାଥ ସେ ଅନାର୍ଯ୍ୟଙ୍କ ଦେବତା ମୂଳରୁ ନଥିଲେ ଏଭଳି କହିବା ବୁଦ୍ଧିମାନ ବା ଚିନ୍ତାଶୀଳ ବ୍ୟକ୍ତିର କାର୍ଯ୍ୟ ନୁହେଁ ।

ବହୁ ହଜାର ବର୍ଷତଳର ଅନାର୍ଯ୍ୟ ଦ୍ୱାରା ଆରାଧିତ ଦେବତା କାଳକ୍ରମେ ଆର୍ଯ୍ୟଙ୍କ ଦ୍ୱାରା ଅର୍ଚ୍ଚିତ । ସେ ଜଗନ୍ନାଥ ନାମ ବହିଥିବାରୁ ପୃଥିବୀର ସବୁଜାତି, ସବୁଧର୍ମର ଉପାସ୍ୟ । ଏବେବି ଶବରଙ୍କ ବଂଶଧର ଦଇତାମାନେ ପ୍ରତି ବର୍ଷ ମାସଟିଏ ତାଙ୍କର ଦାୟିତ୍ୱ ନେଇଥାନ୍ତି । ଏହି ଦଇତା ପୁରାଣ ବର୍ଣ୍ଣିତ ଦୈତ୍ୟ । ସେମାନେହିଁ ଅନାର୍ଯ୍ୟ ବୋଲି ଗବେଷକମାନେ ବ୍ୟକ୍ତ କରନ୍ତି । ତତ୍କାଳୀନ ଅନାର୍ଯ୍ୟ ଦେବତାଙ୍କ ଗୁରୁତ୍ୱ ତଥା ମହିମା ଉପଲବ୍ଧି କରି ଜୈନ, ବୌଦ୍ଧ, ତନ୍ତ୍ର, ବୈଷ୍ଣବ ଓ ବ୍ରାହ୍ମଣ୍ୟର ଦେବତା ବୋଲି ଶ୍ରୀଜଗନ୍ନାଥ ଗବେଷକଙ୍କ ଦୃଷ୍ଟି କୋଣରେ ପ୍ରତିପାଦିତ ହୋଇସାରିଛନ୍ତି । କେବଳ ସେତିକି ନୁହେଁ —ଖ୍ରୀଷ୍ଟିୟାନ ଏବଂ ମୁସଲମାନଙ୍କ ଧର୍ମ ହେବେଁ ଶ୍ରୀଜଗନ୍ନାଥଙ୍କ ଠାରେ ବିଦ୍ୟମାନ ବୋଲି ଗବେଷକ ମତ ଦେଲେଣି । ଯୁଗେ ଯୁଗେ ବିଶ୍ୱ ମହାପ୍ରଭୁଙ୍କ ଲୀଳା ଋଷି ମୁନିମାନଙ୍କ ଦୃଷ୍ଟିରେ ଅବୋଧ୍ୟ ହୋଇ ପଡ଼ିଛି । ଆଜି ବିଜ୍ଞାନ ଯୁଗରେ ଶିକ୍ଷିତ ମାନବ ମଧ୍ୟ ଶ୍ରୀଜଗନ୍ନାଥଙ୍କ ମହିମା ବୁଝିବାକୁ ସକ୍ଷମ ହୋଇପାରିନାହିଁ । ବିଶ୍ୱର ମହାପ୍ରଭୁ ଅବୋଧ୍ୟ— ଶ୍ରୀଜଗନ୍ନାଥ ଅବୋଧ୍ୟ । ତାଙ୍କର ଆଦି, ମଧ୍ୟ, ଅନ୍ତ କିଛି ନାହିଁ ।

ବିଶ୍ୱର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜୟ ହେଉ ।

ୟୁନିଟ୍-୮
ଭୁବନେଶ୍ୱର



'ଅନ୍ଧାରେ ଭେଣ୍ଡା ପଣ୍ଡାଏ ମୁଁ ଦେଖିଛି ପସରା     ଏବେ ମନୁ ଦୁନିଆକୁ ଶ୍ରୀଚକ୍ର ଖୋଜା ପଡ଼ୁ'

# କଳା·ବଦନ

ଶ୍ରୀ ନରସିଂହ ନନ୍ଦ

ନୀଳାଦ୍ରି ମଣ୍ଡପେ ଯହାଁ ବିଜେ ଜଗମୋହନ
ଜଗତର ପାପଘଣି କରିବାକୁ ଦହନ ।୦।

ଯେ ଖଟିଚି ଯେତେ ଖଟଚ, ତା ଖବେ ତାକୁ ସେ ଲଭନ୍ତ
ଧର ନଦିଏ ଅଛବେ ନାହିଁ ତା ଆପଣା ପର
ଥାଉ ଯେ ବନ୍ଧୁବାନ୍ଧବ, ଦିଅନିଆର ସେ ଖବ
ସେ ପରା ଜଗବନ୍ଧୁ ଭବତ୍ରାହୀ ନାମ ତାର
ଶ୍ୟାମ ମୂରତି କାଳିଆ ଜଗମନ ମୋହନ
ନୀଳାଦ୍ରି ମଣ୍ଡପେ ଯହାଁ ବିଜେ ଜଗମୋହନ ।୧।

ଅପଲକ ବଡ଼ା ଆଖି ଜଗତ ଜୀବଙ୍କୁ ଦେଖି
କହେ ଦେଖ ମୁଁ ଦେଖୁଛି ସବୁ ଏଇ ଆଖିରେ
ଏଇ ବଡ଼ାଡୋଳା ତଳେ ନ ଲୁଚଇ ପାପ ତିଳେ
ଏ ଆଖିର ଆଢୁଆଳେ ଲୁଚିବନି କିଛିରେ
ଥାଉଚି ସେ ମେଲିଆଖି ବୋଲେ ଏଇ ବଚନ
ନୀଳାଦ୍ରି ମଣ୍ଡପେ ଯହାଁ........ ..................।୨।

ବଳାୟାର ଭୁଜଦୁଇ, ପତିତ ଜନଙ୍କୁ ଯାହିଁ
କହେ ଆସ କୋଳ କରି ପୋଛିଦି ସନ୍ତାପରେ
ଏଇ ବାହୁଛାୟା ତଳେ ଶରଣ ତୁ ପଶିଥିଲେ
ନ ବାଧିବ ଦୁଃଖଶୋକ ପାପ ଆଉ ତାପରେ
ଦୁଇ ବାହୁ ବିସ୍ତାରି ସେ ଡାକୁଛି ତା ଡାକ ଶୁଣ
ନୀଳାଦ୍ରି ମଣ୍ଡପେ ଯହାଁ...... ........ ...... ........।୩।

ଯହାଁ ଏ କଳା ଶ୍ରୀମୁଖ ବିଶ୍ୱ କାଳିମା କଳଙ୍କ
ବୋଳି ବୋଳି ହେଲା ଏବେ କାଳିଆ
ଏ ଶ୍ରୀମୁଖ ମନେ ହେଜି, କୁଟିଳ ଜଗତ ଦେଖି
କୁଟିଳ ମନ ବଦଳି, ତା କୋଳକୁ ପଳିଅ
ଅଗତିର ଗତି ପରା ଏଇ କଳା ବଦନ
ନୀଳାଦ୍ରି ମଣ୍ଡପେ ଯହାଁ..... ........ ...... .....।୪।

—X—

କ୍ୱାର୍ଟର ନଂ ୪/୪୦
ୟୁନିଟ୍—୪, ଭୁବନେଶ୍ୱର

# ଶ୍ରୀମନ୍ଦିର ଜୀଉମାନଙ୍କର ବିଭିନ୍ନବେଶ

ତିନୋଟିଯାକ ମୂର୍ତ୍ତି ଅପୂର୍ଣ୍ଣ—କିନ୍ତୁ କାହିଁକି ଅପୂର୍ଣ୍ଣ ? ଶ୍ରୀ ଜଗନ୍ନାଥ ତତ୍ତ୍ୱ ଶ୍ରୀମଦ୍‌ଭଗବତ ଗୀତାର ପୁରୁଷୋତ୍ତମ ତତ୍ତ୍ୱ ଉପରେ ଆଧାରିତ । ସେହି କ୍ଷର—ସେହି ଅକ୍ଷର—ସେହି ପୁଣି କ୍ଷର ଅକ୍ଷରକୁ ଅତିକ୍ରମ କରି ପ୍ରତିଷ୍ଠିତ । ସେହି ବ୍ୟକ୍ତ—ସେହି ପୁଣି ଅବ୍ୟକ୍ତ—ସେହି ପୁଣି ବ୍ୟକ୍ତାବ୍ୟକ୍ତ ଅବସ୍ଥାର ଊର୍ଦ୍ଧ୍ୱରେ । ଏହି ଗୁହ୍ୟାତ୍ ଗୁହ୍ୟତର ତତ୍ତ୍ୱ ବେଦରେ ଯେପରି ଲୋକରେ ମଧ୍ୟ ସେପରି ଅନୁସରଣୀୟ ଓ ଅନୁକରଣୀୟ ।

ଶ୍ରୀଜଗନ୍ନାଥଙ୍କୁ ଉପାସନା କରିବାର ଲକ୍ଷ୍ୟହେଲା—ପୁରୁଷୋତ୍ତମ ଚେତନାରେ ଅନୁପ୍ରବିଷ୍ଟ ହେବା । ମନୁଷ୍ୟର ଅଧ୍ୟାତ୍ମ ଚେତନା ଯେତିକି ପ୍ରସାରିତ ଓ ଊର୍ଦ୍ଧ୍ୱାୟିତ ହୋଇ ଚାଲିଥିବ-ସେତିକି ପରିମାଣରେ ସେ ସେହି ପୁରୁଷୋତ୍ତମ ରହସ୍ୟକୁ ବୁଝି ପାରିବ । ଭଗବାନଙ୍କର ପ୍ରତ୍ୟେକ ଅବତାର ଓ ଲୀଳାଦି ବ୍ୟାପାରକୁ ହୃଦୟଙ୍ଗମ କଲାମାତ୍ରେ—ମନୁଷ୍ୟର ଅନ୍ତରାତ୍ମା କ୍ରମଶଃ ବିକଶିତ ହୋଇଯିବ । ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱର କୌଣସି ସୀମାନାହିଁ । ମନୁଷ୍ୟର ଅଧ୍ୟାତ୍ମସାଧନାର ବି ସେମିତି କିଛି ସୀମାନାହିଁ । ସେ ରାମ, କୃଷ୍ଣ, ଖ୍ରୀଷ୍ଟ, ଶିବ, ନୃସିଂହ, ଗଣେଶ, ଦୁର୍ଗାଦି ଦେବତାଙ୍କୁ ମଧ୍ୟ ଶ୍ରୀଜଗନ୍ନାଥଙ୍କ ପ୍ରତୀକ ବିଗ୍ରହ ମଧ୍ୟରେ ଉପଲବ୍ଧି କରିପାରେ । ସେଥିଲାଗି ଜୀଉମାନଙ୍କୁ ବିଭିନ୍ନ ମନ୍ତ୍ରରେ ଯେମିତି ପୂଜାକରାଯାଏ—ସେମିତି ବିଭିନ୍ନ ସମୟରେ ବିଭିନ୍ନ ବେଶ ମଧ୍ୟ କରାଯାଏ । ଶ୍ରୀଜଗନ୍ନାଥଙ୍କୁ ଗଣେଶ ବେଶରେ ଦେଖିଲେ ଭକ୍ତ ବୁଝିପାରେ ଯେ ଗଣେଶ ମଧ୍ୟ ଶ୍ରୀଜଗନ୍ନାଥଙ୍କଠାରେ ବିଦ୍ୟମାନ । ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ପ୍ରତିମା ନୁହନ୍ତି—ପ୍ରତୀକ । ପ୍ରତିମା ହୋଇଥିଲେ ସେଥିରେ ଗୋଟିଏ ମାତ୍ର ଚେତନା ଆରୋପିତ ହୋଇଥାନ୍ତା—ପ୍ରତୀକ ଭିତରେ କିନ୍ତୁ ଅନନ୍ତ ଚେତନାର ଆରୋପ ହୋଇପାରେ—କେତୋଟି ବିଶିଷ୍ଟ ବେଶ ଶୁଣନ୍ତୁ—

## ଶ୍ରୀମନ୍ଦିର ଜୀଉମାନଙ୍କର ବିଭିନ୍ନ ବେଶ

| | | |
|---|---|---|
| ୧ । ଚନ୍ଦନଲାଗି ବେଶ | ..... | ବୈଶାଖ ମାସ ଅକ୍ଷୟ ତୃତୀୟାଠାରୁ ୪୨ ଦିନ ପର୍ଯ୍ୟନ୍ତ । |
| ୨ । ଗଣେଶ ବା ହାତୀ ବେଶ | ..... | ସ୍ନାନ ପୂର୍ଣ୍ଣିମା |
| ୩ । ସୁନାବେଶ (ରଥ ଉପରେ) | ..... | ଆଷାଢ଼ ଶୁକ୍ଳ ଏକାଦଶୀ ବା ଦ୍ୱାଦଶୀ |
| ୪ । ବନଭୋଜି ବେଶ | ..... | ଭାଦ୍ର କୃଷ୍ଣ ଦଶମୀ |
| ୫ । କାଳୀୟ ଦଳନ ବେଶ | ..... | ଭାଦ୍ର କୃଷ୍ଣ ଏକାଦଶୀ |
| ୬ । ପ୍ରଳମ୍ବାସୁର ବେଶ | ..... | ଭାଦ୍ର କୃଷ୍ଣ ଦ୍ୱାଦଶୀ |
| ୭ । କୃଷ୍ଣ ବଳରାମ ବେଶ | ..... | ଭାଦ୍ର କୃଷ୍ଣ ତ୍ରୟୋଦଶୀ |
| ୮ । ବାମନ ବେଶ | ..... | ଭାଦ୍ର ଶୁକ୍ଳ ଦ୍ୱାଦଶୀ ବା ତ୍ରୟୋଦଶୀ |

୯ । ରାଜା ବେଶ ..... ଆଶ୍ୱିନ ଶୁକ୍ଳ ଦଶମୀ

୧୦ । ରାଧା ଦାମୋଦର ବେଶ ..... ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ । ଏ ମଧ୍ୟରେ ସୋମବାର ଦିନ ଶ୍ରୀବଳଭଦ୍ର ହରିହର ବେଶ ହୁଅନ୍ତି ।

୧୧ । ଲକ୍ଷ୍ମୀନାରାୟଣ ବେଶ (ଠିଆକିଆ) କାର୍ତ୍ତିକ ଶୁକ୍ଳ ଏକାଦଶୀ

୧୨ । ବାଙ୍କଚୂଡ଼ା ବେଶ (ବାମନ) ..... କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ

୧୩ । ତ୍ରିବିକ୍ରମ ବେଶ (ଅଡ଼କିଆ) ..... କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ

୧୪ । ନୃସିଂହ ବେଶ (ଡାଳିକିଆ) ..... କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ

୧୫ । ଲକ୍ଷ୍ମୀନାରାୟଣ ବେଶ (ରାଜରାଜେ-ଶ୍ୱର) । କାର୍ତ୍ତିକ ପୂର୍ଣ୍ଣିମା

୧୬ । ନାଗାର୍ଜ୍ଜୁନ ବେଶ (ଯୋଉ ବର୍ଷ ପଞ୍ଚକ ୬ ଦିନ) । କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ଚତୁର୍ଦ୍ଦଶୀ

୧୭ । ପଦ୍ମ ବେଶ ..... ମାଘ ଅମାବାସ୍ୟା ଠାରୁ ବସନ୍ତ ପଞ୍ଚମୀ ମଧ୍ୟରେ ଯେକୌଣସି ଶନିବାର ଓ ବୁଧବାର ।

୧୮ । ଗଜ ଉଦ୍ଧାରଣ ବେଶ ..... ମାଘ ପୂର୍ଣ୍ଣିମା

୧୯ । ଚାଚେରୀ ବେଶ ..... ଫାଲ୍‌ଗୁନ ଶୁକ୍ଳ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ (ଚତୁର୍ଦ୍ଦଶୀ ବ୍ୟତୀତ) ପୂର୍ଣ୍ଣିମା ଦିନ ରାଜାବେଶ ।



ଗରୁଡ଼ ପୃଷ୍ଠରେ ଶ୍ରୀଲକ୍ଷ୍ମୀନାରାୟଣ

# ଯବନ ଭକ୍ତ ସାଲବେଗ ବୃତ୍ତାନ୍ତ

ଶ୍ରୀମତୀ ସୁଧାଂଶୁବାଳା ପଣ୍ଡା

ପ୍ରାୟ ତିନିଶହ ବର୍ଷ ତଳର କଥା । ସେତେବେଳେ ଏହି ଉତ୍କଳରେ, ହିନ୍ଦୁମାନଙ୍କ ପ୍ରତି ମୁସଲମାନମାନଙ୍କର ପ୍ରବଳ ଦୌରାତ୍ମ୍ୟ, ଗାଁରେ ଗାଁରେ ଘରେ ଘରେ ଆତଙ୍କ ସୃଷ୍ଟି କରୁଥାଏ । ପ୍ରତିଟି ହିନ୍ଦୁ ଗାଁର ଆବାଳବୃଦ୍ଧବନିତା ଭୟରେ ଅତିଷ୍ଠ ହୋଇ ଉଠୁଥାଆନ୍ତି । କିଏ ଦେଖି ସହ୍ୟ କରିବ ସେ ବିଭତ୍ସ ଦୃଶ୍ୟ ! ବାପର ଆଖି ଆଗରେ ପୁଅର ମୁଣ୍ଡ ଖଣ୍ଡ ବିଖଣ୍ଡିତ ହୋଇ ଭୂଇଁରେ ଲୋଟୁଛି । ନୂଆ ହୋଇ ଆସିଥିବା ଯୋଡ଼ ବୋହୂଙ୍କୁ ଦାଣ୍ଡ ଲୋକେ କି ଘର ଲୋକେ ଭଲ କରି ଘରେ ଦେଖି ନାହାନ୍ତି, ସେହି ବୋହୂଙ୍କୁ ସୈନ୍ୟ ମାନେ ଘର ଭିତରୁ ଟାଣି ଆଣି ହାତରୁ, ବେକରୁ, ଗହଣା ଛଡ଼ାଇ ନେଇ ଅଶ୍ଳୀଳ ଇଂଗିତ ହାଣୁଛନ୍ତି । ସଦ୍ୟ ଜାତ ଶିଶୁର କଣ୍ଠରେ ଠିଅ ହୋଇ ପଡ଼ି ମାଆର ଛାଟିପିଟିକୁ ଆନନ୍ଦର ସହିତ ଦେଖି ଦେଖି ପ୍ରଫୁଲ୍ଲ ହେଇ ଉଠୁଛନ୍ତି । ରୁଦ୍ରାକ୍ଷ ମାଳା ଧରି ଅଶି ନବେ ବର୍ଷର ଯୋଉଁ ବୃଦ୍ଧମାନେ ଦାଣ୍ଡ ପିଣ୍ଡାରେ ବସି, ଭଗବାନଙ୍କ ନାମ ଜପ କରୁଛନ୍ତି, ତାଙ୍କରି-ମାନଙ୍କ ଉପରେ ସୈନ୍ୟମାନଙ୍କର ନିର୍ମମ ପ୍ରହାର ବାଜୁଛି ବଡ଼ ନିଷ୍ଠୁର ଭାବେ । ହେ ଜଗନ୍ନାଥ ! ହେ ପ୍ରଭୁ ଅନ୍ତର୍ଯାମୀ ! କହି ସେଇ ମୁହୂର୍ତ୍ତରେ ପ୍ରାଣବାୟୁ ଉଡ଼ି ଯାଉଛି । ସମସ୍ତେ ଆତଙ୍କିତ । ସମସ୍ତେ ଭୀତତ୍ରସ୍ତ । ଧନରତ୍ନ ଲୁଣ୍ଠନ କରିବା, ହିନ୍ଦୁମାନଙ୍କୁ ନିପାତ କରିବା ସଙ୍ଗେ ସଙ୍ଗେ ହିନ୍ଦୁ ନାରୀର ମର୍ଯ୍ୟାଦା ଲୁଣ୍ଠନ କରିବା ସେମାନଙ୍କର ଥିଲା ଆଉ ଏକ ସୌଖିନ୍ ବିଳାସ । ମୁସଲମାନମାନଙ୍କର ଆଗମନ ଜାଣିଲେ, ଘରର ଝିଅ ବୋହୂ ଯମଦୂତ ଆସିଲା ପରି ଆତଙ୍କିତ ହୋଇ ଉଠୁଥିଲେ ।

ଆଜିର ଏଇ କୋଳାହଳମୟ କଟକ ନଗର, ସେତେବେଳେ ବି ସେଇ କଟକ ନାମରେ ନାମିତ ଥିଲା । କାହିଁ କେଉଁ ଅଜଣା ପଠାଣ ବସ୍ତିର ଲାଲବେଗ୍ ନାମକ ଏକ ହୃଦୟହୀନ ନୃଶଂସ ସେନାପତି ଯୁଦ୍ଧ କରିବାକୁ ବାହାରିଥାଏ । ବହୁ ସୈନ୍ୟ ସାମନ୍ତ-ହାତୀଘୋଡ଼ାଙ୍କୁ ସଙ୍ଗରେ ଧରି ଆଗେ ଆଗେ ଗଡ଼ ଜିଣିବାର ଆନନ୍ଦ ନେଇ ଘୋଡ଼ା ରେ ଚାଲିଥାଏ ଟପ୍.... ଟପ୍ .....ଟପ୍...... ...

ସେଦିନ ବୋଧହୁଏ ପୁରୀ ଶ୍ରୀକ୍ଷେତ୍ର ପାଖର ଦାଣ୍ଡମୁକୁନ୍ଦପୁର ଗାଁରେ ଉଲ୍‌କାପାତ ହୋଇ-ଥିଲା.....। ସୈନ୍ୟ ସାମନ୍ତ ଧରି ସେ ଗାଁରେ ପଶି ଥିଲା ନୃଶଂସ ଲାଲବେଗ । ପ୍ରତିଟି ଘରେ ଘରେ ସମ୍ପତ୍ତି ଉପରେ ଏକି କବଳରେ ସୈନ୍ୟମାନଙ୍କର ଘଣ୍ଟା ଘଣ୍ଟା ଧରି ଚାଲିଲା ଅତ୍ୟାଚାରର ତାଣ୍ଡବ ଲୀଳା.....। ଜୀବନ ବିକଳରେ ପଳାଇ ଯାଉ କବାଟ କଣରେ ଲୁଚି ଗଲା ବେଳେ ସ୍ତ୍ରୀ ଦେଖୁଛି ଖଣ୍ଡାର ଆଘାତରେ ଦି'ଖଣ୍ଡ ହୋଇ ସ୍ୱାମୀ ରକ୍ତାକ୍ତ ହୋଇ ଭୂଇଁରେ ପଡ଼ିଛନ୍ତି । ଓଃ . . ଏ'କି ଦୃଶ୍ୟ ! ଦୁଃଖରେ ଅଧୀର ହୋ'ଇ ଦେଇ ରକ୍ତାକ୍ତ ସ୍ୱାମୀଙ୍କୁ କୁଣ୍ଢାଇ ଧରିଲା ବେଳକୁ, ନିଜର ବେକ ଦି ଖଣ୍ଡ ହୋଇ ଯାଉଛି.....। କ୍ଷୁଧିତ ଛୋଟି ଶିଶୁ ଗୁରୁଣ୍ଡି ଗୁରୁଣ୍ଡି ଆସି ମୃତ ମାଆର ସ୍ତନ ଧରି କ୍ଷୁଧା ନିବାରଣ କରି ଚାଲିଛି.....।

ନୃଶଂସ ଲାଲବେଗର ତିଳେ ମାତ୍ର ଭ୍ରୂକ୍ଷେପ ନାହିଁ ସେଥି ପ୍ରତି.....। ଆନନ୍ଦରେ ଅଧୀର ସେ.....। ଆଜି ଯେମିତି ଜୀବନର ତାର ସର୍ବ ଶ୍ରେଷ୍ଠ ସାର୍ଥକ ଦିନ । ସମସ୍ତଙ୍କୁ ମାରି ଲୁଟିଥାଇ ନେଉଛି । ପ୍ରଚୁର ଧନ ପାଇଛି.....। କିନ୍ତୁ ଅଧିକ ଆନନ୍ଦରେ କଣ୍ଠ ତାର ଶୁଖି ଶୁଖି, ଗଲା.....।

ଆହାହା.....କିଏ ହେଲେ ଟିକେ ଢଳାଇ ଦିଅନ୍ତା ନିର୍ମଳ ଜଳର ପାତ୍ରଟିଏ ...। ପିଇ ଦେଇ ପରମ ସୁଖ ଲାଭ କରନ୍ତା.....। କିନ୍ତୁ ଏ ପାପୀର ତଣ୍ଟିରେ କିଏ ଦେବ ଟୋପାଏ ପାଣି.....? ଘୋଡ଼ାରେ ଚଢ଼ି ଧାଇଁଲା ଖଲଜେଙ୍ଗ ଖାଁ । ଶେଷରେ ଜଳ ମଚ ମଚ କାଚ କେନ୍ଦୁ ପରି ଉଜ୍ଜ୍ୱଳା ପାଣିର ପୁଷ୍କରିଣୀ ଆଡ଼କୁ ...

ପୁଷ୍କରିଣୀର ଶୋଭା ସତରେ ଅବର୍ଣ୍ଣନୀୟ । ଲାଲ ଲାଲ୍ ନାଲି କଇଁ ଫୁଲରେ ଭର୍ତ୍ତି ପୁଷ୍କରିଣୀ ! କେତେ ଜାତିର ଶାଗୁଆ ଶାଗୁଆ ଲତା ସବୁ ପୁଷ୍କରିଣୀର ଚାରି କଡ଼ରେ ଶାଗୁଆ ରଙ୍ଗର ଶାଢ଼ୀ ଭଳି ବିଛେଇ ହୋଇ ପଡ଼ିଛି.....। ଅଦୂରରେ ଦୁଇଟି ହଂସ ହଂସୀ ସ୍ୱଚ୍ଛନ୍ଦରେ ମିଥୁନ ରତ.....। ନୃଶଂସ ଖଲଜେଙ୍ଗର ମନଟା ହଠାତ୍ ଉଚ୍ଚାଟ ହୋଇ ଉଠିଲା ।

କିନ୍ତୁ ଏ କ'ଣ ? ସେ ଦୃଶ୍ୟଠାରୁ ଆହୁରି ଆକର୍ଷଣୀୟ ହୋଇ ଉଠିଛି ପୋଖରୀ ତୁଠରେ ସାଧୋଉ ଥିବା ନାରୀଟିର ଶୋଭା । ଚମ୍ପା ରଙ୍ଗର ଦେହରେ ଢଳ ଢଳ ହୋଇ ଢଳି ଯାଉଛି ନବୀନ ଯୌବନ । ସତେ କି କେଉଁ ଅପରୂପ ରୂପସୀ ସ୍ୱର୍ଗର ବାଟ ଭୁଲି ଅଟକି ଯାଇଛି ଏଠି । ଚନ୍ଦ୍ର ପରି ଶାନ୍ତ ଶୀତଳ ମୁହଁଟି ଉପରେ ବନଜ୍ୟୋତ୍ସ୍ନାର ଆଭା ନେଇ ଦୁଇଟି ଆଖି । ଲାଲ ଲାଲ ଓଠ ଯୋଡ଼ିକ ଭିତରେ ମୁକ୍ତା ପରି ଗୁଡ଼ିଏ ଦାନ୍ତ । ନିତମ୍ବ ଚୁମ୍ବୀ କୁଞ୍ଚିତ କଳା କେଶରାଶି.........।

ୟା'କୁ କି ଉପେକ୍ଷା କରନ୍ତା ମାଂସ ଲୋଲୁପ କାମୁକ ଖଲଜେଙ୍ଗ..... ? ଘୋଡ଼ାରୁ ଓହ୍ଲାଇ ପଡ଼ି ଅତିଶଂସ୍ତ କ୍ଷିପ୍ର ପଦ ତୋଳି ଚାଲିଲା ସେ ବୀର ଦର୍ପରେ ।

ଠିକ୍ ଏହି ସମୟରେ ଘୋଡ଼ାଟା ହସି ଉଠିଲା, ଅଶ୍ଳୀଳ ହିଁ.....ହିଁ.....ହିଁ.....ସ୍ୱର ତୋଳି । ଚକିତ ହରିଣୀ ପରି ଉଠ ଠିଆ ହେଲା ନାରୀଟି.....। ଆଃ..... ଏ ପୋଖରୀ ତୁଠରେ କିଏ ଏଇ ନୃଶଂସ ଯମଦୂତ ? ଜୀବନ ବିକଳରେ ପୋଖରୀ ଭିତରୁ ଦଉଡ଼ି ଆସିଲା ତୁଠ ଉପରକୁ । କିନ୍ତୁ ତୁଠ ପାଖରୁ ସେ ଆଉ ଯିବ କେମିତି ? ବାଁ ପଟେ ଶିବ ମନ୍ଦିର । ମନ୍ଦିର ବେଢ଼ାର ଶେଫାଳି ଶାଖାଟି ମୁଣ୍ଡକୁ ତାର ବାରମ୍ବାର ଆଘାତ କରିବାରେ ଲାଗିଛି....। ଡାହାଣ ପଟେ ପୁଷ୍କରିଣୀର ବିସ୍ତୃତ ବନ୍ଧ । ତା' ଉପରକୁ ଉଠି ପାରିବାର ଶକ୍ତି କାହିଁ.... ? ପଛ ପାଖେ ଉଚ୍ଛୁଳା ପାଣିର ପୁଷ୍କରିଣୀ । ଆଉ ସାମ୍ନାରେ ମୁସଲମାନ ସୈନ୍ୟର ପ୍ରଲୁବ୍ଧ ଦୃଷ୍ଟି....। କୁଆଡ଼େ ସେ ଯିବ ? କି ଉପାୟରେ ମୁକ୍ତି ପାଇବ..... ?

କଣ୍ଠରୁ ତାର ଫୁଟି ଉଠୁଥିଲା ଲକ୍ଷ ମିନତିର କରୁଣ କାତର ଝଙ୍କାର । ମୋତେ ଛାଡ଼ିଦିଅ ବାଟ....ମୁଁ ଚାଲିଯିବି.....। କ'ଣ ପାଇବ ମୋ'ଠାରୁ.....? ବିଧବା ବ୍ରାହ୍ମଣୀ ମୁଁ.....। ମୋ ଦେହରେ ତିନେ ହେଲେ ସୁନା ନାହିଁ କି ପିନ୍ଧିଥିବା ଲୁଗା ଖଣ୍ଡିକ ବି ମୂଲ୍ୟବାନ୍ ନୁହେଁ । କାହିଁକି ବାଟ ଓଗାଳି ଠିଆ ହୋଇଛ..... ?

ମଣିଷ କ'ଣ ସବୁବେଳେ ଖୋଜେ କେବଳ ଧନ ରତ୍ନ ମୂଲ୍ୟବାନ୍ ମଣି ମାଣିକ୍ୟକୁ.... ? ସେ ସବୁରୁ ମଣିଷଟିଏ କ'ଣ ମୂଲ୍ୟବାନ୍ ନୁହେଁ....। ତା'ଠାରେତ ସେ ସବୁ ଥାଏ....। ଖଲଜେଙ୍ଗ ବି ଭୁଲିଯିବ ଏ ନାରୀଟିର କାରୁଣ୍ୟ କାକୁତିରେ..... ? କଣ୍ଠରେ ତା'ର ଫୁଟି ଉଠିଲା, ଘନିଷ୍ଠ ଆତ୍ମୀୟତାର ଅଶ୍ଳୀଳ ସ୍ୱର....କାହିଁକି ଠିଆ ହୋଇ ରହିଲ.... ? ଆସୁନ.....ଆସ ଚାଲି ମୋ ପାଖକୁ । ଭୟ କରୁଛ..... ?

ନାରୀଟିର ଅସହାୟ ଉତ୍ତର....ଭୟ.... ? ନାଁ ନାଁ ଭୟ ମୁଁ କାହିଁକି କରିବି..... ? ମତେ ବାଟ ଛାଡ଼ିଦିଅ, ମୁଁ ଚାଲିଯାଏ । ବିଧବା ମୁଁ । କ'ଣ ଅଛି ମୋ ଠାରେ.... ? ସୁନା, ରୁପା, ଧନ, ରତ୍ନ, କିଛି ନାହିଁ । ମତେ ନେଇ କ'ଣ ପାଇବ ମୋ ଠାରୁ..... ?

—କ'ଣ ନ ପାଇବି କହିଲ ? ସୁନା ଯାହା ଚାହେଁ, ତା' ଅପେକ୍ଷା ଯଥେଷ୍ଟ ଗୁହିକାର ଅଧିକାରିଣୀ ତମେ । କାଞ୍ଚ ନାହିଁ ତମ ପାଖରେ ? ମୋତେ ଭୁଲାଇ ଦେଇ ତମେ କ'ଣ ଚାଲିଯିବ ମୋ କବଳରୁ ?

—ଓଃ.....ଏ କ'ଣ କହୁଚ ତୁମେ ?

—ମୁଁ କ'ଣ ମିଛ କହୁଚି ? ଭଲ କରି ଥରେ ଚିନ୍ତା କର, ମୁଁ ଯାହା କହୁଚି, ଠିକ୍ କି ଭୁଲ ? ମୋ ସକଳ ଧନର ଅଧିକାରିଣୀ କରାଇବି ତୁମକୁ । ସବୁ ବେଗମ୍‌ଙ୍କ ଭିତରେ ତୁମକୁ ଦେବି ଶ୍ରେଷ୍ଠ ଆସନ । ଆନନ୍ଦରେ କଟାଇ ଦେବା ଆମେ ପ୍ରତିଟି ଦିନ । ଜାଣି ଜାଣି ଏ ବୈଧବ୍ୟକୁ ତମେ କାହିଁକି ଗ୍ରହଣ କରୁଚ.... ?

—ଛିଃ.....ଛିଃ.....ଏ ପାପ କଥା ତୁମେ ପାଟିରେ ଧରନି । କିଏ ଯଦି ଶୁଣେ, କ'ଣ ହେବ ମୋ ଦଶା କହିଲ ? ହିନ୍ଦୁ ନାରୀର ବୈଧବ୍ୟ କ'ଣ ନର୍କ ଯନ୍ତ୍ରଣା..... ? ସେ ତ ସେଇଥିରେ ସ୍ୱର୍ଗ ସୁଖ ଲାଭ କରେ । ତା ଆରାଧ୍ୟ ଦେବତା ପତିର ସ୍ମୃତି ରକ୍ଷା ପାଇଁ ଏ ବ୍ରତ ସେ ଗ୍ରହଣ କରିଥାଏ ଆପେ ଆପେ ।

—ମତେ ଆଉ ଏ ଆଦର୍ଶ ବାଣୀ ଶୁଣାଅନି . . । ଆସ ଆଉ ବିଳମ୍ବ ନ କରି ଏ ଘୋଡ଼ାରେ ସେ । ମୋ ଅନ୍ତଃପୁରକୁ ଗଲେ, ସେଇଠି ବୁଝିବ ଜୀବନର ଲକ୍ଷ୍ୟ କ'ଣ ... ? କେତେ ସୁଖ, କେତେ ସ୍ୱାଚ୍ଛନ୍ଦ୍ୟ.........

—ସୁଖ ସ୍ୱାଚ୍ଛନ୍ଦ୍ୟ ମୋର ଲୋଡ଼ା ନାହିଁ । ଆଉ ଯଦି ଥରେ ସେ କଥା ପାଟିରେ ଧର, ତେବେ ଦେଖ ଏ ପୋଖରୀରେ ବୁଡ଼ି ମରିବି । ତମେ କ'ଣ ଚାହଁ, ଗୋଟିଏ ସରଳା ନିଷ୍ପାପ ବିଧବା ବ୍ରାହ୍ମଣୀର ମୃତ୍ୟୁ ଘଟୁ ତୁମରି ସାମ୍ନାରେ..... ?

—ମୃତ୍ୟୁ..... ? ନାଁ.....ନାଁ.....ସେ କଥା ମୁଁ କାହିଁକି ଚାହିଁବି ? ଅସ୍ଥିର ହୋଇ ଉଠିଲା ଲାଲବେଗ । ମନରେ ତାର ସନ୍ଦେହ ଉପୁଜିଲା..... । ସତେତ ! ସତୀତ୍ୱ ରକ୍ଷା କରିବା ପାଇଁ ଅନେକ ହିନ୍ଦୁ ନାରୀ ଆତ୍ମହତ୍ୟା କରିବାର କାହାଣୀ କିମ୍ବଦନ୍ତୀ ସେ ଶୁଣିଚି..... । ତେବେ ଆତ୍ମହତ୍ୟା କରିବା ପୂର୍ବରୁ ତାକୁ ବଳାତ୍କାର କରି ଏଠାରୁ ନେଇଗଲେ..... ? ମନକୁ ବେଶ୍ ପାଇଲା ପ୍ରସ୍ତାବଟା । ଉତ୍ଫୁଲ୍ଲ ହୋଇ ଗୋଟାଏ ନୀଚମନା ରାକ୍ଷସ ପରି ବଳାତ୍କାର ପୂର୍ବକ ତା' ଦେହଟାକୁ ଟାଣି ଧରି ବସାଇ ଦେଲା ଘୋଡ଼ାରେ । ନାରୀଟିର କରୁଣ ଆର୍ତ୍ତ ଚିତ୍କାର ପ୍ରତିଧ୍ୱନିତ ହୋଇ ଫେରି ଆସିଲା ତାରି ପାଖକୁ । ନିଜର ଗାଁ, ବନ୍ଧୁ, ପରିଜନ ଓ ଆତ୍ମୀୟଙ୍କୁ ହରାଇ ଦୁଃଖରେ କେବଳ କାନ୍ଦିବାକୁ ବସିଲା ବ୍ରାହ୍ମଣୀ..... । ଲାଲବେଗର ସେ ପ୍ରାସାଦ, ରାଜକୀୟ ଚାଲି ଚଳଣି ତାଙ୍କୁ ନର୍କ ତୁଲ୍ୟ ମନେ ହେଲା । ଦୁଇଟି ଅସହାୟ ଆଖି ଖୋଜି ବୁଲିଲା ସେ ଛପର ଖଟର ଖୁଣ୍ଟିଆ ଗଣ୍ଡକୁ ... । ଝାଟିମାଟି ବାଡ଼ର ରଙ୍ଗ ମାଟି ଲିପା କାନ୍ଥରେ ଯେଉଁ ପ୍ରଭୁ ଜଗନ୍ନାଥଙ୍କର ଫଟୋ ଖଣ୍ଡିଏ ଝୁଲି ମନକୁ ପବିତ୍ର ରଖୁଥିଲା, ସେ କାହିଁ..... ? କାହିଁ ସେ ଛୋଟିଆ ଠାକୁର ଘରଟି..... ? ଠାକୁରଙ୍କ ପାଇଁ ଭୋଗ ହେବାର ରନ୍ଧନ ପ୍ରସ୍ତୁତି ତ ନାହିଁ..... । କାହିଁ କଞ୍ଚା କଦଳୀର ଦରବଢ଼ରା ଭଜାର ଆସ୍ୱାଦ ଏଠି ନାହିଁ ।

ଉଃ୍ ...ଏଠି ଖାଲି ଅଖାଦ୍ୟର ବାସ୍ନା । ଗୋ-ମାଂସ ରନ୍ଧନରେ ନାକ ଫାଟି ପଡୁଚି..... । ଯାହାଙ୍କୁ ଆମେ ଗୋ-ମାତା ବୋଲି ପୂଜା କରୁ, ସେ ଏଠିକାର ଖାଦ୍ୟ ସାମଗ୍ରୀ..... । ଅସ୍ଥିର ହୃଦୟକୁ ପୋଛି ଦେଇ ବ୍ରାହ୍ମଣୀ ଭାବେ ଏ ନର୍କ ଯନ୍ତ୍ରଣାରୁ କ'ଣ ମୁକ୍ତି ନାହିଁ ଏତରେ ... ?

ବ୍ରାହ୍ମଣୀର ଲୁହ ଦେଖି ବ୍ୟତିବ୍ୟସ୍ତ ହୋଇ ଉଠିଲା ଲାଲବେଗ । ନାନାଦି ମୂଲ୍ୟବାନ ବସ୍ତ୍ର, ପ୍ରଚୁର ଅଳଙ୍କାର ନେଇ ମନକୁ ତା'ର ଭୁଲାଇବାକୁ ଲାଗିଲା । କିନ୍ତୁ କୌଣସିଥିରେ ତାର ମନ ଲାଗିଲା ନାହିଁ । ସେ କି ଚପଳ ଶିଶୁ ! ପ୍ରଲୋଭନରେ ତରଳି ପଡ଼ିବ .... ? କେତେ ଉପାସ, କେତେ ଉପବାସ ବ୍ରତରେ ସେ ଶୁଦ୍ଧ ପୂତ..... । କେତେ ଦିନର ଅଭ୍ୟାସଗତ ଜୀବନର ଚଳଣୀ । ତାକୁ ଏତେ ଶୀଘ୍ର ଓଲଟାଇ ଦେବା କ'ଣ ଏତେ ସହଜ....? ଏତେ ସମ୍ଭବ....?

ଆଖିରେ ଲୁହ, ଛାତିରେ କୋହ ନେଇ ବ୍ରାହ୍ମଣୀ ଦିନ କଟାଇବାକୁ ଲାଗିଲା । କିନ୍ତୁ ନାରୀମନା ମାଂସ ଲୋଭୀ କାଲାବେଗ ଏ ଆଦର୍ଶରେ ତରଳି ଯିବା କ'ଣ ସମ୍ଭବ ? ତାର ସକଳ କାକୁତି ମିନତୀକୁ ଉପେକ୍ଷା କରି ବଳାତ୍କାର ପୂର୍ବକ ତାଠାରୁ ପତ୍ନୀତ୍ୱ ଗ୍ରହଣ କଲା ।

ଉପାୟହୀନା ବ୍ରାହ୍ମଣୀ ପତ୍ନୀରୂପେ ରହି ମଧ୍ୟ ନିଜର ପବିତ୍ରତାକୁ ଦୂରେଇ ଦେଇନି । ବହୁ ବାଧ୍ୟ କରିବା ସତ୍ତ୍ୱେ ବି ସେ ଗୋ-ମାଂସ ଖାଇଲା ନାହିଁ କି ମସ୍‌ଜିଦ୍‌କୁ ଯାଇ ହିନ୍ଦୁ ଧର୍ମକୁ ଭୁଲିଲା ନାହିଁ । ଦେହଟା ଅପବିତ୍ର ହୋଇଗଲା ସିନା, ମନଟା ତ ପବିତ୍ର ଅଛି । ସେଇ ନିର୍ମଳ ପବିତ୍ର ମନରେ ସେ ନିୟମିତ ଜଗନ୍ନାଥଙ୍କୁ ସୁମରଣା କରି କହୁଥାଏ, ପ୍ରଭୁ ! ମୋର ଏ ଅପବିତ୍ର ହୃଦୟର ନିବେଦନ ନୁହେଁ । ପବିତ୍ର ହୃଦୟ ନେଇ ମୋର ଏ ପ୍ରଗାଢ଼ ଭକ୍ତି । ତୁମେ କ'ଣ ଗ୍ରହଣ କରିବନି.....? କ୍ଷମା ଦେବନି ମତେ.....? ଦେହଟା ପୋଡ଼ି ଛାରଖାର ହୋଇଗଲେ ବି ଏ ହୃଦୟ ତୁମ ପ୍ରତି ସଦା ଅନୁରକ୍ତ । ମୁଁ ଆଦୌ ଐଶ୍ୱର୍ଯ୍ୟଶାଳିନୀ ବେଗମ୍ ନୁହେଁ । ମୁଁ ତୁମ ପାଖରେ ନିରିମାଖି ସେଇ ନିରୀହା ବିଧବା ବ୍ରାହ୍ମଣୀ ।

ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ତିନୋଟି ମୂର୍ତ୍ତି ରଖି ସେ ପ୍ରତିଦିନ ତାଙ୍କରି ପୂଜା ଆରାଧନାରେ ମନ ଦେଲା, ବିଭିନ୍ନ ସୁବାସିତ ପୁଷ୍ପରେ ମୂର୍ତ୍ତିଗୁଡ଼ିକୁ ମଣ୍ଡିତ କରି, ଅଗରୁ ଗନ୍ଧ ଚନ୍ଦନରେ ବେଶ ପରିପାଟୀ କରୁଥିଲା ପ୍ରଭୁ ପ୍ରଭୁ ହୋଇ ଦିନ କଟାଇବାକୁ ଲାଗିଲା ।

କିଛି ଦିନର ବ୍ୟବଧାନ ପରେ ସେ ଘରକୁ ଆଲୋକିତକରି ଜନ୍ମ ନେଲା ଏକ ଶିଶୁ ପୁତ୍ର । କି ଲଜ୍ୟା ! କି ଅପମାନ । ତଥାପି ସେ ତ ନିଜର ପୁତ୍ର । ନାରୀ ହୋଇ କିପରି ଅବମାନନା କରିବ ନିଜର ମାତୃତ୍ୱକୁ.....? ପ୍ରଭୁ ଜଗନ୍ନାଥଙ୍କ ପାଖେ ପୁତ୍ରର ଜୀବନକୁ ଅର୍ପଣ କରି ଦେଇ ମନକୁ ସାନ୍ତ୍ୱନା ଦେଲା..... ।

ପିତା କାଲାବେଗ୍ ନିଜର ନାମ ସହିତ ସମ୍ବନ୍ଧ ରଖିଲା ପରି, ପୁତ୍ରର ନାମ ରଖିଲା ସାଲବେଗ୍ । ମାତାର ଆଦର ଯତ୍ନ ପାଇ ସାଲବେଗ କ୍ରମେ ବଡ ହେବାକୁ ଲାଗିଲା । ଗୋଲ୍ ଗାଲ୍ ଗୋରା ସୁନ୍ଦର ମୁହଁଟିଏ.....। ଢଳିଲା ଢଳିଲା ଦୁଇଟି ଡୋଳା, ଟିକି ଓଠରୁ ଲାଳ ଧାରଟିଏ ଗଡ଼ିଆସି ଯେତେବେଳେ ସେ ଘର ସାରା ଗୁରୁଣ୍ଡି ପୁରୁଣ୍ଡି ଖେଳି ବୁଲୁଥାଏ, ହସି ଉଠୁଥାଏ, ମାଆକୁ ମନେ ହୁଏ ସତେକି ଏ ପ୍ରଭୁ ଗୁରୁଣ୍ଡି ଗୋପାଳ । ଆନନ୍ଦର ଆବେଗରେ ନିବୁଜ ହୋଇ ଆସେ ଆଖିର ପତା । ଗୋଟାଏ ଅହେତୁକ ଆନନ୍ଦରେ ଚଞ୍ଚଳ ହୋଇ ଉଠେ ମନଟା..... । ସତେ କ'ଣ ଏକଥା ସମ୍ଭବ ?

ମନର କେତେ ଆଶା କେତେ ଆକାଂକ୍ଷା ନେଇ ସାଲବେଗ କ୍ରମେ ବଡ ହେବାକୁ ଲାଗିଲେ । ଯେତେବେଳେ ସେ ତିନି ଚାରି ବର୍ଷର ଚପଳ ଶିଶୁ, ଦିନେ ସେ ଲକ୍ଷ୍ୟ କଲେ, ମାଆ ବଡ ଭକ୍ତିର ସହିତ ତିନୋଟି ମୂର୍ତ୍ତିକୁ ପୂଜାକରି ଧ୍ୟାନରେ ବସିଛନ୍ତି । ସେ କି ଜାଣେ, ଭଗବାନ କିଏ ? କ'ଣ ତାଙ୍କର ଆକାର.....ମୂର୍ତ୍ତି ତିନୋଟିଙ୍କୁ ଖେଳନା କରିଦେଇ ଖାଲି ତାଙ୍କ ସହିତ ଖେଳ ଆରମ୍ଭ କରି ଦେଇଛି । କେତେବେଳେ ସେ ମୂର୍ତ୍ତି ତିନୋଟିଙ୍କୁ ଅଭିମାନରେ ଚାପଡ଼ା ମାରିଲାଣି ତ କେତେବେଳେ ମୁହଁ ପାଖେ ରଖି ଗେହ୍ଲା କଲାଣି । ମାଆ ଏହାଦେଖି, ଭୟରେ ଥରି ଉଠନ୍ତି । ପୁଅର ହାତରୁ ଛଡାଇ ନେଇ ରଖି ଦେଲାବେଳେ, ସାଲବେଗଙ୍କ କି କାନ୍ଦ........ସେ ସହାର ଯେମିତି ଶେଷ ନାହିଁ । ମାଆ ଯଥା ସ୍ଥାନରେ ମୂର୍ତ୍ତିଗୁଡ଼ିକୁ ରଖି ଦେଇ ଲୁହ ଛଳ ଛଳ ଆଖିରେ ଜଣାନ୍ତି, ସତରେ କ'ଣ ତୁମେ ଅପବିତ୍ର ହୋଇଗଲ ପ୍ରଭୁ.....? ବ୍ୟାକୁଳ ଅନ୍ତର ଭିତରେ ଏ ଭାବନା ମନକୁ ବାରମ୍ବାର ଆନ୍ଦୋଳିତ କରି ପକାଉଥିବା ବେଳେ, ମାଆ ଲକ୍ଷ୍ୟକରନ୍ତି କାହିଁ ପ୍ରଭୁଙ୍କ ମୁହଁ ତ ଅପ୍ରସନ୍ନ ଦିଶୁନି..... । ବରଂ ଅଧିକ ପ୍ରସନ୍ନ ଜଣାପଡୁଛନ୍ତି.....। ଭକ୍ତ ଅନୁରକ୍ତ ପ୍ରଭୁ ଅନ୍ତର୍ଯ୍ୟାମୀ କି ରାଗି ପାରନ୍ତି ଭକ୍ତ ଉପରେ.....?

ପରେ ପରେ ଶିଶୁ ସାଲବେଗ ଯେତେବେଳେ କୈଶୋରରେ ପଦାର୍ପଣ କରନ୍ତି, ସେତେବେଳେ ଦେଖନ୍ତି, ମାଆ ମସଜିଦ୍‌କୁ ନ ଯାଇ କୋରାନ୍ ନ ପଢ଼ି, ଘରେ ବସି ବସି କେବଳ ସେଇ ମୂର୍ତ୍ତିଗୁଡ଼ିକଙ୍କ ପାଖେ ନିଜକୁ ସମର୍ପି ଦେଇଛନ୍ତି । କିଏ ସେ ଏ ମୂର୍ତ୍ତିମାନେ....? ବଡ଼ କୌତୂହଳ ହୋଇ ସେଥିରୁ ଗୋଟିଏ ମୂର୍ତ୍ତିକୁ ନେଇଆସି ବଡ଼ ଆଶ୍ଚର୍ଯ୍ୟର ସହିତ ତାକୁ ନିରୀକ୍ଷଣ କରି ଲାଗନ୍ତି ଯେତେବେଳେ ନିଜର ଟିକି ଟିକି ଆଖି ଯୋଡ଼ିକୁ ମିଶାଇ ଦିଅନ୍ତି ପ୍ରଭୁ ଜଗନ୍ନାଥଙ୍କ ଚକା ଚକା ଆଖି ଭିତରେ, କ'ଣ ସେ ଅନୁଭବ କରନ୍ତି କେଜାଣି, ସାରା ଦେହରେ ଗୋଟିଏ ଅପୂର୍ବ ରୋମାଞ୍ଚ ଜାଗି ଉଠେ..... । ପୁଣି ଆଉ ଗୋଟିଏ ମୂର୍ତ୍ତିକୁ ଧରି ଖୁବ ବିହ୍ୱଳ ହୋଇ ଦେଖନ୍ତି, ଓଃ....ବଡ଼ ବିଚିତ୍ର ତ ଏ ମୂର୍ତ୍ତିଗୁଡ଼ିକ, ମଣିଷପରି ଲାଗୁ ନାହାନ୍ତି କି କଣ୍ଢେଇପରି ଦିଶୁ ନାହାନ୍ତି । ହାତ ନାହିଁ, ଗୋଡ଼ ନାହିଁ, ନାକ ନାହିଁ କି କାନ ବି ନାହିଁ, ଅଛି ଖାଲି ବିଲେଇ ଭଳି ଦୁଇଟି ବଡ଼ ବଡ଼ ଚକା ଚକା ଆଖି । ତା' ହେଲେ ଏମାନେ ଚାଲନ୍ତି ବୁଲନ୍ତି କେମିତି .... ? ଶୁଣନ୍ତି କେମିତି....? ଖାଆନ୍ତି ବି କେମିତି ....? ଏ ବିଚିତ୍ର ଆଖି ଦୁଇଟି ବୋଧେ ସବୁଥିପାଇଁ ସାହାଯ୍ୟ କରେ, ନ ହେଲେ ଆଖି ଯୋଡ଼ିକ କାହିଁକି ଏତେ ବଡ଼ ବଡ଼ ହୋଇଥାଆନ୍ତା ?



ପୁରୀ ବଡ଼ଦାଣ୍ଡରେ ଥିବା ଭକ୍ତକବି ସାଲବେଗଙ୍କ ସମାଧିପୀଠ—ଶ୍ରୀଜଗନ୍ନାଥଙ୍କ ରଥ ଏଠି କିଛି ସମୟପାଇଁ ଅଟକି ରହେ ବୋଲି କଥିତ ଅଛି

ଏ ମୂର୍ତ୍ତିଗୁଡ଼ିକ ସାଲବେଗଙ୍କୁ ବଡ଼ ବିଚିତ୍ର ମନେ ହେଲେ ବି ତାଙ୍କ ପ୍ରତି କେମିତି ଗୋଟିଏ ଅନ୍ତର ଭିତରେ ଭକ୍ତିଭାବ ଥାଏ, ସେଇ ବିଚିତ୍ର ରୂପଧାରୀ ଈଶ୍ୱରଙ୍କର ନାନାଦି ମହୋତ୍ସବ ବେଳେ, ସାଲବେଗଙ୍କ ହୃଦୟ ଉଦ୍‌ବେଗ ହୋଇ ପଡ଼େ ଟିକେ ଦେଖିବାପାଇଁ । ରାସ୍ତାରେ କେତେ କିସମର ଲୋକେ ଯାଆନ୍ତି । ସଡ଼କ ଗହଳି ହୋଇ ଉଠେ ଯାତ୍ରୀମାନଙ୍କ ସମାଗମରେ । ଗଳି କନ୍ଦିରେ ମଧ୍ୟ ଅପର୍ଯ୍ୟାପ୍ତ ଲୋକଙ୍କ ଭିଡ଼ ଜମେ । ସମଗ୍ର ଭାରତ ବର୍ଷର କାହିଁ କେଉଁ ଦୂରଦୂରାନ୍ତରୁ ଛୁଟି ଆସନ୍ତି ଅସଂଖ୍ୟ ପୁଣ୍ୟ କାଙ୍ଗାଳ ଦଳ । ବହୁ ବର୍ଣ୍ଣର ବହୁ ବିଚିତ୍ର ଲୋକଙ୍କ କଣ୍ଠରୁ ଉଚ୍ଛୁଳି ଉଠେ ଜଗନ୍ନାଥଙ୍କ ଜୟ ଜୟ ଗାନ । ବିଭିନ୍ନ ଆନନ୍ଦ ସୂଚକ ଧ୍ୱନିମାନ ଦେଇ ଚାଲି ଥାଆନ୍ତି ଖୁବ ବିହ୍ୱଳ ହୋଇ । କିଏ ଯଦି ଦଣ୍ଡ ଖଞ୍ଜି ଖଞ୍ଜି ଚାଲି ଥାଏ, କିଏ ଚାଲି ଥାଏ ପିଠିରେ ଭରା ଦେଇ ଦେଇ । ଆଉ କିଏ ଆଣ୍ଠୁରେ ଆଣ୍ଠେଇ ଆଣ୍ଠେଇ ଚାଲି ଥାଏ ଅବାଧ

ଗଡ଼ିରେ । ଅଉ କାହାରି କୌଣସି କଥାରେ ଲକ୍ଷ୍ୟ ନାହିଁ ଭ୍ରୂକ୍ଷେପ ନାହିଁ କେବଳ ଦର୍ଶନ ପ୍ରାପ୍ତିର ତୃଷ୍ଣା ଭରି ରହିଛି ମନରେ । ତାହା ଆଖିରୁ ଝରି ପଡୁଥାଏ ଆନନ୍ଦର ବାରି... । ତାହା କଣ୍ଠରୁ ସ୍ଫୁରି ଉଠୁଥାଏ ଜପ ମିନତିର କରୁଣ କାତର ସ୍ୱର । କୋଟି କୋଟି ଜନତାଙ୍କୁ ଆଶ୍ଳେଷି ଧରି ଆତ୍ମ ସନ୍ତୋଷରେ ଶିହର ହୋଇ ଉଠୁଥାଏ ପବିତ୍ର ଲୀଳା ଭୂମି ।

ଜନାକୀର୍ଣ୍ଣ ରଥପଥର ଏ ବିଚିତ୍ର ଦୃଶ୍ୟ ଦେଖି, ବିସ୍ମୟରେ ଅଭିଭୂତ ହୋଇ ପଡନ୍ତି ସାଲବେଗ । ଧାଇଁ ଯାଆନ୍ତି ମା ପାଖକୁ ପଚାରି ଟିକେ ବୁଝି ନେବାପାଇଁ...., କିନ୍ତୁ ଏ ପ୍ରଶ୍ନ ପଚାରିବା ପୂର୍ବରୁ ତାଙ୍କ କଣ୍ଠର ଭାଷାକୁ କିଏ ଯେମିତି ବଦଳାଇ ଦିଏ ଅନ୍ୟ ଗତିରେ ।

ସମୟ ଗଡି ଚାଲେ । ଏକ ସୁସ୍ଥ ସୁନ୍ଦର ସବଳ ଯୁବକ ରୂପେ ମାଆଙ୍କ ଆଖିରେ ଉଭା ହୁଅନ୍ତି ସାଲବେଗ । ପିଲା ଦିନର ସେ ସ୍ମୃତି ଅସ୍ପଷ୍ଟ ହୋଇ ଆସେ । ପିତାଙ୍କ ନିର୍ଦ୍ଦେଶନାରେ ଅନୁପ୍ରାଣିତ ହୋଇ ମୁସଲମାନ୍ ଧର୍ମ ପ୍ରତି ଆକୃଷ୍ଟ ହେବା ସଙ୍ଗେ ସଙ୍ଗେ ଯୁଦ୍ଧ ବିଦ୍ୟାରେ ବି ସୁନିପୁଣ ହୁଅନ୍ତି । ଦିନେ ଗଡପତି ବାହିନୀ ବିରୁଦ୍ଧରେ ଯୁଦ୍ଧ କରିବାକୁ ଡାକରା ଆସିଲା ଲାଲବେଗଙ୍କୁ..। ଲାଲବେଗ ବଳିଷ୍ଠ ଯୁବକପୁଅ ସାଲବେଗଙ୍କୁ ଧରି ଯୁଦ୍ଧ ଭୂମିକୁ ଯାଏ ।

ଦାଣ୍ଡମୁକୁନ୍ଦପୁରର ସେ ଯେଉଁ ବିଧବା ବ୍ରାହ୍ମଣୀ, ସେ କ'ଣ କେବେ ଭାବି ଥିଲା ଯେ, ତାର ନିଜର ପୁଅ ହୋଇ, ହିନ୍ଦୁମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ଯିବ ରଣ ଭୂଇଁକୁ ? ଝର ଝର ହୋଇ ଆଖିରୁ ଝରି ପଡୁଥାଏ ଅଜସ୍ର ଅଶ୍ରୁ..... । ପ୍ରଭୁ ! କେତେ ଆଶା କରିଥିଲି ପୁଅ ମୋର ଗୋଟିଏ ଉପଯୁକ୍ତ ମଣିଷ ହେବ । କେତେ କେତେ ଉଚ୍ଚ ଆଶାମାନ ମନରାଜ୍ୟରେ ଉଙ୍କିମାରୁ ହେଉଥିଲା ନବୀନ ସୂର୍ଯ୍ୟ ପରି..... । ଜନ୍ମ ହେଉ ହେଉ ତାକୁ ସମର୍ପି ଦେଇଥିଲି ତୁମରି ଚରଣ ତଳେ । କିଛି କରି ନ ପାରିଥିଲେ ବି, କରିପାରିଥାଆନ୍ତ ତ ଗୋଟିଏ ବିନୟୀ ଭକ୍ତକରି....। କିନ୍ତୁ ଏ କ'ଣ କଲ ପ୍ରଭୁ..? ଏଇ ବିଶ୍ୱର ଶେଷରେ କଲ ତୁମେ.....?ମୋର ଆଖି ସାମନାରେ ଗୋଟିଏ ନୃଶଂସ ସୈନ୍ୟକରି ପଠାଇ ଦେଲ ତୁମେ ରଣ କ୍ଷେତ୍ରକୁ.....? ଆଖି ଆଗରେ ଭାସି ଉଠିଲା ସେ ବିଭତ୍ସ ରଣ ଭୂଇଁର କରୁଣ ଦୃଶ୍ୟ.....। ହଣା ଖାଇ କେତେ ସୈନ୍ୟ ଟଳି ପଡୁଛନ୍ତି । କାହାର ମୁଣ୍ଡ ଫାଟି ଝର ଝର ହୋଇ ଝରି ଯାଉଛି ରୁଧିରର ଧାର । ଆଉ କିଏ ବୁକୁରେ ଆଘାତ ପାଇ ଯନ୍ତ୍ରଣାରେ ଛଟପଟ୍ ହୋଇଯାଉଛି । ଆଃ ଯନ୍ତ୍ରଣାରେ ଚିତ୍କାର କରି ଉଠିଲେ ସାଲବେଗଙ୍କ ମାଆ ..। ଦୁଇ ହାତ ଟେକି ଦେଇ ବିନମ୍ର ପ୍ରଣତି ଜଣାଇଲେ, ପ୍ରଭୁ ! ପୁଅକୁ ମୋର ଅକ୍ଷତ ଅବସ୍ଥାରେ ଫେରାଇ ଆଣ ମୋ କୋଳକୁ ।

ଦୁର୍ଭାଗ୍ୟର କଥା, ସାଲବେଗ ଯୁଦ୍ଧରେ ଆହତ ହୋଇ କ୍ଷତ ବିକ୍ଷତ ଭାବେ ଲେଉଟି ଆସିଛନ୍ତି ଯୁଦ୍ଧ କ୍ଷେତ୍ରରୁ । ଦଉଡ଼ି ଚଳେ ମାଆ ଆହତ ପୁଅ ପାଖକୁ । ତାଙ୍କର କରୁଣ କାତର ଧ୍ୱନି ସମସ୍ତଙ୍କୁ ହତଚକିତ କରି ପକାଇଲା । ସବୁରି ଅନ୍ତର ଦୁଃଖରେ ତରଳି ପଡିଲା । ପ୍ରଭୁ ! ଏଇ କ'ଣ ମୋର ପ୍ରାପ୍ୟ—ଏ ଅଭାଗିନୀର ଏଇ ପରିଣତି ? କେଉଁଠି ମୋର ଦୋଷ ଦେଖିଲ ? ଜାଣି ଜାଣିତ ମୁଁ କିଛି ଭୁଲ୍ କରିନି । ଯାହା ସବୁ ଭୁଲ ହୋଇ ଯାଇଚି, ସେ'ତ ସବୁ ମୋର ଅନିଚ୍ଛା ସତ୍ତ୍ୱେ । ପରିସ୍ଥିତିରେ ପଡ଼ି ବାଧ୍ୟ ହୋଇ ଏ ଭୁଲ ସିନା ମୁଁ କଲି । ସବୁ ଜାଣିଚି, ତୁମେ ମୋ ପାଇଁ ଅଜାଣିବାର କାମ କଲ । କାହିଁକି ଏମିତି ନିଷ୍ଠୁର ହେଲ ପ୍ରଭୁ ?

ସାଲବେଗଙ୍କ ଯନ୍ତ୍ରଣା ଜର୍ଜରିତ ସ୍ୱର ମାଆଙ୍କୁ ଅସ୍ଥିର କରି ପକାଇଲା । ମୁଁ ମରି ଯିବି ମାଆ........ ...ମରି ଯିବି ମୁଁ । ଏ କ୍ଷତର ଯନ୍ତ୍ରଣା ସହ୍ୟ କରିବା ମୋ ପକ୍ଷେ ଆଉ ସମ୍ଭବ ନୁହେଁ ମାଆ । କୁହ ମୁଁ କ'ଣ କରିବି ? କୁହ ମାଆ.....କୁହ.....

ମାଆଙ୍କର ଦୁଇଟି କମ୍ପିତ ଓଠ ଥରି ଉଠିଲା ଦୁଃଖ ଆଉ ଅଭିମାନରେ । କାହିଁକି ତୁ ଯାଇଥିଲୁ ରଣଭୁଇଁକୁ.....? କେତେଥର ତତେ ମନା କରିଛି, ବାପାରେ ! ଏ ଯୁଦ୍ଧ ବିଦ୍ୟା ଶିଖନା । ଶୁଣିଲୁତ ନାହିଁ ମୋ କଥା । ଯୁଦ୍ଧରେ କ୍ଷତ ବିକ୍ଷତ ହୋଇ ଯନ୍ତ୍ରଣା ଭୋଗିବା ତମ ଉତ୍କଟ ସ୍ୱଭାବ ଶାପ । ମୋ ବୋଲ କ'ଣ ତୁ ମାନିବୁ ଯେ ତତେ ମୁଁ କହିବି ?

ସାଲବେଗଙ୍କ ବ୍ୟାକୁଳ ସ୍ୱର—କୁହ ମାଆ କୁହ । ମୁଁ ଅବାଧ୍ୟ ନ ହୋଇ ଶୁଣିବି ତୁମର କଥା ।

ମାଆଙ୍କ, ଦୁଇଟି ଅବିଶ୍ୱାସ ଆଖିର ତାରା ପହଁରି ଗଲା ସାଲବେଗଙ୍କ ପାଖକୁ....

ତମର ବିଶ୍ୱାସ ହେଉନି ମା ? ତିନି ଛୁଇଁ ତମର ଶପଥ କରୁଛି, ବିଶ୍ୱାସ କର ମତେ ।

ପୁଅର ଥର ଥର କଣ୍ଠର ବ୍ୟାକୁଳ ସ୍ୱର ଶୁଣି ଚମକି ଉଠିଲେ ମାଆ । କେମିତି ବିଶ୍ୱାସ କରିବେ ଏ ଶପଥକୁ....? କେମିତି ଭରସା ରଖିବେ ପୁଅ ଉପରେ..... ସେ କ'ଣ ଖାଲି ତାଙ୍କର ପୁଅ ? ନୃଶଂସ ଲାଲବେଗର ରକ୍ତରେ ଗଢ଼ା ସେ । ଏଇ ଗଜପତିଙ୍କ ସପକ୍ଷରେ ଯୁଦ୍ଧ କରି ହିନ୍ଦୁମାନଙ୍କ ମର୍ଯ୍ୟାଦା ରକ୍ଷା କରିବାକୁ ଯାଇ ସ୍ୱାମୀ ତାର ପ୍ରାଣ ହରାଇ ଥିଲେ । ଆଜି ସେ ମୁସଲମାନଙ୍କ ଲୁଣ୍ଠିତ ହୋଇ ନିଜର ଜାତି କୁଳ ମର୍ଯ୍ୟାଦା ହରାଇ ଯେଉଁ ସନ୍ତାନଙ୍କୁ ସୃଷ୍ଟି କଲେ, ସେ ଚଲ୍ ହିନ୍ଦୁମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ..... । ସେଇ ବିଷାକ୍ତ ରକ୍ତର ସନ୍ତାନ ସତରେ କ'ଣ ତାଙ୍କ କଥା ଶୁଣିବେ ..... ?

ତଥାପି ସେଇ ଅବିଶ୍ୱାସ ମନନେଇ ବ୍ୟକ୍ତ କଲେ ମାଆ, ବାପରେ । ତୁ ପ୍ରଭୁ ଜଗନ୍ନାଥଙ୍କୁ ଡାକ୍ ନିଶ୍ଚୟ ସେ ଶୁଣିବେ ତୋର ଡାକ । ସେଇ ତୋତେ ଆରୋଗ୍ୟ କରାଇ ଦେବେ ।

ବିସ୍ମିତ ହୋଇ ଉଠିଲେ ସାଲବେଗ—ଜଗନ୍ନାଥ ! ସେ କିଏ ମାଆ..... ? ମୁଁ ତ ଚିହ୍ନିନି ତାଙ୍କୁ ।

ପୁଅର ବିସ୍ମିତ ଭାବ ଲକ୍ଷ୍ୟ କରି ହସି ଉଠିଲେ ମାଆ— । ସେ ହସ ଧାରକ କେତେ ଶାନ୍ତ ଆଉ ସରଳ..... । କେତେ ସୁନ୍ଦର ଆଉ ଆପଣାର । ସେଇମତି ହସ ହସ ଓଠରେ କହିଲେ ମାଆ, ତୁ ଚିହ୍ନିବୁ କେମିତି— ? ସେ କିନ୍ତୁ ଚିହ୍ନନ୍ତି ତୋତେ ।

—ମୋତେ ଚିହ୍ନନ୍ତି..... ? କେମିତି ମାଆ— ?

—ସେ ସବୁ ପ୍ରଭୁ ଅନ୍ତର୍ଯ୍ୟାମୀ ରେ ବାପ । ସେ କାହାକୁ ଚିହ୍ନିବେ ନାହିଁ ? ସକଳ ଦୁଃଖନାଶନ ପ୍ରଭୁ ପରମେଶ୍ୱର ସେ । ତୁ ତାଙ୍କୁଇ ଡାକ୍ ବାପ, ତାଙ୍କର ଚରଣ ତଳେ ନିଜକୁ ସମର୍ପି ଦେଇ, ସେଠି ବିଶ୍ୱାସ ରଖ୍, ଦେଖିବୁ ସେଇ ଭଲ କରିଦେବେ ।

ସାଲବେଗଙ୍କ କଣ୍ଠରେ ବିସ୍ମୟ ଆଉ ଅବିଶ୍ୱାସର ପ୍ରଶ୍ନ—ସେ ଈଶ୍ୱର....? ତେବେ ଅଲ୍ଲା କିଏ ମାଆ ? ବାପା ତ କୁହନ୍ତି ଈଶ୍ୱର ହେଉଛନ୍ତି ଅଲ୍ଲା । ତାଙ୍କର ରୂପ ନାହିଁ, ବର୍ଣ୍ଣନାହିଁ, ସେ ହେଉଛନ୍ତି ନିରାକାର । କିନ୍ତୁ ତମ ଈଶ୍ୱରଙ୍କର ତ.........

ରୂପ ଅଛି, ବର୍ଣ୍ଣ ଅଛି, ଏଥି ପାଇଁ ସେ କ'ଣ ଈଶ୍ୱର ନୁହଁନ୍ତି ? ମାଆଙ୍କ ଓଠରେ ଉପହାସ ଉକୁଟି ଉଠିଲା । ହଁ ହଁ ତୋ ବାପାଙ୍କ ଈଶ୍ୱର ହେଉଛନ୍ତି ଅଲ୍ଲା । ଆଉ ମୋ ଈଶ୍ୱର ହେଉଛନ୍ତି ପ୍ରଭୁ ଜଗନ୍ନାଥ । ତାଙ୍କର ରୂପ ବର୍ଣ୍ଣ ଅଛି—ତାଙ୍କର ଆକାର ଅଛି । ସେଇ କଳାଶ୍ରୀମୁଖ ଭକ୍ତର ଡାକ ଶୁଣନ୍ତି । ଆର୍ତ୍ତ ଜନର ଆର୍ତ୍ତ ଫେଡନ୍ତି । ଭକ୍ତ ପାଇଁ ସେଇ ନିରାକାର ଅଲ୍ଲା ଆକାର ଧରନ୍ତି ।

ଏ'କି ଅସମ୍ଭବ କଥା ଶୁଣାଉଚ ମାଆ ! ତମ ଈଶ୍ୱର ହେଉଛନ୍ତି ପ୍ରଭୁ ଜଗନ୍ନାଥ ? ତମେ ତା'ହେଲେ...............

ହିନ୍ଦୁ । ମୁଁ ହିନ୍ଦୁରେ ବାପ—ହିନ୍ଦୁ ମୁଁ । ବ୍ରାହ୍ମଣ ଘରର କୁଳବଧୂ ଥିଲି । ଏଇମିତି ଆମ ଗାଁ ଦାଣ୍ଡମୁକୁନ୍ଦପୁରକୁ ଯୁଦ୍ଧ କରିବାକୁ ଯାଇ ବଳାତ୍କାର କରି ବାପ ତୋର ମୋତେ ନେଇ ଆସିଲେ । ତୁ କିମିତି ଜାଣିବୁ ମୁଁ କିଏ ? ତୁ ତ ଅନ୍ୟ ରକ୍ତରେ ଗଢ଼ାରେ, ମୋ ମନକଥା, ମୋ ଦୁଃଖ ବେଦନା ତୁ ବୁଝିବୁ କେମିତି ? ତଥାପି ତତେ ମୁଁ ଜଣାଇ ଦେଉଛି । ମାନିବୁ ପ୍ରଭୁ ଜଗନ୍ନାଥଙ୍କୁ ? ଚକାଆଖି ଚକାଡୋଳାଙ୍କୁ—ଯଶୋଦା ନନ୍ଦନ କଳାକାହ୍ନୁଙ୍କୁ । ସେଇ ତୋତେ ବାପ ନିଶ୍ଚୟ ଭଲ କରିଦେବେ ।

ନିଶ୍ଚୟ ଭଲ କରିଦେବେ ? ମାଆଙ୍କ କଥାରେ ଯେମିତି ଭରଷା ପାଇଲେ ସାଲବେଗ । ହଁ ହଁ ମାଆ ମୋ ଦେହ ଯଦି ତୁମ ଠାକୁର ଭଲ କରି ଦେବେ, ତେବେ ନିଶ୍ଚୟ ମୁଁ ମାନିବି ତାଙ୍କୁ ।

ଗଭୀର ବିଶ୍ୱାସରେ ମାଆଙ୍କର ମଥା ନତ ହୋଇ ଗଲା । ପୁଣି କଣ୍ଠରେ ତାଙ୍କର ବିଶ୍ୱାସର ବାଣୀ ନିଶ୍ଚୟ ସେ ତୋତେ ଭଲ କରି ଦେବେ । ଆଦୌ ବ୍ୟସ୍ତ ହୁଅନା—

ଦିନ ନାହିଁ, ରାତି ନାହିଁ; ସେଇ କରୁଣାସାଗର ପ୍ରଭୁ ଶ୍ରୀହରିଙ୍କ ଭାବନା ହୃଦ ଭିତରେ ଭରି ରହିଥାଏ ସାଲବେଗଙ୍କର । ବେଳେ ବେଳେ ଆତୁର ହୋଇ ପ୍ରଶ୍ନ କରନ୍ତି, ମାଆ । ତୁମ ଠାକୁରଙ୍କର ଘର କେଉଁଠ ?

ବୃନ୍ଦାବନରେ........।

ବୃନ୍ଦାବନ ? ଶ୍ରୀକୃଷ୍ଣଙ୍କ ଘର ପରା ବୃନ୍ଦାବନ ?

ସେଇ ବାପ ସବୁ । ସେଇ ଜଗନ୍ନାଥ । ସେଇ ଶ୍ରୀକୃଷ୍ଣ । ସେଇ ମଦନ ମୋହନ । ସେଇ ପ୍ରଭୁ ବିପଦ ଭଞ୍ଜନ । ବିଭିନ୍ନ ରୂପରେ ବିଭିନ୍ନ ନାଁରେ ସେ ପରିଚିତ । କାହା କଥା କେତେ କହିବି କହ ।

ତୁମ ଜଗନ୍ନାଥଙ୍କ ରୂପ ତ ମୁଁ ଦେଖିଛି ମାଆ—କୁହ ଶ୍ରୀକୃଷ୍ଣ କେମିତି ? ଆନନ୍ଦରେ ବିହ୍ୱଳ ହୋଇ ମାଆ କହି ଉଠନ୍ତି ଉଜ୍ଜ୍ୱଳ ନୀଳ ବର୍ଣ୍ଣର ସେ ଶରୀର ଆଖି ବଡ଼ ଚମତ୍କାର ବାପ । ଶିରରେ ଶ୍ରୀଖଣ୍ଡ ଚୂଳ, ଲଲାଟରେ ଗୋରଚନାର ଚିତା, ଧନୁ ପରି ଦୁଇଟି ଟଣା ଟଣା ଭୂରୁ, ଲାଲ ଓଠରେ ମନ୍ଦ ମନ୍ଦ ହାସ୍ୟ, ବକ୍ଷରେ ଲମ୍ବି ରହିଥିବ ସୁରଙ୍ଗ ହାର; ହାତରେ ଦୁଇଟି କଙ୍କଣର କଣ କଣ ଧ୍ୱନି, ଅଙ୍ଗୁଳିରେ ଶୋଭା ପାଉ ଥିବ ସୁବର୍ଣ୍ଣ ମୁଦ୍ରିକା ; ତ୍ରିଭଙ୍ଗୀ ଛନ୍ଦରେ ଠିଆ ହୋଇ ରହି ଯେତେବେଳେ ବଂଶୀ ବଜାଉଥିବେ, ତାଙ୍କୁ ଦେଖିଲେ କିଏ ଧୈର୍ଯ୍ୟ ଧରି ରହିପାରିବ ? ଭାବ ବିହ୍ୱଳ ହୋଇ କେତେକ ତ ପାଗଳ ହୋଇ ଯାଆନ୍ତି । ମୁଁ ବା କୋଉ ଛାର, ତାଙ୍କର ରୂପ ବର୍ଣ୍ଣର ବର୍ଣ୍ଣନା କରିବି ? ମୁଁ ଅକ୍ଷମ ବାପ ଅକ୍ଷମ ମୁଁ । ଏକଥା କହୁ କହୁ ମାଆଙ୍କ ଆଖିରୁ ଝରି ପଡ଼ିଲା ଧାର ଧାର ଅଶ୍ରୁ ।

ସାଲବେଗ ଯେମିତି ଅନୁଭବ କଲେ ତାଙ୍କର ଦୁଇ ଆଖିପତା ମଧ୍ୟ ଓଦା ଓଦା ହୋଇ ଆସୁଛି, ପ୍ରଭୁ ଶ୍ରୀକୃଷ୍ଣଙ୍କ ସ୍ୱରୂପକୁ ଚିନ୍ତା କରି କରି ବିହ୍ୱଳ ହୋଇ ଉଠୁଛନ୍ତି । ଶୋଇ ଶୋଇ ସେ କେତେଥର ସ୍ୱପ୍ନରେ ଦେଖିଲେଣି ଠିକ୍ ସେଇ ଭଳି ଉଜ୍ଜ୍ୱଳ ନୀଳ ରଙ୍ଗର ଗୋଟିଏ କିଶୋର ମୁଣ୍ଡରେ ମୟୂର ଚୂଳ ଖୋସି, ହାତରେ ବଂଶୀ ଧରି ମନ୍ଦ ମନ୍ଦ ହସି ସାମ୍ନାରେ ଠିଆ ହୋଇ ଯାଉଛନ୍ତି । କିଏ ଆବେଗ ନେଇ ଧରି ପକାଇବାପାଇଁ ହାତ ଦୁଇଟି ଯେତେବେଳେ ପ୍ରସରି ଯାଉଚି ସାଲବେଗଙ୍କର, ଲୁଚି ଯାଉଛନ୍ତି ପ୍ରଭୁ ମାଆଙ୍କର ସେଇ ପୂଜା କରୁଥିବା ମୂର୍ତ୍ତିଗୁଡ଼ିକଙ୍କ ଭିତରେ । ତାଙ୍କର ଭାବନାରେ ବିଭୋର ହୋଇ ସାଲବେଗଙ୍କୁ ଦିନରାତି ଜଣା ପଡୁନି । ଶରୀର ଯନ୍ତ୍ରଣା ବାଧୁନି ।

କିନ୍ତୁ କାହିଁ ? ଭଲ ହେବାରତ ସୂଚନା ମିଳୁନି ? ଆଉ କେତେ ଦିନ ଏମିତି ପ୍ରତୀକ୍ଷାରେ କଟିବ ? ତଥାପି ଦୁଃଖ ନାହିଁ, ହତାଶ ବି ନାହିଁ । କି ଗୋଟାଏ ଅଜଣା ଉତ୍କଣ୍ଠା ନେଇ ମନଟା ରହି କରୁଛି ।

ଦୀର୍ଘ ଦଶ ବାର ଦିନ ପରେ ସାଲବେଗ ଦିନେ ମାଆଙ୍କୁ ପ୍ରଶ୍ନ କଲେ, ଆଚ୍ଛା ମାଆ । ତମ ଠାକୁର ତ କାହିଁ ଭଲକରି ଦେଲେନି, ମୁଁ ଆଉ ସହ୍ୟ କରି ପାରୁନି । ଏ ଯନ୍ତ୍ରଣା ବେଳକୁ ବେଳ ମତେ ଅଥୟ କରି ପକାଉଚି । ଆତ୍ମ ହତ୍ୟା ଛଡ଼ା ମୋର ଆଉ ଅନ୍ୟ ଉପାୟ ନାହିଁ ମାଆ........

ଦୁଃଖରେ କାନ୍ଦି ପକାଇଲେ ମାଆ........ସତେ କ'ଣ ଭଲ ହେବନି....ମୋ ଦୁଃଖ ଶୁଣିବେ ନାହିଁ ଠାକୁର ? ଲୁହ ଧୁଆ ଆଖିରେ ପ୍ରଭୁଙ୍କୁ ଚାହିଁ ମାଆ କହିଲେ, ପ୍ରଭୁ ! ମୋର ଗଭୀର ବିଶ୍ୱାସ ତୁମେ ନିଶ୍ଚୟ ଭଲ କରି ଦେବ । କିନ୍ତୁ କାହିଁକି ଏତେ ବିଳମ୍ବ କରୁଚ ? ତୁମେ ଯେ ଅନ୍ୟ ଆଖିରେ ଅବିଶ୍ୱାସର ପାତ୍ର ହେବ; ଏ କଥା ମୁଁ କ'ଣ ସହ୍ୟ କରି ପାରିବି ? ଦ୍ୱାଦଶ ଦିବସ ଆଜକୁ ପୂର୍ଣ୍ଣ ହେଲା । ଆଉ କେତେ ଦିନ ଏମିତି କଟିବ ? ପ୍ରଭୁ ! ଆଜି ଯଦି ନଶୁଣିବ ଆମ ଦୁଃଖ, ତେବେ ଆମେ ମାଆ ପୁଅ ତୁମରି ପାଦତଳେ ଜୀବନ ହାରିବୁ ।

ଭକ୍ତର ଡାକ ଶୁଣିଲେ ଭଗବାନ୍ । ନିଦ୍ରିତ ଅବସ୍ଥାରେ ସାଲବେଗ ଦେଖନ୍ତି ପ୍ରଭୁ ବାଳମୁକୁନ୍ଦ ବେଶ ଧରି ମୁଠାଏ ବିଭୂତି ବଢ଼ାଇ ଦେଉଛନ୍ତି ହାତକୁ । ଆଉ ଧୀର କଣ୍ଠରେ କହୁଛନ୍ତି—ଉଠ ଏଥର......ମନରୁ ଦୁଃଖ ଦୁଃଶ୍ଚିନ୍ତା ଦୂର କରି, ଏହାକୁ କ୍ଷତ ସ୍ଥାନରେ ବୋଳି ଦିଅ । ପରମ ଆନନ୍ଦରେ ସେ ବିଭୂତିତକ ଦେହରେ ବୋଳିହୋଇ ପଡ଼ି ନିରେଖି ଚାହିଁଲା ବେଳକୁ ପ୍ରଭୁ ଅନ୍ତର୍ଧ୍ୟାନ ହୋଇ ଗଲେଣି । ଦେହର କ୍ଷତ ପ୍ରାୟ ଅର୍ଦ୍ଧେକ ଭଲ ହୋଇ ଯାଇଛି । ଗଭୀର ସନ୍ତୋଷରେ ନିଦ୍ରା ଯେମିତି ଦି'ଗୁଣ ବଢ଼ିଗଲା ସାଲବେଗଙ୍କର ।

ସକାଳୁ ଉଠି ସେ ଦେଖନ୍ତି, ଦେହରେ ଆଉ ଲେଶମାତ୍ର କ୍ଷତର ଯନ୍ତ୍ରଣା ନାହିଁ । ସବୁ ଶୁଖି ମଉଳି ଯାଇଛି । ଆନନ୍ଦରେ ଆତ୍ମହରା ହୋଇ ମାଆଙ୍କୁ ଉଠାଇ ଦେଖାଇଲେ, ଦେଖ ମାଆ । ମୋର ସବୁ ଭଲ ହୋଇଯାଇଚି.. । ତୁମେ ଯୋଉ ରୂପେ ବର୍ଣ୍ଣନା କରିଥିଲ, ଠିକ୍ ସେଇ ରୂପରେ ଆସି ତମ ଭଗବାନ୍, ମତେ ଦେଇଗଲେ ବିଭୂତି ।

ଝର ଝର ହୋଇ ଝରି ପଡ଼ିଲା ମାଆଙ୍କ ଆଖିରୁ ଆନନ୍ଦର ଅଶ୍ରୁ । ସାଲବେଗ ବି କାନ୍ଦି ଉଠୁଛନ୍ତି..... । ସେ କ'ଣ କାନ୍ଦ, ? ସେ କ'ଣ ଅଶ୍ରୁ ? ସେ ହେଉଛି ଭଗବାନ୍‌ଙ୍କ ପ୍ରତି କୃତଜ୍ଞତାର ନିଦର୍ଶନ ।

ପାଗଳ ହୋଇ ଉଠିଛନ୍ତି ଯେମିତି ସାଲବେଗ ! କେତେବେଳେ କାନ୍ଦି ଉଠୁଛନ୍ତି ତ କେତେ-ବେଳେ ଆନନ୍ଦରେ ବିହ୍ୱଳ ହୋଇ ହସି ଉଠୁଛନ୍ତି । ହସ କାନ୍ଦର ଅବସାନ ପରେ ସେ ନୀରବ, ନିସ୍ତବ୍ଧ । ମାଆଙ୍କର ଦୁଇଟି ବ୍ୟାକୁଳ ଆଖି ଚାହିଁ ରହିବ ତାଙ୍କୁ ।

ଗଭୀର ବିଶ୍ୱାସରେ ଉପନୀତ ହୋଇ ଶେଷରେ ସେ ମନସ୍ଥ କରି ମାଆଙ୍କୁ ଜଣାଇଲେ ତାଙ୍କର ମନ କଥା, ମାଆ ଯୋଉ ଈଶ୍ୱର ଏ ଦେହକୁ ଆରୋଗ୍ୟ କରାଇଲେ, ସେଇ ଦେହ ଯଦି ତାଙ୍କର ସେବାରେ ନିୟୋଜିତ କରିବି, ମୁଁ ସବୁଠାରୁ ସୁଖୀ ହେବି ମାଆ, ମତେ ତମେ ବାରଣ କରନି । ମୁଁ ଚାଲିଯିବି ସେଇ ଈଶ୍ୱରଙ୍କ ପାଖକୁ ।

ଆଃ..ମାଆଙ୍କର ସେ ସମ୍ମତି ତ ନୁହେଁ । ଆଶୀର୍ବାଦ । ଆଖିରୁ ଝରି ପଡ଼ୁଛି ଅଶ୍ରୁ.... ଓଠରୁ ଝରି ପଡ଼ୁଚି ମୁଠା ମୁଠା ହସ । ଯାଆ ବାପା ଯାଆ..। ଏ ନେତ୍ର ଏକଥା ଦେଖିବ, ମୋର ପରତେ ହେଉନି । ସତରେ ତୁ ସେଠିକି ଯିବୁ, କଳା ଶ୍ରୀମୁଖକୁ ଦେଖିବୁ..। ଏତେ ବଡ଼ ଭାଗ୍ୟ ମୋର ହେବ ? ସେଇ ଚକାଡୋଳା ତତେ ଡାକିଛନ୍ତି ରେ ବାପ ମୁଁ କାହିଁକି ତୋତେ ଅଟକାଇ କରିବି..? ଏଇତ ହେବ ଜୀବନର ମୋର ପରମ ତୃପ୍ତି..ଚରମ ସାର୍ଥକତା ।

ନିଜ ଭକ୍ତିରେ ନିଜେ ବିଭୋର ହୋଇ ଚାଲିଛନ୍ତି ସାଲବେଗ ଶ୍ରୀକ୍ଷେତ୍ର ପୁରୀର ବଡ ଦାଣ୍ଡରେ..। ପାଗଳ ଭଳି ଭକ୍ତିର ଉନ୍ମାଦନାରେ ନାଚୁଛନ୍ତି ... ଗାଉଛନ୍ତି ....ହସୁଛନ୍ତି..କାନ୍ଦୁଛନ୍ତି । ଠିକ ଏଇଭଳି ଦିନେ ଆବିର୍ଭାବ ହୋଇଥିଲେ ଶ୍ରୀଚୈତନ୍ୟ ! ପରେ ପରେ ପରମ ଭକ୍ତ ସାଲବେଗ ... । ଜନତା ସ୍ତବ୍ଧ । ସମସ୍ତେ ଆଶ୍ଚର୍ଯ୍ୟ । ଯୋଉ ପଠାଣ ଟୋକା ଆସିଥିଲା ଯୁଦ୍ଧ କରିବାକୁ ବାପ ସଙ୍ଗେ ସିଏ ଆଜି ଭକ୍ତିରେ ବିହ୍ୱଳ.....ଏ ସତ୍ୟ ନା ମିଥ୍ୟା ?

ମନ୍ଦିର ଭିତରକୁ ପଶି ଯାଉ ଯାଉ ପଣ୍ଡାମାନେ ପାଟି କରି ଉଠିଲେ । ଧରରେ ଏ ପଠାଣ ଟୋକାକୁ....ମନ୍ଦିର ଭିତରେ ପଶି ଯାଉଛି ଗୋଟାଏ ଶକ୍ତ ଧକ୍କା ଖାଇଲା ପରି ସାଲବେଗଙ୍କ ପାଦ ଦୁଇଟି ଅଟକି ଗଲା ମନ୍ଦିର ବାହାରେ ...ସତରେ କଣ ମୁଁ ପ୍ରଭୁଙ୍କ ଦର୍ଶନ ପାଇ ପାରିବିନି? ଆଖିରୁ ଲୁହ ଝରି ଯାଉଛି । ଅନ୍ତରରୁ କୋହ ଉଠୁଛି....କିନ୍ତୁ ଏ କଣ ଦେଖୁଛ ସେଇ ପ୍ରଭୁ ଜଗନ୍ନାଥ ! ସେଇ ସ୍ୱରୂପ ! ସେଇ ବଡ ବଡ ଦୁଇ ଆଖିର ଚାହାଁଣି—ପତିତପାବନ ଜଗନ୍ନାଥଙ୍କ ମୂର୍ତ୍ତିକୁ ଦୃଷ୍ଟିଦେଇ ଆନନ୍ଦ ଗଦ ଗଦ ସ୍ୱରରେ ଗାଇ ଉଠିଲେ ସାଲବେଗ—

ଆହେ ନୀଳ ଶଇଳ, ପ୍ରବଳ ମତ୍ତ ବାରଣ
ମୋର ଆରତ ନଳିନୀ ବନକୁ କର ଦଳନ ।
କହେ ହୀନ ସାଲବେଗ ଜାତିରେ ମୁଁ ଯବନ
ଶ୍ରୀରଙ୍ଗା ଚରଣ ତଳେ ଯାଉ ମୋର ଜୀବନ ।

କ୍ୱାର୍ଟର ନଂ ୪-ଆର-୧
ଓ, ଏସ. ଇ. ବି କଲୋନୀ
ଭୁବନେଶ୍ୱର-୭



ହିନ୍ଦୁଧର୍ମର ରକ୍ଷକ ଶ୍ରୀ ଶଙ୍କରାଚାର୍ଯ୍ୟ



ବିଶ୍ୱବିଖ୍ୟାତ ଶ୍ରୀ ଜଗନ୍ନାଥ ମନ୍ଦିର ଆଜି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଛି । ଏହି ସମସ୍ୟା ମଧ୍ୟରେ ନିର୍ଦ୍ଦିଷ୍ଟ ସମୟରେ ଦୈନିକ ନୀତିର ବିଭ୍ରାଟ ଓ ଆର୍ଥିକ ସମସ୍ୟା ଅନ୍ୟତମ । ପୂର୍ବେ ଏହି ମନ୍ଦିରର ପବିତ୍ର ପରିବେଶ ଭକ୍ତମାନଙ୍କୁ ମୁଗ୍ଧ କରିଥିଲା । ତେଣୁ ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ ଥରେ ମାତ୍ର ରତ୍ନ-ସିଂହାସନ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ସରିବା ପରେ ଭକ୍ତିବିହ୍ୱଳ ଚିତ୍ତରେ ଧନ, ସମ୍ପତ୍ତି, ଟଙ୍କା, ପଇସା ଆଦି ଅକୁଣ୍ଠିତ ଭାବରେ ଦାନ କରୁଥିଲେ । କେବଳ ସେତିକି ନୁହେଁ, ଉତ୍କଳର ଗଜପତି ସମ୍ରାଟମାନେ ଦିଗ୍‌ବିଜୟ କରିବା ପରେ ସେମାନଙ୍କ ଦ୍ୱାରା ଆନୀତ ଧନରତ୍ନ ସୁନା, ରୂପା, ହୀରା, ନୀଳା, ମଣି, ମୁକ୍ତାଆଦି ମୂଲ୍ୟବାନ ଦ୍ରବ୍ୟକୁ ସେମାନେ ଶ୍ରୀ ଜଗନ୍ନାଥଙ୍କ ପଦାରବିନ୍ଦରେ ଅର୍ପଣ କରୁଥିଲେ । ଏହି ସମସ୍ତ ମୂଲ୍ୟବାନ ପଦାର୍ଥଦ୍ୱାରା ଆଜି ଶ୍ରୀ ମନ୍ଦିରର ଭଣ୍ଡାର ଘର ପରିପୂର୍ଣ୍ଣ । ଉତ୍କଳର ଦିଗ୍‌ବିଜୟୀ ସମ୍ରାଟମାନେ ଶ୍ରୀ ମନ୍ଦିରର ସୁପରିଚାଳନା ତଥା ଦୈନିକ ନୀତି ଓ ପର୍ବପର୍ବାଣୀରେ ବିଭ୍ରାଟ ନ ହେବା ପାଇଁ ବାଟି ବାଟି ସମ୍ପତ୍ତି ସେବକ ଓ ମଠଧାରୀମାନଙ୍କୁ ପ୍ରଦାନ କରିଥିଲେ । ଏହିପରି ସମ୍ପତ୍ତି ପ୍ରଦାନର ମୂଳ ଉଦ୍ଦେଶ୍ୟ ଥିଲା ଯେ ଶ୍ରୀ ମନ୍ଦିରର ନୀତି ସୁରୁଖୁରୁରେ କାର୍ଯ୍ୟକାରୀ ହେବା ସଙ୍ଗେ ସଙ୍ଗେ ହିନ୍ଦୁ ଧର୍ମାବଲମ୍ବୀଙ୍କ ମଧ୍ୟରେ ଐକ୍ୟ ସ୍ଥାପନ ହେବ ଯଦ୍ଦ୍ୱାରା ଶ୍ରୀ ମନ୍ଦିରକୁ ବିଭିନ୍ନ ବିଧର୍ମୀଙ୍କ ଆକ୍ରମଣରୁ ରକ୍ଷା କରାଯାଇପାରିବ ।

# ଶ୍ରୀମନ୍ଦିରର ଆର୍ଥିକ ସମସ୍ୟା ଓ ତାର ସମାଧାନ ପନ୍ଥା

ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ର

ଏତେ ବିରାଟ ସମ୍ପତ୍ତିର ଅଧିକାରୀ ଏତେ ମୂଲ୍ୟବାନ ପଦାର୍ଥ ସେଇ ବିଶ୍ୱବିଧାତା ଶ୍ରୀ ଜଗନ୍ନାଥଙ୍କ ଭଣ୍ଡାରକୁ ଗୌରବାନ୍ୱିତ କରିବା ସଙ୍ଗେ ସଙ୍ଗେ ବିଦେଶୀ ଲୁଣ୍ଠନକାରୀଙ୍କୁ ଆକୃଷ୍ଟ କରୁଥିଲା, ସେହି ଶ୍ରୀ ଜଗନ୍ନାଥ ଆଜି ବିରାଟ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି । ଯେଉଁ ଶ୍ରୀ ଜଗନ୍ନାଥଙ୍କୁ ଜଗତର ନାଥ, ପରମାତ୍ମା, ପୁରୁଷୋତ୍ତମ, ପତିତପାବନ, ଭାବଗ୍ରାହୀ ବୋଲି ସହସ୍ର ଯୋଜନ ଦୂରରୁ ଭକ୍ତ ବିନମ୍ର ପ୍ରଣତି ଅର୍ପଣ କରେ ସେହି ଜଗନ୍ନାଥଙ୍କର ଆର୍ଥିକ ସଙ୍କଟ ବିଷୟ ଶ୍ରବଣ କଲେ ମନରେ ଘୋର ଦୁଃଖ ଆସେ ।

ସେଦିନର ଜଗନ୍ନାଥ ଓ ଆଜିର ଜଗନ୍ନାଥଙ୍କ ମଧ୍ୟରେ ଦେଖା ଦେଇଛି ଏକ ବିରାଟ ପାର୍ଥକ୍ୟ । ସେଦିନର ଜଗନ୍ନାଥଙ୍କୁ ସେବା ପୂଜା କରି ରାଜାଠାରୁ ଆରମ୍ଭ କରି ସେବକ ପର୍ଯ୍ୟନ୍ତ ସମସ୍ତେ ଆନନ୍ଦିତ ହେଉଥିଲେ । କିନ୍ତୁ ଆଜିର ଜଗନ୍ନାଥଙ୍କ ପୂଜା ଉପାସନାଦିରେ ସେ ଘନିଷ୍ଠ ଭାବ କେତେ ଅଛି ? ଅର୍ଥାତ୍ ଏହା କହିବା ବାହୁଲ୍ୟ ହେଉଛି ସେଦିନର ଭକ୍ତ ଓ ସେବକ ଗୋଷ୍ଠୀ ଥିଲେ ଶ୍ରୀ ଜଗନ୍ନାଥଙ୍କ ନିୟନ୍ତ୍ରଣାଧୀନ କିନ୍ତୁ ଆଜିର ଶ୍ରୀ ଜଗନ୍ନାଥ ହେଉଛନ୍ତି ସେବକ ଗୋଷ୍ଠୀର ନିୟନ୍ତ୍ରଣାଧୀନ । ତେଣୁ ପୂର୍ବେ ଶ୍ରୀ ଜଗନ୍ନାଥଙ୍କ ନୀତିରେ ପ୍ରାୟ ବିଭ୍ରାଟ ଦେଖାଯାଉ ନଥିଲା । କିନ୍ତୁ ନୀତି ବିଭ୍ରାଟ ବର୍ତ୍ତମାନ ପ୍ରାୟ ବହୁ ପରିମାଣରେ ଦେଖାଯାଉଛି ।

ଅର୍ଥାତ୍ ଗୋଟିଏ କଥାରେ କହିବାକୁ ଗଲେ ଯଦି କୌଣସି କୌଣସି ସେବକଙ୍କ ମଧ୍ୟରେ କୌଣସି ବାଦବିବାଦ ଫଳତଃ ବ୍ୟକ୍ତିଗତ କଳହ ସୃଷ୍ଟି ହୁଏ, ତେବେ ସେମାନେ ସୁଯୋଗ ଦେଖି ଜଗନ୍ନାଥଙ୍କ ଦୈନିକ ନୀତିରେ ବିଭ୍ରାଟ ସୃଷ୍ଟି କରନ୍ତି । ଏହି ନୀତି ବିଭ୍ରାଟ ଶ୍ରୀ ଜଗନ୍ନାଥଙ୍କ ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରି ଦେଉଛି । ଗୋଟିଏ ଛୋଟିଆ ଉଦାହରଣ ଦେଲେ ଏହା ସ୍ପଷ୍ଟ ହୋଇ ପାରିବ ।

ମୁନେଭର—କୌଣସି କଡେ ପଣ୍ଡାଙ୍କର କୌଣସି ଭକ୍ତ ସୁଆର ସଙ୍ଗେ ମତଦ୍ୱୈଧ ଘଟିଛି । ତିନେ ସେହି ସୁଆରଙ୍କର ପାନି ଭୋଗକୁ ପଣ୍ଡାଙ୍କର ପୂଜା କରିବା ପାଳି ଅଛି । ଏହି ସୁଯୋଗ ନେଇ ପଣ୍ଡା ଭିଭିନ୍ନ ବାହାନା ଦେଖାଇ ପୂଜାରେ ବିଳମ୍ବ କରିବା ବା ପୂଜାକୁ ଅତ୍ୟନ୍ତ ଭଣ୍ଡ କରିଦେବା ଦ୍ୱାରା ସେହି ସୁଆର ଅସୁବିଧାର ସମ୍ମୁଖୀନ ହେବା ସଙ୍ଗେ ସଙ୍ଗେ ସର୍ବସାଧାରଣ ମଧ୍ୟ ଏହାର ଶିକାର ହେଉଛନ୍ତି ।

ତେଣୁ ଏହିଭଳି ଅନେକ ବ୍ୟକ୍ତିଗତ କାରଣରୁ ମଧ୍ୟ ଶ୍ରୀ ମନ୍ଦିରରେ ନୀତିଗତ ବିଭ୍ରାଟ ଦେଖା ଦିଏ ଏବଂ ଏହା ଶ୍ରୀମନ୍ଦିରର ଆର୍ଥିକ ପରିସ୍ଥିତି ଉପରେ ପ୍ରଭାବ ପକାଏ ।

ଏହିଭଳି ନୀତିଗତ ବିଭ୍ରାଟ ଓ ତାର ଦଣ୍ଡ ବିଧାନ ସମ୍ବନ୍ଧରେ ଶ୍ମିଥ୍ ସାହେବ ତା ୧୦ । ୬ । ୧୮୦୫ ମସିହାର ଏକ ରିପୋର୍ଟରେ ଉଲ୍ଲେଖ କରିଛନ୍ତି 'ଆଗେ ଏହିଭଳି ତ୍ରୁଟିଏ ନୀତି ବିଭ୍ରାଟ ପାଇଁ ବେତମାଡ଼ ଓ ଶାରୀରିକ ଦଣ୍ଡ ଦିଆଯାଉ ଥିଲା ଓ କେତେକ କ୍ଷେତ୍ରରେ ଅର୍ଥଦଣ୍ଡ ମଧ୍ୟ ଦିଆଯାଉଥିଲା । କିନ୍ତୁ ଏହି ନିୟମର କ୍ରମିକ କୋହଳ ହେତୁ ମନ୍ଦିରର ପ୍ରତ୍ୟେକ ସେବକ ନିଜର ରୁଚି ଅନୁଯାୟୀ କାର୍ଯ୍ୟ କରୁଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେକ ଯାତ୍ରୀମାନଙ୍କ ଲୁଣ୍ଠିତ ଧନରେ ପୁଞ୍ଜି ବଢ଼ାଇ ପାରିଛନ୍ତି ।' "Every servant of the temple does as he pleases and most of them amass wealth by the plunder of the pilgrims." (Para. 8).

ଶ୍ମିଥ୍ ସାହେବ ୧୮୦୫ ମସିହାରେ ଶ୍ରୀମନ୍ଦିରର ଆୟର ବିଭିନ୍ନ ପନ୍ଥା ସମ୍ବନ୍ଧରେ ଏକ ତାଲିକା ପ୍ରସ୍ତୁତ କରିଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ଏହି ତାଲିକାଟି ବର୍ତ୍ତମାନ ଦେଖିବାକୁ ମିଳୁନାହିଁ ।

୧୯୦୩ ମସିହାରେ ଗ୍ୟାରେଟ ନାମକ ଜଣେ ସାହେବଙ୍କ ରିପୋର୍ଟରୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରର ବିଭିନ୍ନ ଆୟର ପନ୍ଥା ସମ୍ବନ୍ଧରେ ନିମ୍ନୋକ୍ତ ବିବରଣୀ ପ୍ରଦାନ କରାଯାଇଛି :—

(୧) ମହାପ୍ରସାଦ ବିକ୍ରୀରୁ ଆୟ,

(୨) ସେବକମାନଙ୍କର ପ୍ରଥମ ନିଯୁକ୍ତି ପାଉଣା ବା ସଲାମି,

(୩) ଜମିଦାରମାନେ ମଶାଲ ଆଦି ଧରି ମନ୍ଦିରରେ ପଶିବା ପାଇଁ ମାହାସୁଲ,

(୪) ଅଳଙ୍କାର ସମର୍ପଣ ଆୟ,

(୫) ପଥର ପକା ଫିସ୍ ବା ନାମ ଲେଖା ଫିସ୍,

(୬) ଛପନ ଭୋଗ ଓ ଲକ୍ଷବତୀ ଫିସ୍,

(୭) ଶୋଧ ଫିସ୍,

(୮) ବିଶେଷ ମର୍ଯ୍ୟାଦା ପାଇବା ଫିସ୍,

(୯) ରାଜାଙ୍କ ସହ ଗୋପନ ଦେଖା ଫିସ୍,

(୧୦) ଚୁଲି ଓ ପନ୍ତି ଭଡ଼ା ଦେବା ନିମନ୍ତେ ସଲାମି,

(୧୧) ସର ଘରୁ ଆଦାୟ ଫିସ୍,

(୧୨) ପାଦୁକ କୁଣ୍ଡ ଓ ରୋହିଣୀକୁଣ୍ଡ ଫିସ୍,

(୧୩) ରୋଷ ପାଖରେ ଅନୁସିହା ଦୋକାନ ସ[...] ସଲାମି,

(୧୪) ପ୍ରସାଦ ବିକ୍ରୀ ଫିସ୍,

(୧୫) ଭୁଉଣିଆ ମାହାଲ ଫିସ୍,

(୧୬) ନିର୍ମାଲ୍ୟ ମାହାଲ,

(୧୭) ତୁଣ୍ଡିରୁ ଘର ଓ ରୋଷ ଘର ଦର୍ଶନ ଫିସ୍ ।'

ଏବେ ଏଥି ମଧ୍ୟରୁ କେତେକ ଆୟ ପନ୍ଥା ପ୍ରାୟ ଲୋ[...] ପାଇବା ସଙ୍ଗେ ସଙ୍ଗେ ନୂତନ ଆୟ ପନ୍ଥା ମଧ୍ୟ ଯୋ[...] ହୋଇଛି । ୧୩୦୨ ସାଲର ଗୋଟିଏ ବହେଜରୁ ଜଣ[...] ଯାଏ ଯେ ମନ୍ଦିରର ଭୂସମ୍ପତ୍ତି, ଭୂସମ୍ପତ୍ତିରୁ ବାହେ ଆ[...] ମନ୍ଦିରରୁ ଆୟ, ଯାତ୍ରୀମାନଙ୍କଠାରୁ ଓ ଶାଢ଼ୀ [...] ଆଦିରୁ ମୋଟ ଆୟ ଟ ୨,୫୫,୬୦୦ ଙ୍କା ଏବଂ ଗୋ[...] ଭୋଗ, ପର୍ବ ଯାତ୍ରା, ଠାକୁରଙ୍କ ଲୁଗାପଟା, କ[...] ଗ୍ଭରୀଙ୍କ ଦରମା ଆଦି ବାବଦରେ ସର୍ବମୋଟ [...] ଟ ୨,୪୦,୦୦୦ ଙ୍କା ।

ସେ ଯାହାହେଉ ଶ୍ରୀମନ୍ଦିରର ବିଭିନ୍ନ ଆୟକୁ ମୁଖ୍ୟ[...] ୩ ଭାଗରେ ବିଭକ୍ତ କରାଯାଇ ପାରେ । ଯଥା :—

(କ) ସ୍ଥାବର ସମ୍ପତ୍ତିରୁ ଆୟ,

(ଖ) ଅସ୍ଥାବର ସମ୍ପତ୍ତିରୁ ଆୟ,

(ଗ) ଅନ୍ୟାନ୍ୟ ବାବଦରୁ ଆୟ ।

**ସ୍ଥାବର ସମ୍ପତ୍ତି—**

ଶ୍ରୀଜଗନ୍ନାଥଙ୍କ ସ୍ଥାବର ସମ୍ପତ୍ତିରୁ ଆୟ କହିଲେ ବିଭିନ୍ନ ମାହାଲର ଆୟକୁ ବୁଝାଏ । ଏହି ମାହାଲ[...] ଗୁଡ଼ିକ ହଜାର ହଜାର ବାଟି ଜମିକୁ ନେଇ ଗଠିତ[...] ଏହି ମାହାଲସ୍ଥ ଜମିକୁ ବିଭିନ୍ନ ସମୟରେ ପ୍ରଜା, [...]

ଶ୍ରୀ ଜଗନ୍ନାଥଙ୍କ ମନ୍ଦିରର ସୁପରିଚାଳନା ପାଇଁ ଓ ସେବା ପାଇଁ ଦାନ କରିଥିଲେ । ଏହି ଜମି ଗୁଡ଼ିକର ମାରଫତଦାର ରୂପେ ବିଭିନ୍ନ ମଠଧାରୀ ତଥା ସେବକ-ମାନେ ଥିଲେ । ଟ୍ରୁମ୍ସ ସାହେବ ଏ ସମ୍ବନ୍ଧରେ ତାଙ୍କର ୧୮୦୪ ମସିହା ରିପୋର୍ଟର ଷଷ୍ଠ ପାରାରେ ଉଲ୍ଲେଖ କରିଛନ୍ତି :—

"These lands are under the charge of Muthdharis to whom they were assigned for the express purpose of defraying the estabilsed expenses of the temple." (Para. 6). କିନ୍ତୁ କାଳକ୍ରମେ କେତେକ ଉଚ୍ଛେଦ ଫଳରେ କେତେକ ମାରଫତଦାର-ମାନେ ଏହି ସମ୍ପତ୍ତିକୁ ନିଜର ପୈତୃକ ସମ୍ପତ୍ତି ରୂପେ ବ୍ୟବହାର କରିବାଦ୍ୱାରା ଶ୍ରୀମନ୍ଦିର ଆର୍ଥିକ ସଙ୍କଟର ସମ୍ମୁଖୀନ ହେଲା । ଏ ସମ୍ବନ୍ଧରେ ତତ୍କାଳୀନ ଜିଲ୍ଲା-ପାଳ ଟ୍ରୁମ୍ସ ତାଙ୍କର ରିପୋର୍ଟରେ ଦର୍ଶାଉଛନ୍ତି :—

"I am strongly inclined to believe that the Muthdharis so far from appropriating the resource of these lands to the purposes for which they were designed, have embezzled the greater portion of them." (Para. 6). ଟ୍ରୁମ୍ସ ପୁନଶ୍ଚ ତାଙ୍କ ରିପୋର୍ଟରେ ନିଜର ମନ୍ତବ୍ୟ ପ୍ରଦାନ କରିଛନ୍ତି ଯେ 'ରଘୁଜୀ ଭୋନ୍ସଲ ଓ ତାଙ୍କ ପରିବାର-ବର୍ଗଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ଭୋଗପାଇଁ ଦିଆଯାଇଥିବା ଗ୍ରାମରୁ ବାର୍ଷିକ ଖଜଣା ୧,୪୮,୩୭୩ କାହାଣ ୯ ପଣ [illegible] ଗଣ୍ଡା ମିଳୁଥିଲା । ଏହି ଗ୍ରାମର ମାରଫତଦାର ଥିଲେ ମଠଧାରୀମାନେ । କିନ୍ତୁ ଦୁଃଖର କଥା ଏହି ଗ୍ରାମର ଅର୍ଥ ସରକାରୀ ଜମାକୁ ଆସୁ ନ ଥିଲା ।' ତେଣୁ ଟ୍ରୁମ୍ସ ସାହେବ ଏ ସମ୍ବନ୍ଧରେ ନିଜର ମନ୍ତବ୍ୟ ଦେଇଛନ୍ତି :—

"By which means the Muthdharis were prevented from embezzling so much of those funds as it would now appear they do." (Para. 6). ମୋଟ ଉପରେ କହିବାକୁ ଗଲେ ପୂର୍ବେ ଏହି ଭୂସମ୍ପତ୍ତିରୁ ନଗଦ ଧାନ, କଡ଼ିଆ ଅଡ଼ି ମିଳୁଥିଲା । ଏହା ବ୍ୟତୀତ ବିଭିନ୍ନ ପଥର-କଟି ପଡ଼ା ଦେବା ଦ୍ୱାରା ମଧ୍ୟ ଶ୍ରୀମନ୍ଦିରର ଆୟ ବୃଦ୍ଧି ହେଉଥିଲା ।

**ଅସ୍ଥାବର ସମ୍ପତ୍ତି—**

ଶ୍ରୀମନ୍ଦିରର ଅସ୍ଥାବର ସମ୍ପତ୍ତିର ବିବରଣୀ ସମ୍ବନ୍ଧରେ ଶ୍ରୀଜଗନ୍ନାଥ ମନ୍ଦିରର ସତ୍ୱଲିପି ଗ୍ରନ୍ଥରେ ନିମ୍ନୋକ୍ତ କଥା ଉଲ୍ଲେଖ ରହିଅଛି :—

"ବାହାର ଭଣ୍ଡାରରେ ୧୫୦ ବିଭିନ୍ନ ପ୍ରକାର ସୁନା ଅଳଙ୍କାର ଅଛି । ସେଥିମଧ୍ୟରେ ବହୁମୂଲ୍ୟବାନ ଜହରତ ଖଚିତ ଅଷ୍ଟରତ୍ନ ଜଡ଼ିତ ତିତା, ରତ୍ନଜଡ଼ିତ ସ୍ୱର୍ଣ୍ଣଚକ୍ର, ରତ୍ନଜଡ଼ିତ ସୁନା କିରୀଟ, ଓଜନଦାର ସୁନାମାଳି, ସୁନା ମକର, * * *, ୨୩୪ ତୋଳା ଓଜନଦାର ରୂପାଅସ୍ଥ ଉପରେ କୁଣ୍ଡଳ, ପ୍ରତ୍ୟେକ ୧୨୦ ତୋଳାରୁ ବେଶୀ ଓଜନର ତିନିଗୋଟି ସୁନା ହରିଡ଼ା କଣ୍ଠିମାଳି, ରୂପା ଓ ଅନ୍ୟାନ୍ୟ ଉପାଦାନ ବାଦ ୩୬୧ ତୋଳା ଓଜନର ସୁନା ଶ୍ରୀଭୁଜ, ୧୬୯ ତୋଳା ଓଜନର ସୁନା ଶହୁରେଖା ଓ ଅନ୍ୟାନ୍ୟ ମାଳ ରହିଅଛି ।"

ଏ ତକ୍ ବାହାର ଭଣ୍ଡାରର ଏକ ସଂକ୍ଷିପ୍ତ ତାଲିକା । ଏହା ବ୍ୟତୀତ ଶ୍ରୀଜଗନ୍ନାଥଙ୍କ ଭିତର ଭଣ୍ଡାରରେ ନିମ୍ନୋକ୍ତ ଜିନିଷ ଥିବାର ଏକ ସଂକ୍ଷିପ୍ତ ବିବରଣୀ ଉକ୍ତ ଗ୍ରନ୍ଥରେ ପ୍ରଦାନ କରାଯାଇଅଛି ।

"ଭିତର ଭଣ୍ଡାରରେ ହୀରା, ମୁକ୍ତା, ମାଣିକ୍ୟ, ମରକତ, ନୀଳା, ପୋହଳା ଆଦି ବହୁ ମୂଲ୍ୟବାନ ସଜା ଜହରତ ଖଚିତ ୧୮୦ ଭିନ୍ନ ଭିନ୍ନ ପ୍ରକାରର ଅଳଙ୍କାର ଅଛି । ଏହା ବ୍ୟତୀତ ୨୦ ତୋଳାରୁ ଅଧିକ ଓଜନର ସଜା ମୁକ୍ତା ଓ ନକଲି ମଣିମୁକ୍ତା ଖଚିତ ୪୯ ପ୍ରକାରର ସୁନା ଅଳଙ୍କାର, ୭୪ ଦଫା ଖାଣ୍ଟି ସୁନାର ଅଳଙ୍କାର (ସେଥିମଧ୍ୟରୁ କେତେକ ୧୦୦ ତୋଳାରୁ ବେଶୀ ଓଜନର) ୧୦୦ ତୋଳାରୁ ଅଧିକ ଓଜନର ପଦକ, ୨୦୯ ତୋଳା ୧୨ ଅଣା ଓଜନର କୁରୁଭାଡକ ମାଳି, ପ୍ରାୟ ୨୫୦ ତୋଳା ଓଜନର ସୁନାଥାଳି, ମଣିମୁକ୍ତା ଖଚିତ ୨୯ ଗୋଟି ଭଗ୍ନ ଅଳଙ୍କାର, ୫୬ ତୋଳା ଓଜନର ସୁନାଖଣ୍ଡି ସହିତ ୨୩ ଥାନ ରେଜା ସୁନା, ୧୫୬ ଥାନ ରୂପା ଜିନିଷ, ଏ ଥିର ପ୍ରତ୍ୟେକ ୪୦୦ ତୋଳାରୁ ଅଧିକ ଓଜନର କେତେକ ରୂପାଥାଳି, ୫୬୪ ତୋଳା ଓଜନର ଗଣ୍ଡ, ପ୍ରାୟ ୬୦୦ ତୋଳା ଓଜନର କୁଣ୍ଡ, ୧୪୮ ତୋଳା ଓଜନର ପିଙ୍ଗଣ, ବଟୁଲୀ, ଗୁମର ଓସ୍ତେ ୯୨ ଥାନ ଜିନିଷ ତାଲିକାଭୁକ୍ତ ହୋଇଛି" ।

ଏହା ବ୍ୟତୀତ ଜଗନ୍ନାଥଙ୍କର କେତେଗୋଟି ଗାଈ, ହାତୀ ଆଦି ମଧ୍ୟ ଅଛନ୍ତି ।

### ଅନ୍ୟାନ୍ୟ ଆୟ—

ଉପରୋକ୍ତ ସମ୍ପତ୍ତି ବ୍ୟତୀତ ଶ୍ରୀଜଗନ୍ନାଥଙ୍କର ଅନ୍ୟାନ୍ୟ ଭାବରେ ମଧ୍ୟ ଆୟ ଅଛି । ସେହି ଆୟଗୁଡ଼ିକ ମଧ୍ୟରେ ପିଣ୍ଡିକା ଆୟ, ରକ୍ଷବତୀ ଓ ଛପନଖେଞ୍ଚ, ମହାପ୍ରସାଦ ବିକ୍ରୀ ମାହାସୁଲ, ପାତୁକ କୁଣ୍ଡ ଓ ରୋହିଣୀ କୁଣ୍ଡ ନିଲାମ, କୁଣ୍ଡିଆ ମଣ୍ଡପ ଓ ପଞ୍ଚତୀର୍ଥ ନିଲାମ, ତାପମାହାଲ, ଧାନ ନଡ଼ିଆ ଆଦି ବିକ୍ରୀ, ରତକାଠ ନିଲାମ, ଧ୍ୱଜାଲାଗି ଓ ଅଲଙ୍କାର ଲାଗି ଆୟ, ରତ୍ନ ଶୁଳନା ଦ୍ୱାର ଆୟ, ଦୋଳବେଦୀ କୁଞ୍ଜ ଓ ନୀଳାଦ୍ରି ବିହାର ଦର୍ଶନରୁ ଆୟ, ମନ୍ଦିର ମଧ୍ୟସ୍ଥ ଦୋକାନ ଭଡ଼ା ବାବଦ ଆୟ, ବିଭିନ୍ନ ସ୍ଥାନରୁ ମନିଅର୍ଡର ଯୋଗେ ଆସୁଥିବା ଦାନ ଇତ୍ୟାଦି ଅନ୍ୟତମ ।

ଏତଦ୍ ବ୍ୟତୀତ୍ ମହାପ୍ରଭୁଙ୍କର 'ଅଟିକା' ନାମକ ଗୋଟିଏ ଅଲଗ ପନ୍ଥା ମଧ୍ୟ ଅଛି । ଏହି ଅଟିକା ବାବଦର ଟଙ୍କା ପ୍ରକୃତରେ ଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରାଯାଏ । ଯାତ୍ରୀମାନେ ବହୁ ଦୂର-ଦୂରାନ୍ତରୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସନ୍ତି । ତେଣୁ ସେମାନେ ଏଠାରେ ଦୀର୍ଘଦିନ ରହି ଶ୍ରୀଜଗନ୍ନାଥଙ୍କୁ ଭୋଗ କରିପାରନ୍ତି ନାହିଁ । ସେଥିପାଇଁ ସେମାନେ ନିଜ ନିଜର ପଣ୍ଡାଙ୍କ ମାର୍ଫତରେ ଏହି ଭୋଗପାଇଁ କିଛି ଅର୍ଥ ଦାନ କରିଯାନ୍ତି । ଏହା ପ୍ରାୟ ସହସ୍ରାଧିକ ଟଙ୍କା ପର୍ଯ୍ୟନ୍ତ ହୁଏ । ଯାତ୍ରୀମାନେ ସଂକଳ୍ପ କରି ଏହି ଟଙ୍କାକୁ ଜଗନ୍ନାଥଙ୍କ ଭୋଗ ଉଦ୍ଦେଶ୍ୟରେ ପଣ୍ଡା ହସ୍ତରେ ଅର୍ପଣ କରନ୍ତି । ଯଦି କେବେ ଯାତ୍ରୀ ସମୁଦାୟ ଅଟିକା ଟଙ୍କା ଦେଇ ନ ପାରେ ସଂପୃକ୍ତ ପଣ୍ଡା ଯାତ୍ରୀଙ୍କଠାରୁ ବାକି ରହୁଥିବା ଟଙ୍କା ବାବଦରେ ରସିଦ ଲେଖାଇ ନେଇ ପରେ ଆଦାୟ କରନ୍ତି ।

ଶ୍ରୀଯୁକ୍ତ ଲକ୍ଷ୍ମଣ ପଣ୍ଡା ତାଙ୍କର ତା ୧୫-୩-୧୯୫୪ ମସିହାର ଏକ ରିପୋର୍ଟରେ ଏହି ଅଟିକା ଆୟ ସମ୍ବନ୍ଧରେ ନିଜର ମନ୍ତବ୍ୟ ଦେଇଛନ୍ତି—

"ଅଟିକା ବାବଦ ଟଙ୍କା ଜଗନ୍ନାଥ ମହାପ୍ରଭୁଙ୍କୁ ଦାନ କରାଯାଉଥିଲେ ମଧ୍ୟ ତାହା ସେ ପାଆନ୍ତି ନାହିଁ" । * * * ଅଟିକା ଟଙ୍କା ଯେଉଁଠାରେ ଆଦାୟ ହୁଏ ତଦନୁସାରେ ସୁଆର ନିଯୋଗ ବା ପ୍ରତିହାରୀ ନିଯୋଗ ଆଦାୟ ହେଉଥିବା ଅଟିକା ଟଙ୍କାରୁ ଶତକଡ଼ା ଓରିଟଙ୍କା କାଟି ନିଅନ୍ତି ଓ ଅବଶିଷ୍ଟ ଟଙ୍କା ସମ୍ପୃକ୍ତ ପଣ୍ଡା ନିଅନ୍ତି ଏବଂ ଏହା ଅସ୍ୱୀକାର କରାଯାଇ ନପାରେ ଯେ ଅଧିକାଂଶ କ୍ଷେତ୍ରରେ ଉକ୍ତ ଟଙ୍କା ଦାତାର ଉଦ୍ଦେଶ୍ୟ ସାଧନରେ ବ୍ୟୟିତ ନ ହୋଇ ସଂପୃକ୍ତ ପଣ୍ଡାଙ୍କର ବ୍ୟକ୍ତିଗତ ଆୟ ସ୍ୱରୂପ ବ୍ୟବହୃତ ହୁଏ ।" ଏହି ଅଟିକା ଟଙ୍କାର ଅଂଶ ପଣ୍ଡା ପାଉଥାଆନ୍ତି । କିନ୍ତୁ ପ୍ରକୃତରେ ଦେଖି ଗଲେ ଏହା ଜଗନ୍ନାଥ ମହାପ୍ରଭୁଙ୍କର ଦେବୋ ସମ୍ପତ୍ତି ଛଡ଼ା ଆଉ କିଛି ହୋଇ ନପାରେ । ସମ୍ବନ୍ଧରେ କେତେକ ପଣ୍ଡାଙ୍କର ମନ୍ତବ୍ୟ ହେଉଛି ଯ ମାନଙ୍କ ଖାଦ୍ୟ ଓ ହେପାଜତ ଲାଗି ବହୁ ଅର୍ଥ ସେମ ବ୍ୟୟ କରନ୍ତି କିନ୍ତୁ ଦେଖିବାକୁ ଗଲେ ସେଥିଲାଗି ଯା ମାନେ ପଣ୍ଡାପାଉଣା, ପାଦପୂଜା ଆଦି ଦିଅନ୍ତି ଓ ଠାକୁ ଉଦ୍ଦେଶ୍ୟରେ ଅଟିକା ଟଙ୍କା ଉତ୍ସର୍ଗ କରନ୍ତି । ପଣ୍ଡାମାନେ ଅଟିକା ଟଙ୍କାକୁ ସଂପୂର୍ଣ୍ଣ ରୂପେ ନିଜସ୍ୱ ଗ୍ରହଣ କରିବାକୁ ପଣ୍ଡା ପାଉଣା କ୍ରମଶଃ ପାଇଯାଉଛି ।

ଏହି ଅଟିକା ସମ୍ବନ୍ଧରେ ତା ୧୨-୮-୧୯୫୦ ମସିହା ଏକ ରିପୋର୍ଟରୁ ନିମ୍ନୋକ୍ତ ବିବରଣୀ ମଧ୍ୟ ମିଳୁ ରିପୋର୍ଟଟି ହେଲା—

"There are three Nijogas in t temple—

(1) Padhiari Nijoga,

(2) Suar Nijoga,

(3) Bhitara Nijoga.

Panda pays at 10% to Padhiar Nijoga, 4% to Suar Nijoga, 5% t Bhitara Nijoga. Similarly a Panda o Suar Nijoga pays at 5% to Bhitar Nijoga, 4% to Suar Nijoga. A Panda o Bhitara Sebawk Nijoga pays at 4% to Suar Nijoga and 5% to his own Nijoga.

Padhiary means watch man. They are paid for guarding the pilgrims in the temple. Suar Nijoga is paid for cooking Mahaprasad and Bhitar Sebawk Nijoga is paid for Darsan purpose.

From these, it appears that the pay-ments are made as wages for the per formance of duties and not for any religious or charitable purpose."

ମୋଟ ଉପରେ କହିବାକୁ ଗଲେ 'ଅଟିକା' ଟଙ୍କା ...ସ୍ଥାନରେ ଓ ଯେପରି ସଂକଳ୍ପ କରଯାଇ ଗ୍ରହଣ ... ସେଥିରୁ ଯେ କୌଣସି ବ୍ୟକ୍ତି ଅନୁମାନ କରି- ... ଯେ ଏହା ନିଶ୍ଚିତ ରୂପେ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ... ହେଉଅଛି । କିନ୍ତୁ ଉପରୋକ୍ତ ଦୁଇଟି ରିପୋର୍ଟ ... ହୋଇଯାଉଛି ଯେ ଏହା ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ... ହେଲେ ମଧ୍ୟ ଏଥିରୁ କିଛି ଅଂଶ କେତେକ ... ପାରିଶ୍ରମିକ ରୂପେ ପାଇପାରିବେ । ତେଣୁ ଏ ... ପ୍ରକୃତ 'ଅନୁସନ୍ଧାନ କରଯିବା ବିଶେଷ ... ।

**ଶ୍ରୀମନ୍ଦିରର ବ୍ୟୟ—**

ଶ୍ରୀମନ୍ଦିରର ବିଭିନ୍ନ ପନ୍ଥାରୁ ହେଉଥିବା ଆୟକୁ ନିମ୍ନୋକ୍ତ ପ୍ରକାରରେ ବ୍ୟୟ କରଯାଏ । ଏହି ବ୍ୟୟ ଗୁଡ଼ିକ ହେଉଛି—

(୧) ଚେୟାରମ୍ୟାନ ଓ ମେମ୍ବରଙ୍କ ପ୍ରାପ୍ୟ,

(୨) ମନ୍ଦିର କାର୍ଯ୍ୟାଳୟ କର୍ମଚାରୀଙ୍କ ଦରମା,

(୩) ମନ୍ଦିର ପୋଲିସ, ମହାଲକ୍ଷ୍ମୀ ଭଣ୍ଡାର ଓ ନୀଳାଦ୍ରି ବିହାରରେ କାମ କରୁଥିବା କର୍ମଚାରୀମାନଙ୍କ ଦରମା ।

(୪) ମନ୍ଦିର, ମନ୍ଦିର କାର୍ଯ୍ୟାଳୟ, ଗୋଶାଳା, ନୀଳାଦ୍ରି ବିହାର ବସ୍ ଆଦିର ମରାମତି ଓ ପରିଚାଳନା ।

(୫) ମନ୍ଦିର ଅଧୀନସ୍ଥ ବିଭିନ୍ନ କୂପ ଓ ପୁଷ୍କରିଣୀ ମରାମତି ।

(୬) ଦୈନିକ ନୀତି, ବେଶଭୂଷା, ବିଭିନ୍ନ ଯାନି-ଯାତ୍ରା ଆଦିରେ ଖର୍ଚ୍ଚ ।

(୭) ବିଭିନ୍ନ ପୁସ୍ତକ ପ୍ରକାଶନ ଓ ପ୍ରଚାର ପାଇଁ ଖର୍ଚ୍ଚ

(୮) ବୃକ୍ଷରୋପଣ

(୯) ବ୍ୟାଙ୍କର ଋଣ ସୁଝିବା

(୧୦) ଭଲକାମ ପାଇଁ ପୁରସ୍କାର

(୧୧) ଗସ୍ତ ଖର୍ଚ୍ଚ ଓ ବିଭିନ୍ନ ପ୍ରକାର ଖଜଣା ଆଦି ।

ଶ୍ରୀମନ୍ଦିର ଭଳି ଏକ ବିରାଟ ଅନୁଷ୍ଠାନର ଆୟର ବିଭିନ୍ନ ପନ୍ଥା ଥିଲେ ମଧ୍ୟ ବ୍ୟୟ ଅତ୍ୟଧିକ ହେତୁ ଓ ଅନ୍ୟ କେତେକ ଆୟପନ୍ଥା ଲୋପ ପାଇଯାଉଥିବାରୁ ଶ୍ରୀମନ୍ଦିର ପରିଚାଳନାରେ ବ୍ୟାଘାତ ସୃଷ୍ଟି ହେବା ସଂଗେ ସଂଗେ ଆର୍ଥିକ ସଂକଟ ଦେଖାଦେଇଛି । ଏହି ଆର୍ଥିକ ସଂକଟର ଦୂରୀକରଣ କରି ଯଦି ସୁସ୍ଥ ଆର୍ଥନୀତିକ ବାତାବରଣ ସୃଷ୍ଟି କରଯାଏ ତେବେ ଶ୍ରୀମନ୍ଦିର ପ୍ରକୃତରେ ଶ୍ରୀମନ୍ଦିରରେ ପରିଣତ ହୋଇପାରିବ ।

**ଶ୍ରୀମନ୍ଦିରର ଆୟ ବୃଦ୍ଧି ସମ୍ବନ୍ଧରେ କେତେକ ମତ**

ଓଡ଼ିଶା ଇତିହାସର ଲେଖକ ହଣ୍ଟର ସାହେବ ଶ୍ରୀମନ୍ଦିରର ସୁସ୍ଥ ଅର୍ଥନୀତିକୁ ଦେଖି ମତ ଦେଇଥିଲେ "The devotion of centuries has long ago made Jagannath a very wealthy God" (Orissa-Hunter Page-26) ବର୍ତ୍ତମାନ କିନ୍ତୁ ଶ୍ରୀଜଗନ୍ନାଥଙ୍କର ସେହି ସୁସ୍ଥ ଆର୍ଥନୀତିକ ବାତାବରଣ ନାହିଁ । ତେଣୁ ଏହି ସୁସ୍ଥ ଆର୍ଥନୀତିକ ବାତାବରଣ ଆଣିବା ପାଇଁ ନିମ୍ନଲିଖିତ କେତେକ ପନ୍ଥାକୁ ବିଚାରକୁ ନିଆଯାଇ ପାରେ । ପନ୍ଥାଗୁଡ଼ିକ ହେଲା—

୧ । ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧୀୟ ବିଭିନ୍ନ ଭାଷାରେ ଗ୍ରନ୍ଥ ଓ ନିର୍ଭୁଲ ଚିତ୍ର ଆଦିର ପ୍ରକାଶନ ତଥା ବିକ୍ରୟ । ଏହି ଗ୍ରନ୍ଥଗୁଡ଼ିକ ଗବେଷଣାତ୍ମକ ହେବା ଆବଶ୍ୟକ । ଏଥିପାଇଁ ଏକ ଗବେଷଣା କେନ୍ଦ୍ର ଓ ପାଠାଗାର ଖୋଲାଯିବା ଉଚିତ । ଏତଦ୍ବ୍ୟତୀତ ବାହାରୁ ପ୍ରକାଶ ପାଇ ବିକ୍ରୟ ନିମନ୍ତେ ଆସୁଥିବା ବିକୃତ ଗ୍ରନ୍ଥ ଓ ଚିତ୍ର ଆଦିକୁ ବାଜ୍ୟାପ୍ତି କରଯିବା ଆବଶ୍ୟକ ।

୨ । ଦୈନିକ ନୀତିଗୁଡ଼ିକ ଠିକ୍ ସମୟରେ ହେବା ସଙ୍ଗେ ସଙ୍ଗେ ମହାପ୍ରସାଦର ମୂଲ୍ୟ ନିର୍ଦ୍ଧାରଣ କରଯିବା ଆବଶ୍ୟକ ।

୩ । ଶ୍ରୀଜଗନ୍ନାଥଙ୍କ ସମ୍ବନ୍ଧୀୟ ଗୋଟିଏ ମ୍ୟୁଜିୟମ ମନ୍ଦିର ବାହାରେ ସ୍ଥାପନ କରଯିବା ଉଚିତ । ଏହି ମ୍ୟୁଜିୟମ ମଧ୍ୟରେ ପ୍ରବେଶ କରିବା ପାଇଁ ପ୍ରବେଶିକା ଫିସ୍ ଆଦାୟ କରଯିବା ଉଚିତ ଯଦ୍ଵାରା ଶ୍ରୀମନ୍ଦିରର ଆୟବୃଦ୍ଧି ହେବା ସଙ୍ଗେ ସଙ୍ଗେ ଦର୍ଶକମାନଙ୍କୁ ଆନନ୍ଦ ପ୍ରଦାନ କରିବ ।

୪ । ବଡ଼ଦାଣ୍ଡର ସମସ୍ତ ଆୟ ମନ୍ଦିର ପାଣ୍ଠିକୁ ଆସିବା ଉଚିତ ଓ ମ୍ୟୁନିସିପାଲିଟି ବଡ଼ଦାଣ୍ଡର ନିର୍ମାଣ ଓ ରକ୍ଷଣାବେକ୍ଷଣ ପାଇଁ ମନ୍ଦିରଠାରୁ କିଛି ଟଙ୍କା ନେଇ ଓ ମ୍ୟୁନିସିପାଲିଟିର ଅନ୍ୟ ପନ୍ଥାରୁ ଆସୁଥିବା ଆୟକୁ ମିଶାଇବା ଉଚିତ ।

୫ । ଅଟିକା ବାବଦର ସମସ୍ତ ଟଙ୍କା ମନ୍ଦିରକୁ ଆସି ପଣ୍ଡା ଆଦିଙ୍କୁ ସେଥିରୁ କିଛି ଅଂଶ ଦିଆଯିବା ଆବଶ୍ୟକ ।

୬ । ଶ୍ରୀମନ୍ଦିର ତରଫରୁ ଅଣକେତୋଟି ବସ୍ ଚଳନାର ବ୍ୟବସ୍ଥା କରି ସେଥିରୁ ଅର୍ଥ ସଂଗ୍ରହ କରଯିବା ଆବଶ୍ୟକ । ଶ୍ରୀଜଗନ୍ନାଥ ମନ୍ଦିର ତରଫରୁ ଅନ୍ୟୁନ ୨୦ଟି ବସ୍ ଓ ମାଲବାହୀ ଟ୍ରକ୍ ଓଡ଼ିଶା ଭିତରେ ଓ ବାହାରେ ଚଳାଯାଇପାରନ୍ତା ।

୭ । ଶ୍ରୀମନ୍ଦିରର ସୁପରିଚାଳନା ପାଇଁ ଅତିକମ୍‌ରେ ପାଞ୍ଚ ଛଅ କୋଟି ଟଙ୍କା ବିଭିନ୍ନ ସ୍ଥାନରୁ ସଂଗ୍ରହକରି ସ୍ଥାୟୀଜମା ରଖାଯାଉ ତାହାର ସୁଧରେ ମନ୍ଦିର ପରିଚାଳନା କରିବା ।

୮ । ମନ୍ଦିରର ସ୍ଥାବର ଜମିଗୁଡ଼ିକୁ ଦେବୋତ୍ତର ଆଇନ ବଳରେ ଉଚ୍ଛେଦ କରାନଯାଇ ତାର ସୁରକ୍ଷା କରାଯାଇ ସେହି ଆୟକୁ ମନ୍ଦିରର ସୁପରିଚାଳନା ପାଇଁ ଦିଆଯାଉ । ଯଦି ସେହି ଜମିଗୁଡ଼ିକୁ ଉଚ୍ଛେଦ କରାଯାଏ ତେବେ ଜମିର ପ୍ରକୃତ ମୂଲ୍ୟ ସଂଗ୍ରହ କରାଯାଇ ଶ୍ରୀଜଗନ୍ନାଥଙ୍କ ନାମରେ ସ୍ଥାୟୀଜମା କରାଯାଉ । ଏହାଦ୍ୱାରା ମନ୍ଦିରର ସ୍ଥାୟୀପାଣ୍ଠି ହେବା ସଙ୍ଗେ ସଙ୍ଗେ ଆର୍ଥିକ ପରିସ୍ଥିତିର ଉନ୍ନତି ଘଟି ପାରିବ ।

୯ । ପୁରୀରେ ଥିବା ବିଭିନ୍ନ ଧର୍ମଶାଳା ଆଦିକୁ ମନ୍ଦିର ପରିଚାଳନାର ଅନ୍ତର୍ଭୁକ୍ତ କରି ସେଥିରୁ ଭଡ଼ା ବାବଦରେ ଅର୍ଥ ସଂଗ୍ରହ କରାଗଲେ ମନ୍ଦିରର ଆର୍ଥିକ ଅବସ୍ଥା କେତେକାଂଶରେ ସ୍ୱଚ୍ଛଳ ହୋଇ ପାରିବ ।

୧୦ । ମନ୍ଦିରର ଚତୁଃପାର୍ଶ୍ୱର ବାଡ଼କୁ ଲାଗିଥିବା ସ୍ଥାନରେ ମନ୍ଦିର ତରଫରୁ ଦୋକାନ ତିଆରି କରି ଭଡ଼ାଦେଇ ସେଥିରୁ ଆୟର ପନ୍ଥା ନିର୍ଦ୍ଧାରଣ କରିବା ଉଚିତ । ଏହି ଦୋକାନଘରର ନିର୍ମାଣ ପାଇଁ ଆଗ୍ରହୀ ଦୋକାନ୍‌ଦାରଙ୍କ ଠାରୁ ସଲାମି ହିସାବରେ ମୋଟାଟଙ୍କା ସଂଗ୍ରହ କରାଯାଉ ।

୧୧ । ଦୋକାନଗୁଡ଼ିକ କୋଠାଏ ପ୍ରକାରର ହେଉ । ଏହି ଦୋକାନଗୁଡ଼ିକ ଉପରେ ଠିଆହୋଇ ମନ୍ଦିରର ଭିତର ଅଂଶ ଦେଖିବାପାଇଁ ମନ୍ଦିର ଭିତରକୁ ପ୍ରବେଶ କରିପାରୁନଥିବା ବ୍ୟକ୍ତିଙ୍କୁ ସୁଯୋଗ ଦିଆଯାଉ । ଏହି ସୁଯୋଗ ପାଉଥିବା ବ୍ୟକ୍ତିଙ୍କଠାରୁ ଟିକେଟ୍ ଦ୍ୱାରା ପ୍ରବେଶିକା ଫିସ୍ ଆଦାୟ କରାଗଲେ ପ୍ରଚୁର ଅର୍ଥ ସଂଗ୍ରହ ହୋଇ ପାରିବ ।

୧୨ । ଯେଉଁମାନେ ଯାତ୍ରୀମାନଙ୍କୁ ମନ୍ଦିର ମଧ୍ୟରେ ସୁଲଭ ଦର୍ଶନ କରାଉଛନ୍ତି ସେମାନଙ୍କୁ ରେଜିଷ୍ଟ୍ରେସନ କରାଯିବା ସଙ୍ଗେ ସଙ୍ଗେ ଗୋଟିଏ ଲେଖାଏଁ ପରିଚୟପତ୍ର (Identity Card) ଦିଆଯାଉ । ଏ ବାବଦରେ ସେମାନଙ୍କଠାରୁ କିଛି ଅର୍ଥମଧ୍ୟ ସଂଗ୍ରହ କରାଯାଉ ।

୧୩ । ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅର୍ପିତ ସମସ୍ତ ଟଙ୍କାକୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ଓ ମିଳିତ ଅନ୍ନ ଭୋଗଦାନ କମିଟି ଦ୍ୱାରା ସଂଗ୍ରହ କରାଯାଉ ।

୧୪ । ଶ୍ରୀମନ୍ଦିର ତରଫରୁ ଏକ ବିଶ୍ୱବିଦ୍ୟା... ଖୋଲାଯାଇ ସେଥିରେ ପାଠ୍ୟ ପ୍ରସଙ୍ଗ ସହେ... ଶ୍ରୀମନ୍ଦିରର ଧର୍ମ ଓ ସଂସ୍କୃତି ସମ୍ବନ୍ଧରେ ଶିକ୍ଷା ଦିଆଯ... ଏହାଦ୍ୱାରା ଜଗନ୍ନାଥ ଧର୍ମ ଓ ସଂସ୍କୃତିର ପ୍ରଚାର... ପ୍ରସାର ହୋଇପାରିବ । କେବଳ ସେତିକି ... ବିଭିନ୍ନ ଶିକ୍ଷାନୁଷ୍ଠାନର ପାଠ୍ୟକ୍ରମ ସଙ୍ଗେ ସଙ୍ଗେ ଶ୍ରୀଜଗ... ଧର୍ମ ଓ ସଂସ୍କୃତିକୁ ପାଠ୍ୟ ଅନ୍ତର୍ଭୁକ୍ତ କରାଯାଉ ।

୧୫ । ରତ୍ନ ଭଣ୍ଡାରରେ ଥିବା ସମସ୍ତ ଜିନିଷର ତା... ପ୍ରସ୍ତୁତ କରାଯିବା ସଙ୍ଗେ ସଙ୍ଗେ ଏହାର ମୂଲ୍ୟ ନିର୍ଦ୍ଧା... କରାଯାଉ ।

ପରିଶେଷରେ ଏତିକି କୁହାଯାଇପାରେଯେ ଶ୍ରୀମନ୍ଦି... ଆର୍ଥିକ ସଂକଟକୁ ସୁଧାରିବା ପାଇଁ ଉପରୋକ୍ତ ... ଗୁଡ଼ିକର ପୁଙ୍ଖାନୁପୁଙ୍ଖ ଆଲୋଚନା ତଥା ପର୍ଯ୍ୟାଲୋ... କରାଯିବା ଆବଶ୍ୟକ । ଏହା ଜଗନ୍ନାଥ ଧର୍ମ ... ସଂସ୍କୃତିର ଉନ୍ନତି ପାଇଁ ଲାଗିବା ଉଚିତ । ଏହି ଜଗ... ଧର୍ମ ଓ ସଂସ୍କୃତି କେବଳ ଯେ ଭାରତୀୟଙ୍କୁ ମୁଗ୍ଧ କ... ତା ନୁହେଁ । ଦିନ ଥିଲା ଯେତେବେଳେ ଖ୍ରୀ. ୧୮... ମସିହାରେ ଇଂରେଜମାନେ ମରହଟ୍ଟାମାନଙ୍କ... ଓଡ଼ିଶାକୁ ହାତକୁ ନେଲେ ଓ ଶ୍ରୀଜଗନ୍ନାଥ ମନ୍ଦିରକୁ ନି... ହାତକୁ ନେଇ ପୂର୍ଣ୍ଣ କ୍ଷମତା ବିସ୍ତାର କରିଥିଲେ, ସେ... ବେଳେ ଜଣେ ଇଂରେଜ ଲର୍ଡ଼କର୍ଣ୍ଣୱେ ଲସନି ମନ୍ଦି... କିପରି ପରିଚାଳନା କରିବାକୁ ହେବ ସେ ସମ୍ବନ୍ଧ... ନିଜର ସୈନ୍ୟମାନଙ୍କୁ ଆଦେଶ ଦେଇଥିଲେ—

ତୁମେମାନେ ଜଗନ୍ନାଥରେ ପହଂଚିବା ପରେ ସେ... ଦେଉଳର ମାନମର୍ଯ୍ୟାଦା, ବ୍ରାହ୍ମଣ ଓ ଯାତ୍ରୀମାନଙ୍କ ଧ... ବିଶ୍ୱାସ ପ୍ରତି ଯେପରି କୌଣସି ଆଘାତ ନ ଲାଗେ ସେ... ପ୍ରତି ସତର୍କ ରହିବ । ବ୍ରାହ୍ମଣମାନଙ୍କର ଏବଂ ସେ... ମନ୍ଦିରମାନଙ୍କର ନିରାପତ୍ତା ପାଇଁ ଯଥେଷ୍ଟ ଦୃଷ୍ଟି... ରଖିବ । ନୀତି ପର୍ବପର୍ବାଣୀ ଯେପରି ନିୟମିତ... ସମାହିତ ହୁଏ ସେଥିପ୍ରତି ଦୃଷ୍ଟିଦେବ ❋ ❋ ଇତ୍ୟାଦି

କିନ୍ତୁ ଆଜି ଆମେ ଅର୍ଥପିପାସୁ ହୋଇ ଉଠିଛୁ । ... ନାମରେ ଆଖିମିଟିକା ମାରି ପର ଧନକୁ ଅପହର... କରିବା ପାଇଁ ଟିକେ ମାତ୍ର ପଶ୍ଚାତ୍‌ପଦ ହେଉନୁ । ... ଦେଶର ଆମ ଜାତିର ତଥା ବିଶ୍ୱମୈତ୍ରୀର ପ୍ରତୀ... ତଥା ନୀଳାଦ୍ରୀବିହାରୀ ପତିତପାବନ ଶ୍ରୀଜଗନ୍ନାଥ... ନାମକୁ ବିକି ଆମେ ବଡ଼ ହୋଇ ପାରୁଛୁ ... ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହିକୁ ନିଜସ୍ୱ କରି ନେଉଛୁ... ଏହାହିଁ ହେଉଛି ଆମର ଆଦର୍ଶ, ଆମର ନୈତି... ଚରିତ୍ର । ଏହିଭଳି ନୈତିକତା ଦ୍ୱାରା ଶ୍ରୀମନ୍ଦିର ଅ...

ଅର୍ଥ ଅଞ୍ଚଳର ଜନ୍ମସ୍ଥାନ ହୋଇଛି । ତେଣୁ ଉପରୋକ୍ତ କ୍ଷେତ୍ରଗୁଡ଼ିକୁ ଭଲ ରୂପେ ବିଚାର କରାଯାଇ ଗ୍ରହଣ କଲେ ଶ୍ରୀମନ୍ଦିରର ଆର୍ଥିକ ସଂକଟ ଦୂର ହେବ ବୋଲି ଆଶା ଓ ବିଶ୍ୱାସ ।

### ସହାୟକ ଗ୍ରନ୍ଥସୂଚୀ


(1) History of Orissa (Vol. I) by Hunter.

(2) Souvenir, All Orissa Economic Association.

(3) Record-of-Right (Orissa Gazette)

(4) Gromes's Report

(5) ଉତ୍କଳ ପ୍ରସଙ୍ଗ, ଜୁନ୍—୭୭

(6) ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ

(7) Puri by Chintamani Acharya



କୁମ୍ଭାରସାହି, ପୁରୀ
ପୁରୀ-୭୫୨୦୦୧




ପୁଣି କାଳିଆ ଲେଉଟିଲ.....

ଗୁଣ୍ଡିଚାଘରେ ନଅଦିନ ରହିବାପରେ ଶ୍ରୀଜଗନ୍ନାଥ ପୁନଶ୍ଚ ମହାପହଣ୍ଡିରେ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ା ବିଜେ ହେଉଛନ୍ତି

## ଶ୍ରୀଜଗନ୍ନାଥ ଚେତନା ଓଡ଼ିଆ ଜାତିର ଆଦର୍ଶ

ସବୁ ଧର୍ମପ୍ରତି ସମ୍ମାନ ଭାବ ଓ ସହିଷ୍ଣୁତା ଦେଖାଇବାଦ୍ୱାରା ଜାତିଭେଦ ଓ ଅସ୍ପୃଶ୍ୟତା ଭାବ ମନରୁ କାଯାକୁ ଦୂରେଇବା ଦ୍ୱାରା—ସମସ୍ତ ମନୁଷ୍ୟ ଓ ପ୍ରାଣୀଙ୍କ ପ୍ରତି ସମଭାବ ଆଶିର୍ବାଦ୍ୱାରା—ଶ୍ରୀଜଗନ୍ନାଥ ଚେତନା ଆଦର୍ଶକୁ ଆମେ ପ୍ରତିଷ୍ଠା କରିପାରିବା । ଓଡ଼ିଶାର ଅତୀତ ଗଜପତି ସମ୍ରାଟମାନେ ବିଶାଳ ସାମ୍ରାଜ୍ୟ ପ୍ରତି କରିଥିଲେ ଓ ଲକ୍ଷ ଲକ୍ଷ ମାଣ ସୁବର୍ଣ୍ଣ ବ୍ୟୟକରି ଓଡ଼ିଶା ସାରା ଏତେ ଏତେ ମନ୍ଦିର ଓ ମଠମାନ ନିର୍ମ କରାଇଥିଲେ—ମାତ୍ର ନିଜପାଇଁ ଅତି ସାମାନ୍ୟ ଘରଟିଏ କରି ତହିଁରେ ବାସ କରୁଥିଲେ । ସେଥିପାଇଁ ଓଡ଼ିଆ ରଗ ଅଛି—ଯାହା ଖାଇବ ପେଟକୁ ଯାହାଖଣ୍ଡିଏ ଠକୁ । ଅର୍ଥାତ ନିଜର ଉପାର୍ଜନରୁ ଯେତିକି ଅ ନିଜକୁ ସୁସ୍ଥଭାବେ ବଞ୍ଚାଇବାରେ ଖର୍ଚ୍ଚକରିବା ଦରକାର ତାହା ରଖି ଅବଶିଷ୍ଟ ଅର୍ଥ ଧର୍ମ ବା ସାମାଜି କାର୍ଯ୍ୟରେ ବ୍ୟୟ କରିବା ଉଚିତ । ଏହାହିଁ ଜଗନ୍ନାଥ ଚେତନା । ଓଡ଼ିଆ ଜାତି ଯେପରି ଆତିଥ୍ୟ ପ୍ରଦ କରିପାରେ ତାହା ସାରା ପୃଥିବୀରେ ଦୁର୍ଲଭ ।

## ଆନନ୍ଦ ବଜାର ସ୍ୱାସ୍ଥ୍ୟକର ହେଉ

ପୁରିଆଡେ ଅଇଁଠା ସଂସ୍କୃତି ପଡ଼ିଛି କେହି ପରିଷ୍କାର କରୁନାହିଁ ମାଗେଣ୍ଡା ଭିକାରୀମାନେ ସେମାନଙ୍କ ସ୍ତ୍ରୀ କୋଚୁଆ କୋଳି ଖାଉଛନ୍ତି—ପ୍ରତିଆଡ଼େ ମାଛି ଭଣଭଣ ହଲହଲା ଅପରିଚ୍ଛନ୍ନ ବ୍ୟକ୍ତିମାନେ ମହାପ୍ରସାଦ ବୋଉଥିବା ହାତ ପୁଣିଲେ ପାତିକୁ ନେଉଛନ୍ତି ଏ ବ୍ୟବସ୍ଥା ଭଲ ନୁହେଁ । ଶ୍ରୀମନ୍ଦିରର ପରିଚାଳନା କର୍ତ୍ତୃପକ୍ଷ ଓ ସେବାୟ କର୍ମଚାରୀମାନେ ଆନନ୍ଦ ବଜାରର ସୌନ୍ଦର୍ଯ୍ୟ ସ୍ୱାସ୍ଥ୍ୟ ଓ ସୁଖକର ପରିବେଶ ପ୍ରତି ଦୃଷ୍ଟି ଦେବାକୁ ଆମର ବିନ ଅନୁରୋଧ । ପ୍ରକୃତ ଭକ୍ତିର ପରିବେଶ ଅସ୍ୱାସ୍ଥ୍ୟକର ଓ ଅସୁନ୍ଦର ନୁହଁ ।

## ମନ୍ଦିରର ପଣ୍ଡା ଓ ସେବକ

ମନ୍ଦିରର ଓ ଠାକୁରଙ୍କର ସେବା କରିବାଲାଗି ଓ ଯାତ୍ରୀ ଭକ୍ତମାନଙ୍କର ସୁବିଧା ଅସୁବିଧା ଦେଖିବାନିମନ୍ତେ ଏ ସେମାନଙ୍କୁ ଦେବ ଦର୍ଶନରେ ସାହାଯ୍ୟ କରିବାଲାଗି ଏହି ପଣ୍ଡା ଓ ସେବକମାନେ ନିୟୋଜିତ ହୋଇଛନ୍ତି ଆମମାନଙ୍କର ଉଚିତ ହେଉଛି ଯଥାଶକ୍ତି ଆମେ ସେମାନଙ୍କୁ ଦକ୍ଷିଣା ବା ଦାନ ଦେବା । କାରଣ ସେଥିରୁ ସେମାନେ ପରିବାର ଭରଣପୋଷଣ କରନ୍ତି । ଶ୍ରୀ ଜଗନ୍ନାଥଙ୍କ ପଣ୍ଡା ଓ ସେବକମାନଙ୍କୁ ଓଡ଼ିଶାରେ ଓ ଓଡ଼ିଶ ବାହାରେ ବହୁ ମାନ୍ୟ କରାଯାଏ । ସେମାନଙ୍କ ପାଦସ୍ପର୍ଶ କରି ପ୍ରଣାମ କରାଯାଏ । କାରଣ ସେମାନେ ଠାକୁରଙ୍କ ସେବକ ଓ ହେପାଜତକାରୀ ।

## ପଣ୍ଡା ଓ ସେବକମାନେ ଯୋଗ୍ୟ ହୁଅନ୍ତୁ

ଭକ୍ତ ଓ ଯାତ୍ରୀଙ୍କ ସମ୍ମାନ ପାଇବା ପାଇଁ ପଣ୍ଡା ପଢ଼ିଆରୀମାନେ ମଧ୍ୟ ନିଜକୁ ଆହୁରି ଉପଯୁକ୍ତ କରି ଗଢ଼ିବା ଦରକାର । ପ୍ରତ୍ୟେକ ପଣ୍ଡା ବାକ୍ୟ ଓ ଆଚରଣରେ ଭଦ୍ର, ମଧୁର, ସଂଯତ ଓ ସଂଗତ ହେବା ଉଚିତ । ତାଙ୍କର ପୋଷାକ ପରିଚ୍ଛଦ ପରିଷ୍କାର ଓ ଧର୍ମସଂଗତ ହେବା ଉଚିତ । ସେମାନେ ପୁରାଣ ଶାସ୍ତ୍ର ଇତିହାସାଦି ଉତ୍ତମ ରୂପେ ଅଧ୍ୟୟନ କରିଥିବା ଦରକାର ଏବଂ ଯାତ୍ରୀମାନଙ୍କୁ ଦେବା ଦେବୀଙ୍କ ମହିମା ଓ ମନ୍ଦିରର ଇତିହାସାଦି ଠିକ୍‌ରୂପେ ଶୁଣାଇବା ଦରକାର । ଅବଶ୍ୟ ସୁଖର କଥା ଏବେ ମଧ୍ୟ ଶ୍ରୀ ମନ୍ଦିରରେ ଏଭଳି ଗୁଣବନ୍ତ କିଛି ପଣ୍ଡା ଓ ସେବକ ସଂଖ୍ୟାରେ ଅତ୍ୟଳ୍ପ ହେଲେ ମଧ୍ୟ ଅଛନ୍ତି । ମାତ୍ର ସେମାନଙ୍କ ସଂଖ୍ୟା ଆହୁରି ବଢ଼ିବା ଦରକାର ।

ଅବଶ୍ୟ ପଣ୍ଡା ଓ ସେବକମାନଙ୍କୁ ଦରିଦ୍ର ଓ ଅସମ୍ମାନଜନକ ପରିସ୍ଥିତିରେ ରଖି ଆମେ ସେମାନଙ୍କଠାରୁ ଏତେ ବେଶୀ ଗୁଣ ଆଶା କରି ପାରିବା ନାହିଁ ।

# ଯୁଗେ ଯୁଗେ ନବ କଳେବର

ଡକ୍ଟର୍ ସଦାନନ୍ଦ ଚୌଧୁରୀ

ଶ୍ରୀ ଜଗନ୍ନାଥଙ୍କ ନବ କଳେବର ଶାସ୍ତ୍ରୀୟ ପରଂପରା ଅନୁସାରେ ଅନୁଷ୍ଠିତ ହୋଇଥାଏ । ବାର ବର୍ଷକୁ ଥରେ ଯୋଡ଼ା ଆଷାଢ଼ ବେଳେ (କିମ୍ବା ଏହି ଥର ପରି ବାର ବର୍ଷରୁ କମ୍ ସମୟ ମଧ୍ୟରେ) ଏହା ସାଧାରଣତଃ ଆସିଥାଏ । ଶାସ୍ତ୍ରୋକ୍ତ ବିଧାନ ବ୍ୟତୀତ, କାଳ ଚକ୍ରର ଆବର୍ତ୍ତନରେ ରାଜନୈତିକ ଆଲୋଡ଼ନର ଘନଘଟା ମଧ୍ୟରେ , ଶ୍ରୀ ଜଗନ୍ନାଥଙ୍କୁ ନବ କଳେବର କରି ପୁନଃ ପ୍ରତିଷ୍ଠିତ କରାଯାଇଥିବାର ବହୁ ଘଟଣା ଇତିହାସ କହେ ।

ଏହି ପ୍ରବନ୍ଧର ପୂର୍ବାଭାସ ଭାବେ କୁହାଯାଇ ପାରେ ଯେ, ଯୁଗେ ଯୁଗେ ଶ୍ରୀକ୍ଷେତ୍ର ଓ ତତ୍ରସ୍ଥ ଶ୍ରୀଜଗନ୍ନାଥ ବହିଆକ୍ରମଣର ସନ୍ମୁଖୀନ ହୋଇଛନ୍ତି । ସେହି ସବୁ ଦୁଃସମୟ ମଧ୍ୟରେ ବାରମ୍ବାର ଶ୍ରୀଜଗନ୍ନାଥଙ୍କୁ ଅଗତ୍ୟା ପୁରୁଷୋତ୍ତମକ୍ଷେତ୍ର ପରିତ୍ୟାଗ କରିବାକୁ ପଡ଼ିଛି । ପରେ ପରେ ସଙ୍କଟର ଅବସାନ ହେବା ସଙ୍ଗେ, ଶ୍ରୀଜଗନ୍ନାଥ ନବ କଳେବର ନେଇ ଶ୍ରୀକ୍ଷେତ୍ରରେ ପୁନଃ ପ୍ରତିଷ୍ଠିତ ହୋଇଛନ୍ତି । ଶ୍ରୀ ଜଗନ୍ନାଥଙ୍କ ଉପରୋକ୍ତ ଦୁରାବସ୍ଥାର କେତୋଟି ଦୃଷ୍ଟାନ୍ତ ଓଡ଼ିଶାର ଇତିହାସରୁ ଏଠାରେ ଦିଆଯାଉଛି । ପ୍ରଥମତଃ, ଇତିହାସର ପ୍ରାଚୀନ ଯୁଗରେ ପୁରୁଷୋତ୍ତମ କ୍ଷେତ୍ରରେ ବିଦେଶାଗତ ଆକ୍ରମଣକାରୀ ରକ୍ତବାହୁର ସାମରିକ ଅଭିଯାନ ଓ ତତ୍‌ସଙ୍ଗେ ଶ୍ରୀକ୍ଷେତ୍ରରୁ ଶ୍ରୀଜଗନ୍ନାଥଙ୍କ ପଳାୟନ ଘଟଣାଟିର ବର୍ଣ୍ଣନା ଏଠାରେ ଉଲ୍ଲେଖଯୋଗ୍ୟ ।

ମାଦଳା ପାଞ୍ଜି ଅନୁସାରେ ଓଡ଼ିଶାର ଜନୈକ ନରପତି ଶୋଭନ ଦେବଙ୍କ ୨ୟ ଅଙ୍କେ ରକ୍ତବାହୁର ସେନାପତିତ୍ୱରେ ଯବନମାନେ ପୁରୁଷୋତ୍ତମ କ୍ଷେତ୍ର ଆକ୍ରମଣ କରିଥିଲେ । ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ, ଏହି ଶୋଭନ ଦେବ ଭୌମଙ୍କର ବଂଶର ଶୁଭଙ୍କର ଦେବ ପ୍ରଥମ ଅଟନ୍ତି ଓ ଏହାଙ୍କ ରାଜତ୍ୱ କାଳ ଅଷ୍ଟମ-ନବମ ଶତାବ୍ଦୀ ସମୟର । ତାଙ୍କ ମତରେ, ରକ୍ତବାହୁ ହେଉଛନ୍ତି ରାଷ୍ଟ୍ରକୂଟ ରାଜା ତୃତୀୟ ଗୋବିନ୍ଦ । ଡ଼କ୍ଟର ସାହୁଙ୍କ ମତରେ ରକ୍ତବାହୁଙ୍କ ନେତୃତ୍ୱରେ ପୁରୁଷୋତ୍ତମ କ୍ଷେତ୍ର ଆକ୍ରମଣ କରିଥିବା ତଥା କଥିତ ଯବନମାନେ 'ମୁରୁଣ୍ଡ' ଜାତିର ଆକ୍ରମଣକାରୀ ଥିଲେ । ରାଖାଲ ଦାସ ବାନାର୍ଜିଙ୍କ ମତରେ ସେମାନେ କୁଶାଣ ଥିଲେ । ଏ ଦିଗରେ ମତର ସମସ୍ତ ବିଭିନ୍ନତା ସତ୍ତ୍ୱେ, ଏତିକି କୁହାଯାଇ ପାରେ ଯେ, ଅତୀତରେ ଶ୍ରୀକ୍ଷେତ୍ର-ପୁରୀ ଓ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର କୌଣସି ଏକ ବୈଦେଶିକ ଆକ୍ରମଣକାରୀ ଗୋଷ୍ଠୀର ଶିକାର ହୋଇ ପଡ଼ିଥିଲା । ମାଦଳା ପାଞ୍ଜି ବର୍ଣ୍ଣିତ ବିବରଣୀ ଅନୁସାରେ "ଶୋଭନ ଦେବ ଭୋଗ କଲେ ବ ୯୬ । ଏହି ମହାରାଜାଙ୍କ ୪ଅଙ୍କେ ଦିଲିରୁ ରକ୍ତବାହୁ ଆସିବା ବାରତାକୁ ପରମେସରଙ୍କୁ ସୁନପୁର ଗୋପଲୀ ଘେନିଗଲେ । ସେଠାରେ ମଣ୍ଡପ ଗୋଟିଏ କରି ବିଜେ କରାଇଲେ ବ ୪୫ । ଏଥି ଉତ୍ତାରେ ମୁଗଲେ ପ୍ରବଳ ହୋଇଲରୁ ସେବକେ ସେଠାରେ ପରମେସରଙ୍କୁ ପାତାଳି କରି ଉପରେ ଗଛ ଲଗାଇ ରାଜ୍ୟ ଅନ୍ତର ହୋଇଗଲେ । ପାତିସାଙ୍କ ଅମୁରା ରକତବାହୁ ଶ୍ରୀ ପୁରୁଷୋତ୍ତମ ବୁଲି ଅଇଲା । ସମୁଦ୍ର ଥୋକାଏ ଧୁର ମାଡ଼ି ଅଇଲା । ଏ ରାଜା ଅନେକ ଯୁଟ୍ କଲେ । ରହି ନ ପାରି ଝାଡ଼ଖଣ୍ଡ ଭିତରେ ରହିଲେ । ଏ ଭୋଗ କଲେ ବ ୯୬............ ..ଗାଏ ପରମେସର ପାତାଳି ହୋଇ ରହିଲେ ବ ୧୪୪" ।

ରକ୍ତବାହୁ ଶ୍ରୀକ୍ଷେତ୍ରରେ ପହଞ୍ଚିବା ପୂର୍ବରୁ ଶ୍ରୀ ଜଗନ୍ନାଥଙ୍କ ସେବକମାନେ ଆସନ୍ନ ବିପଦ ସଂପର୍କରେ ଅବହିତ ଥିଲେ । ଫଳରେ ସେମାନେ ରାଜାଙ୍କ ଆଦେଶ ନେଇ ଶ୍ରୀ ଜଗନ୍ନାଥଙ୍କୁ ତାଙ୍କ

ରତ୍ନ ସିଂହାସନରୁ ଉଠାଇ ଆଣି ଓଡ଼ିଶାର ପଶ୍ଚିମାଞ୍ଚଳସ୍ଥ ସୋନପୁର ନିକଟବର୍ତ୍ତୀ ଗୋପାଳୀ ଗ୍ରାମରେ ବିଜେ କରାଇଥିଲେ । ପରେ, ରକ୍ତବାହୁର ଶ୍ରୀଜଗନ୍ନାଥ ସନ୍ଧାନ ଉଦ୍ୟମ ସୋନପୁର ପର୍ଯ୍ୟନ୍ତ ବ୍ୟାପି-ଥିବା ଆଶଙ୍କା କରି, ସେମାନେ ଶ୍ରୀ ବିଗ୍ରହଙ୍କୁ ମାଟି ତଳେ ପାତାଳି କରିଥିଲେ । ସେହି ସ୍ଥାନରେ ଗୋଟିଏ ବରଗଛ ମଧ୍ୟ ପୋତା ଯାଇଥିଲା । ସମ୍ଭବତଃ ଅତୀତରେ ସେହି ସ୍ମୃତି ବହନ କରି ସୋନପୁର ଠାରୁ ୧୬ ମାଇଲ ଦୂରବର୍ତ୍ତୀ ଗୋପାଳୀ ଗ୍ରାମରେ ଜଗନ୍ନାଥଙ୍କ ଗୋଟିଏ ମନ୍ଦିର ଏବେ ମଧ୍ୟ ରହିଛି ।

ରକ୍ତବାହୁ ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚି ଶ୍ରୀଜଗନ୍ନାଥଙ୍କ ମନ୍ଦିର ଶୂନ୍ୟ ଦେଖିଥିଲା । ଆକ୍ରମଣର ପ୍ରଧାନ **ଲକ୍ଷ୍ୟସ୍ଥଳ** ଅପସାରିତ ହୋଇଥିବା ଜାଣି କ୍ରୋଧାନ୍ୱିତ ଆକ୍ରମଣକାରୀ ସେନା ଶ୍ରୀକ୍ଷେତ୍ରରେ ଧ୍ୱଂସଲୀଳା ଚଳାଇଥିଲେ । ସେତିକିବେଳେ, ଶ୍ରୀକ୍ଷେତ୍ର ଶ୍ରୀହୀନ ହୋଇ ପଡ଼ିଥିଲା । ଆକ୍ରମଣକାରୀ ବିଦେଶୀ ଗୋଷ୍ଠୀ ସେଠାରେ ଶତାଧିକ ବର୍ଷକାଳ ଆଧିପତ୍ୟ ବିସ୍ତାର କରି ରହି-ଥିଲେ । ଏତିକିବେଳେ, ସେମାନେ ଶ୍ରୀ ବିଗ୍ରହଙ୍କ ସନ୍ଧାନ ନେଇ ନିଜର କଳୁଷିତ ହୀନ ଉଦ୍ଦେଶ୍ୟ ଚରିତାର୍ଥ କରିବା ଲାଗି ତତ୍ପର ଥିବା ଜଣାଯାଏ । କିନ୍ତୁ ସୋନପୁରଠାରେ ପାତାଳୀ ହୋଇଥିବା ଶ୍ରୀ ବିଗ୍ରହ ରକ୍ତବାହୁର କବଳରୁ ରକ୍ଷା ପାଇ ଯାଇଥିଲେ । ଓଡ଼ିଆ ଜାତିର ଇତିହାସରେ ଏହା ଏକ ନୈରାଶ୍ୟମୟ ଅନ୍ଧକାର ଯୁଗ ଥିଲା । ଏହିପରି ପ୍ରାୟ ୧୪୬ ବର୍ଷ ପରେ, କେଶରୀ ବଂଶର ପ୍ରତିଷ୍ଠାତା ଯଯାତି କେଶରୀଙ୍କ ରାଜତ୍ୱ ସଙ୍ଗେ ଉପରୋକ୍ତ ଅନ୍ଧକାରାଚ୍ଛନ୍ନ ଯୁଗର ଅବସାନ ହୋଇଥିଲା । ଯଯାତି-କେଶରୀ ଶ୍ରୀଜଗନ୍ନାଥଙ୍କ ପୁନରୁଦ୍ଧାର କରି ସଗୌରବେ ଶ୍ରୀମନ୍ଦିରରେ ପୁନଃ ପ୍ରତିଷ୍ଠିତ କରାଇଥିଲେ । ମାଦଳା ପାଞ୍ଜି ଅନୁସାରେ :

"ଏଠାରୁ କେଶରୀ ପାଟରାଜା ହୋଇଥିଲେ । ପ୍ରଥମ ପାଟ ଯଯାତି କେଶରୀ ହୋଇଲେ । ଏ ରାଜା ବଡ଼ ସୁରବନ୍ତ ଦାନୀ । ଏ ମହାରାଜାଙ୍କ ଅ ୧୧ଙ୍କେ ସନ୍ୟାସୀ ବ୍ରାହ୍ମଣମାନଙ୍କୁ ପଚାରିଲେ ଓଡ଼ିଶା ରାଜାର ପ୍ରଭୁ ଯେ ଶ୍ରୀଜଗନ୍ନାଥ ମହାପ୍ରଭୁ ସେ କାହିଁଛନ୍ତି ? ସେମାନେ କହିଲେ ମୁଗଲ ଗୋଳ ହୋଇଲାରୁ ସୋମୋଦ୍ର ମାଡ଼ି ଅଇଲାରୁ ଅପାର ଦିନ ହୋଇଲା ! ଶ୍ରୀ ପରମେସରଙ୍କୁ ପାତାଳୀ କରି ସୁନୁପୁର ଆଡ଼େ କଉଁଠାରେ ବିଜେ କରାଇଲେ ଗ୍ୟାଁତବ ନାହିଁ । ଏହା ସୁଣି ମହାରାଜା ସୁନୁପୁର ଗଲେ । ସେଠାରେ ଖଣ୍ଡାଇତଙ୍କୁ ପଚାରିଲେ । ସେମାନେ କହିଲେ ଆମ୍ଭେ ଗ୍ୟାଁତବ ନୋହୁଁ । ଆମ୍ଭ ବାପ ଅଜା କହନ୍ତି, ବିଅବର ଏହି । ଏଥି ତଳେ ଦିଅଁଙ୍କୁ ପୋତିଥିଲେ । ଏହା ସୁଣି ରାଜା କଟଲିଆ ବ୍ରାହ୍ମଣଙ୍କୁ ଆଣି ସେ ଗଛ କଟାଇ ଖୋଳାଇଲେ । ପରମେସରଙ୍କୁ ବାହାର କଲେ । ସେ ଦିନେ ଶ୍ରୀ ମୁରତିମାନ ମାଟିଖାଇ ଛିନ୍ନ ଭିନ୍ନ ହୋଇଛନ୍ତି । ଦେଅମାନଙ୍କୁ ଲୁଗା ଗୁଡ଼ିଆଇ ମୁଣାରେ ପୁରୋଇ ମୁଦାଇଲେ । ଏ ଉଭାରୁ ଦଇତାପତିଙ୍କୁ ଲୋଡ଼ାଇଲେ ।

* * * *

ଏମାନଙ୍କୁ ଅଣାଇ ବିଧିପତ୍ର ପ୍ରମାଣେ ଦାରୁ ଛେଦନ କରାଇ ପରମେସରଙ୍କୁ ସୁମୂର୍ତ୍ତି କରାଇଲେ ।

* * * ଶ୍ରୀ ପୁରୁଷୋତ୍ତମେ ସଂଖନାରି ମଣ୍ଡଳେ ହା ୩୮ଥ କରି ପଟୋଳ ଗୋଟିଏ ତୋଳି ପ୍ରତିଷ୍ଠା କରି ପରମେସରଙ୍କୁ ବିଜେ କରାଇଲେ ।"

ପରବର୍ତ୍ତୀ ଯୁଗରେ କେଶରୀ, ଗଙ୍ଗ–ଓ ସୂର୍ଯ୍ୟ ବଂଶମାନଙ୍କର ରାଜତ୍ୱ ସମୟରେ ଓଡ଼ିଆ ଜାତିର ଶୌର୍ଯ୍ୟ ଓ ଐଶ୍ୱର୍ଯ୍ୟ ମଧ୍ୟରେ ଏ ଜାତିର ପ୍ରିୟତମ ତଥା ପରାମାରାଧ୍ୟ ଦେବାଧିଦେବ ଶ୍ରୀ ଜଗନ୍ନାଥ ଶାନ୍ତିରେ ପୁରୁଷୋତ୍ତମ କ୍ଷେତ୍ରରେ ରହିଥିଲେ । ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବ ଗଜପତିଙ୍କ ରାଜତ୍ୱ ପର୍ଯ୍ୟନ୍ତ ଏହି ସୁଦିନ ରହିଥିଲା । ୧୫୬୮ରେ ମୁକୁନ୍ଦଦେବଙ୍କ ମୃତ୍ୟୁପରେ, ତାଙ୍କ ଦୁର୍ବଳ ଉତ୍ତରାଧିକାରୀଙ୍କ ସମୟରେ ଓଡ଼ିଶାରେ ରାଜନୈତିକ ଅସ୍ଥିରତା ଲାଗିରହିଲା । ଏହା ସଙ୍ଗେ ଓଡ଼ିଆ ଜାତିର ଘୋର ଦୁର୍ଦ୍ଦିନ ଆସିଥିଲା । ଏତିକିବେଳେ ବଙ୍ଗ ନବାବ ସୁଲେମାନ କରାନୀଙ୍କ ସେନାପତି କଳାପାହାଡ଼ ୧୫୬୮ରେ ଓଡ଼ିଶା ଅଭିଯାନରେ ଆସିଥିଲା । ରାଜ୍ୟ ଜୟ ଅପେକ୍ଷା ହିନ୍ଦୁ ମନ୍ଦିର ଭାଙ୍ଗି ହିନ୍ଦୁ ଦେବ ଦେବୀମାନଙ୍କ ଅସମ୍ମାନ କରିବା ଥିଲା କଳାପାହାଡ଼ର ପ୍ରଧାନ ଉଦ୍ଦେଶ୍ୟ । ଭୁବନେଶ୍ୱରରେ କଳାପାହାଡ଼ ତାର ପାଶବିକ ଧ୍ୱଂସଲୀଳା କରିବା ପରେ ପୁରୀ ଆଡ଼କୁ ଆଗେଇଥିଲା । ପୂର୍ବ ବର୍ଣ୍ଣିତ ରକ୍ତବାହୁର ପୁରୀ ପ୍ରବେଶ ପୂର୍ବରୁ, ଶ୍ରୀ ଜଗନ୍ନାଥଙ୍କ ସେବକମାନେ ଯେପରି ତତ୍ପରତା

ସହ ଶ୍ରୀକ୍ଷେତ୍ରରୁ ଶ୍ରୀ ବିଗ୍ରହଙ୍କୁ ଉଠାଇ ନେଇଥିଲେ, ଏହିଥର ମଧ୍ୟ ତାଦୃଶ୍ୟ ତତ୍ପରତା ସହ ମନ୍ଦିରର ସେବକମାନେ ଶ୍ରୀ ଜଗନ୍ନାଥଙ୍କୁ ନେଇ ଚିଲିକା ଅନ୍ତର୍ଗତ ପାରିକୁଦଠାରେ ଗୋପନରେ ବିଜେ କରାଇଥିଲେ । କଳାପାହାଡ଼ ପୁରୀରେ ପହଞ୍ଚି ମନ୍ଦିର, ମୂର୍ତ୍ତି ପ୍ରଭୃତିର ଭଙ୍ଗାରୁଜା କାମ କରିବା ସଙ୍ଗେ ଶ୍ରୀ ଜଗନ୍ନାଥଙ୍କ ଅନୁସନ୍ଧାନରେ ଆଗେଇଯାଇ ଯଥା ସ୍ଥାନରେ ପହଞ୍ଚି ପାରିଥିଲା । ମାଦଳା ପାଞ୍ଜି ଅନୁସାରେ "ତହିଁକି ବୋଲି କଳାପାହାଡ଼ ଯାଇ ଠାବ କଲା, ମୁହାଣ ପାରହୋଇ ଗଲା । ଝେଙ୍ଗିଆ କଢ଼ାଇ ଅଣ୍ଟାକ ପାଣିରେ ନେଲା । ସେଠାରୁ ପରମେସରଙ୍କୁ ହାଥୀରେ ପକାଇ ଆଣିଲା ।

⁂ ⁂ ⁂

ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଗଙ୍ଗାକୂଳ ତଣ୍ଡାଯାଏ ନେଲା । କାଠ କୁଣ୍ଡାଇ ଅଗ୍ନିରେ ପୁରୋଇ ଜାଳିଦେଲା । ତେଣେ ପଠାଣର ଦେହ ଖଣ୍ଡ ଖଣ୍ଡ ହୋଇ ଫାଟିଲା । କାଳି କହିଲା, ଓଡ଼ିଶାର ଦେବତା ଜଳାଇ ଦେଲୁ ତେଣୁ କରି ତୋହର ଦେହ ଫାଟିଲା । ଏହା ଶୁଣି ତାହାର ପୁଅ ପରମେସରଙ୍କୁ ଗଙ୍ଗାରେ ମେଲି ଦେଲା । ⁕ ⁕ ⁕ ⁕ ⁕ ⁕ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ନେବାବେଳେ ବିଶର ମହାନ୍ତି ଯାଇଥିଲା । ବୈଷ୍ଣବ ହୋଇ ସାଙ୍ଗେ ଗୋଡ଼ାଇଥିଲା । ଆଠମାସ ରହି ବାଦ୍ୟପ୍ରଣ କରି ଦାରୁ ମାଗିଲା । ବ୍ରହ୍ମ ଖୋଳକରି ମୃଦଙ୍ଗେ ପୁରୋଇ ଘେନି ଅଇଲା । କୁଜଙ୍ଗ ଗଡ଼ରେ ଆଣି ପ୍ରବେଶ କଲା । ଖଣ୍ଡାଇତ ଓଳିଆ ଉପରେ ଦୁଇଠାକୁରେ ରହିଲେ ।" "କୁଜଙ୍ଗ ରାଜା ସେ ବ୍ରହ୍ମ ପାଇ ନବକଳେବର କରାଇ ପୁନର୍ବାର ଜଗନ୍ନାଥ ପ୍ରତିଷ୍ଠା କରାଇଲେ ।""

ଉତ୍କଳ ଇତିହାସ, କୃପାସିନ୍ଧୁ ମିଶ୍ର ପୃଷ୍ଠା ୧୬୩

ଓଡ଼ିଶାର ଉପରୋକ୍ତ ରାଜନୈତିକ ଅସ୍ଥିରତା, ଏଠାରେ ଭୋଇ ବଂଶର ପ୍ରତିଷ୍ଠା ହେବା ସଙ୍ଗେ, ଅବସାନ ହୋଇଥିଲା । ଏହି ବଂଶର ପ୍ରତିଷ୍ଠାତା ରମାଇ ରାଉତରା, ପରେ ରାମଚନ୍ଦ୍ର ଦେବ ନିଜକୁ, ଉତ୍କଳର ସ୍ୱାଧୀନ ଗଜପତି ରାଜା ରୂପେ ପ୍ରତିଷ୍ଠିତ କରି ପାରିଥିଲେ । ପୂର୍ବ କଥିତ ଯଯାତି କେଶରୀଙ୍କ ପରି, ଏହି ରାଜାଙ୍କ ଭାଗ୍ୟରେ ମଧ୍ୟ ଶ୍ରୀ ଜଗନ୍ନାଥଙ୍କୁ ପୁନଃ ପ୍ରତିଷ୍ଠିତ କରିବାର ସୁଯୋଗ ଘଟିଥିଲା । ଚକଡ଼ା ପୋଥିର ବିବରଣି ଅନୁସାରେ"......................ରାତ୍ରିରେ ରାଜାଙ୍କୁ ସ୍ୱପ୍ନରେ ଆଜ୍ଞାହେଲା ଯେ, ଆମ୍ଭେ କୁଜଙ୍ଗଠାରେ ବିଜେ କରି ରହିଅଛୁଁ । ସେ ଶାଳଖାକୁ ତୁ ନୂଆକରି ଦାରୁବ୍ରହ୍ମ ମୂର୍ତ୍ତି କରିବୁ । ..................................ମହା ଅଣସରରେ ବାଲି ନୃସିଂହଠାରୁ ଆମ୍ଭଙ୍କ ବିଜେ କରାଇ ନେଇ ଦେଉଳ ଭିତରେ ରତ୍ନ_ସିଂହାସନେ ଆମ୍ଭଙ୍କୁ ବିଜେ କରାଇବୁ" ।

"ତହିଁ ଆରଦିନ ରାଜା ଶୁଦ୍ଧିମନ୍ତ ଓ ମାର୍ଜିତ ହୋଇ ସମସ୍ତ ଭଟମିଶ୍ର, ସାମନ୍ତ, ଘଡ଼ଇ............ ..................ରାଉତଙ୍କୁ ଡ଼କାଇଲେ । ମହାସଭା କରି ରାଜା ସ୍ୱପ୍ନ ବୃତ୍ତାନ୍ତ କହିଲେ । ସମସ୍ତେ ଶୁଣି ମସ୍ତକରେ ହାତ ଦେଇ ଜଣାଇଲେ, ଦେଓ, ଏବେ ଦେବତା ବ୍ରାହ୍ମଣ ଉଦୟ ହେବ । ଏହା କହିବାରୁ ରାଜା ବଡ ପଦ୍ମନାଭ ପଟନାୟକଙ୍କୁ ଆଜ୍ଞା ଦେଲେ । ସେ ଯାଇ କୁଜଙ୍ଗଠାରୁ ମହାପ୍ରଭୁଙ୍କୁ ଆଣିଲେ । ମହାରାଜା ସ୍କନ୍ଦପୁରାଣ ବିଧିରେ ଚଉରାଶି ଯବରେ ଦାରୁ ଶ୍ରୀମୂର୍ତ୍ତି କରି ଭିତର ପୋଟଳରେ ଶାଳଖା ବିଜେ କରାଇ ଶ୍ରୀମୂର୍ତ୍ତି କଲେ ।" ମାଦଳା ପାଞ୍ଜିର ବିବରଣ ଅନୁଯାୟୀ "ଅ ୯ ଙ୍କେ ରାଜା କୁଜଙ୍ଗ ଗଡ଼ରୁ ବ୍ରହ୍ମ ଅଣାଇଲେ । ଖୁରୁଧା କଟକେ ବନଯାଗ କରି ସୁମୂର୍ତ୍ତି କରାଇଲେ । ଅ ୧୧ ଙ୍କେ କକଡ଼ା ୧୮ ଦିନ ଶ୍ରାବଣ ଶୁକ୍ଳ ନବମୀ ଦିନ ଶ୍ରୀ ପୁରୁଷୋତ୍ତମ ବଡ଼ ଦେଉଳେ ରତ୍ନ ସିଂହାସନେ ବିଜେ କରାଇଲେ । ବ୍ରହ୍ମଆଣିଲା ବିଶର ମହାନ୍ତିଙ୍କୁ ପୋଳ ନାଏକ କଲେ । ....................................ହରି ଶବଦ କରି ସମସ୍ତ ସନ୍ୟାସୀ ବ୍ରହ୍ମଚାରୀ ଭଟମିଶ୍ରମାନେ ମହାପ୍ରସାଦ ପାଇଲେ । ସମସ୍ତ ସନ୍ୟାସୀ ବ୍ରହ୍ମଚାରୀମାନେ ବ୍ରାହ୍ମଣମାନେ ଶ୍ରୀ ରାମଚନ୍ଦ୍ର ମହାରାଜାଙ୍କୁ ଦୁତୀ ଇନ୍ଦ୍ରଦୁମନ ବୋଲି ଶାଢ଼ୀ ଦେଲେ ।"

ହିନ୍ଦୁ ଜଗତର ତଥା ଓଡ଼ିଆ ଜାତିର ପରମାରାଧ୍ୟ ଦେବାଧିଦେବ ଶ୍ରୀ ଜଗନ୍ନାଥଙ୍କୁ ପୁନଃପ୍ରତିଷ୍ଠିତ କରିଥିବାରୁ ରାମଚନ୍ଦ୍ର ଦେବ "ଅଭିନବ ଇନ୍ଦ୍ରଦ୍ୟୁମ୍ନ" ବା "ଦୁତୀ ଇନ୍ଦ୍ରଦୁମନ" ଉପାଧିରେ ଜାତୀୟ ସମ୍ମାନ ଲାଭ କରିଥିଲେ । ଏହା ସଙ୍ଗେ, ବିଗତ ଆଠ ବର୍ଷ ଧରି ବନ୍ଦ ହୋଇ ଯାଇଥିବା ଭାରତ ପ୍ରସିଦ୍ଧ ରଥଯାତ୍ରାର ପୁନଃ ପ୍ରବର୍ତ୍ତନ ହୋଇଥିଲା ।

ରାମଚନ୍ଦ୍ର ଦେବଙ୍କ ଅନ୍ତେ ତାଙ୍କ ପୁତ୍ର ପୁରୁଷୋତ୍ତମ ରାଜା ହେଲେ । ଏହାଙ୍କ ରାଜତ୍ୱର ପଞ୍ଚମ ବର୍ଷରେ ସମ୍ରାଟ ଆକ୍‌ବରଙ୍କ ମୃତ୍ୟୁ ହୋଇଥିଲା । ଆକ୍‌ବରଙ୍କ ପରେ, ତାଙ୍କ ପରବର୍ତ୍ତୀ ସମ୍ରାଟଗଣ ଆକବରଙ୍କ ଉଦାର ଧର୍ମ ନୀତିକୁ ପରିତ୍ୟାଗ କରିଥିଲେ । ଏହାର କୁପରିଣତି ସ୍ୱରୂପ ଉତ୍କଳର ରାଜା, ପ୍ରଜା ଓ ଶ୍ରୀ ଜଗନ୍ନାଥଙ୍କ ଭାଗ୍ୟରେ ପୂର୍ବ ବିପର୍ଯ୍ୟୟ ପର୍ଯ୍ୟାୟର ପୁନରାବୃତ୍ତି ଘଟିଥିଲା । ଲୁଣ୍ଠନପ୍ରିୟ ଅତ୍ୟାଚାରୀ ଓ ଧର୍ମାନ୍ଧ ମୁଗଲ ସୁବେଦାର ମାନଙ୍କ କବଳରୁ ରକ୍ଷା ପାଇବା ଲାଗି ଶ୍ରୀଜଗନ୍ନାଥଙ୍କୁ ବାରମ୍ବାର ଶ୍ରୀକ୍ଷେତ୍ରରୁ ଏ ରାଜ୍ୟର ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ନିଭୃତ ଆଶ୍ରୟାର୍ଥେ ସ୍ଥାନାନ୍ତରିତ ହେବାକୁ ପଡ଼ିଥିଲା । ଏଣିକି ମାନମହତ୍ ଓ ରାଜ୍ୟ ସଂପଦ ପ୍ରଭୃତିର ଜଳାଞ୍ଜଳି ଦେଇ ଯେ କୌଣସି ମତେ ଶ୍ରୀଜଗନ୍ନାଥଙ୍କୁ ରକ୍ଷା କରିବା ଲାଗି ଓଡ଼ିଶାର ରାଜା ଓ ପ୍ରଜା ସମସ୍ତେ ଚିନ୍ତିତ ହୋଇ ପଡ଼ିଲେ ।

ଏ ପର୍ଯ୍ୟାୟର ଆକ୍ରମଣ ମଧ୍ୟରେ ପ୍ରଥମତଃ, ୧୬୦୯ ଖ୍ରୀଷ୍ଟାବ୍ଦରେ କଟକ ସୁବାଦାର ମକରମ ଖାଁ ପୁରୀ ଆକ୍ରମଣ କରିଥିଲେ । ଏତିକିବେଳେ, ଶ୍ରୀ ଜଗନ୍ନାଥଙ୍କୁ ପୁରୀଠାରୁ ଆଠ ମାଇଲ ଦୂରସ୍ଥ କପିଳେଶ୍ୱର ପୁରଠାରେ ଲୁଚାଇ ରଖିବାକୁ ପଡ଼ିଥିଲା । ଏହି ସ୍ଥାନାନ୍ତରରେ ବିଥଙ୍କ ଦୋଳଯାତ୍ରା ଓ ବାହୁଡ଼ା ବିଜେ ସଂପନ୍ନ ହୋଇଥିଲା । ୧୬୧୦ ଖ୍ରୀଷ୍ଟାବ୍ଦରେ, କେଶୁଦାସ ନାମକ ଆଉ ଜଣେ ମୋଗଲ ସୁବେଦାର ରଥଯାତ୍ରା ବେଳେ ପୁରୀ ଆକ୍ରମଣ କଲେ । ଆକ୍ରମଣକାରୀ ଠାକୁରଙ୍କ ତିନି ରଥଙ୍କୁ ପୋଡ଼ି ଦେଇଥିଲେ । ଫଳରେ, "ପରମେସରଙ୍କୁ ଚଉ ଦୋଳାରେ ବିଜେ କରାଇ ବାହାରିଙ୍କ କାନ୍ଧେ ଦେଇ ବଡ଼ ଦେଉଳେ ବିଜେ କରାଇଥିଲେ " (ମାଦଳା ପାଞ୍ଜି) । ୧୬୧୫ ଖ୍ରୀଷ୍ଟାବ୍ଦରେ ରାଜା ତୋଡ଼ରମଲଙ୍କ ପୁତ୍ର କଲ୍ୟାଣ ମଲ ଓଡ଼ିଶାର ମୋଗଲ ସୁବେଦାର ଥିବାବେଳେ ଖୋରଧା ଆକ୍ରମଣ କରିଥିଲେ । ଏତିକି ବେଳେ ଜଗନ୍ନାଥଙ୍କ ସେବକ ମାନେ ଶ୍ରୀମନ୍ଦିର ଆକ୍ରମଣ ଆଶଙ୍କା କରି ଶ୍ରୀଜଗନ୍ନାଥଙ୍କୁ ଚିଲିକା କୂଳ ମହୀସ ।ନାସୀ ପର୍ବତକୁ ନେଇ ରଖିଥିଲେ । ୧୬୧୭ ବେଳେ ମକରମ ଖାଁ ନାମକ ମୋଗଲ ସେନାପତି ଖୋରଧା ଅଧିକାର କରି ପୁରୀ ଆକ୍ରମଣ କଲେ । ଏହି ବିପଦ ମଧ୍ୟରେ, ଶ୍ରୀ ଜଗନ୍ନାଥଙ୍କୁ ବାଣପୁର ସୀମାରେ ଗଡ଼ପଦାଠାରେ ନଈ ଭିତରେ ଦ୍ୱୀପ ଉପରେ ବିଜେ କରାଯାଇଥିଲା । ଦୁଇ ବର୍ଷ କାଳ ବିଭିନ୍ନ ଉତ୍ପାତ କରି, ମକରମ୍ ଖାଁ ପୁରୀରୁ ଫେରିଯିବା ସଙ୍ଗେ, ଶ୍ରୀଜଗନ୍ନାଥଙ୍କୁ ସ୍ୱୟଂ ଶ୍ରୀମନ୍ଦିର ମଧ୍ୟରେ ବିଜେ କରାଯାଇଥିଲା । ୧୬୨୨ ରେ ଭୋଇବଂଶ ଶ୍ରୀ ନରସିଂହ ଦେବଙ୍କ ରାଜତ୍ୱରେ ସୁବେଦାର ଅହମଦ ବେଗ ଖୋର୍ଦ୍ଧା ଆକ୍ରମଣ କଲେ । ଏତିକିବେଳେ, ରାଜା ନରସିଂହ ଦେବ ସ୍ୱୀୟ ପରିବାର ଓ ଶ୍ରୀ ଜଗନ୍ନାଥଙ୍କୁ ରଣପୁର ମାଣିତ୍ରୀ ଦୁର୍ଗକୁ ସ୍ଥାନାନ୍ତରୀତ କରିଥିଲେ । ଏହାପରେ, ତତ୍‌କାଳୀନ ସମ୍ରାଟ ପୁତ୍ର ବିଦ୍ରୋହୀ ଖୁରମ୍‌ଙ୍କ ହିନ୍ଦୁ ସେନାପତି ଭୀମ ସିଂହ ଶ୍ରୀଜଗନ୍ନାଥଙ୍କ ଉଦ୍ଧାର ପାଇଁ ନରସିଂହ ଦେବଙ୍କ ସହାୟ ହୋଇଥିଲେ । ପାଞ୍ଜି ଅନୁସାରେ, "ରାଜା ଭୀମ ପୁରୁଷୋତ୍ତମ ଅଇଲାକୁ ରାତି ରାତି ବ୍ରହ୍ମ ଅଣାଇ ବିଜେ କରାଇ ସଖୁଂଡ଼ି ଭୋଗ ମୁଣୋହି ହୋଇଲେ ।" ପୁଣି ଖୁରମ୍ ବଙ୍ଗଦେଶରୁ ବିତାଡ଼ିତ ହୋଇ ଓଡ଼ିଶାରେ ଆଶ୍ରୟ ପାଇଥିବା ବେଳେ, ଶ୍ରୀଜଗନ୍ନାଥଙ୍କ ପ୍ରତି ବିପଦ ଘନେଇ ଆସିଥିଲା । ଏଥିରୁ ରକ୍ଷା ପାଇବା ଲାଗି, ରାଜା ନରସିଂହ ଦେବ ଶ୍ରୀଜଗନ୍ନାଥଙ୍କୁ ନେଇ ନିଜ ରାଜଧାନୀ ଖୋର୍ଦ୍ଧାର ସାକ୍ଷୀଗୋପାଳ ମନ୍ଦିର ମଧ୍ୟରେ ରଖାଇଥିଲେ । ଖୁରମ୍ ଓଡ଼ିଶାରୁ ବିଦାୟ ନେବା ପରେ, ଏଠାରେ ମୋଗଲ ବିପଦର ଘନଘଟା ଅପସାରିତ ହୋଇଥିଲା । ପରିବର୍ତ୍ତିତ ପରିସ୍ଥିତିରେ ଶ୍ରୀଜଗନ୍ନାଥଙ୍କୁ ୧୬୨୫ ରେ ଶ୍ରୀମନ୍ଦିର ମଧ୍ୟରେ ବିଜେ କରାଯାଇଥିଲା । ଶ୍ରୀଜଗନ୍ନାଥଙ୍କ ଉପରୋକ୍ତ ପ୍ରତ୍ୟେକ ଥରର ଶ୍ରୀକ୍ଷେତ୍ର ପ୍ରସ୍ଥାନ ଓ ପ୍ରତ୍ୟାବର୍ତ୍ତନ ଅବସରରେ ଅନ୍ନ ମହାପ୍ରସାଦର ପୁନଃ ପ୍ରବର୍ତ୍ତନ ହେଉଥିଲା । ଏହା ସଙ୍ଗେ, ଶ୍ରୀ ବିଗ୍ରହଙ୍କ ଦାରୁ ପରିବର୍ତ୍ତନ ତଥା ନବକଳେବର ବିଧି ବ୍ୟବସ୍ଥା ପାଳନ କରାଯାଉଥିଲା ।

ଦିଲ୍ଲୀ ସମ୍ରାଟ ଆଓରଙ୍ଗଜେବଙ୍କ ରାଜତ୍ୱ କାଳରେ ଉପରୋକ୍ତ ବିପର୍ଯ୍ୟୟ ପର୍ଯ୍ୟାୟ ଚରମ ସୀମାରେ ଉପନୀତ ହୋଇଥିଲା । ୧୬୯୩ ରେ ଦିବ୍ୟସିଂହ ଦେବ ଖୋରଧାର ରାଜା ହୋଇଥିଲେ । ଏହାଙ୍କ ସମୟରେ, ୧୬୯୮ ରେ ଓଡ଼ିଶାର ନାଏବ ନବାବ୍ ଏକରାମ୍ ଖାଁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଆକ୍ରମଣ କଲା । ଐତିହାସିକ କୃପାସିନ୍ଧୁ ମିଶ୍ରଙ୍କ ମତାନୁସାରେ, "ପଣ୍ଡାମାନେ କୌଶଳ କ୍ରମେ ଜଗନ୍ନାଥଙ୍କ ମଧ୍ୟରୁ ଦାରୁ ବ୍ରହ୍ମଙ୍କୁ ବାହାର କରି ନେଇ ବିମଳା ମନ୍ଦିର ପଛଆଡ଼େ ଲୁଚାଇ ରଖିଥିଲେ । ଜଗନ୍ନାଥଙ୍କ ଦାରୁ ବିଗ୍ରହମାନ ନଷ୍ଟ କରି ଏକରାମ ମନ୍ଦିର ଯଥେଚ୍ଛା ଲୁଣ୍ଠନ କଲେ । ଦିବ୍ୟସିଂହ ଦେବ ଏକରାମଙ୍କ ଭୟରେ ଲୁଚି ରହିଲେ । ଏକରାମ ଫେରିଯିବା ପରେ, ନବ କଳେବର ହୋଇ ଜଗନ୍ନାଥ ପୁଣି ପ୍ରତିଷ୍ଠିତ ହେଲେ ' ମାଦଳା ପାଞ୍ଜି ଅନୁସାରେ" ଏ ମହାରାଜାଙ୍କ ଅ ୭ ଙ୍କେ ଲୁଷଭ ଦି ୧୮ ନ

ମୁଗଲ ଗୋଳରେ ଏ ଦିନ ପଳାଉଣି ନିମନ୍ତେ ରାତ୍ର ତିନି ପ୍ରହରଠାରେ ପରମେଶ୍ୱର ଚତୁର୍ଦ୍ଧା ମୁରତି ଗହଣି ବିଜେ କଲେ । ଭିତରେ ବେଢ଼ାରେ ବିମଳାଇଙ୍କ ପଛଆଡ଼ ବେଢ଼ାରେ ବିଜେ କଲେ । ଦକ୍ଷିଣ ଘରୁ ଦେବତାମାନେ କୋକଲ (ବାଣପୁର ନିକଟସ୍ଥ) ଗଡକୁ ବିଜେ କଲେ । ..................ରାଜା ଦିବ୍ୟସିଂହ ଦେବେ ବାରୁ ଲାଗି ହୋଇ ଥାଇ ସିଂହଦ୍ୱାର ଗୁମୁଟ ଭାଙ୍ଗିଲେ । ଭୋଗମଣ୍ଡପର ଚକ୍ର ନେଲେ । କାଠର ଜଗନ୍ନାଥ ପ୍ରତିମାକୁ ମୁଗଲେ ନେଲେ । ଦେଉଳ ସିଂଘାସନ ଉପରକୁ ନବାବ ଯାଇ ଗଲା । ଦେଉଳ ସିଂଘଦ୍ୱାର ଦକ୍ଷିଣ ଦ୍ୱାର ମୁଦକଲା । ପରମେଶ୍ୱରେ ବିମଳାଇଙ୍କ ପିଠିଆଡ଼ ବେଢ଼ାରେ ବିଜେ କରିଥିଲେ" ।

ପ୍ରବଳ ପ୍ରତାପୀ ମୋଗଲ ରାଜଶକ୍ତି ସମକ୍ଷରେ ମୋଗଲ ଅତ୍ୟାଚାରର ପ୍ରତିରୋଧ କରିବା କାର୍ଯ୍ୟ ଓଡ଼ିଶା ରାଜନ୍ୟବର୍ଗଙ୍କ ପକ୍ଷେ ସହଜସାଧ୍ୟ ନ ଥିଲା । ଅତଏବ, ରାଜା ଦିବ୍ୟସିଂହ ଦେବ ନିରୁପାୟ ବଶତଃ ଏ ଜାତୀୟ ଅପମାନକୁ ବରଣ କରି ନେଇଥିଲେ । ଅବଶ୍ୟ, ତାଙ୍କ କୌଶଳ କ୍ରମେ ଶ୍ରୀବିଗ୍ରହଙ୍କ ରକ୍ଷା ହେବା ସଙ୍ଗେ, ଶ୍ରୀମନ୍ଦିର ମଧ୍ୟ ଅତ୍ୟାଚାରୀ ମୋଗଲ ସୁବେଦାରଙ୍କ ପ୍ରଭୃତ ଧ୍ୱଂସଲୀଳାରୁ ରକ୍ଷା ପାଇ ଯାଇଥିଲା । କିନ୍ତୁ ଏହି ଦୁର୍ଦ୍ଦଶା ଯୋଗୁଁ ଶ୍ରୀକ୍ଷେତ୍ର ଶ୍ରୀହୀନ ହୋଇ ପଡ଼ିଥିଲା । ଏଥିର ଏକ କରୁଣ ଚିତ୍ର ମାଦଳା ପାଞ୍ଜିରୁ ମିଳେ । ଯଥା :–

ଏ ଦିନୁଁ ଚନ୍ଦନ ଯାତ୍ରା ନୋହିଲେ । ଏ ଦିନୁ ରୁକ୍ମିଣି ହରଣ ନୋହିଲେ । ଏକାଦଶୀ ମହାଦୀପ ନୋହିଲେ । ବିଭାଯାତ ନୋହିଲେ । ଭିତର ବେଢ଼ାରେ କାଠ ସିଘାଂସନରେ ଦେବ ସ୍ନାହାନ ଯାତ୍ରା ହୋଇଲେ । ଧୂପ ମାନଙ୍କରେ ଘଣ୍ଟା ନ ବାଜିଲା । ଗୁଣ୍ଡିଚ୍ଚ ଯାତ୍ରା ଭୋଗ ମଣ୍ଡପରେ ହୋଇଲେ ।"

ଆଉରଙ୍ଗଜେବଙ୍କ ମୃତ୍ୟୁ ପରେ, ଦିବ୍ୟସିଂହ ଦେବ ଅଠରଗଡ଼ର ରାଜାମାନଙ୍କୁ ଏକାଠି କରି ଓଡ଼ିଶାରୁ ମୋଗଲ ସେନାଙ୍କୁ ତଡ଼ି ଦେଇଥିଲେ । ଏହା ସଙ୍ଗେ ଶ୍ରୀ ଜଗନ୍ନାଥ ଓ ଶ୍ରୀକ୍ଷେତ୍ରର ପୁନରୁଦ୍ଧାର ଲାଗି ଯଥାରୀତି ବ୍ୟବସ୍ଥାମାନ ଗ୍ରହଣ କରାଯାଇଥିଲା । ମାଦଳା ପାଞ୍ଜି ଅନୁସାରେ ।

"..............ଏ ମହାରାଜାଙ୍କ ଆଜ୍ଞା ପ୍ରମାଣେ ଆଠଗଡ଼ ଖଣ୍ଡାଏତଙ୍କୁ ଘେନାଇ ଅମ୍ବୁରାମ ପିତାମହ ଆସି ବଡ଼ ଦେଉଳ ସିଂହଦ୍ୱାର ଫିଟାଇ ଦେଲେ । ପଥର ବାହି ମୁହଁ ଭାଙ୍ଗି ପକାଇଥିଲା । ଏ ଦିନ ପୁରୁଷୋତ୍ତମ ବଲ୍ଲଭ ଅବକାଶ ବେଶ ବଢିଲା ଉଭାରୁ ପରମେଶ୍ୱରଙ୍କୁ ବାଡ଼ୁ ଆଜ୍ଞାମାନ ହୋଇଲେ । ଏ ଦିନ ସଞ୍ଜ ଧୂପରେ ଘଣ୍ଟ ବାଜିଲା । ବଡ଼ ଦେଉଳ ଉପରେ ମହାଦୀପ ଜଳିଲା । ଏ ଅଙ୍କେ ଗୁଣ୍ଡିଚ୍ଚ ଯାତ୍ରା ହୋଇଲେ ।"

ଦିବ୍ୟସିଂହ ଦେବଙ୍କ ପରେ, ପୁନର୍ବାର ୧୭୩୧ ଖ୍ରୁ ଶ୍ରୀ ଜଗନ୍ନାଥଙ୍କ ପ୍ରତି ବହିଁଆକ୍ରମଣର ଝଡ଼ଝଞ୍ଜା ପ୍ରବାହିତ ହେବାକୁ ଲାଗିଲା । ୧୭୨୭ ଖ୍ରୁ ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଖୋରଧାର ରାଜା ହୋଇଥିଲେ । ଏହାଙ୍କ ରାଜତ୍ୱରେ ଉତ୍କଳର ଅନ୍ତର୍ବିବାଦର ସୁଯୋଗ ନେଇ ମୋଗଲ ସୁବେଦାର ତକିଖାଁ ୧୭୩୧ ରେ ଖୋରଧା ଆକ୍ରମଣ ହେଲେ । ରାଜା ରାମଚନ୍ଦ୍ର ନିଜ ରାଜ-ଧାନୀରେ ନଜର ବନ୍ଦୀ ହୋଇ ରହିଲେ । ଏହି ଦୁଃସମୟରେ ସେ ସର୍ବଦା ଶ୍ରୀ ମନ୍ଦିର ଉପରେ ମୋଗଲ ଦୌରାତ୍ମ୍ୟର ଆଶଙ୍କା କରୁଥିଲେ । ଅତଏବ, ତାଙ୍କ ଗୁପ୍ତ ଆଦେଶ କ୍ରମେ ଶ୍ରୀ ଜଗନ୍ନାଥଙ୍କୁ ଚିଲିକା ପାର କରାଯାଇ ବାଣପୁର ନଇର ହରୀଶ୍ୱର ମଣ୍ଡପରେ ବିଜେ କରାଯାଇଥିଲା । ପୁରୀରୁ ଶ୍ରୀ ଜଗନ୍ନାଥଙ୍କ ପ୍ରସ୍ଥାନ ଘଟଣା ଜାଣିବା ପରେ ସୁବେଦାର ତକିଖାଁ, ୧୭୩୩ ରେ ପୁନର୍ବାର ଖୋରଧା ଆକ୍ରମଣ କଲେ । ଏଥିଯୋଗୁଁ, ଶ୍ରୀ ଜଗନ୍ନାଥଙ୍କ ପ୍ରତି ମୋଗଲ ବିପଦ ଅଧିକ ଘନୀଭୂତ ହୋଇଥିଲା । ଏହି ନୂତନ ବିପଦ ସମକ୍ଷରେ, ରାମଚନ୍ଦ୍ର ଦେବ ଶ୍ରୀ ଜଗନ୍ନାଥଙ୍କୁ ବାଣପୁରରୁ ସ୍ଥାନାନ୍ତରୀତ କରି ଖଲିକୋଟ ସୀମା ଟିକାବାଲିଠାକୁ ପ୍ରେରଣ କରିଥିଲେ । ସେ ନିଜେ ଯାଇ ବୋଲଗଡ଼ରେ ଆଶ୍ରୟ ନେଇଥିଲେ । ତକିଖାଁ ରାମଚନ୍ଦ୍ରଙ୍କ ପୁତ୍ର ଭାଗୀରଥ କୁମାରଙ୍କୁ ଖୋରଧା ସିଂହାସନରେ ବସାଇ ମୁର୍ଶିଦାବାଦ ଫେରିଥିଲେ । ଏତିକିବେଳେ, (୧୭୩୩ ରେ) ରାମଚନ୍ଦ୍ର ଦେବ ପୁନର୍ବାର ଖୋରଧା ଦଖଲ କରି ଟିକାଲିଠାରୁ ଶ୍ରୀ ଜଗନ୍ନାଥଙ୍କୁ ଫେରାଇ ଆଣିଥିଲେ ।

ସେ ବର୍ଷ ଯୋଡ଼ା ଆଷାଢ଼ ପଡ଼ିଥିବାରୁ ନବକଳେବର ଯୋଗ ଆସିଥିଲା । ପୂର୍ବରୁ ତାଙ୍କ ପୁତ୍ର ଭାଗୀରଥ କୁମାର ଆଣିଥିବା ଦାରୁଙ୍କୁ ନେଇ ରାମଚନ୍ଦ୍ର ଦେବ ଶ୍ରୀ ଜଗନ୍ନାଥଙ୍କ ନବ କଳେବର ସମ୍ପନ୍ନ କରିଥିଲେ ।

ଶ୍ରୀ ଜଗନ୍ନାଥଙ୍କ ପୁନଃ ପ୍ରତିଷ୍ଠା ଓ ଶ୍ରୀଗୁଣ୍ଡିଚା ଯାତ୍ରାର ପୁନଃ ପ୍ରବର୍ତ୍ତନ ଯୋଗୁଁ କଟକ ସ୍ଥିତ ମୋଗଲ ସୁବେଦାର ଦଶରଥ ଖାଁ ଉତ୍‌କ୍ଷିପ୍ତ ହୋଇ ପୁନର୍ବାର ଖୋରଧା ଆକ୍ରମଣ କଲେ । ଏହି ଆକ୍ରମଣ ବେଳେ, ରାମଚନ୍ଦ୍ର ଦେବ ଶ୍ରୀବିଗ୍ରହ ମାନଙ୍କ ତ୍ରୟଙ୍କୁ ଗଞ୍ଜାମର ଆଠଗଡ଼ ରାଜ୍ୟସ୍ଥ ମେରେଦା ଗ୍ରାମକୁ ସ୍ଥାନାନ୍ତରିତ କରିଥିଲେ, ଆଠଗଡ଼ ମଥୁରା ଗ୍ରାମର ବିନ୍ଧାଣୀ ମାନେ ଦୁଇମାସ କାଳ ଅବିଶ୍ରାନ୍ତ ପରିଶ୍ରମ କରି ଶ୍ରୀ ଜଗନ୍ନାଥଙ୍କ ପାଇଁ ଗୋଟିଏ ମନ୍ଦିର ନିର୍ମାଣ କରିଥିଲେ । (ଖୋର୍ଦ୍ଧା ଇତିହାସ କେଦାରନାଥ ମହାପାତ୍ର ପୃ ୧୮୭)

ଅତୀତର ସେହି ସ୍ମୃତି ବହନ କରି ଆଠଗଡ଼ ମେରେଦା ଗ୍ରାମସ୍ଥ ଉକ୍ତ ମନ୍ଦିର ଓ ତନ୍ମଧ୍ୟରେ ଠାକୁର ତ୍ରୟଙ୍କ ବ୍ୟବହାର ଲାଗି ନିର୍ମିତ ପଥର ପୀଢ଼ ତିନୋଟି ଅଦ୍ୟାବଧି ପୂଜା ପାଇ ଆସୁଛନ୍ତି । ରାମଚନ୍ଦ୍ର ଦେବଙ୍କ ପରେ ତାଙ୍କ ନାତି ଶ୍ରୀ ବୀର କିଶୋର ଦେବ ଖୋରଧାର ରାଜା ହେଲେ । ଏହାଙ୍କ ଅମଳରେ ଓଡ଼ିଶା ମରହଟ୍ଟା ଶାସନାଧୀନ ହେଲା ବୀର କିଶୋର ଦେବ ପୂର୍ବରୁ ମରହଟ୍ଟାମାନଙ୍କୁ ସାହାଯ୍ୟ ଦେଇ, ନୂତନ ମରହଟ୍ଟା ଶାସକମାନଙ୍କ ପ୍ରିୟପାତ୍ର ହୋଇଥିଲେ । ଏହି ପରିବର୍ତ୍ତିତ ପରିସ୍ଥିତିରେ ଶ୍ରୀ ଜଗନ୍ନାଥ ସ୍ୱୀୟ ରାଜସେବକ ବୀର କିଶୋର ଦେବ ଓ ଧର୍ମନିଷ୍ଠ ହିନ୍ଦୁ ମରହଟ୍ଟା ଶାସକମାନଙ୍କ ଭକ୍ତିପୂତ ପୃଷ୍ଠପୋଷକତା ପାଇ ସ୍ୱୀୟ ଶ୍ରୀମନ୍ଦିରରେ ଶାନ୍ତିରେ ରହିଥିଲେ । ଏହା ସଙ୍ଗେ, ଦୀର୍ଘ ଦୁଇ ଶହ ବର୍ଷର ପଠାଣ-ମୋଗଲ ଶାସନର ବାରମ୍ବାର ନିର୍ଯାତନା ଓ ଦୌରାତ୍ମ୍ୟର ଅବସାନ ଘଟିଲା ।

ଯେତେବେଳେ ଥରକୁ ଥର ଓଡ଼ିଶାରେ ଅନ୍ତର୍ବିବାଦ ଲାଗିଛି, ସେହି ଦୁଃସମୟ ମଧ୍ୟରେ ଏ ଜାତିର ହୃତ୍‌ପିଣ୍ଡ ସ୍ୱରୂପ ଶ୍ରୀ ଜଗନ୍ନାଥଙ୍କ ଦାରୁବ୍ରହ୍ମ ବହିଃଶତ୍ରୁର ଆକ୍ରମଣରେ ଥରି ଉଠିଛନ୍ତି । ଓଡ଼ିଆ ଜାତିର ଶାନ୍ତି ଓ ନିରାପତ୍ତା ବିପନ୍ନ ହେବା ସଙ୍ଗେ ସଙ୍ଗେ ଏ ଜାତିର ଇଷ୍ଟଦେବ ତଥା ଓଡ଼ିଆର ରାଷ୍ଟ୍ରୀୟ ଦେବତା ଶ୍ରୀ ଜଗନ୍ନାଥଙ୍କ ଅସ୍ତିତ୍ୱ ମଧ୍ୟ ବିପନ୍ନ ହୋଇ ପଡ଼ିଛି ! ଓଡ଼ିଆ ଜାତି ଓ ଶ୍ରୀ ଜଗନ୍ନାଥ ଏକ ଶରୀର ଓ ଏକ ଆତ୍ମାରୂପେ ସମସ୍ତ ସୁଖ ଦୁଃଖରେ ଯୁଗେ ଯୁଗେ ସଂଶ୍ଳିଷ୍ଟ ହୋଇ ରହିଛନ୍ତି । ଏ ଜାତିର ଉତ୍ଥାନ-ପତନ ତାର ପ୍ରିୟତମ ଦେବାଧିଦେବ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରତିଫଳିତ ହୋଇଛି । ଶାସ୍ତ୍ରୀୟ ବିଧାନ ସମ୍ମତ ସ୍ୱାଭାବିକ ନବ କଳେବର ବ୍ୟତୀତ, ଇତିହାସର ରଥଚକ୍ର ତଳେ ବାରମ୍ବାର ମୁଣ୍ଡ ଟେକିଥିବା ଶ୍ରୀ ଜଗନ୍ନାଥଙ୍କ ନବ କଳେବର ଅନୁଷ୍ଠାନ, ଓଡ଼ିଆ ଜାତିର ବେଳକୁ ବେଳର ନବ କଳେବର ବୋଲି ମନେହୁଏ ।

ଅଧ୍ୟାପକ,
କେନ୍ଦ୍ରାପଡ଼ା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା

# ପର୍ଯ୍ୟଟନ ବିଭାଗ ପକ୍ଷରୁ ପରିଚାଳିତ ଭ୍ରମଣ ବ୍ୟବସ୍ଥା

ଆପଣଙ୍କ ପରିବାର ଓ ଅତିଥିମାନଙ୍କ ସହିତ ପର୍ଯ୍ୟଟନ ବିଭାଗ ପକ୍ଷରୁ ପରିଚାଳିତ ଭ୍ରମଣ ବ୍ୟବସ୍ଥାର ପୂର୍ଣ୍ଣ ସୁଯୋଗ ନିଅନ୍ତୁ । ସୁଦର୍ଶକଙ୍କ ସହିତ ବିଭିନ୍ନ ଦର୍ଶନୀୟ ସ୍ଥାନରେ ସୁରୁକଳା ପରିଶୋଭିତ ମନ୍ଦିର ଅଥବା ପ୍ରାକୃତିକ ପରିବେଶରେ ଗିରିନିର୍ଝର କିମ୍ବା ଚିତ୍ତାକର୍ଷକ ବେଳାଭୂମିରେ ବିଚରଣ ପାଇଁ ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ରମାନଙ୍କୁ ଆରାମଦାୟକ ବସ୍‌ରେ ଭ୍ରମଣ ବ୍ୟବସ୍ଥା କରାଯାଇଛି ।

| ପର୍ଯ୍ୟଟନ କେନ୍ଦ୍ର | ଯାତ୍ରା ନମ୍ବର | ଦର୍ଶନୀୟ ସ୍ଥାନ | ବାରର ନାମ | ଟିକେଟର ମୂଲ୍ୟ |
|---|---|---|---|---|
| ଭୁବନେଶ୍ୱର | ୧ | ଭୁବନେଶ୍ୱର ମନ୍ଦିର, ଧଉଳି, ଖଣ୍ଡଗିରି ଗୁମ୍ଫା, ଓ ନନ୍ଦନକାନନ । | ଶନିବାର ଓ ମଙ୍ଗଳବାର | ଟ ୯·୨୦ |
| ଭୁବନେଶ୍ୱର | ୨ | କୋଣାର୍କ ଓ ପୁରୀ । | ରବିବାର ଓ ବୁଧବାର | ଟ ୧୯·୦୦ |
| ସମ୍ବଲପୁର | ୩ | ହୀରାକୁଦ ଓ ନୃସିଂହନାଥ | ରବିବାର | ଟ ୧୫·୦୦ |
| ବଲାଙ୍ଗିର | ୪ | ରାଣୀପୁର ଝରିଆଲ | ରବିବାର | ଟ ୧୩·୦୦ |
| ବଲାଙ୍ଗିର | ୫ | ସୋନପୁର | ଗୁରୁବାର | ଟ ୧୦·୦୦ |
| ବଲାଙ୍ଗିର | ୬ | ହରିଶଙ୍କର | ସୋମବାର | ଟ ୧୨·୦୦ |

ଅଧିକନ୍ତୁ ଆପଣଙ୍କର ଭବିଷ୍ୟତରେ ଭ୍ରମଣ ଯୋଜନା ପାଇଁ ନୂଆଦିଲ୍ଲୀ, ଭୁବନେଶ୍ୱର, ପୁରୀ, କୋଣାର୍କ, ରମ୍ଭା, ବାଲେଶ୍ୱର, ସମ୍ବଲପୁର, ବଲାଙ୍ଗିର, ବାରିପଦା ଓ ସୁନାବେଡ଼ାରେ ଥିବା ପର୍ଯ୍ୟଟନ କେନ୍ଦ୍ରମାନଙ୍କର ପୂର୍ଣ୍ଣ ସହଯୋଗ ନିଅନ୍ତୁ ।

ପ୍ରେରକ — **ନିର୍ଦ୍ଦେଶକ, ପର୍ଯ୍ୟଟନ ଓ ସାଂସ୍କୃତିକ ବ୍ୟାପାର ବିଭାଗ**

ଓଡ଼ିଶା ସରକାର

ଭୁବନେଶ୍ୱର–୭୫୧୦୦୬



ନବକଳେବର ନିମନ୍ତେ ନିର୍ମିତ ଯଜ୍ଞ ମଣ୍ଡପ ଓ ନିର୍ମାଣ ମଣ୍ଡପ, ପୁରୀ



୯୨ ବର୍ଷର ବୟୋଜେଷ୍ଠ ଶ୍ରୀ ଅଧର ଦାଶ ମହାପାତ୍ର ବ୍ରହ୍ମ ସ୍ଥାପକ ୧୯୭୭
ପୁରୁଷୋତ୍ତମ ରକ୍ଷିତ, ପୁରୀ

# ୧୯୭୭ ନବ କଳେବର ଲାଗି ବନଯାଗ ଯାତ୍ରା

ଶ୍ରୀନବଘନ ଦାସ



ଜଗତର ନାଥ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଏହି ତିନି ବିଗ୍ରହ ଦେବଯୋଗ୍ୟ ଦାରୁରେ ନିର୍ମିତ । ଦାରୁବ୍ରହ୍ମଙ୍କର ଏହି ଦାରୁମୟ ବିଗ୍ରହ ୧୨ ବର୍ଷରୁ ୨୦ ବର୍ଷ ପର୍ଯ୍ୟନ୍ତ ପୂଜା ପାଆନ୍ତି । ସାଧାରଣତଃ ଯୋଡ଼ା ଆଷାଢ଼ ୧୨ ବର୍ଷରୁ ୨୦ ବର୍ଷ ମଧ୍ୟରେ ପଡ଼ିଥାଏ । ଯୋଉବର୍ଷ ଯୋଡ଼ା ଆଷାଢ଼ ପଡ଼େ ସେହି ବର୍ଷ ଶ୍ରୀ ଜୀଉମାନଙ୍କର ନବ କଳେବର ମହୋତ୍ସବ ଅନୁଷ୍ଠିତ ହୁଏ । ପୁରାତନ ବିଗ୍ରହମାନଙ୍କୁ ଯଥାମାନ୍ୟତାରେ ବିସର୍ଜନ ଦିଆଯାଇ—ନବ କର୍ତ୍ତିତ ଓ ସଂସ୍କୃତ ଦିବ୍ୟ ଦାରୁରେ ନୂତନ ମୂର୍ତ୍ତି ସ୍ଥାପିତ ହୋଇ ମଧ୍ୟରେ ବ୍ରହ୍ମଗର୍ଭିତ କରାଯାଇ ନବ କଳେବର ଉତ୍ସବ ସମ୍ପାଦନ କରାଯାଏ ।

ଏହି ନବ କଳେବର ବିଷୟ ଅତ୍ୟନ୍ତ ଗୋପନୀୟ ଗୁହ୍ୟ ବ୍ୟାପାର । ଏହାର ବହୁ ପଦ୍ଧତି ରହିଛି । ସବୁ ପଦ୍ଧତି ସର୍ବସାଧାରଣରେ ପ୍ରକାଶ କରାଯାଏ ନାହିଁ । ଭକ୍ତମାନେ ଓ ପରମାତ୍ମ ତତ୍ତ୍ୱବିଦ୍‌ଗଣ ପ୍ରଭୁଙ୍କର ଏହି ନବ କଳେବର ଗୁହ୍ୟ ବ୍ୟାପାରକୁ ଜନ୍ମ ମୃତ୍ୟୁ ରହିତ କାଳାତୀତ ଓ ଧାରଣାତୀତ ଗୁହ୍ୟାତ୍ ଗୁହ୍ୟରେ ବ୍ରହ୍ମରହସ୍ୟ ବୋଲି ଅଭିହିତ କରିଥାନ୍ତି । ତଥାପି ସର୍ବସାଧାରଣଙ୍କ ସାଧାରଣ ଜ୍ଞାତବ୍ୟାର୍ଥେ ଏ ବର୍ଷର ବନଯାଗ ଯାତ୍ରା ସମ୍ବନ୍ଧେ କିଞ୍ଚିତ୍ ବର୍ଣ୍ଣନା କରିବାକୁ ଲାଳସୀ ହେଉଅଛୁ ।

ନବ କଳେବର ନିମନ୍ତେ କେତେକ ସ୍ୱତନ୍ତ୍ର ବିଧି ବିଧାନ ଯୁଗ ଯୁଗ ଧରି ଶ୍ରୀମନ୍ଦିରରେ ଚଳିଆସୁଅଛି । ଏହା ଗୋଟିଏ ବିଶେଷ କାର୍ଯ୍ୟ । ଏଥିନିମନ୍ତେ ଗୋଟିଏ ସ୍ୱତନ୍ତ୍ର ଯାତ୍ରା ପାଳନ କରାଯାଏ । ଏହାକୁ ବନଯାଗ ଯାତ୍ରା ବୋଲି କୁହାଯାଏ । ଏହି ଯାତ୍ରାପାଇଁ ଚୈତ୍ରମାସ ଶୁକ୍ଳ ଦଶମୀ ଦିନ ଶୁଭ ଅନୁକୂଳ କାର୍ଯ୍ୟ ଆରମ୍ଭ ହୁଏ । ଉକ୍ତ ଦିନ ମଧ୍ୟାହ୍ନ ଧୂପ ସମୟରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଦେବୀଙ୍କର ସ୍ୱତନ୍ତ୍ର ପୂଜାହୁଏ । ଏଥି ନିମନ୍ତେ ୩ ଗୋଟି ସ୍ୱତନ୍ତ୍ର ଫୁଲମାଳ ତିଅଁଙ୍କ ଠାରେ ଲାଗି କରାହୁଏ । ପୂଜକମାନେ ଏହି ତିନିଗୋଟି ମାଳକୁ ଆଣି ଦଇତାପତିମାନଙ୍କ ହାତରେ ଦିଅନ୍ତି । ଏଥି ସହିତ ଜଗନ୍ନାଥଙ୍କ ସୁଦର୍ଶନ ଚକ୍ରଟି ମଧ୍ୟ ଦିଅନ୍ତି । ଏହା ତିଅଁଙ୍କର ଆଜ୍ଞାମାଳ ବୋଲି କୁହାଯାଏ

ଦଇତାପତିମାନେ ଏହାକୁ ଶ୍ରୀମନ୍ଦିରରୁ ନେଇ ବାହାରନ୍ତି, ବାହାରିଲାବେଳେ ସବୁ ଦଇତାପତିମାନେ ଜଗନ୍ନାଥଙ୍କ ନାଲିପାଟମାନ ପିନ୍ଧିଥାନ୍ତି ଓ ମୁଣ୍ଡରେ ଭିଡ଼ିଥାନ୍ତି । ନାନାବିଧ ବାଦ୍ୟମାନ ବଜାଯାଏ । ଏବର୍ଷ ମଧ୍ୟ ସେହି ପରଂପରାରେ କାର୍ଯ୍ୟାନୁକୂଳ ହେଲା । ଗତ ୬-୪-୧୯୭୭ ମଣିହାରେ ଦଇତାପତିମାନେ ଏକ ଶୋଭାଯାତ୍ରାରେ ବଡ଼ଦାଣ୍ଡରେ ବାହାରିଲେ । ଏମାନେ ପଟୁଆରରେ ଯାଇ ଗଜପତିଙ୍କ ନଅର ନିକଟରେ ହେବାମାତ୍ରେ ଗଜପତି ତାଙ୍କ ରାଜଗୁରୁଙ୍କ ହାତରେ ଗୁଆଦେଇ ଉକ୍ତ ଦଳ ମଧ୍ୟରୁ ଜଣଙ୍କ ହାତରେ ଟେକି ଦେଲେ । ଉକ୍ତ ଦଇତାପତି ଦଳର ନେତା (ଦଳପତି) ବିଶ୍ୱାବସୁର ବଂଶଧର ବୋଲି କୁହାଯାଏ । ତା'ପରେ ପଟୁଆର ବଡ଼ ଦାଣ୍ଡରେ ଆଗେଇଗଲେ । ଏହି ପଟୁଆରରେ ହଜାର ହଜାର ଲୋକେ ଯୋଗ ଦେଲେ । ଏହି ପଟୁଆର ଯାଇ ପୁରୀସ୍ଥ ଜଗନ୍ନାଥ ବଲ୍ଲଭ ମଠରେ ପହଞ୍ଚିଲା । ସେହି ମଠରେ ଦଇତାପତିମାନେ ବିଶ୍ରାମ କଲେ । ତା'ପରେ ଦୁଇ ଦିନ ଉତ୍ତାରୁ ପୁନଶ୍ଚ ଏମାନେ ପଦଯାତ୍ରାରେ ପୁରୀ ଜିଲ୍ଲାସ୍ଥ କାକଟପୁର ଅଭିମୁଖେ ଯାତ୍ରା

କଲେ । ଆବଶ୍ୟକୀୟ ଜିନିଷମାନ ବଳଦଗାଡ଼ିରେ ଲଦା ହୋଇ ଗଲା । ସଙ୍ଗରେ ମନ୍ଦିର ରକ୍ଷୀ ପୁଲିସୀ ମଧ୍ୟ ଯାତ୍ରା କଲେ ।

ଏମାନେ ଦୁଇଦିନ ମଧ୍ୟରେ ଯାଇଁ କାକଟପୁରରେ ପହଞ୍ଚିଗଲେ । ଏମାନେ କାକଟପୁର ନିକଟସ୍ଥ ଦେଉଳି ମଠରେ ବିଶ୍ରାମ କଲେ । ଏମାନଙ୍କ ମଧ୍ୟରେ ପ୍ରାୟ ୫୨ ଜଣ ପଦଯାତ୍ରୀ ଥିଲେ । ଦଇତାପତି—୩୦, ସୁଆରମହାପାତ୍ର—୩, ପତି ମହାପାତ୍ର (ବିଦ୍ୟାପତି ବ୍ରାହ୍ମଣ)—୧, ଲେଙ୍କା (ସୁଦର୍ଶନ ଚକ୍ର ନେବା)—୧, ମନ୍ଦିର ପୁଲିସୀ—୪, ବ୍ରାହ୍ମଣ—୧୨, ଦେଉଳ କରଣ—୧, କରଣ—୧ । ଏହାଛଡ଼ା ଶଗଡ଼ିଆ ଓ ମଜୁରିଆ ଅଲଗା ଥିଲେ ।

ମା ମଙ୍ଗଳା ଅଷ୍ଟ ଚଣ୍ଡୀମାନଙ୍କ ମଧ୍ୟରୁ ଜଣେ । ଏହାଙ୍କର ବିଶେଷ ପ୍ରାଧାନ୍ୟ ଅଛି । ଏହି ମଙ୍ଗଳା ଦେବୀଙ୍କୁ ଲଙ୍କାର ରାଜା ରାବଣ ଅଧିଷ୍ଠାତ୍ରୀ ଦେବୀ ରୂପେ ପୂଜା କରୁଥିଲେ । ଲଙ୍କାର ରାଜା ରାବଣକୁ ବଧ କରି ରାମଚନ୍ଦ୍ର ଫେରିଲାବେଳେ ଏହି ଦେବୀଙ୍କୁ ସଙ୍ଗରେ ନେଇ ଆସିଥିଲେ ବୋଲି ଲୋକମାନଙ୍କ ମୁଖରୁ ଶୁଣାଯାଏ । ମା ମଙ୍ଗଳା ଅତି ପ୍ରତ୍ୟକ୍ଷ ବୋଲି ଆମ୍ଭମାନଙ୍କର ବିଶ୍ୱାସ । ଯୁଗ ଯୁଗ ଧରି ଚଳି ଆସୁଅଛି—

ଜୟତୁ ଜୟ ମା ମଙ୍ଗଳା
ଉଦ୍ଧାରୁ ବୁଡ଼ିବାର ଭେଳା ।

ଓଡ଼ିଶାର ସର୍ବତ୍ର ସମସ୍ତଙ୍କ ମୁଖରୁ ପ୍ରାୟ ଏହା ଶୁଣାଯାଏ ।

ଏହି ମା ମଙ୍ଗଳାଙ୍କ ମନ୍ଦିର ପରିଚ୍ଛନ୍ନକ ମନ୍ଦିରର ସେବକ-ମାନଙ୍କ ସହିତ ସେବାକାରୀମାନଙ୍କୁ ନେଇ ବାଦ୍ୟ ବଜାଇ, ଛତ୍ରୀ ଚାମର ସହ ଏକ ପଟୁଆରରେ ଯାଇଁ ଦେଉଳି ମଠରେ ମିଶିଲେ । ତା'ପରେ ଦଇତାପତିମାନଙ୍କୁ ପାଛୋଟି ଆଣି ମା ମଙ୍ଗଳାଙ୍କ ମନ୍ଦିର ଭିତରକୁ ପ୍ରବେଶ କଲେ ।

ଦଇତାପତିମାନେ ଆଜ୍ଞାମାଳି, ଚକ୍ରଧରି ମା'ଙ୍କ ମନ୍ଦିରରେ ପ୍ରବେଶ କରି ମା'ଙ୍କ ଆସ୍ଥାନ ନିକଟରେ ରଖି ଆସିଲେ । ତା'ପରେ ମା'ଙ୍କର ପୂଜା ନିମନ୍ତେ ପୁରୀଠାରୁ ସମସ୍ତ ଭୋଗ ଓ ପୂଜା ସାମଗ୍ରୀ ଅଣାଯାଇ ଥିଲା । ଏହାକୁ ଯୋଗାଡ଼ କରି ଦଇତାପତିମାନେ ମା'ଙ୍କ ନିକଟରେ ପ୍ରବେଶ କରି ପହଡ଼ ପକାଇ ଦେଲେ ।

ମାଙ୍କୁ ତୁହ: ଚନ୍ଦନ କର୍ପୂର ଅଗରୁ ଇତ୍ୟାଦି ଲଗାଇ ଏକଶତ ଆଠ ପାଣି ଢ଼ାଳି ଗାଧୁଆ କରାଇଲେ । ଏହି ସମୟରେ ଗାୟତ୍ରୀ ବେଦ୍, ଶ୍ଳୋକ ସ୍ତୁତି ପାଠ କରାଗଲା । ଏହାକୁ ମାର୍ଜନା ବୋଲି କୁହାଯାଏ । ମାର୍ଜନାପରେ ମାଙ୍କୁ ନୂତନ ପାଟଶାଢ଼ୀ, ଗହଣା ଓ ଫୁଲମାଳରେ ବିଭୂ[illegible] କରାଗଲା । ଏହି ବେଶକୁ ବଡ଼ ସିଂହାର [illegible] ବୋଲି କୁହାଯାଏ । ଦଇତାପତିମାନେ ମା ମଙ୍ଗ[illegible] ମନ୍ଦିରରେ ମାର୍ଜନା କରିବା ପୂର୍ବରୁ ଶ୍ରୀ ଜଗନ୍ନାଥଙ୍କ [illegible] ନେଇଥିବା ଗୋଟିଏ ନାଲି ନେତ ମା ମଙ୍ଗଳାଙ୍କ ମନ୍ଦିର[illegible] ବାନ୍ଧି ଦିଅନ୍ତି । ତାପରେ ଭୋଗ ଗାର [illegible] ଦଇତାପତିମାନେ ସେ ସ୍ଥାନରୁ ବିଦାହୋଇ ନିକଟସ୍ଥ [illegible] ଦେବଙ୍କ ମନ୍ଦିରକୁ ଯାଇ ସେହିଠାରେ ଅଧିଆ (ଗୁହାରି[illegible] ପଡ଼ିଲେ । ଉକ୍ତ ପୂଜା କାର୍ଯ୍ୟରେ ନିଜେ ପଣ୍ଡିତ ସଦା[illegible] ରଥଶର୍ମା ମଧ୍ୟ ତତ୍ତ୍ୱ ନେଉଥାନ୍ତି ।

ଗୁହାରିଆ ପଡ଼ିବାର ୨ୟ ଦିନରେ ପ୍ରଥମେ ସ୍ୱପ୍ନ[illegible] ନିର୍ଦ୍ଦେଶ ହେଲା ସୁଦର୍ଶନଙ୍କର ଦାରୁର । ଏହି ସୁଦ[illegible] ଦାରୁଙ୍କର ନିର୍ଦ୍ଦେଶ ପାଇ ଦଳେ ଦଇତାପତି କଟକ ଜି[illegible] ନିଆଳି ଗ୍ରାମ ନିକଟସ୍ଥ ସିଂହସାଇ ଗ୍ରାମ ଅଭିମୁଖରେ ପଦଯା[illegible] କଲେ । ସେଠି ସେଇମାନେ ଗୋଟିଏ ରାତ୍ର କଟାଇବାପ[illegible] ଦାରୁର ସମସ୍ତ ଲକ୍ଷଣମାନ ଦେଖିବାକୁ ପାଇଲେ[illegible] ତାପରେ ଦାରୁ ବୃକ୍ଷର ଚାରିପଟେ ବାଡ଼ ଓ ଦଉଡ଼ି [illegible] ଆବଦ୍ଧ କରି ଦେଲେ ।

ତାପରେ ଏହାକୁ ପୂଜା କଲେ । ହୋମ ଯାଗ ଶେଷ[illegible] ଦାରୁକୁ କଟାଇ ଯଥାକାର କରିଦେଲେ । ଏହି ଦାରୁ[illegible] ଆଣିବା ନିମନ୍ତେ ଗୋଟିଏ ସ୍ୱତନ୍ତ୍ର ଶଗଡ଼ ତିଆରି [illegible] ଶଗଡ଼ରେ ଲଦି ଦାରୁକୁ ପାଟକନାରେ ଘୋଡ଼ା[illegible] ବାନ୍ଧିଦେଲେ । ଶଗଡ଼ଟିକୁ ଦଉଡ଼ି ଲଗାଇ ଟାଣି ଟା[illegible] ପୁରୀ ଶ୍ରୀମନ୍ଦିରକୁ ନେଇ ଆସିଲେ ।

ଏହାପରେ ବଡ଼ଠାକୁରଙ୍କ ଦାରୁର ସନ୍ଧାନ ପାଇଁ ସ୍ୱପ୍ନ[illegible] ସୂଚନା ମିଳିଲା । ସେଠୁ ଆଉଦଳେ ଦଇତାପତି [illegible] ଯାତ୍ରାରେ ଦାରୁର ସନ୍ଧାନ ନିମନ୍ତେ ବାହାରିଲେ । [illegible] ଦାରୁ ସ୍ଥାନ ହେଉଛି କଟକ ଜିଲ୍ଲା ଅଡ଼ସପୁର ନିକଟ[illegible] ଭୋଗେଶ୍ୱର ଗ୍ରାମରେ । ଏହି ଭୋଗେଶ୍ୱର ଗ୍ରାମ[illegible] ହେଉଛି ଅଡ଼ସପୁର ଠାରୁ ପାଞ୍ଚମାଇଲ ଦୂରରେ । ଏଠା[illegible] ଲୋକନାଥ ନାମରେ ଗୋଟିଏ ଶିବ ମନ୍ଦିର ଅଛି । [illegible] ଶିବ ମନ୍ଦିରକୁ ଲାଗି ଦାରୁ ଅବସ୍ଥିତ । ଏହିଠାରେ ୩ ଗୋ[illegible] ବିଶାଳ ଉଇହୁଙ୍କା ବିଦ୍ୟମାନ । ଏହି ଶିବ ମନ୍ଦି[illegible] ନିକଟରେ ଗୋଟିଏ ବାବାଜୀ ମଠ । ଏହି ସ୍ଥାନଟି ନ[illegible] କୂଳରେ ଅବସ୍ଥିତ । ଏହିପରି ଅନେକ ଗୁଡ଼ିଏ ଚି[illegible] ପରିଲକ୍ଷିତ ହେଲାରୁ ଦଇତାପତିମାନେ ସେଠାରେ ଛାମୁଣ୍ଡି[illegible] ପକାଇ ଅବସ୍ଥାନ କଲେ ।

ସେହି ଭୋଗେଶ୍ୱର ନିକଟବର୍ତ୍ତୀ ଗ୍ରାମବାସୀ ଲୋକମାନେ[illegible] ଦାରୁର ସନ୍ଧାନ ଖବର ପାଇ ଶହ ଶହ ସଂଖ୍ୟାରେ [illegible] ପହଞ୍ଚିଲେ । ସେଠାରେ ହରିନାମ ସଂକୀର୍ତ୍ତନମା[illegible] ଆରମ୍ଭ ହେଲା । ଆଖ ପାଖରୁ ଆବାଳ ବୃଦ୍ଧ ବନି[illegible] ସେଠାରେ ଆସି ଜମିଲେ । ଭୋଗ ଫୁଲ ଚନ୍ଦନ ଦେ[illegible] ପୂଜା ମଧ୍ୟ କଲେ । ହଜାର ହଜାର ଲୋକମାନଙ୍କ[illegible]

ସମାବେଶ ହେଲା । ଯାନି ଯାତ୍ରା ଭଳି ବଜାରମାନ ବସିଲା । ଭୋଗ ସାମଗ୍ରୀ ବିକାଗଲା । ଲୋକମାନଙ୍କ ରୁଚିହା ଅନୁସାରେ ଘୁ, ପାଣି, ପାନ ଆଦିର ଦୋକାନ ମାନ ମଧ୍ୟ ବସିଲା । ପିଲାମାନଙ୍କ ପାଇଁ ଖେଳଣା ମଧ୍ୟ ବାଦ୍ ପଡ଼ିନାହିଁ । ଏ ଅଞ୍ଚଳରେ ଏହା ଗୋଟିଏ ସ୍ୱତନ୍ତ୍ର ଯାତ୍ରା ହୋଇ ଚଳେ । ତାପରେ ବିଧିମତେ ପୂଜାପାଠ ହୋଇଗଲା । ହୋମ ଯାଜ୍ଞ ଆଦି ସମାପନ କରାଯାଇ ବୃକ୍ଷ କଟାଗଲା । ଦାରୁ ବୃକ୍ଷକୁ ଯଥାକାର କରି କଟାଇ ପ୍ରଧାନ ଦାରୁସହ ଅନ୍ୟାନ୍ୟ ଆବଶ୍ୟକୀୟ ଦାରୁମାନଙ୍କୁ ଲଦାଇ ଗୋଟିଏ ସ୍ୱତନ୍ତ୍ର ଶଗଡ଼ରେ ଲଦି ପାଟ କନାରେ ଘୋଡ଼ାଇ ପାଟ ଦଉଡ଼ିରେ ବାନ୍ଧି ଦିଆଗଲା । ଶଗଡ଼ରେ ସେଗୋଟି ଦଉଡ଼ି ବାନ୍ଧି ରଥ ଟାଣିଲାଭଳି ଲୋକମାନେ ଦାରୁକୁ ଟାଣି ଟାଣି ନେଲେ । ଏଗାଁର ଲୋକେ ସେ ଗାଁକୁ–ସେ ଗାଁର ଲୋକେ ଆଗ ଗ୍ରାମକୁ ଏହିପରି ଭାବରେ ଦାରୁ ଆଗକୁ ଆଗକୁ ଯାଉଥିଲା ଚାଲିଲା ଶ୍ରୀମନ୍ଦିର ଅଭିମୁଖେ ।

ବାଟରେ ଗ୍ରାମେ ଗ୍ରାମେ ପୂଜା କରାଯାଉଥାଏ । ସଂକୀର୍ତ୍ତନ ମଧ୍ୟ କରାଯାଉଥାଏ । ଘଣ୍ଟ ଆଦି ବଜାଯାଇ ଦାରୁକୁ ଭିଡ଼ି ଭିଡ଼ି ନିଆଯାଉଥାଏ । ଏହିପରି ଦାରୁ ଯାଇ ପୁରୀ ଶ୍ରୀମନ୍ଦିରରେ ଉତ୍ତର ଦ୍ୱାର ଦେଇ ଭିତରକୁ ନିଆଗଲା ।

ତାପରେ ମା ସୁଭଦ୍ରା ଦେବୀଙ୍କ ଦାରୁର ସନ୍ଧାନ ସ୍ୱପ୍ନରେ ମିଳିଲା । ଏହି ଦାରୁ ନିମନ୍ତେ ଆଉ ଦଳେ ଦଇତାପତି ପଦଯାତ୍ରାରେ ଯାଇ ପୁରୀଜିଲ୍ଲା ଡ଼େଲାଙ୍ଗ ନିକଟସ୍ଥ ବେରବୋଇ ଗ୍ରାମରେ ପହଞ୍ଚି ସେଠାରେ ଦାରୁ ଅବସ୍ଥିତ ଦେଖି ଉକ୍ତ ସ୍ଥାନ ଟିକୁ ପରିଷ୍କାର କରାଇ ଦଉଡ଼ିଦ୍ୱାରା ସ୍ଥାନଟିକୁ ଆବଦ୍ଧ କଲେ । ଯଥା ରୀତିରେ ପୂଜା କର୍ମ ଆଦି ସମାପନ କରି ଦାରୁ କଟାଇ ଗୋଟିଏ ସ୍ୱତନ୍ତ୍ର ନୂଆ ଶଗଡ଼ରେ ଲଦିଦେଲେ । ଏହାକୁ ମଧ୍ୟ ପାଟକନାରେ ଘୋଡ଼ାଇ ଦିଆଗଲା । ଶଗଡ଼ରେ ଦଉଡ଼ି ଲଗାଇ ଭିଡ଼ି ଭିଡ଼ି ପୁରୀକୁ ନିଆଗଲା ।

ଏହି ଦାରୁ ବୃକ୍ଷର କେତେ ଗୁଡ଼ିଏ ବିଶେଷ ଲକ୍ଷଣ ଥାଏ । ଯାହାକୁ ପ୍ରତ୍ୟକ୍ଷ କଲେ ଦାରୁ ଉପଯୋଗୀ ବୋଲି ବିବେଚିତ ହୋଇଥାଏ । ଦାରୁ ବୃକ୍ଷ ହେଉଛି ନିମ୍ବ ଗଛ । ଏହି ଦାରୁର ଗଣ୍ଡିଟି ୭ ଫୁଟରୁ ୧୦ ଫୁଟ ଲମ୍ବ ହୋଇଥିବ । ୩ ଗୋଟି ପ୍ରଧାନ ଶାଖାଥିବ । ଦାରୁ ନିକଟରେ ମନ୍ଦିର, ମଠ, ନଦୀ, ପୋଖରୀ, ମଶାଣି, ଉଇହୁଙ୍କା, ବେଲଗଛ, ବରୁଣ ଗଛ, ଶାହାଡ଼ା ଗଛ, ତୁଳସୀ ଗଛ, ଗାତ ଥିବା ଆବଶ୍ୟକ । ଗାତରେ କିମ୍ବା ହୁଙ୍କାରେ ନାଗ ସାପ ଜଗୁଆଳ ହୋଇଥିବ । ଉକ୍ତ ବୃକ୍ଷରୁ ଲୋକେ ଡ଼ାଳ ଛେଦନକରି ନଥିବେ । ପକ୍ଷୀଜନ୍ତୁମାନେ ବସା କରିନଥିବେ । ଦାରୁ ଗଣ୍ଡିର ମୋଟ ୨ ମିଟରରୁ ୩ ମିଟର ମଧ୍ୟରେ ହୋଇଥିବ । ଉକ୍ତ ବୃକ୍ଷରେ ଶଂଖ ଚକ୍ରଭଳି ଚିହ୍ନମାନ ଥିବ । ଏହିପରି ଚିହ୍ନମାନ ପରିଲକ୍ଷିତ ହେଲେ ଦେବଯୋଗ୍ୟ ଦାରୁ ବୋଲି ବିବେଚିତ କରାଯାଏ ।

ଶେଷରେ ସ୍ୱୟଂ ଜଗତର ନାଥ ଜଗନ୍ନାଥଙ୍କ ଦାରୁର ସନ୍ଧାନ ସ୍ୱପ୍ନରେ ନିର୍ଦ୍ଦେଶ ମିଳିବାରୁ ଦଇତାପତିମାନେ ପଦଯାତ୍ରାରେ ବାହାରିଲେ ଅତି ଆନନ୍ଦରେ । ଏହି ଜଗନ୍ନାଥଙ୍କ ଦାରୁଟି ହେଉଛି, ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ନିକଟବର୍ତ୍ତୀ ରାଉ ଚକ୍ରଧରପୁର ଗ୍ରାମରେ । ଏହି ରାଉ ଚକ୍ରଧରପୁର ଗ୍ରାମଟି ସାକ୍ଷୀ ଗୋପାଳଠାରୁ ୬ ମାଇଲ ଦୂରରେ । ଏହି ଦାରୁ ଅବସ୍ଥିତ ଗୋଟିଏ ନଦୀ କୂଳ ଓ ମଶାଣୀ ନିକଟରେ । ଏହା ମୂଳରେ ଗୋଟିଏ ଗାତ ଅଛି ଓ ଏହି ଗାତରେ ଗୋଟିଏ ନାଗ ସାପ ରହୁଥାଏ । ଏହି ବୃକ୍ଷଟି ଅତି ବିଶାଳକାୟ । ଏଥିରେ ଶଂଖ ଚକ୍ର ଚିହ୍ନମାନ ପରିଲକ୍ଷିତ ହୋଇଥିଲା । ଏହା ଛଡ଼ା ଏଥିରେ ଗୋଟିଏ ବିଶେଷ ଚିହ୍ନ ଜଣା ଯାଉଥାଏ । ଗୋଟିଏ ଜଟାଧାରୀ ସନ୍ନ୍ୟାସୀ ଭଳି ଚିହ୍ନଟି ପରିଷ୍କାର ଦେଖା ଯାଉଥାଏ ।

ଦଇତା ପତିମାନେ ଏହାର ଅବସ୍ଥିତି ଜାଣିବାପରେ ଏହାକୁ ଦଉଡ଼ି ଦ୍ୱାରା ଆବଦ୍ଧ କରାଇ ପୂଜା କାର୍ଯ୍ୟ ଯଥା ବିଧିରେ ସମାପନ କଲେ । ତାପରେ ଦାରୁ କଟାଇ ଯଥା ରୀତିରେ ନବ ନିର୍ମିତ ଶଗଡ଼ରେ ଲଦି ଟାଣି ଟାଣି ଶ୍ରୀମନ୍ଦିର ଅଭିମୁଖେ ଦାରୁ ଯାତ୍ରା ଆରମ୍ଭ କଲେ ।

ସବୁଥର ପରି ଦେବସ୍ନାନ ପୂର୍ଣ୍ଣିମା ଦିନ ସକାଳେ ସୁଦର୍ଶନ, ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ସ୍ନାନ ମଣ୍ଡପକୁ ଅଣାଯାଏ । ସେଠାରେ ଉକ୍ତ ଦିବସ କାର୍ଯ୍ୟ ଶେଷରେ ମନ୍ଦିର ମଧ୍ୟକୁ ନେଇ ଅଣସର ଘରେ ରଖାଯାଏ, ସେହିଦିନ କୋଇଲି ବୈକୁଣ୍ଠର ଦକ୍ଷିଣ ପୂର୍ବ କୋଣରେ ମଣ୍ଡପ ଉପରେ ଅଙ୍କୁର ରୋପଣ ଯଜ୍ଞ କରାଯାଇ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଅନୁକୂଳ କରାଯାଏ । କାରିଗରମାନଙ୍କୁ ଅବରୁଦ୍ଧ କୋଠରୀରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ପାଇଁ ରଖାଯାଏ । ସେମାନେ ଅବରୁଦ୍ଧ କୋଠରୀରେ କାର୍ଯ୍ୟ କରନ୍ତି । ମୂର୍ତ୍ତି ନିର୍ମାଣ ପରେ ଏହା ବୈଦିକ ବ୍ରାହ୍ମଣମାନଙ୍କ ଦ୍ୱାରା ଯଥାବିଧି ଅନୁସାରେ ପ୍ରତିଷ୍ଠା କର୍ମମାନ ଅନୁଷ୍ଠିତ କରାଯାଇ ପ୍ରତିଷ୍ଠା କରାଯାଏ ।

ଆଷାଢ଼ ଶୁକ୍ଳ ପ୍ରତିପଦ ଦିନ ନୂତନ ନିର୍ମିତ ମୂର୍ତ୍ତିମାନଙ୍କୁ ଏକ ନୂତନ ରଥରେ ବସାଇ ଶ୍ରୀମନ୍ଦିରର ଚାରିପଟେ ୭ଥର ବୁଲାଯାଏ ଏବଂ ସେହିଦିନ ରାତିରେ ନୂଆ ମୂର୍ତ୍ତି ଗୁଡ଼ିକୁ ଅଣସର ଘରକୁ ନିଆଯାଏ । ଏହି ରାତ୍ରରେ ଦିଅଁଙ୍କ ଠାରୁ ପରମ ବ୍ରହ୍ମ ନୂତନ ମୂର୍ତ୍ତି ମଧ୍ୟକୁ ପାଲଟି ଦିଆଯାଏ । ବ୍ରହ୍ମ ପାଲଟା କାର୍ଯ୍ୟ ଶେଷ ପରେ ପୁରୁଣା ମୂର୍ତ୍ତିକୁ ଅଣସର ଘରୁ ଅଣାଯାଇ ଉକ୍ତ ରଥରେ ବସାଇ କୋଇଲି ବୈକୁଣ୍ଠକୁ ନିଆଯାଏ । କୋଇଲି ବୈକୁଣ୍ଠର ଶିଆଳି ଲଟା ତଳେ ଆଗରୁ ୩ଗୋଟି ଗାତ ଖୋଳା ହୋଇ ତା ମଧ୍ୟରେ ଶଯ୍ୟା କରାହୋଇଥାଏ । ସେହି ଶଯ୍ୟାରେ

ପୁରୁଣା ମୂର୍ତ୍ତିମାନଙ୍କୁ ଶୁଆଇ ଦିଆଯାଏ । ଏଥି ସହିତ ଆଗରୁ ରଥରେ ବ୍ୟବହୃତ ହୋଇଥିବା କାଠର ସାରଥୀ, ଘୋଡ଼ା ଓ ଦେବଦେବୀମାନଙ୍କୁ ପରାଇ ପୋତି ଦିଆଯାଏ ।

ପୁରାତନ ମୂର୍ତ୍ତିରୁ ନୂତନ ମୂର୍ତ୍ତି ମଧ୍ୟକୁ ବ୍ରହ୍ମ ନେବା ଗୋଟିଏ ବିଶେଷ ଆଶ୍ଚର୍ଯ୍ୟର ବିଷୟ ବୋଲି କଳ୍ପନା କରାଯାଏ । ଜଗନ୍ନାଥଙ୍କ ମୂର୍ତ୍ତି ମଧ୍ୟରେ ଗୋଟିଏ କୋଠରୀ ଥାଏ । ସେହି କୋଠରୀ ମଧ୍ୟରେ ଗୋଟିଏ ବାକ୍ସ ଥାଏ । ସେହି ବାକ୍ସ ମଧ୍ୟରେ ଦିଅଁଙ୍କର ପରମ ବ୍ରହ୍ମ ରଖାଯାଇଥାଏ । ଏହା ପାଲଟା କରୁଥିବା ଲୋକ ଦେଖିବାତ ଦୂରର କଥା ତାର ସ୍ପର୍ଶ ମଧ୍ୟ ଅନୁଭବ କରିବା ସମ୍ଭବ ନୁହେଁ । ଏହି ପରମ ବ୍ରହ୍ମ ପାଲଟ କରୁଥିବା ଲୋକର ଆଖିରେ ଗରମ ଶକ୍ତ ଅଣ୍ଟସୁତୁଳି ବାନ୍ଧି ଦିଆଯାଏ । ଦୁଇହାତର ଆଙ୍ଗୁଳିରେ ମଧ୍ୟ ପାଟକନା ଗୁଡ଼ାଇ ଦିଆଯାଏ । ଏହା ଅତି ସାବଧାନ ଓ ଗୋପନରେ କରାଯାଏ । ଯାହା ଦ୍ୱାରା ପରମ ବ୍ରହ୍ମଙ୍କ ଚିହ୍ନ କି ସନ୍ଦେଶ ଅନୁଭବ କରିପାରିବା ସମ୍ଭବପର ହୋଇ ପାରେନା । ଏହି ନବ କଳେବର ନିମନ୍ତେ ଦାରୁର ସନ୍ଧାନ, ନୂତନ ମୂର୍ତ୍ତି ଗଠନ, ଦିଅଙ୍କ ପଦ୍ମ ନୂତନ ମୂର୍ତ୍ତିକୁ ପରମ ବ୍ରହ୍ମ ପାଲଟାଇବା ଓ ପୁରୁଣା ମୂର୍ତ୍ତିକୁ କୋଇଲି ବୈକୁଣ୍ଠରେ ବିସର୍ଜନ କରିବା ଆଦି କାର୍ଯ୍ୟକ୍ରମଗୁଡ଼ିକର ବିଧି ବିଧାନ ଅତି ଗୋପନୀୟ ଭାବେ ପାଳନ କରାଯାଇ ଥାଏ ।

ଦଇତାପତିମାନେ ପୁରୁଣା ମୂର୍ତ୍ତିକୁ ବିସର୍ଜ କରିବା ସମୟରେ ଶୋକ କରନ୍ତି । ମୁଣ୍ଡିମଣ୍ଡପରେ କର୍ମ କରି ମାର୍କଣ୍ଡ ପୁଷ୍କରଣୀରେ ସ୍ନାନାଦି ଶୁଚି କାର୍ଯ୍ୟ ସମାପନ କରନ୍ତି । ଘରେ ମଧ୍ୟ ସମସ୍ତେ ମୁଣ୍ଡଖୋଲ ଗାଧୁଆ ପାଧୁଆ କରନ୍ତି । ଘରେ ନୂତନ ହାଣ୍ଡି କରନ୍ତି । ଏମାନେ ଜଗନ୍ନାଥଙ୍କର କୁଟୁମ୍ବ ବୋଲି ମନେ କରନ୍ତି । ଦଇତାମାନେ ହିନ୍ଦୁଧର୍ମ ଅନୁସାରେ ଜଗନ୍ନାଥଙ୍କ ଶୁଦ୍ଧି କାର୍ଯ୍ୟ କରନ୍ତି । ୧୩ ଦିନ ଶ୍ରୀମନ୍ଦିରରେ ବ୍ରାହ୍ମଣ ଭୋଜନୀ କାର୍ଯ୍ୟ ମଧ୍ୟ କରାଯାଏ ।

ଆଲୋକ ଚିତ୍ର ଓ ବିବରଣୀ
ସ୍ୱରାଷ୍ଟ୍ର (ଲୋକସଂପର୍କ) ବିଭାଗ
ଓଡ଼ିଶା ସରକାର



ରଥ ନିର୍ମାଣର ଏକ ଦୃଶ୍ୟ

# ୧୯୭୭ ନବକଳେବର ଉପଲକ୍ଷେ
# ବନଯାଗ ଯାତ୍ରାର ଚିତ୍ରକାହାଣୀ

ପିଣ୍ଡିରେ ଯଥାବିଧି ପୂଜା ସମାପନାନ୍ତେ ଶ୍ରୀ ଜୀଉଙ୍କର ଆଜ୍ଞା ଓ ବସ୍ତ୍ର ଧରି ଦଇତାପତିମାନେ ଦାରୁ ସନ୍ଧାନରେ ଲାଗି ପାହାଚରୁ ଓହ୍ଲାଉଛନ୍ତି





ସିଂହଦ୍ୱାରଠାରେ ସହସ୍ରାଧିକ ଜନତା ହରିବୋଲ ଧ୍ୱନି ସହ ଦଇତାପତିମାନଙ୍କୁ ସ୍ୱାଗତ ଜଣାଉଛନ୍ତି





ଠାକୁରଙ୍କ
ପଡିଆ
ଘୁଅ ଭ
ପଡିମା
ବଳୁଭମ
ଉ



ଏଣେ କାକଟପୁରର ମଙ୍ଗଳାଙ୍କ ସେବକ ସେବାକାରୀମାନେ ସମାରୋହରେ ଦାରୁ ଅନ୍ୱେଷୀ ଦଇତାମାନଙ୍କୁ ପାଛୋଟି ଆଣିବାକୁ ବାହାରିଛନ୍ତି



ଦଇତାମାନେ
ମଙ୍ଗଳାଙ୍କ ନିକଟରେ ବସ୍ତ୍ର ସମର୍ପଣ

୨



ନିକଟରୁ ଆସିଥିବା ନୈବେଦ୍ୟ ପ୍ରସାଦାଦି ମଙ୍ଗଳାଙ୍କୁ ନିବେଦନ କରି
ଦଇତାମାନେ ମଙ୍ଗଳାଙ୍କ ମାଜଣା କର୍ମ ସଂପାଦନ କରୁଛନ୍ତି



ମାଜଣାରେ ମା' ମଙ୍ଗଳାଙ୍କ ବଡ଼ସିଂହାର ବେଶ



ଦାରୁ ସନ୍ଧାନ ଉଦ୍ଦେଶ୍ୟରେ ଋତ୍ୱିକଗଣ ଦଇତାପତି ସ୍ୱପ୍ନାଦେଶ ଲାଗି ଅଧିଆ ପଡ଼ିବାକୁ ପ୍ରସ୍ତୁତ ହେଉଛନ୍ତି । ସେମାନଙ୍କ ମଝିରେ ତତ୍ତ୍ୱାବଧାରକ ଶ୍ରୀ ସଦାଶିବ ରଥ ଶର୍ମା ଦଣ୍ଡାୟମାନ



ନିଆଳୀ ଗ୍ରାମର ସିଂହସାହୀରେ ଶ୍ରୀ ସୁଦର୍ଶନଙ୍କ ଦାରୁ



ସାକ୍ଷୀଗୋପାଳ ନିକଟସ୍ଥ ଖଡ଼ଗୁ
ଗ୍ରାମରେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କଦାରୁ



ଅଡଡପୁରର ଖେଡ଼େଶ୍ୱରଠାରେ ଶ୍ରୀ ବଳଭଦ୍ରଙ୍କ ଦାରୁ



ଦେଲଙ୍ଗ ନିକଟସ୍ଥ ବେରବୋଇ ଗ୍ରାମରେ
ମା' ସୁଭଦ୍ରାଙ୍କ ଦାରୁ



ଶ୍ରୀ ଜଗନ୍ନାଥଙ୍କ ଦାରୁରେ ସିଂହ ଆକୃତିର ସଂକେତ



ଶ୍ରୀ ଲୋଥଙ୍କ ଦାରୁରେ ଶଂଖ ଚକ୍ର ଆଦି ବିଷ୍ଣୁ ଚିହ୍ନ ଓ ସନ୍ୟାସୀର ପଇକ

ଦାରୁ ଦର୍ଶନ ଲାଗି ଭକ୍ତି-ବ୍ୟାକୁଳ ଗ୍ରାମବାସୀଗଣ





ତିନିଦିନ ବ୍ୟାପୀ ବନଯାଗ ଓ ବହୁ ପୂଜାପ୍ରକରଣାଦି
ପ୍ରଥମେ ସୁନା କୁରାଢ଼ୀ, ତା'ପରେ ରୂପା କୁରାଢ଼ୀ ଓ ଶେ
ଲୁହା କୁରାଢ଼ୀ ଦ୍ୱାରା ଦାରୁ ବୃକ୍ଷ ଛେଦିତ ହେଉଛି



ସୁକର୍ତ୍ତିତ ହୋଇ ଯଥାକାରପ୍ରାପ୍ତ ଦାରୁ



ବର, ତେନ୍ତୁଳି ଓ କେନ୍ଦୁ କାଠରେ ସ୍ୱତନ୍ତ୍ର ଢଙ୍ଗରେ ନିର୍ମିତ
ଏହିଭଳି ଶକଟରେ ଦାରୁମାନେ ନୀଳାଚଳକୁ ବାହିତ ହେବେ

ଜଗନ୍ନାଥ ସଡ଼କରେ ଦାରୁ ବାହିତ ହେଉଥିବାର ଏକ ଦୃଶ୍ୟ ।
ଦାରୁ ଦର୍ଶନ ଲାଗି ଉତ୍କଣ୍ଠିତ ମୟୁର








ଶ୍ରୀ ଜଗନ୍ନାଥଙ୍କ ଦାରୁ ଏକ ଶୋଭାଯାତ୍ରାରେ ଉତ୍ତର ଦ୍ୱାର ବାଟେ
ଶ୍ରୀମନ୍ଦିରକୁ ନିଆଯାଉଛି



ଏଣେ ପୁଣି ସବୁ ବର୍ଷପରି ବଡଦାଣ୍ଡରେ ଅକ୍ଷୟ ତୃତୀୟାଠାରୁ
ମହାପ୍ରଭୁମାନଙ୍କପାଇଁ ରଥ ତିଆରି କାର୍ଯ୍ୟ ଶୁଭନୁକୂଳ ହେଉଛି

# ପ୍ରାତଃସ୍ମରଣୀୟ ନିଶର ମହାନ୍ତି



ଶ୍ରୀ ହୃଦାନନ୍ଦ ରାୟ

ନିଶର ମହାନ୍ତି ଆଉବା କରନ୍ତେ କଅଣ ? ତାଙ୍କ ଘରେ କଅଣ ବା ଆଉ ହୋଇ ପାରନ୍ତା ? ପ୍ରବଳ ବନ୍ୟାସ୍ରୋତ ଯେଉଁଠି ବନ୍ଧଭାଙ୍ଗି ଧସାଇ ପଶୁଛି; ସେଠାରେ ଗୋଟାଏ ମେଣ୍ଢାଳୁଆ ବା କରନ୍ତା କଅଣ ? ଦନ୍ତାବଳ-ଗଣେ କିଏ କେଉଁଆଡ଼େ ଭାସି ଗଲେଣିତ ଆଉ କିଏ କୂଳ କିଣାରା ଅଲଜି ରହି ଗଲେଣି । ଓଡ଼ିଶା ଇତିହାସ ପୃଷ୍ଠାରେ ଯେତେବେଳେ ଏମିତି ଏକ କରାଳ ଘାଇ ଭାଙ୍ଗି ଥାଏ । ଘୋର ବନ୍ୟା ପାଣି ମାଡ଼ି ଆସୁଥାଏ ଘୁ ଘୁ ହୋଇ । ସେଇବାନ ପାଣିରେ ବୁଡ଼ି ଯାଉଥାଏ, ଏ ଜାତିର ସବୁ ଆଶା, ଭରସା, ଅଭିଳାଷ, ସ୍ୱାଭିମାନ ଓ ଆତ୍ମବଳ । ତଥାପି ପାଣି ବଢ଼ୁଛି । ମହାପ୍ରଳୟ ହୋଇଯିବ । ଆଉ ବହୁତ ଦୂରରେ ନାହିଁ । ସମସ୍ତଙ୍କ ଦୃଷ୍ଟି ସେହି ନୀଳାଚଳ ଆଡ଼େ । ଓଡ଼ିଆ ଜାତୀୟ ଜୀବନର ସେହି ପୁରାଣ ବିଶ୍ରୁତ "ଅବୁଡ଼ା ଭୂମି" । ସବୁ ବୁଡ଼ିଗଲେ ମଧ୍ୟ ସେ ମହାବେଦୀ ବୁଡ଼େ ନାହିଁ ବୋଲି ଓଡ଼ିଶାର ପୁରୁଖା ଲୋକେ ହିମତ୍ ରଖି ଥାନ୍ତି । ସେ ଭୂମି ବୁଡ଼ିବ ନାହିଁ । ଯେତେ ବନ୍ୟା ବଢ଼ୁଛି ବଢ଼ୁ । ସମସ୍ତେ ଅନାଇଛନ୍ତି ସେହି ନୀଳାଚଳକୁ । ପ୍ରତି ଦିନୁ ବାସରରେ ଯେଉଁଠି ଏ ଜାତିର ଆଦର୍ଶ ମଶାଲ ମହାଦୀପ ହୋଇ ନୀଳଚକ୍ର ବାନା ପାଖରେ ଉଠେ । ବିଶ୍ୱ ଦିଗନ୍ତରେ ଆଲୋକର ହୀରକ କଣିକା ବୁଣି ବୁଣି ଉଠେ । ହୁଏତ ଏ ଐତିହାସିକ ବନ୍ୟାରେ ମହାଦୀପ ଉଠିବା ଡେ଼ରି ହୋଇ ଯାଉଛି । ତା'ନ ହେଲେ ଏ ନିବିଡ଼ ଅନ୍ଧକାରରେ ସେ ଆଲୋକ ତାରକା ଏବେ ମଧ୍ୟ ଦିଶୁନାହିଁ କାହିଁକି ? ବନ୍ୟା ବଢ଼ୁଛି । ଅକାତ ବାତ ପାଣି ରେ ଉବେଇ ଟୁବେଇ ହେଉଛି ଓଡ଼ିଶାର ଜନ ଜୀବନ । ବନ୍ୟାର ପ୍ରତିକାର ରୂପେ ନୀଳାଦ୍ରି ମଣ୍ଡଳକୁ ଆବୋରି ତତ୍ପର ହୋଇ ରହିଛନ୍ତି ଦରିଆ ମହାବୀର । କୁଳଲିଙ୍ଗ ସମୁଦ୍ର ଉଚ୍ଛୁଳିଲେ ସେ ତାକୁ ପାନ କରିଦେବେ । ସମୁଦ୍ର ଗର୍ଜନର ସଙ୍କେତ ବାରିବା ପାଇଁ କାନ ପତାଇ ଛନ୍ତି କାନପତା ହନୁମାନ । ବଡ଼ଦାଣ୍ଡରେ ବିଜେ ଦେବୀ ଅର୍ଦ୍ଧାଶନୀ । (ମାଉସୀମା) ଥରେ ପ୍ରଳୟ ଜଳକୁ ପାନ କରିଦେବା ଫଳରେ ତାହା ଅଧେ ହୋଇଗଲା । ତଥାପି ପ୍ରଳୟ ହେବା ସମ୍ଭବ କି ? ପାଣି ସିନା ବଢ଼ୁଛି, କଦାଚ ପ୍ରଳୟ ହେବ ନାହିଁ । ଏହି ଭରସାରେ ଓଡ଼ିଶାର ଅନ୍ତରାତ୍ମା ଗ୍ରହିଁ ରହିଛି ନୀଳାଦ୍ରି ମଣ୍ଡଳକୁ ।

ଗଜପତି ଯଦି ସମ୍ଭାଳି ନପାରିଲେ ନ ପାରନ୍ତୁ । ଓଡ଼ିଶାର ରାଷ୍ଟ୍ରଶକ୍ତି ରତ ରକ୍ଷକ ହେଉଛନ୍ତି ବଳୀୟାର ଭୁଜ ମହାବାହୁ ! କାଞ୍ଚି ଅଭିଯାନରେ ହୀରାମୁଦି ବନ୍ଧା ପକାଇ ଦହି ଖାଇବା କଥା କଅଣ ଆଜି ମନେ ନାହିଁ । ରାଷ୍ଟ୍ରଶକ୍ତି ହାରିଗଲା ବୋଲି ବଳିୟାର ଭୁଜ କଅଣ ହାରି-ଗଲେ ! ନାଁ ତା' ହୋଇ ନପାରେ । ତେବେ ଯେତେପାଣି

ବଂଚୁଛି ବନ୍ଧୁ, କେବେ ହେଲେ ପ୍ରଳୟ ହେବ ନାହିଁ । ମହା-ପ୍ରଳୟରେ ବଟ ପୁଟ ଉପରେ ବାଳ ଗୋବିନ୍ଦ ମୂର୍ତ୍ତିକି ନ ଜାଣିଛି କିଏ ? ସେ ଅଦ୍ଭୁତ କର୍ମୀଙ୍କୁ ପ୍ରଳୟ ସ୍ପର୍ଶ କରି ପାରିବ ନାହିଁ ।

ପ୍ରଳୟ ସିନା ସ୍ପର୍ଶ କରି ପାରିବ ନାହିଁ ତାଙ୍କୁ, କିନ୍ତୁ ତାଙ୍କୁ ସ୍ପର୍ଶ କଲା କି ନାହିଁ ଏହା କହିବ କିଏ ? ନାକବୁଡ଼ି, କାନ ବୁଡ଼ି, ତଣ୍ଟି, ତାଳୁ ବୁଡ଼ିଗଲା ପରେ ବିଶର ମହାନ୍ତି ଆଉ ବା କରନ୍ତେ କଅଣ ! କେବଳ ଭାବୁଥାନ୍ତି, ପ୍ରଳୟ ତାଙ୍କୁ କଦାଚ ସ୍ପର୍ଶ କରି ପାରିବ ନାହିଁ ।

ବେଳକୁ ବେଳ ବଢ଼ୁଛି ବଢ଼ି ପାଣି । ବିଶର ମହାନ୍ତି ଦେଖିଲେ ସେ ସବୁ ଭାସି ଯାଉଛି । ସୋ'ତ ନିଜେ ଭାସି ଯାଉଛନ୍ତି ସୁଅରେ । ଅଗାଧ ପାଣିରେ ବୁଡ଼ି, ପହଁରି, ଭାସି ଯାଉଛନ୍ତି ବିଶର ମହାନ୍ତି । ଓଡ଼ିଶା ଯଦି ଭାସି ଯାଉଛି, ବୁଡ଼ି ଯାଉଛି, ତେବେ ତା ସହିତ ଭାସିଯିବି, ବୁଡ଼ିଯିବି ବୋଲି ସଙ୍କଳ୍ପ କରିଛନ୍ତି ମହାନ୍ତିଏ ।

ମହାନ୍ତିଙ୍କର ଏ ସଂକଳ୍ପକୁ ଉପହାସ କରୁଛନ୍ତି ଦେଶ ଲୋକେ । ଓଡ଼ିଶା ଭାସିଗଲେ, ବୁଡ଼ିଗଲେ ମହାନ୍ତିଙ୍କର ତହିଁରେ ଏତେ ଆସକ୍ତି କାହିଁକି ? ଅନାସକ୍ତ ହୋଇ ଯୋଗ ସାଧିବା ଛାଡ଼ି ଓଡ଼ିଶା ଭାସିଗଲା କି ବୁଡ଼ିଗଲା ତହିଁରେ ମହାନ୍ତିଙ୍କର ଆସକ୍ତି ରଖିବା କି ପ୍ରୟୋଜନ ! ପତର ଗୋଟାକି ହୋଇ ତୋଟାମୂଲ କରିବା କଅଣ ଗୋଟାଏ କଥା ! ବିଶର ମହାନ୍ତିଙ୍କର ହିତାହିତ ବୋଧ ଥିଲେ ସେ କଅଣ ଏମିତି ହୁଅନ୍ତେ ? ଆରେ, ଘରଚଟିଆ ଡେଣା ମେଲାଇ କେଉଁଠି ସାହାରା ମରୁକୁ ଶୀତଳ କରି ଦେଉଛି ? ନିଜେ ବୁଡ଼ି ମରିବା ସାର ହେବ । ବିଶର ମହାନ୍ତି ବନ୍ୟାରେ ବୁଡ଼ିଗଲା ବୋଲି ଘରିଆଡ଼େ ହୋ ଉଠି-ଗଲା । ଆତ୍ମୀୟ ସ୍ୱଜନଙ୍କ ଭୁଜ ବନ୍ଧନ ପାଶୋରି ଅଭାଗା ବିଶର ମହାନ୍ତି ସ୍ୱ ଇଚ୍ଛାରେ ବନ୍ୟାରେ ଭାସିଗଲା ।

ଉତପ୍ତ ସାହାରା ମରୁ ନାଗସାପ ନିଶ୍ୱାସ ଛାଡ଼ୁଛି । ଝାଇଁ ଝାଇଁ ହୋଉଛି ଦଶ ଦିଗ । ଅନାବୃତ ଆକାଶରୁ ନିଆଁ ଛିଞ୍ଚିଲା ପରି ସୂର୍ଯ୍ୟ କିରଣ ଛିଞ୍ଚି ପଡ଼ୁଛି—। ନୀଳ ନଦୀକୁ ବୁଡ଼ାଇ ମରିଚିକାର ନୀଳ ବେଣୀ ଏକାକାର ହୋଇ ଯାଉଛି । ମୂର୍ଚ୍ଛିତ ଧରିତ୍ରୀର ମୁଖ ମଣ୍ଡଳ ଉପରେ ପଡ଼ୁଛି ଛୋଟ ଛୋଟ ଦୁଇଟି ପକ୍ଷର ଶୀତଳ ଛାୟା । ତତଲା କଡ଼େଇ ରେ ବୁନ୍ଦାଏ ଜଳବିନ୍ଦୁ ପରି । କିନ୍ତୁ ସେ ବିନ୍ଦୁ ଉଭେଇ ଯାଉନାହିଁ । ତାକୁ ଶୋଷି ନେଇ ପାରୁନାହିଁ ଉତାପର ନିର୍ମମ ଅହଙ୍କାର । ଛାଇ କରି ଉଡ଼ୁଛି ଘରଚଟିଆ । ତୃଷାର୍ତ୍ତ, କାନ୍ତ, ବାହ୍ୟଜ୍ଞାନ ଶୂନ୍ୟ, ଅପରିଣାମ ଦର୍ଶୀ ଘରଚଟିଆ । ବନ୍ୟା ଜଳରେ ଭାସି ଯାଉଥିବା "ଦୁହଣ"—ଦୁଃଖୀ ବିଶର ମହାନ୍ତି ନିଜେ ପରା ସେହି ଘରଚଟିଆର କ୍ଷୀଣ ... ଦୁଇଟି ଡେଣା ! ଓଡ଼ିଶା ଇତିହାସର ... କଡ଼େଇରେ ବୁନ୍ଦାଏ ଜଳବିନ୍ଦୁ । ତାକୁ କିନ୍ତୁ ଶୋଷି ... ପାରୁନାହିଁ ଉତାପର ନିର୍ମମ ଅହଙ୍କାର ।

ରେ ଦୁହଣ ! ଦାରୁକୁ ଧରିଥା । ସେ ସୁଅରେ ... ଯାଉଛି, ସେହି ଆଡ଼େ ଭାସିଯା । ସେ ଯଦି ବୁଡ଼ି ଯାଉ... ତା ସହିତ ବୁଡ଼ିଯା । ଏଇ ଦାରୁ ସହିତ ଓଡ଼ିଶା ବି ... ବୁଡ଼ି ଯାଉଛି । ଏଇ ଦାରୁ ଲାଗି ଓଡ଼ିଶା ତୋର ଏତେ ପ୍ରି... ଦାରୁ କୁ ଛାଡ଼ି ଓଡ଼ିଶା ନାହିଁ, ଓଡ଼ିଶାକୁ ଛାଡ଼ି ଦାରୁ ବାହି... ରେ ଦୁହଣ ! ଏଇ ତୋର ଏକମାତ୍ର ଆଶ୍ରା । ଏହା ... ଭାସି ବୁଡ଼ି ଯିବାରେ ହିଁ ତୋର ଏ ପ୍ଲାବନର ... ସନ୍ତରଣ । ପହଁରୁଥା ବିଶର ମହାନ୍ତି । ହୁଏତ ଅ... ଏ ସନ୍ତରଣ । ତଥାପି ଏହା ତୋର ସାର୍ଥକ ସନ୍ତରଣ ।

ଆଖି ଫିଟାଇ ବିଶର ମହାନ୍ତି ଦେଖିଲେ ସେ ... ପହଁରୁଛନ୍ତି । ତାଙ୍କ ପାଖେ ପାଖେ ପହଁରୁଛନ୍ତି ଦାରୁବ୍ର... ଏଇ ଥରକ ନୁଆନୁହେଁ, ଅନେକ ଥର ଏମିତି ପହଁରି... ଦାରୁବ୍ରହ୍ମ ।

ଯେଉଁଦିନ ଅପରାଜେୟ ମଗଧ ବାହୀନୀରେ ପ୍ର... ବନ୍ୟାରେ "କଳିଙ୍ଗଜୀନ" ଭାସିଗଲେ ସେ ଦିନ ସମ... କହିଲେ ଏଇଠୁ ଦୀପ ଲିଭିଗଲା । ଓଡ଼ିଆ ପୁଏ ବାହୁ ... କାନ୍ଦି ପକାଇଲେ, "ସରି ଯାଉଛିରେ ଏହିଠାରୁ ମନୋର... ଘୁହିଁଦେଲେ ଆଉ କାହିଁ ନ ଦିଶଇ ଆଖି ଥାଇଁ ଥାଇଁ ... ସରି ଯାଉଛିରେ ଏହି ଠାରୁ ମନୋରଥ ।" ସତେ ... ଓଡ଼ିଶା ଇତିହାସରେ ସେଦିନ ପୂର୍ଣ୍ଣଛେଦ ପଡ଼ିଗଲା । ... ଯବନିକା ପଡ଼ିଗଲା ଏ ମହିମାମୟ ଜାତିର ଗୌରବେ... ଭୂମିକାରେ । ଏମିତି ବହୁବାର........। ଏଇଜାତି ... ପୁଣି ଦିନେ କାନ୍ଦି ଉଠିଲା, "କେଣେ, ନେଇ ଯାଉଛ ... ଜଗନ୍ନାଥଙ୍କୁ, ଆମେ ଦର୍ଶନ କରିବୁ କାହାକୁ ?" ... ଅନାଥ ହୋଇଗଲୁ, ଆମ ଜଗନ୍ନାଥେ ଗଲେ . କୁଆ... ରକ୍ତବାହୁ ! ଆସିଲ ! ଆମ ଶ୍ରୀ କୋଠ ଭଣ୍ଡାର ... ଲୁଟିକଲ ? ଭଲ କଲ । ଆମ ଦେଉଳ ଆମଚଣ୍ଡୀ ... ଭାଙ୍ଗି ଦେଲ, ଭଲ କଲ । ତୁମେ ଯାହା କଲ, ଗ... ଭଲ କଲ । ତଥାପି ଆମ ଜଗନ୍ନାଥଙ୍କୁ ନେଇ ଯାଅ କା... ଯାହା ଆମର ଭାଙ୍ଗି ଗଲା ଆମେ ପୁଣି ଗଢ଼ି ଦେବୁ । ... ଜଗନ୍ନାଥେ, ତୁମେ ଭଲରେ ଥାଅ । "ଜଗନ୍ନାଥ !... ଭଲେ ବିରାଜେ କି ।" କିନ୍ତୁ ହାୟରେ ଓଡ଼ିଆ ଜା... "ବ୍ରହ୍ମାଣ୍ଡ ନାଥ ହାତ ଧରି ଅନାଥ କି ଶୁଭୁଥିଛି ଜଗତେ ... ଭଞ୍ଜଙ୍କ କଣ୍ଠରୁ ସୀତା ଠାକୁରାଣୀଙ୍କ ଖେଦୋକ୍ତି ରେ ... ତୋହର ପ୍ରାଣର ଖେଦୋକ୍ତି ନିହିତ ହୋଇ ରହିନାହିଁ ?...

ହାତ ଧରିଥାଅ ବିଶର ମହାନ୍ତି, ଦୃଢ଼ରେ ... ପଦ୍ମ ହାତକୁ ଧରିଥାଅ । ପ୍ରାଣପଣେ ଧରିଥାଅ । ... ଯେପରି ଛାଡ଼ି ନ ଯାଏ । ତୁମେ ଭାସୁଛ, ଓଡ଼ିଆ ...

ଭାସୁଛନ୍ତି ଦାରୁବ୍ରହ୍ମ । ତାଙ୍କରି ହାତକୁ ଯାବୁଡ଼ି ବିଶର ମହାନ୍ତି । ତୁମରି ହାତ ମୁଠାରେ ସେ ଜାତି ବନ୍ଧା ହୋଇଛି ଦାରୁବ୍ରହ୍ମଙ୍କଠାରେ । ଆଣ୍ଡକରିଥାଅ ବିଶର ମହାନ୍ତି । ବନ୍ଧୁ ସୃଷ୍ଟି ଅନାହତ ମଣ୍ଡପର ଭ୍ରାମରୀଗୁଂଫାରେ ଅଣ ପବନକୁ ଫାସରେ ବାନ୍ଧି ପକାଅ ବିଶର ମହାନ୍ତି । ଯୋଗୀନୀଙ୍କ କିଳିକିଳାରେ ତସ୍ତ ଚକିତ ନ ମହା ଯୋଗେଶ୍ୱର ହରିଙ୍କ ହାତରେ ହାତ କିଳିଣୀ ମହାନ୍ତିଏ! ପଞ୍ଚଶାଖା ସମନ୍ୱିତ ପଞ୍ଚସଖା ଦେହାରେ ତିଆରି ଢଉଡ଼ିରେ ନିଜ ତନୁକୁ ଶ୍ରୀ ଛିଡ଼ି ବାନ୍ଧିଦିଅ ବିଶର ! ବିଶର ମହାନ୍ତିଙ୍କି ପୁରୁ ନ ଥାଏ, କିନ୍ତୁ ଆକଟି କରି ଶ୍ରୀକର ଧରି ପ୍ରଳୟ ଜଳରେ ଭାସୁଛନ୍ତି ବିଶର ମହାନ୍ତି । ହାବୁକା ଜଳରେ ମୂର୍ଚ୍ଛିତ ହୋଇ ଯାଉଛନ୍ତି ବିଶର କିନ୍ତୁ ମୂର୍ଚ୍ଛିତ ହେଲା ବେଳେ ହାତ ସାଙ୍କୋଳି ଯାଉଛି ଅଧିକ ନିଗଡ଼ ଭାବରେ ।

ଏ ତ ଜଳ ନୁହେଁ, ଏ ନିଆଁ—ଏ ଦାବାନଳ, ନାଁ ଏ ବଡ଼ବାଗ୍ନି । ମହାସିନ୍ଧୁ ଜଳୁଛି । ଜଳୁଛି ମହାକାଶ । ମହାଶୂନ୍ୟ ଜଳୁଛି । ଏଥର କଅଣ କରିବ ବିଶର ମହାନ୍ତି ? କହିଲେ "ଯିଏ ଆସିଥିଲା ସିଏ ଜଳିଗଲା ।" ଗଙ୍ଗାରେ "ବାହାନ" ଉଠିଛି । ଉଜାଣୀ ବଢୁଛି । କୂଳଙ୍କଷା ଜାହ୍ନବୀ ପ୍ଲାବନରେ ସବୁ ନିଆଁ ଲିଭିଗଲା । ପୁଣି ଜଳମଗ୍ନ ହେଲା ବସୁନ୍ଧରା । କିଏ ଅଢ଼େ ଛାଡ଼ି ପଳାଇଲେ । ମହାଦାରୁଙ୍କ ଶତ୍ରୁ- ମଧ୍ୟ ତାଙ୍କୁ ଛାଡ଼ି ପଳାଇଲେଣି । ବଇରୀ ନିଷ୍କଣ୍ଟକ ହୋଇଗଲେ କିନ୍ତୁ କଣ୍ଟା ପଥରେ ଧାଇଁଛି ବିଶର ମହାନ୍ତି ।

ମହାଶୂନ୍ୟ ଅବାଇ ମଣ୍ଡଳରୁ ଉତୁରି କଣ୍ଟା ଝଟା ପଥରେ ପାଦରେ ଧାଇଁଛି ବିଶର । ଦିଗଶୂନ୍ୟ, ଲକ୍ଷ୍ୟ ଶୂନ୍ୟ ଦଉଡ଼ିବା । ତଥାପି ସେ ଧାଇଁଛି । ପାଇବାର ନାହିଁ କି ଆଶା ନାହିଁ । ତଥାପି ସେ ଧାଇଁଛି ।

ଉପନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗ,
ଓଡ଼ିଶା, ଭୁବନେଶ୍ୱର

ଧାଇଁଥାଅ ଅସରନ୍ତି ଧାଇଁବାରେ ବିଶର, ତୁମର ଏ ଧାଇଁବା ମଧ୍ୟ ଆଉ ଏକ ସାର୍ଥକତା । ବିଶର ଆମର ଯେମିତି ଜଳରେ ପହଁରିପାରେ, ସେମିତି ବି ସ୍ଥଳରେ ଧାଇଁ ପାରେ । ଶନ୍ୟ ବଣିକା କରିଥିବା ବିଶରକୁ ଆଉ ଜଳ ସ୍ଥଳ କଅଣ ଅଲଗା କି ? ସବୁତ ଲଗା ଲଗି, ସବୁ ତ ଛଡ଼ା ଛଡ଼ି........ ।

ବଇଦ ପଣ କରି ପଇସାଟିଏ ମାଗି ନାହିଁ ବିଶର । ବଙ୍ଗ ଦେଶର ମୁସଲମାନ ପରିବାରଟିକୁ ନିରାମୟ କରି ତାଙ୍କ ଆତ୍ମୀୟ ହୋଇ ପଡ଼ିଛନ୍ତି ବିଶର ମହାନ୍ତି । ଶେଖ୍ ପଗ୍ଗରିଲେ, ଆଉ କଅଣ ଖଣ୍ଡିଏ ହେଲେ ଦିଅନ୍ତି ? ବିଶର ଦେଖୁଛନ୍ତି ଇଙ୍ଗଳ ଫାଳ ହୋଇ ତାଙ୍କ ଦାରିରେ ଲାଗିଛନ୍ତି ମହାଶୂନ୍ୟ । ତାହାକୁହିଁ ମାଗିଲେ । ଏଥର ହାତ ପଇଠ ହେଲା ଏ ଜାତିର ଆତ୍ମାରାମ ସଂପଦ ।"

ମୃଦଙ୍ଗ ମଧ୍ୟରେ ରଖି ସମୁଦ୍ର ପଥରେ ଫେରି ଆସୁଛନ୍ତି ବିଶର ମହାନ୍ତି । ଏଥର ତ ପୋତ ଆରୋହଣ କରି ଆସୁଛନ୍ତି । ଓଡ଼ିଶାକୁ ଫେରି ଆସୁଛନ୍ତି ବିଶର ।

ଆଜି ଯେଉଁଠି ପାରାଦ୍ୱୀପ ବନ୍ଦର, ହିଁ ହିଁ ସେହି ପାରାଦ୍ୱୀପରେ ବହୁଦିନ ତଳେ କୁଜଙ୍ଗ ଷଂଢ଼ଙ୍କ ରାଜ୍ୟରେ ଉଦୟ ବଟ ପାଖରେ ଓହ୍ଲାଇଲେ ବିଶର ମହାନ୍ତି । ସଂଗୁପ୍ତ ଶତପୁଟ କରି ମୃଦଙ୍ଗ ମଧ୍ୟରେ ସାଇତି ରଖିଛନ୍ତି "ତାଙ୍କୁ" । ଆଜି ପାରାଦ୍ୱୀପରେ ଆଲୋକର ଆବିର୍ଭାବ ଘଟିଛି । କିଏ କହିବ ଏଥିପାଇଁ ବିଶର ମହାନ୍ତିଙ୍କର କେତେ ତପସ୍ୟା । ବିଶରଙ୍କ ପ୍ରତି ସକୃତଜ୍ଞ ପୁଷ୍ପାଞ୍ଜଳି ଅର୍ପଣ କରୁଛି ଏବର ପୋତମାଳିନୀ ପାରାଦ୍ୱୀପ । ପାରାଦ୍ୱୀପ ଆଲୋକ ଚିର ଉଜ୍ଜ୍ୱଳ ରହି ଥାଉ । ତୁମ ପାଇଁ ଏ ଜାତି ପ୍ରାଣ ମନ୍ଦିର ଦ୍ୱାରରେ ଚିର ଭାସ୍ୱତ ମହାଦୀପ ଉଠିଛି ବିଶର ମହାନ୍ତି । ମନେ ରଖିଥିବ, ଏ ଜାତି ପିଲାଏ ତୁମକୁ ଆଉ କେବେ ଭୁଲି ପାରିବେ ନାହିଁ ଚିର ଜୀବନ୍ତ ଏ ଅତୁଳ ସ୍ମୃତି :– ଏକ କାହାଣୀ ଓ ପ୍ରତୀକ ।

# ନବକଳେବର

ଶ୍ରୀ ନେତ୍ରାନନ୍ଦ ସାମନ୍ତରାୟ

ନୀରବତା.....ମହା ନୀରବତା
ମହା ନୀରବତାର ସର୍ବବ୍ୟାପି ଅବତାର ନେଇ
ଏଠି ଯେ ବସିଛି ଧୂର୍ତ୍ତ—ମଉନରେ.....ମହା ଅଜ୍ଞତାରେ

ଏ ନୁହେଁ ତା' କ୍ଷୁଦ୍ର ପିଣ୍ଡ
ପିଣ୍ଡେ ଯା'ର ସାରା ବିଶ୍ୱ ସପତ ବ୍ରହ୍ମାଣ୍ଡ ।।

ଚନ୍ଦ୍ର ସୂର୍ଯ୍ୟ କୋଟି ତାରା ଗ୍ରହ ନକ୍ଷତ୍ରାଦି ଧରି
ବ୍ୟାପି ଯା'ର ଜଳ ସ୍ଥଳ ସ୍ୱର୍ଗ ମର୍ତ୍ତ୍ୟ ପାତାଳ ପୁରକୁ.....
ଯୋଜନ ଯୋଜନ ଭେଦି ଦୃଷ୍ଟି ଯାର ଅନନ୍ତ ବ୍ୟୋମକୁ ;

ଦେଖ.....ଦେଖ ...କେତେ ଅସହାୟ ସତେ
ଛିଡି ତା'ର ସିଂହଦ୍ୱାରେ ପହଣ୍ଡି ବିଜେରେ
ଶୁଷ୍କଦାରୁ ଦେହ ଧରି ପଡିଉଠି ବାହାରିଛି ନଗ୍ର ଭ୍ରମଣରେ,
କେତେ ଅଳି ଅରଦଳି ଗଞ୍ଜଣା ବା ନ ସହୁଛି
ସ୍ମିତହାସ୍ୟ ଧାରେ ଟାଣି ରଙ୍ଗ ଅଧରରେ ?

ଧନ୍ୟ ତାର ଲୀଳାଖେଳା—
କାହାର ବୁଡାଇ ଭେଳା କାହାର ହରୁଛି ଜ୍ୱାଳା
ବଉଦିରେ ଏ ଯେ ଖାଲି ଛନ୍ଦ ଦ୍ୱନ୍ଦ ଯେତେ ଅଘଟଣ,
ତା' ଛାମୁରେ ସବୁ ବେଶ ସଜା ଝାଡି ଖୋଲାଗୁଛି
ବନ୍ଦୁର ମୁଖାତଳେ ବନ୍ଧୁକ ଆବାଜ ଶୁଣି
କରୁଣ ଚିତ୍କାର କରେ ଅହଙ୍କାର ମାନ ଅଭିମାନ.....

ତା ପତିତ ଜନପାଇଁ ନୀଳଚକ୍ର ତଳେ ରହି
ପାପ ପୁଣ୍ୟ ଭଲ ଭେଲ ଏକାକାର କଲା ଯିଏ
ସେ ଯେ ଏବେ ନିରୁପାୟ.....ବିଗ୍ରହଟା କେତେ ହୀନିମାନ !
ଗଜକୁ ଉଦ୍ଧାର କରି କଲା ଯିଏ ଦ୍ରୌପଦୀର ଲଜ୍ଜ୍ୟା ନିବାରଣ
କାହିଁ—କାହିଁ ଗଲା ସାମନ୍ତଙ୍କ ଯେତେ ବଡପଣ ?

ମେଲିଛି ସିନା ତା' ଆଖି.....କିଛି ସେ ପାରୁନି ଦେଖି
ଘୋଟିଅଛି ମାୟା ଜାଲ ଘନ ଅନ୍ଧକାର,
ଏଠି ଯେତେ ଦୃଶ୍ୟପଟ ତା' କପଟ ନଟଚୁଟ
ନିଜେ ଯେ ଲମ୍ପଟ ଭଣ୍ଡ—କାହାକୁ ବା ଦେବ ଦଣ୍ଡ.....
ନିଜକୁ କରି ସେ ଦୋଷୀ ପାଲଟିଛି ଶ୍ରେଷ୍ଠ ଯାଦୁକର ;

ଅଥର୍ବ ଓ ପଙ୍ଗୁପରି ନୀରବରେ ସହିପିବା
ଦେଖି ଶୁଣି ସବୁ ଜାଣି ମୂକ ଜଡ଼ ବିଧି ଯେତେ
ଏବେ ସବୁ ଥମିଲାଣି—ଫେଟିଉଠେ ନୂଆ ନୂଆ ସ୍ୱର,

ଏଠାରେ ଘଟିଗଲା ଯେତେ ଦୃଶ୍ୟ
କିଏ ଦାୟୀ.....କିଏ ଦେବ ଲାଭ କ୍ଷତି ହିସାବ ତାହାର...
ପରବ ଗଞ୍ଜନ ସବୁ ବାହୁ ମେଲି କୋଳ କରେ
ତାହାକୁ କରିବ ଦୋଷୀ—କିଏ ନିଜ କିଏ ଅବା ପର ?

ଛଳନାର ଜାଲ ପାରି.....ସାଧୁଜନ ଭେକ ଧରି
ହାତରେ କୈବଲ୍ୟ ଦେଇ ସବୁ ବଡ଼ ନାଁ ନେଇ
ଏଠି ଯେ ହୃଦୟ ବାଣ୍ଟେ ମୈତ୍ରୀର ସ୍ୱାହି ଦେଇ
ଅପ୍ରାପ୍ତି ସଉଦା ହାଟେ ପ୍ରୀତି ତା'ର ପଡ଼ିଲାଣି ଭଣା ;

ବିଶ୍ୱାସେ ଯେ ବିଷ ଦେଇ ବୋବା କରେ ଦେଇ ଧୋକା
ତିଳେ ମୋର ଲୋଡ଼ା ନାହିଁ ତାର ଦୟା ଅନୁକମ୍ପା
ଚିନ୍ତା ହେ ଦର୍ଶକଗଣ !
ମଉଚରେ ରଥ ପରେ ସେ ନାଗର ବସିଅଛି ଏକା,
ଧନ୍ୟ ତା' ନିର୍ଲଜପଣ.....ଧନ୍ୟ ପତିତପାବନ
ନିନ୍ଦା ଅପବାଦ ପାଇଁ ମନେ ଯାର ତିଳେ ନାହିଁ ଶଙ୍କା !!

ସେ କାହୁଁ ବୁଝିବ ଦୁଃଖ—
